# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୮/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, June 28/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 214 | ମୂଲ୍ୟ ₹୭/-


# ରାଷ୍ଟ୍ରପତିଙ୍କ ଅଭିଭାଷଣରେ 'ଏମର୍ଜେନ୍ସି'

## ମୋଦିଙ୍କ ଶାସନରେ ଅଘୋଷିତ ଜରୁରୀ ପରିସ୍ଥିତି: ବିରୋଧୀ

**ନୂଆଦିଲ୍ଲୀ,୨୭।୬**

ଏମର୍ଜେନ୍ସି ଭାରତୀୟ ସମ୍ବିଧାନ ଉପରେ ସର୍ବବୃହତ୍ ଆକ୍ରମଣ ଏବଂ ଦେଶ ପାଇଁ ସବୁଠୁ କଳଙ୍କିତ ଅଧ୍ୟାୟ ବୋଲି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିନ୍ଦା କରିଛନ୍ତି। ସମ୍ବିଧାନ ପ୍ରତି କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ଆସ୍ଥା ରହିଛି। ଏହାକୁ ଜନ ଚେତନାର ଏକ ଅଂଶବିଶେଷରେ ପରିଣତ କରିବା ପାଇଁ ସରକାର ନିରନ୍ତର ଉଦ୍ୟମ ଚଳାଇଥିବା ନେଇ ଗୁରୁବାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟକୁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ମିଛପୂର୍ଣ୍ଣ ଆଲେଖ୍ୟ' କହି ଖଣ୍ଡନ କରିଛନ୍ତି। ୧୯୭୫ରେ ଜାରି ହୋଇଥିବା ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ରାଷ୍ଟ୍ରପତି ନିଜ ଅଭିଭାଷଣରେ ବାରମ୍ବାର ଦୋହରାଇବା ଅନୁଚିତ। ମୋଦି ସରକାରଙ୍କ ଅଧୀନରେ 'ଅଘୋଷିତ ଏମର୍ଜେନ୍ସି' ଜାରି ହୋଇଥିବାବେଳେ ସମ୍ବିଧାନ ଉପରେ ସବୁଠୁ ବଡ଼ ଆକ୍ରମଣ ହେଉଛି ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପରେ ଲୋକ ସଭା ଓ ରାଜ୍ୟ ସଭାର ପ୍ରଥମ ମିଳିତ ଅଧିବେଶନକୁ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧିତ କରିଛନ୍ତି। ଏହି ନିର୍ବାଚନର ଫଳ ତାଙ୍କ ସରକାରଙ୍କ ନୀତିଗୁଡ଼ିକ ପ୍ରତି ଦେଶର ଜନସାଧାରଣଙ୍କ ସମର୍ଥନକୁ ସୂଚାଉଛି। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ସମେତ ନିର୍ବାଚନୀ ପ୍ରକ୍ରିୟା ପ୍ରତି ଅନାସ୍ଥା ଭାବ ସୃଷ୍ଟି ପାଇଁ ଉଦ୍ୟମକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏପରି ଉଦ୍ୟମ ନିଜେ ବସିଥିବା ଡାଳକୁ ହାଣିବା ସଦୃଶ। ନିଜ ୫୦ ମିନିଟ୍‌ର ଅଭିଭାଷଣରେ ରାଷ୍ଟ୍ରପତି ମୁର୍ମୁ ସରକାରଙ୍କ ସଫଳତା ଏବଂ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ଅନେକ ପରୀକ୍ଷା ବାତିଲକୁ ନେଇ ବିବାଦ ଦେଖାଦେଇଥିବାବେଳେ ପେପର୍ ଲିକ୍ କରୁଥିବା ବ୍ୟକ୍ତିମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ ☞ ପୃଷ୍ଠା-୪



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୬ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପ୍ରତି ଜଗଦୀପ ଧନକରିଙ୍କ ସମେତ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ରାଜ୍ୟସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସାକ୍ଷାତ କରି ଓଡ଼ିଶାର ଆର୍ଥିକ ବିକାଶ ଏବଂ ପ୍ରଗତି ପାଇଁ ଅତୁଟ ସମର୍ଥନ ଏବଂ ମାର୍ଗଦର୍ଶନ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ☞ ପୃଷ୍ଠା-୪

## ୭୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ 'ଆୟୁଷ୍ମାନ୍ ଭାରତ'ରେ ମାଗଣା ଚିକିତ୍ସା

**ନୂଆଦିଲ୍ଲୀ,୨୭।୬**

ଦେଶରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କର ସମସ୍ତ ବରିଷ୍ଠ ନାଗରିକଙ୍କୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା 'ଆୟୁଷ୍ମାନ୍ ଭାରତ' ଅଧୀନରେ ମାଗଣାରେ ଚିକିତ୍ସା କରାଯିବ। ଏଥିପାଇଁ ୨୫,୦୦୦ ଜନଔଷଧୀ କେନ୍ଦ୍ର ଦ୍ରୁତଗତିରେ ଖୋଲାଯାଉଛି ବୋଲି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୂଚନା ଦେଇଛନ୍ତି।

ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏଓ୍ୱାଇ) ଅଧୀନରେ ୫୫ କୋଟି ହିତାଧିକାରୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ସରକାର ଏହି କ୍ଷେତ୍ରରେ ଆଉ ଏକ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକମାନେ ମଧ୍ୟ ଏହି ଯୋଜନାରେ ସାମିଲ ହେବେ। ସେମାନେ ମାଗଣାରେ ଚିକିତ୍ସା ସୁବିଧା ପାଇବେ। ଭାରତ ଆୟୁଷ (ଆୟୁର୍ବେଦ, ଯୋଗ ଓ ନାଚୁରୋପାଥି, ୟୁନାନି, ସିଦ୍ଧ ଏବଂ ହୋମିଓପାଥି)କୁ ☞ ପୃଷ୍ଠା-୪

## ଏନ୍‌ଇଇଟି-ୟୁଜି ମାମଲା: ୨ ଜଣଙ୍କୁ ଗିରଫ କଲା ସିବିଆଇ

**ନୂଆଦିଲ୍ଲୀ,୨୭।୬**

ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବିହାରର ପାଟନାରୁ ଗୁରୁବାର ୨ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ମନୀଷ କୁମାର ଓ ଆଶୁତୋଷ କୁମାର। ପରୀକ୍ଷା ପୂର୍ବରୁ ଉଭୟେ ଛାତ୍ରୀଛାତ୍ରମାନଙ୍କୁ କାର୍‌ରେ ଏକ ସ୍କୁଲ୍‌କୁ ନେଇ ପ୍ରଶ୍ନପତ୍ର ଓ ଏହାର ଉତ୍ତର ଦେଇଥିଲେ। ସେଠାରେ ୨ ଡଜନରୁ ଊର୍ଦ୍ଧ୍ୱ ପିଲାଙ୍କୁ ଉତ୍ତର ମୁଖସ୍ତ କରାଇଥିଲେ। ମନୀଷ ଓ ଆଶୁତୋଷଙ୍କୁ ଜେରା ପରେ ଗିରଫ କରାଯାଇଥିବା ସିବିଆଇ ଅଧିକାରୀମାନେ ସୂଚନା ଦେଇଛନ୍ତି। ତଦନ୍ତକାରୀ ଏଜେନ୍ସି ଏସଂକ୍ରାନ୍ତରେ ୬ଟି ଏଫ୍‌ଆଇଆର୍ କରିଥିବାବେଳେ ଏହା ହେଉଛି ପ୍ରଥମ ଗିରଫଦାରି।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏନ୍‌ଇଇଟି-ୟୁଜି ପ୍ରବେଶିକା ପରୀକ୍ଷା ମେ' ୫ରେ ଅନୁଷ୍ଠିତ ହୋଇଥିଲା। ୫୭୧ ସହରର ୪,୭୫୦ ସେଣ୍ଟରରେ ପ୍ରାୟ ୨୪ ଲକ୍ଷ ପିଲା ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷାରେ କେତେଜଣ ନିର୍ଦ୍ଦିଷ୍ଟ ପିଲାଙ୍କୁ ଗ୍ରେସ୍‌ମାର୍କ ଦିଆଯିବା ବିଷୟ ସାମ୍ନାକୁ ଆସିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି। ଛାତ୍ରୀଛାତ୍ରମାନେ ଏନ୍‌ଇଇଟି-ୟୁଜିକୁ ସମ୍ପୂର୍ଣ୍ଣ ବାତିଲ ସହ ପରୀକ୍ଷା ଆୟୋଜକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଭଙ୍ଗ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାବେଳେ ନିୟମିତତା ଓ ଦୁର୍ନୀତି ଉପରେ ତଦନ୍ତ ଭାର ସିବିଆଇକୁ ଦିଆଯାଇଛି। ଇତିମଧ୍ୟରେ ରବିବାର ସିବିଆଇ ମାମଲା ରୁଜୁ କରିଥିଲା। ସିବିଆଇର ଏକ ଟିମ୍ ବିହାର ଯାଇ ତଦନ୍ତ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲା।

**ଆଜିର ସମ୍ପାଦକୀୟ**

## ଇରାନ ନିର୍ବାଚନ ଓ ମଧ୍ୟପ୍ରାଚ୍ୟର ଶାନ୍ତି







# ଏନ୍‌ଟିଏ ଅଫିସରେ ପଶିଲା କଂଗ୍ରେସ

## ଏନ୍‌ଇଇଟି-ୟୁଜି ପରୀକ୍ଷା ଆୟୋଜକ ସଂସ୍ଥାକୁ ସୁପ୍ରିମକୋର୍ଟ, ହାଇକୋର୍ଟଙ୍କ ନୋଟିସ୍




ନୂଆଦିଲ୍ଲୀସ୍ଥିତ ଏନ୍‌ଟିଏ କାର୍ଯ୍ୟାଳୟରେ ଗୁରୁବାର କଂଗ୍ରେସ ଛାତ୍ରଶାଖା ଏନ୍‌ଏସ୍‌ୟୁଆଇ କର୍ମକର୍ତ୍ତା ପ୍ରବେଶ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନୂଆଦିଲ୍ଲୀ,୨୭।୬**

ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଦୁର୍ନୀତି ଯୋଗୁ ପ୍ରାୟ ୨୪ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲିହୋଇଯାଇଛି। ଏହି ମେଡିକାଲ୍ ଏଣ୍ଟ୍ରାନ୍ସର ଆୟୋଜକ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ଭଙ୍ଗ କରାଯାଉ ବୋଲି କଂଗ୍ରେସର ଛାତ୍ର ଶାଖା ନ୍ୟାଶନାଲ ଷ୍ଟୁଡେଣ୍ଟ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଅଭିଯୋଗ ଆଣିଛି। ଏନ୍‌ଏସ୍‌ୟୁଆଇ ସଦସ୍ୟମାନେ ଗୁରୁବାର ନୂଆଦିଲ୍ଲୀସ୍ଥିତ ଏନ୍‌ଟିଏ କାର୍ଯ୍ୟାଳୟକୁ ଧସେଇ ପଶିଛନ୍ତି। ସେଠାରେ ସେମାନେ ଏନ୍‌ଟିଏ ଏବଂ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନ୍‌ଟିଏ ଅଫିସରେ ପଶିଥିବା କେତେଜଣ ବିକ୍ଷୋଭକାରୀ ବିଲ୍ଡିଂରେ ଭିତରପଟୁ ତାଲା ପକାଇଦେଇଥିଲେ। ବାହାରେ କେତେଜଣ ସଦସ୍ୟଙ୍କୁ ପୋଲିସ ଅଟକ ରଖିଥିଲା।

ଇତିମଧ୍ୟରେ ଏନ୍‌ଇଇଟି-ୟୁଜି ୨୦୨୪ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ଓଏମ୍‌ଆର୍ ଶିଟ୍ ଦିଆଯିବା ଉପରେ କୌଣସି ନିର୍ଦ୍ଦିଷ୍ଟ ସୀମା ରହିଛି କି ନାହିଁ ସେନେଇ ଅବଗତ କରାଇବା ପାଇଁ ଗୁରୁବାର ସୁପ୍ରିମକୋର୍ଟ ଏନ୍‌ଟିଏକୁ ପ୍ରଶ୍ନ କରିଛନ୍ତି। ଏକ ଘରୋଇ କୋଚିଂ ସେଣ୍ଟର ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍ ମନୋଜ ମିଶ୍ରା ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଖଣ୍ଡପୀଠ ଏନ୍‌ଟିଏକୁ ନୋଟିସ୍ କରିଛନ୍ତି। ଜୁଲାଇ ୮ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହିପରି ଏନ୍‌ଇଇଟି ଏଣ୍ଟ୍ରାନ୍ସରେ ଫିଜିକ୍ସ ପାଠ୍ୟକ୍ରମ ବାହାରୁ ପ୍ରଶ୍ନ ଦିଆଯାଇଥିବା ଅଭିଯୋଗ ଆଣି କେତେଜଣ ଛାତ୍ରୀଛାତ୍ର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଧର୍ମେଶ ଶର୍ମାଙ୍କ ଅବକାଶକାଳୀନ ଖଣ୍ଡପୀଠ ଏନ୍‌ଟିଏକୁ ଏହା ଉପରେ ଜବାବ ମାଗିବା ସହ ନୋଟିସ୍ କରିଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟର ତଦନ୍ତ କରିବେ ସରକାର: ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୭।୬(ପି.ଟି.)**

ନିକଟରେ ହୋଇଥିବା ପ୍ରଶ୍ନପତ୍ର ପ୍ରଘଟର ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡିତ କରିବା ପାଇଁ କେନ୍ଦ୍ରସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଗୁରୁବାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ପାର୍ଲାମେଣ୍ଟର ନୂଆ ଅଧିବେଶନକୁ ପ୍ରଥମ ସମ୍ବୋଧନରେ ରାଷ୍ଟ୍ରପତି କହିଛନ୍ତି, ଦେଶର ଯୁବପିଢ଼ି ଯେପରି ବଡ଼ ସ୍ୱପ୍ନ ଦେଖି ତାକୁ ସାକାର କରିବେ ସରକାର ସେହି ଦିଗରେ ଏକ ପରିବେଶ ସୃଷ୍ଟି ପାଇଁ କାର୍ଯ୍ୟ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ରାଷ୍ଟ୍ରପତି ଅବତାରଣା କରୁଥିବାବେଳେ କେତେଜଣ ବିରୋଧୀ ସଦସ୍ୟ ବଡ଼ ପାଟିରେ 'ଏନ୍‌ଇଇଟି' କହୁଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ମୁର୍ମୁ ବକ୍ତବ୍ୟରେ କହିଥିଲେ, ଯଦି କୌଣସି କାରଣବଶତଃ ପରୀକ୍ଷାରେ ବାଧା ସୃଷ୍ଟି ହୋଇଥାଏ ତେବେ ତାହା ଠିକ୍ ନୁହେଁ। ସରକାରୀ ନିଯୁକ୍ତି ଓ ପରୀକ୍ଷାଗୁଡ଼ିକରେ ପବିତ୍ରତା ଏବଂ ସ୍ୱଚ୍ଛତା ଜରୁରୀ। ତେଣୁ ସରକାର ପେପର୍ ଲିକ୍ ମାମଲାର ତଦନ୍ତ କରାଇ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବେ। ପ୍ରଶ୍ନପତ୍ର ପ୍ରଘଟକାରୀଙ୍କୁ ଦଣ୍ଡିତ କରିବା ପାଇଁ ପାର୍ଲାମେଣ୍ଟରେ ଏକ କଡ଼ା ଆଇନ ପ୍ରଣୟନ କରାଯାଇଥିବା ବିଷୟ ରାଷ୍ଟ୍ରପତି ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି। ସରକାର ପରୀକ୍ଷା ପ୍ରକ୍ରିୟାରେ ସଂସ୍କାର ଆଣିବା ଲାଗି କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିହାରରେ ୧୦ ଦିନରେ ୪ ବ୍ରିଜ୍ ଭୁଶୁଡ଼ିଲାଣି

**ନୂଆଦିଲ୍ଲୀ,୨୭।୬**

ବିହାରର କିଶନଗଞ୍ଜ ଜିଲାରେ ଗୁରୁବାର ଏକ ୭୦ ମିଟର ଲମ୍ବର ବ୍ରିଜ୍ ଭୁଶୁଡ଼ିଛି। ଏହାକୁ ମିଶାଇ ଉକ୍ତ ରାଜ୍ୟରେ ୧୦ ଦିନରେ ୪ଟି ପୋଲ ଭୁଶୁଡ଼ିଲାଣି। ପ୍ରବଳ ବର୍ଷା ଯୋଗୁ ହଠାତ୍ ଜଳସ୍ତର ବଢ଼ିଯିବାରୁ ବାହାଦୁରଗଞ୍ଜ ବ୍ଲକର ମଦିୟାଠାରେ ଥିବା ଉକ୍ତ ବ୍ରିଜ୍‌ର ଗୋଟିଏ ପିଲାର ଭୁଶୁଡ଼ି ପଡ଼ିଛି। କଙ୍କାଇ ନଦୀକୁ ମହାନନ୍ଦା ସହ ସଂଯୋଗ କରୁଥିବା ଏକ ଶାଖାନଦୀରେ ଏହି ବ୍ରିଜ୍ ୨୦୧୧ରେ ନିର୍ମାଣ କରାଯାଇଥିଲା। ନେପାଳରେ ଥିବା ନଦୀ ଅବବାହିକା ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ପିଲାର ଭୁଶୁଡ଼ି ପଡ଼ିବା ପରେ ଉକ୍ତ ବ୍ରିଜ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଗତ ସପ୍ତାହରେ ବିହାରର ଅରାରିଆ, ସିୱାନ ଏବଂ ପୂର୍ବ ଚମ୍ପାରନ୍ ଜିଲାରେ ୩ଟି ବ୍ରିଜ୍ ଭୁଶୁଡ଼ିଥିଲା।

### ନଡ୍ଡା ରାଜ୍ୟ ସଭା ନେତା ନିଯୁକ୍ତ



**ନୂଆଦିଲ୍ଲୀ,୨୭।୬**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଗୁରୁବାର ରାଜ୍ୟ ସଭାରେ ଗୃହର ନେତା ନିଯୁକ୍ତ କରାଯାଇଛି। ଗୁରୁବାର ଥିଲା ଉଚ୍ଚ ସଦନର ୨୬୪ତମ ଅଧିବେଶନର ପ୍ରଥମ ଦିନ। ଜଗତ ପ୍ରକାଶ ନଡ୍ଡାଙ୍କୁ ରାଜ୍ୟ ସଭାର ନେତା ନିଯୁକ୍ତ କରାଗଲା ବୋଲି ଏହି ଅବସରରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦୀପ ଧନ୍‌କର ଘୋଷଣା କରିଥିଲେ। ଏହି ଘୋଷଣା ବେଳେ ଉଚ୍ଚ ସଦନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଥିଲେ। ନଡ୍ଡାଙ୍କୁ ଗୃହର ନେତା ନିଯୁକ୍ତ କରିବା ପାଇଁ ଭାଜପା ପୂର୍ବରୁ ନିଷ୍ପତ୍ତି ନେବା ସହ ଏ ସମ୍ପର୍କରେ ଉଚ୍ଚ ସଦନକୁ ଜଣାଇ ଦେଇଥିଲା।

### ଏମ୍‌ସରୁ ଡିସ୍‌ଚାର୍ଜ ହେଲେ ଆଡ଼ଭାନୀ



**ନୂଆଦିଲ୍ଲୀ, ୨୭।୬**

ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ଭେଟେରାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀ(୯୬) ବୁଧବାର ବିଳମ୍ବିତ ରାତ୍ରିରେ ଦିଲ୍ଲୀ ଏମ୍‌ସର ଜେରିଆଟ୍ରିକ୍ ବିଭାଗରେ ଭର୍ତ୍ତି ହୋଇଥିଲେ। ଏକ ପ୍ରାଇଭେଟ୍ ୱାର୍ଡରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ହୋଇଥିଲା। ତେବେ ଆଡ଼ଭାନୀଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସହ ଗୁରୁବାର ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ଏମ୍‌ସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାର୍ଦ୍ଧକ୍ୟଜନିତ ସମସ୍ୟା ଯୋଗୁ ଆଡ଼ଭାନୀଙ୍କର ନିୟମିତ ଡାକ୍ତରୀ ଚେକ୍‌ଅପ୍ କରାଯାଇଥାଏ।

### ଅମରନାଥ ଯାତ୍ରା ପଞ୍ଜୀକରଣ ଆରମ୍ଭ

**ଜମ୍ମୁ, ୨୭।୬**

ପ୍ରସିଦ୍ଧ ଅମରନାଥ ଗୁମ୍ଫା ମନ୍ଦିରକୁ ଯାତ୍ରା ପାଇଁ ଜମ୍ମୁ ଜିଲାର ଭଗବତୀ ନଗର ବେସ୍ କ୍ୟାମ୍ପଠାରେ ପହଞ୍ଚିଥିବା ଶ୍ରଦ୍ଧାଳୁଙ୍କର ଗୁରୁବାର ଅନ୍-ଦି-ସ୍ପଟ୍ ପଞ୍ଜୀକରଣ ଆରମ୍ଭ ହୋଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ୧୬୦୦ ତୀର୍ଥଯାତ୍ରୀ ଏହି କ୍ୟାମ୍ପରେ ପହଞ୍ଚି ପଞ୍ଜୀକରଣ କରିଥିବା ଜିଲା ପ୍ରଶାସନ କହିଛି। ସମସ୍ତ ତୀର୍ଥଯାତ୍ରୀଙ୍କର ପଞ୍ଜୀକରଣ ସରିବା ପରେ ସେମାନେ କଶ୍ମୀର ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ସ୍ଥାନୀୟ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଏହି ବେସ୍‌କ୍ୟାମ୍ପରେ ଅନେକ ସଂଖ୍ୟାରେ ମହିଳାଙ୍କ ସମେତ ୮୦୦ ପାରମ୍ପରିକ ବେଶ ଧାରୀ ଶ୍ରଦ୍ଧାଳୁ ଦକ୍ଷିଣ କଶ୍ମୀର ହିମାଳୟର ୩୮୮୦ ମିଟର ଉଚ୍ଚତାରେ ଅବସ୍ଥିତ ଅମରନାଥ ଗୁମ୍ଫା ମନ୍ଦିରର ପବିତ୍ର ଶିବଲିଙ୍ଗଙ୍କୁ ଦର୍ଶନ କରିବାକୁ ଉତ୍ସାହର ସହ ଅପେକ୍ଷା କରି ରହିଥିବା ସେ କହିଛନ୍ତି। ଜୁନ୍ ୨୯ରୁ ଏହି ୫୨ ଦିବସୀୟ ତୀର୍ଥଯାତ୍ରା ଆରମ୍ଭ ହେବ।

## ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଘୃଣା ବଢ଼ିବା ଚିନ୍ତାଜନକ: ବ୍ଲିଙ୍କେନ୍

**ୱାଶିଂଟନ,୨୭।୬**

ଭାରତରେ ଧର୍ମାନ୍ତରୀକରଣ ନିରୋଧୀ ଆଇନ, ଘୃଣିତ ଭାଷଣ ଦେବା, ସଂଖ୍ୟାଲଘୁଙ୍କ ଘର ଓ ଉପାସନା ସ୍ଥଳୀ ଭାଙ୍ଗିଦେବା ଚିନ୍ତାଜନକ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଉପରେ ପରରାଷ୍ଟ୍ର ବିଭାଗର ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ଅବସରରେ ବ୍ଲିଙ୍କେନ୍ ଉପରୋକ୍ତ ପ୍ରତିକ୍ରିୟା ଦେଇଛନ୍ତି। ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ପାଇଁ ବୈଶ୍ୱିକ ଉଦ୍ୟମ ସମ୍ପର୍କରେ ସେ କହିଥିଲେ। ରିପୋର୍ଟରେ କୁହାଯାଇଛି, ୨୦୨୩ରେ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗରେ ଆମେରିକାର ବରିଷ୍ଠ ଅଧିକାରୀମାନେ ଏକାଧିକ ଥର ଭାରତୀୟ ପ୍ରତିପକ୍ଷଙ୍କ ନିକଟରେ ଧର୍ମୀୟ ସ୍ୱାଧୀନତାକୁ ନେଇ ସେମାନଙ୍କ ଉଦ୍‌ବେଗ ଉପସ୍ଥାପନ କରିଥିଲେ।

ଭାରତର ୨୮ ରାଜ୍ୟ ମଧ୍ୟରୁ ୧୦ଟିରେ ସବୁ ଧର୍ମାବଲମ୍ବୀଙ୍କ ପାଇଁ ଧର୍ମାନ୍ତରୀକରଣ କଟକଣା ଆଇନ ରହିଛି। ସେଥିମଧ୍ୟରୁ କେତୋଟି ରାଜ୍ୟ ବିବାହ ଉଦ୍ଦେଶ୍ୟରେ ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ ଦଣ୍ଡବିଧାନ ବ୍ୟବସ୍ଥା କରିଛନ୍ତି। ଧର୍ମୀୟ ସଂଖ୍ୟାଲଘୁଙ୍କୁ ହିଂସାରୁ ସୁରକ୍ଷା ଦେବା, ସେମାନଙ୍କ ବିରୋଧରେ ଅପରାଧର ତଦନ୍ତ ଏବଂ ସେମାନଙ୍କ ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ପାଇଁ ସରକାରଙ୍କ ସାମର୍ଥ୍ୟ ଓ ଆଗ୍ରହକୁ ଏହାର କେତେଜଣ ସଦସ୍ୟ ୨୦୨୩ରେ ଚ୍ୟାଲେଞ୍ଜ କରିଥିଲେ। ପୂର୍ବରୁ ଭାରତ ଉପରେ ଆମେରିକାର ମାନବାଧିକାର ରିପୋର୍ଟକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଥିଲା। ୱାଶିଂଟନ ଭୁଲ୍ ତଥ୍ୟ ଆଧାରରେ ରିପୋର୍ଟ ପ୍ରସ୍ତୁତ କରିଥିବା ଭାରତ କହିଥିଲା।

## ଏଆଇ ପ୍ରସ୍ତୁତି: ୭୨ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୨୭।୬**

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା ପ୍ରସ୍ତୁତି ସୂଚକାଙ୍କ (ଏଆଇପିଆଇ) ଡ୍ୟାସ୍‌ବୋର୍ଡ ଏହାର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ବିଶ୍ୱର ୧୭୪ଟି ଦେଶ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ପାଇଁ କେତେଦୂର ପ୍ରସ୍ତୁତ ହୋଇଛନ୍ତି, ତାହାକୁ ଏଥିରେ ଚିହ୍ନଟ କରାଯାଇଛି। ଇଣ୍ଡେକ୍ସରେ ଦେଶଗୁଡ଼ିକୁ ଅଗ୍ରୀମ ଅର୍ଥନୀତି (ଏଆଇ), ବଢ଼ୁଥିବା ବଜାର ଅର୍ଥନୀତି (ଇଏମ୍) ଏବଂ ନିମ୍ନ ଆୟକାରୀ ଦେଶ (ଏଲ୍‌ଆଇସି) ଭାବରେ ବିଭକ୍ତ କରାଯାଇଛି। ସର୍ବାଧିକ ହାର ଏଇ ବର୍ଗରେ ସିଙ୍ଗାପୁର (୦.୮୦), ଡେନ୍‌ମାର୍କ (୦.୭୮) ଏବଂ ଆମେରିକା (୦.୭୭) ରହିଥିବାବେଳେ ୦.୪୯ ରେଟିଂ ସହ ଭାରତ ଇଏମ୍ କାଟାଗୋରିରେ ରହିଛି। ୧୭୪ ଦେଶ ମଧ୍ୟରୁ ଭାରତର ର୍‍ୟାଙ୍କ୍ ୭୨ ଥିବାବେଳେ ୦.୬୪ ରେଟିଂ ସହ ଚାଇନା ୩୧ରେ, ୦.୩୮ ରେଟିଂ ସହ ବାଂଲାଦେଶ ୧୧୩ରେ ଏବଂ ୦.୪୩ ରେଟିଂ ସହ ଶ୍ରୀଲଙ୍କା ୯୨ତମ ସ୍ଥାନରେ ରହିଛି। ମୁଖ୍ୟତଃ ୪ଟି କ୍ଷେତ୍ରର ପ୍ରସ୍ତୁତିକୁ ଆକଳନ କରାଯାଇ ଏହି ରେଟିଂ କରାଯାଇଛି। ତାହା ହେଲା ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚର, ମାନବ ପୁଞ୍ଜି ଓ ଶ୍ରମ ବଜାର ନୀତି, ନବପ୍ରବର୍ତ୍ତନ ଓ ଆର୍ଥିକ ସମନ୍ୱୟ ଏବଂ ନିୟମାବଳୀ।

ଆଇଏମ୍‌ଏଫ୍ ରିସର୍ଚ୍ଚ ପେପର ଆଧାରରେ ଏକ ବ୍ଲଗ୍ ପ୍ରକାଶ କରିଥିଲା। ଏଇ ଦେଶଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ୩୩% ନିଯୁକ୍ତି ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଇଥିଲା।

## ଅରୁନ୍ଧତୀ ରାୟଙ୍କୁ ପେନ୍ ପିଣ୍ଟର ପ୍ରାଇଜ୍



**ଲଣ୍ଡନ,୨୭।୬**

ବୁକର ପୁରସ୍କାର ବିଜେତା ଲେଖିକା ଅରୁନ୍ଧତୀ ରାୟଙ୍କୁ ଗୁରୁବାର ମର୍ଯ୍ୟାଦାଜନକ ପେନ୍ ପିଣ୍ଟର ପ୍ରାଇଜ୍‌ରେ ସମ୍ମାନିତ କରାଯାଇଛି। ତାଙ୍କର ଅଦମ୍ୟ ଏବଂ ଦୃଢ଼ ଲେଖା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଲଢ଼ୁଥିବା ତଥା ସାହିତ୍ୟକୁ ସେଲିବ୍ରେଟ୍ କରୁଥିବା ଇଂଲିଶ ପେନ୍ ନାମକ ଦାତବ୍ୟ ଅନୁଷ୍ଠାନ ଦ୍ୱାରା ନୋବେଲ ବିଜୟୀ ସାହିତ୍ୟିକ ତଥା ନାଟକ ଲେଖକ ହାରୋଲ୍ଡ ପ୍ରିଣ୍ଟରଙ୍କ ସ୍ମରଣାର୍ଥେ ୨୦୦୯ରେ ଏହି ପୁରସ୍କାର ପ୍ରଚଳନ କରାଯାଇଥିଲା। ପୁରସ୍କାର ପାଇ ୬୨ ବର୍ଷୀୟ ଅରୁନ୍ଧତୀ ଖୁସି ବ୍ୟକ୍ତ କରିଛନ୍ତି। ନିଜର ପ୍ରଥମ ଉପନ୍ୟାସ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ' ପାଇଁ ବୁକର ପୁରସ୍କାର ପାଇଥିଲେ ଅରୁନ୍ଧତୀ।

## ଟ୍ରେନ୍‌ରେ ଯାତ୍ରୀଙ୍କୁ ଗୋରୁ ଭଳି ବୁହାଯିବା ଲଜ୍ଜାଜନକ: ହାଇକୋର୍ଟ

**ମୁମ୍ବାଇ,୨୭।୬**

ଲୋକାଲ୍ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ ଗୋରୁଙ୍କଠାରୁ ଆହୁରି ଦୟନୀୟ ଭାବେ ବୁହାଯାଉଥିବା ନେଇ ବମ୍ବେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଲଜ୍ଜାଜନକ ଘଟଣା। ଟ୍ରେନ୍‌ରୁ ଖସିପଡ଼ିବା ଏବଂ ଟ୍ରାକ୍ ଅତିକ୍ରମ ବେଳେ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାରେ ରେଲୱେ ସମର୍ଥ ହୋଇଛି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଏଭଳି ଦୁର୍ଘଟଣା ରୋକିବା ରେଲୱେର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରିବା ଉଚିତ ନୁହେଁ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅମିତ୍ ବୋର୍କାରଙ୍କ ଖଣ୍ଡପୀଠ କହିଛନ୍ତି। ଲୋକାଲ ଟ୍ରେନ୍‌ଗୁଡ଼ିକରେ ଅତ୍ୟଧିକ ଭିଡ଼ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢ଼ିବା ସମ୍ଭାବ୍ୟ କାରଣ ବୋଲି ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଅଭିଯୋଗ ହୋଇଥିଲା। ଟୋକିଓ ପରେ ମୁମ୍ବାଇ ସବ୍‌ଅର୍ବାନ ରେଲୱେ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବ୍ୟସ୍ତବହୁଳ। ଏଠାରେ ବର୍ଷକୁ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଛି।



# ଲୋକ ସଭାରେ ସେଙ୍ଗୋଲ ବଦଳରେ ସମ୍ବିଧାନ ରଖାଯାଉ

### ଏସ୍‌ପି ଏମ୍‌ପିଙ୍କ ଦାବି



**ନୂଆଦିଲ୍ଲୀ,୨୭।୬**

ଗଣତାନ୍ତ୍ରିକ ଭାରତରେ ରାଜତାନ୍ତ୍ରିକ କାଳଭ୍ରମିତ ପ୍ରତୀକ ବୋଲି ସମାଜବାଦୀ ପାର୍ଟି(ଏସ୍‌ପି) ଏମ୍‌ପି ଆର୍.କେ. ଚୌଧରୀ କହିବା ସହ ଏହାକୁ ହଟାଇ ଉକ୍ତ ସ୍ଥାନରେ ସମ୍ବିଧାନ ରଖିବା ପାଇଁ ଦାବି କରିଛନ୍ତି। ତାଙ୍କ ଦାବିକୁ ସମର୍ଥନ କରି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶପଥ ନେବା ପରେ ସେଙ୍ଗାଲ ନିକଟରେ ମୁଣ୍ଡ ନୁଆଁଇ ନ ଥିଲେ। ପାର୍ଲାମେଣ୍ଟରୁ ସେଙ୍ଗୋଲ ହଟିବା ଆବଶ୍ୟକ ବୋଲି ଆର୍‌ଜେଡି ଏମ୍‌ପି ମିସା ଭାରତୀ କହିଛନ୍ତି। ଚୌଧରୀଙ୍କ ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ଭାଜପା ଓ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ବିରୋଧ କରିଛନ୍ତି।

ଚୌଧରୀ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ପତ୍ର ଲେଖି ଗଣତାନ୍ତ୍ରିକ ଭାରତରେ ସେଙ୍ଗୋଲ ଏକ ରାଜତାନ୍ତ୍ରିକ ପ୍ରତୀକ ବୋଲି କହିଥିଲେ। ସେଙ୍ଗୋଲ ହେଉଛି ରାଜଦଣ୍ଡ। ରାଜାରାଜୁଡ଼ା ଶାସନ ଶେଷ ହେବା ପରେ ଦେଶ ସ୍ୱାଧୀନ ହୋଇଥିଲା। ଦେଶ ରାଜାଙ୍କ ଦଣ୍ଡରେ ନା ସମ୍ବିଧାନ ଦ୍ୱାରା ଶାସିତ ହେବ ବୋଲି ସେ ପ୍ରଶ୍ନ କରିବା ସହ ସମ୍ବିଧାନର ସୁରକ୍ଷା ପାଇଁ ପାର୍ଲାମେଣ୍ଟରୁ ସେଙ୍ଗାଲ ହଟାଇଦେବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଅବସରରେ ଲୋକ ସଭାରେ ସେଙ୍ଗୋଲ ସ୍ଥାପନ କରାଯାଇଥିଲା। ବ୍ରିଟିଶଠାରୁ ଭାରତକୁ କ୍ଷମତା ହସ୍ତାନ୍ତରର ପ୍ରତୀକ ସ୍ୱରୂପ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ଏସ୍‌ପି ଏମ୍‌ପିଙ୍କ ଦାବିକୁ ବିରୋଧ କରି ଭାଜପା କହିଛି, ଏହି ଦଳ ଭାରତୀୟ ଏବଂ ତାମିଲ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗକୁ ଅପମାନିତ କରିଛି। ଯଦି ଏହା ରାଜତନ୍ତ୍ରର ପ୍ରତୀକ, ତେବେ ନେହେରୁ କାହିଁକି ଗ୍ରହଣ କରିଥିଲେ ବୋଲି ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ପ୍ରଶ୍ନ କରିଛନ୍ତି। ଇଣ୍ଡିଆ ବ୍ଲକ୍ ତାମିଲ ସଂସ୍କୃତିକୁ ଘୃଣା କରୁଥିବା ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ଭାରତୀୟ ଇତିହାସ କିମ୍ବା ସଂସ୍କୃତି ପ୍ରତି ଏସ୍‌ପିର ସମ୍ମାନ ନାହିଁ। ସେଙ୍ଗୋଲକୁ ନେଇ ଉକ୍ତ ଦଳର ଶୀର୍ଷ ନେତାଙ୍କ ମନ୍ତବ୍ୟ ନିନ୍ଦନୀୟ ବୋଲି ଆଦିତ୍ୟନାଥ କହିଛନ୍ତି।

### ଲୋକ ସଭା ବାଚସ୍ପତିଙ୍କୁ ଭେଟିଲେ ରାହୁଲ

#### ଏମର୍ଜେନ୍ସି ପ୍ରସଙ୍ଗ ବାଦ୍ ଦିଆଯାଇପାରିଥାନ୍ତା କହିଲେ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ବାଚସ୍ପତି ଓମ୍ ବିର୍ଲାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗୃହରେ ଅଧ୍ୟକ୍ଷତା କରୁଥିବା ବାଚସ୍ପତି ଜରୁରୀ ସ୍ଥିତି ଉପରେ ଭାଷଣ ଦେବାକୁ ନେଇ ରାହୁଲ ଏହି ଅବସରରେ ନିଜର ଅସନ୍ତୋଷ ଜଣାଇଛନ୍ତି। ଏହା ସମ୍ପୂର୍ଣ୍ଣ ରାଜନୈତିକ ଏବଂ ଏହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ରାହୁଲ ବିର୍ଲାଙ୍କୁ କହିଛନ୍ତି। ବାଚସ୍ପତି ରାହୁଲଙ୍କୁ ବିରୋଧୀ ଦଳ ନେତା ଘୋଷଣା କରିବା ପରେ ସେ ଓ ଇଣ୍ଡିଆ ବ୍ଲକ୍ ସହଯୋଗୀ ଦଳଗୁଡ଼ିକର ନେତା ବିର୍ଲାଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ଏମର୍ଜେନ୍ସି ସମେତ ଗୃହର କାର୍ଯ୍ୟ ପରିଚାଳନାକୁ ନେଇ ସେମାନେ ବାଚସ୍ପତିଙ୍କୁ ସହ ଆଲୋଚନା କରିଥିଲେ।

### ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କଲେ ଆପ୍ ଏମ୍‌ପି




ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି ଆପ୍ ଏମ୍‌ପି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରୁଥିବାବେଳେ ଆପ୍ ଏମ୍‌ପିମାନେ ଦଳ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରୀ ପ୍ରତିବାଦରେ ଏହାକୁ ବର୍ଜନ କରିଛନ୍ତି। ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଅରବିନ୍ଦ କେଜ୍‌ରିୱାଲଙ୍କୁ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ବୁଧବାର ଗିରଫ କରିଥିଲା। ଏହାର ପ୍ରତିବାଦ କରିବା ସହ ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ଲେଖା ପଢ଼ୁଥିବା ଆପ୍ ଏମ୍‌ପି କହିଥିଲେ। ଆପ୍ ଏମ୍‌ପିମାନେ କେଜ୍‌ରିୱାଲଙ୍କ ଗିରଫଦାରି ବିରୋଧରେ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହା ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ ବୋଲି ଅଭିଯୋଗ କରିଥିଲେ।

### ମୋଦିଙ୍କୁ ୭୩ ଥର, ରାହୁଲଙ୍କୁ ୬ ଥର ଦେଖାଇଲା ସଂସଦ ଟିଭି

ପାର୍ଲାମେଣ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସମୟରେ ଏହାର ପ୍ରସାରଣ କରୁଥିବା ସଂସଦ ଟିଭି ପକ୍ଷପାତ କରିଥିବା କଂଗ୍ରେସ ଅଭିଯୋଗ କରିଛି। ରାଷ୍ଟ୍ରପତିଙ୍କ ୫୧ ମିନିଟ୍‌ର ଅଭିଭାଷଣ ବେଳେ ଉକ୍ତ ଟିଭି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୩ ଥର ଦେଖାଇଥିବାବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମାତ୍ର ୬ ଥର ଦେଖାଇଥିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସରକାରୀ ଦଳର ଏମ୍‌ପିମାନଙ୍କୁ ୧୦୮ ଥର ଦେଖାଯାଇଥିବାବେଳେ ବିରୋଧୀ ଏମ୍‌ପିମାନଙ୍କ ପାର୍ଶ୍ୱରେ ମାତ୍ର ୧୮ ଥର କ୍ୟାମେରା ପଡ଼ିଥିଲା। ଗୃହର କାର୍ଯ୍ୟଧାରା ପ୍ରସାର ପାଇଁ ସଂସଦ ଟିଭି ଉଦ୍ଦିଷ୍ଟ, କ୍ୟାମେରାଜୀବୀଙ୍କ ଅହଂକାର ପାଇଁ ନୁହେଁ ବୋଲି ଜୟରାମ ଏକ୍ସ'ରେ ପୋଷ୍ଟ କରିଛନ୍ତି।

# ଏସ୍‌ସିବିରେ ରକ୍ତ ପାଇଁ ମଗାଯାଉଛି ଟଙ୍କା

## ରୋଗୀ ଓ ସମ୍ପର୍କୀୟଙ୍କୁ ଚିନ୍ତା ଘାରୁଛି

କଟକ,୨୭।୬(ଶିଲ୍ପା ପ୍ରିୟଦର୍ଶିନୀ)

ଚିକିତ୍ସା କ୍ଷେତ୍ରରେ ଇତିହାସ ରଚୁଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ବିକଳ ଚିତ୍ର ଗୋଟିକ ପରେ ଗୋଟିଏ ସାମ୍ନାକୁ ଆସିବାରେ ଲାଗିଛି। ଏସ୍‌ସିବି ରକ୍ତ ଭଣ୍ଡାରରେ ରକ୍ତ ପାଇଁ ରୋଗୀ ଓ ସମ୍ପର୍କୀୟଙ୍କୁ ଟଙ୍କା ମଗାଯାଉଛି। ନିୟମ ଅନୁଯାୟୀ, ରକ୍ତ ଭଣ୍ଡାରରେ ରକ୍ତ ବଦଳାଇ ରକ୍ତ ନେଇହେବ। କିନ୍ତୁ ଏଥିପାଇଁ ରକ୍ତଭଣ୍ଡାରର କର୍ମଚାରୀମାନେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ରକ୍ତ ମିଳିବ ନାହିଁ ବୋଲି କହୁଛନ୍ତି। ଦୂର ଦୂରାନ୍ତରୁ ଆସୁଥିବା ଅନେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବିକଳ୍ପ ନ ପାଇ ରକ୍ତଦାତା ଯୋଗାଡ଼ କରିବା ନିମନ୍ତେ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି। ଏହା ସେମାନଙ୍କୁ ଚିନ୍ତାରେ ପକାଉଛି। କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଏଭଳି ଅଭିଯୋଗ ଆଣିଛନ୍ତି।

ମେଡିକାଲର ହେମାଟୋଲୋଜି ବିଭାଗରେ ଆଜିକୁ ୭ଦିନ ହେବ ଭର୍ତ୍ତି ହୋଇଛନ୍ତି ସମ୍ବଲପୁର ଜିଲା ଚକଳିଆବାହାଳ ଅଞ୍ଚଳର ସୁନିତା ଖାର୍‌ସେଲ୍(୮)। ଗୁରୁତର ଅସୁସ୍ଥ ହେବାରୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ସୁନିତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ପ୍ରଥମେ ଆଶୁ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ହେମାଟୋଲୋଜି ବିଭାଗକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସୁନିତାଙ୍କୁ ତିନୋଟି ଲେଖାଏ ରକ୍ତ ନେବାର ଆବଶ୍ୟକତା ରହିଛି। ରକ୍ତ ପାଇଁ ଏସ୍‌ସିବି ରକ୍ତଭଣ୍ଡାରକୁ ସୁନିତାଙ୍କ ବାପା ଦୁର୍ଯ୍ୟୋଧନ ଖାର୍‌ସେଲ୍ ଯାଇଥିବାବେଳେ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ରକ୍ତଦାତା ଖୋଜିଦେବେ କହି ୩ ହଜାର ଟଙ୍କା ମାଗିବା ସହ ଅଧିକ ଗୋଟିଏ ରକ୍ତ ମଧ୍ୟ ଯୋଗାଡ଼ କରିଦେବେ ବୋଲି କହିଥିଲେ। ଫଳରେ ଦୁର୍ଯ୍ୟୋଧନ ଟଙ୍କା ଦେଇଥିଲେ। ଏହାପରେ ତାଙ୍କୁ ରକ୍ତ ଯୋଗାଇ ଦିଆଯାଇଛି। ଏନେଇ ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି ଯେ, ଉତ୍ତମ ମାନର ଚିକିତ୍ସା ପାଇଁ ଝିଅକୁ ଏସ୍‌ସିବି ମେଡିକାଲକୁ ଆଣିଛି। କିନ୍ତୁ ଚିକିତ୍ସା ନାଁରେ ଏଠାରେ କର୍ମଚାରୀ ଓ ସୁରକ୍ଷାକର୍ମୀ ଟଙ୍କା ଲୁଟୁଛନ୍ତି। ଦୂରଦୂରାନ୍ତରରୁ ଆସୁଥିବା ରୋଗୀ ରକ୍ତ ପାଇଁ ହନ୍ତସନ୍ତ ହେଉଛନ୍ତି। ମେଡିକାଲରେ ବହୁ ଅବ୍ୟବସ୍ଥା ରହିଛି। ଟଙ୍କା ଦେଇ ଦୁଇଥର ରକ୍ତ ପାଇଛି। ଏବେ କିନ୍ତୁ ଆଉ ଗୋଟିଏ ରକ୍ତ ଆବଶ୍ୟକ ପଡୁଛି। ଯଦି ରକ୍ତଦାତା ଖୋଜି ନ ପାଇବି ତେବେ ପୁଣିଥରେ ସମ୍ପୃକ୍ତ କର୍ମଚାରୀଙ୍କୁ ଟଙ୍କା ଦେବାକୁ ପଡ଼ିବ। କାରଣ ମୋ ଝିଅର ଜୀବନ ମୂଲ୍ୟବାନ। ଟଙ୍କା ଦେବାରୁ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିନି କି ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିନି, ନଚେତ୍ ମେଡିକାଲରେ ବହୁତ ଖରାପ ବ୍ୟବହାର କରାଯାଉଛି। ମେଡିକାଲ କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀଙ୍କ ଉପରେ ନଜର ରଖିବା ଉଚିତ। ଫଳରେ ସେମାନେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଏଭଳି ଲୁଟିବା ବନ୍ଦ ହେବ ବୋଲି ଖାର୍‌ସେଲ୍ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଏବଂ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନା ଅନୁଯାୟୀ, ସମସ୍ୟାରେ ଛନ୍ଦି ହୋଇଯାଉଛି ଏସ୍‌ସିବି ମେଡିକାଲ। ଦିନକୁ ହଜାର ହଜାର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ରକ୍ତ ଆବଶ୍ୟକ କରୁଥିବା ରୋଗୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରକ୍ତ ନେବାକୁ ହେଲେ ଦାତା ଯୋଗାଡ଼ କରିବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟୁଛି। ରକ୍ତଦାତା ନ ମିଳିଲେ ରୋଗୀଙ୍କ ସମ୍ପର୍କୀୟ ଉହଳବିକଳ ହେଉଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି ରକ୍ତଭଣ୍ଡାରରେ ନିୟୋଜିତ ଥିବା କର୍ମଚାରୀ। ଏଭଳି ଶିକାର ହୋଇଛନ୍ତି ଖାର୍‌ସେଲ୍। ଚାରିଦିନ ତଳେ ପ୍ରଥମ ପର୍ଯ୍ୟାୟରେ ସେ ରକ୍ତଭଣ୍ଡାରରେ ରକ୍ତ ପାଇଁ ଟୋକନ କାଟିବା ସମୟରେ ତାଙ୍କୁ କର୍ମଚାରୀ ରକ୍ତଦାତା ଆଣିବାକୁ କହିଥିଲେ। ହେଲେ ରକ୍ତଦାତା ନ ଥିବାରୁ ସେ ନିରାଶ ହୋଇ ଫେରିବାବେଳେ ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ତାଙ୍କୁ ୩ହଜାର ଟଙ୍କା ଦେଲେ ରକ୍ତଦାତା ମିଳିପାରିବେ ବୋଲି କହିଥିଲେ। ଦୁର୍ଯ୍ୟୋଧନ ଦୁଇଟି ପର୍ଯ୍ୟାୟରେ ୬ହଜାର ଟଙ୍କା ଦେବାରୁ ସମ୍ପୃକ୍ତ ସୁରକ୍ଷାକର୍ମୀ ରକ୍ତଦାତା ଯୋଗାଡ଼ କରିଥିଲେ। କିନ୍ତୁ ଏବେ ଆହୁରି ରକ୍ତ ଆବଶ୍ୟକ ଥିବାବେଳେ ଦୁର୍ଯ୍ୟୋଧନ କେଉଁଠୁ ରକ୍ତଦାତା ଓ ଟଙ୍କା ଯୋଗାଡ଼ କରିବେ ଏବେ ସେଇ ଚିନ୍ତା ତାଙ୍କୁ ଘାରିଛି।

ADMISSION OPEN
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
SARADA VIHAR, MADANPUR, BHUBANESWAR-752054
Celebrating 25 Years of Excellence in Education @ NIIS
- BBA
- BCA
- B.Sc.(ITM)
- B.Sc. (Comp.Sc.)
- +3 Arts (All Hons.)
- +3 Science (All Hons.)
- +3 Commerce (All Hons.)
- B.Sc. (Biotechnology)
Special discount for Meritorious students.
In campus Hostel facilities.
Contact: 9778899990 / 9778899991
Visit us: www.niisgroup.org I E-mail: contactus@niisgroup.org

# ବିଜୁ ପଟ୍ଟନାୟକ ବିମାନବନ୍ଦର ଘରୋଇକରଣ ହେବ

ଭୁବନେଶ୍ୱର,୨୭।୬ (ଅନୁରାଧା ମହାରଣା)

କ୍ଷତିରେ ଚାଲୁଥିବା ବିମାନବନ୍ଦରକୁ ଘରୋଇ କମ୍ପାନୀ ହାତରେ ଟେକିଦିଆଯିବ। ଏହି ପରିପ୍ରେକ୍ଷୀରେ ଦେଶର ୧୧ଟି ବିମାନ ବନ୍ଦରକୁ ଘରୋଇକରଣ କରାଯିବା ପାଇଁ ଯୋଜନା ହୋଇଛି। ଏଥିମଧ୍ୟରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ରହିଛି। ଅଦାନୀ ଗ୍ରୁପ୍ ଏହି ବିମାନ ବନ୍ଦରର ଭିତ୍ତିଭୂମି ବିକାଶ ଓ ପରିଚାଳନା ଦାୟିତ୍ୱ ନେବାକୁ ଦୌଡ଼ରେ ଥିବା ଜଣାପଡିଛି। ଏହାସହ ଇନ୍ଦୋର, ରାୟପୁର, ତ୍ରିଚି, ଅମୃତସର, କାଲିକଟ୍, କୋଏମ୍ବାଟୁର, ନାଗପୁର, ପାଟନା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡା, ଭଦୋଦରା, ଭୋପାଳ, ତିରୁପତି, ହବଲି, ଇମ୍ଫାଲ, ରାଜତାଲ, ଉଦୟପୁର ଆଦି ବିମାନ ବନ୍ଦର ମଧ୍ୟ ଏହି ଘରୋଇକରଣ ତାଲିକାରେ ରହିଛି। ଏହିସବୁ ବିମାନବନ୍ଦରକୁ ଲିଜ୍ ସୂତ୍ରରେ ଘରୋଇ କମ୍ପାନୀକୁ ଦିଆଯିବ। ଏହାଦ୍ୱାରା ବିମାନବନ୍ଦରର ଉନ୍ନତି ଓ ପରିସୀମା ବୃଦ୍ଧି କରାଯିବ। କ୍ଷତିରେ ଚାଲୁଥିବା ସମସ୍ତ ବିମାନବନ୍ଦରର ତାଲିକା ପ୍ରସ୍ତୁତ କରାଯାଇ ବିଡ୍ଡିଂ କରାଯିବ। କେନ୍ଦ୍ର କ୍ୟାବିନେଟରେ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜାତୀୟ ଗଣମାଧ୍ୟମ ସୂତ୍ରରୁ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ।

## ଜେଲ ଭିତରେ ଅଭିନେତ୍ରୀଙ୍କ ମେକ୍‌ଅପ, ପୋଲିସକୁ ନୋଟିସ




# ଆଶିଷ ସିଂଙ୍କ ଛୁଟି ସରିଛି ନା ନାହିଁ

## ଡିଜିଙ୍କୁ ଚିଠି ଲେଖି ପଚାରିଲେ ଗୃହ ବିଭାଗ ଅତିରିକ୍ତ ସଚିବ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

ଆଇପିଏସ୍ ଅଫିସର ଆଶିଷ ସିଂ କାର୍ଯ୍ୟରେ ଯୋଗଦେବା ସମ୍ପର୍କରେ ଓଡ଼ିଶା ଡିଜିଙ୍କ ପାଖକୁ ଗୁରୁବାର ଚିଠି ଲେଖି ପଚାରି ବୁଝିଲା ଗୃହ ବିଭାଗ। ଗୃହ ବିଭାଗ ଅତିରିକ୍ତ ସଚିବ ମୁରଲୀଧର ମଲିକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଆଶିଷ ସିଂ ଗତ ମେ ୪ ତାରିଖରୁ ଗୋଟିଏ ମାସ ଛୁଟି ନେଇଥିଲେ। ତାଙ୍କ ଛୁଟି ନେବାର ମାସେ ବିତିଯିବା ପରେ ଆଉ ଏକ ମାସ ଅତିକ୍ରମ କରିଗଲାଣି। ଏହାପରେ ଆଶିଷ ସିଂ ତାଙ୍କ ଛୁଟି ଆବେଦନ ବୃଦ୍ଧି କରିଛନ୍ତି ନା କାର୍ଯ୍ୟରେ ଯୋଗଦେଲେଣି ସେନେଇ କିଛି ଖବର ନାହିଁ। ତେଣୁ ତୁରନ୍ତ ଏ ବିଷୟରେ ତଥ୍ୟ ଦେବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ସାଧାରଣ ନିର୍ବାଚନ ସମୟରେ ଅସୁସ୍ଥତା କାରଣ ଦର୍ଶାଇ ଆଶିଷ ସିଂ ଛୁଟିରେ ଯାଇଥିଲେ। ଏହାପରେ ଭାଜପା ଅଭିଯୋଗ କରିଥିଲା ଯେ, ଆଶିଷ ସିଂ ଛୁଟିରେ ଯାଇ ବିଜେଡି ପାଇଁ କାମ କରୁଛନ୍ତି। ଭାରତର ନିର୍ବାଚନ କମିଶନ ଭାଜପାର ଏହି ଅଭିଯୋଗକୁ ଗ୍ରହଣ କରି ଆଶିଷ ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏମ୍‌ସର ଡାକ୍ତରୀ ଟିମ୍ ଆଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ସେ ସମ୍ପୂର୍ଣ୍ଣ ଫିଟ୍ ଥିବା ରିପୋର୍ଟ ଦେଇଥିଲା। ଏହାପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ରାଜ୍ୟରେ ଚାଷୀ ସମାବେଶକୁ ବ୍ୟାପକ କରିବ ଭାଜପା

**ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା ହେବା ପ୍ରସଙ୍ଗ**

- ୩୦ରେ କେନ୍ଦୁଝର ଜିଲାରୁ ହେବ ଶୁଭାରମ୍ଭ
- ସବୁ ଜିଲା, ବ୍ଲକ୍ , ପଞ୍ଚାୟତସ୍ତରରେ କରାଯିବ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

ଓଡ଼ିଶାର ପ୍ରମୁଖ ଫସଲ ଧାନ। ରାଜ୍ୟର ଚାଷୀମାନଙ୍କୁ ଲାଭାନ୍ୱିତ କରିବା ପାଇଁ ଭାଜପା ସଂକଳ୍ପବଦ୍ଧ। ଓଡ଼ିଶାରେ 'ଡବଲ ଇଞ୍ଜିନ ସରକାର' ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଖରିଫ ଧାନ କିଣା ସମୟରେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ଦିଆଯିବା ପାଇଁ ଘୋଷଣା କରିଥିବାରୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହ ସମସ୍ତ ବ୍ଲକ୍‌ରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, ଚାଷଜମିକୁ ଜଳସେଚିତ କରିବା ଓ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ଦେବାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ବ୍ୟାପକଭାବେ ଚାଷୀ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦିଆଯିବ। ଏହାର ଶୁଭାରମ୍ଭ ଆସନ୍ତା ଜୁନ୍ ୩୦ କେନ୍ଦୁଝର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ସାଳନ୍ଦୀ ଡ୍ୟାମ୍ ହଦଗଡ଼ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ ସାଙ୍ଗଠନିକ ଜିଲାରୁ ୨ ଶହ ଚାଷୀ ନେତା ଯୋଗଦାନ କରିବେ ବୋଲି ମହେଶ୍ୱର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରିଷ୍ଠ ଚାଷୀନେତାମାନେ ଯୋଗଦେବେ। ଏହି କାର୍ଯ୍ୟକ୍ରମ ପରେ ଓଡ଼ିଶାର ସବୁ ଜିଲା, ବ୍ଲକ୍ ଓ ପଞ୍ଚାୟତଗୁଡ଼ିକରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ 'ଧନ୍ୟବାଦ କାର୍ଯ୍ୟକ୍ରମ'କୁ ବ୍ୟାପକଭାବେ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା ଖରିଫ ଧାନକିଣା ପ୍ରାରମ୍ଭ ଦିନ ଏହି କାର୍ଯ୍ୟକ୍ରମର ସମାରୋପ ଏକ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯିବ।

# ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ସାତମାଇଲ,୨୭।୬ (ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଚିତ୍ତଳପୁର ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚିତ୍ତଳପୁର ଗ୍ରାମର ମୋହନ ବେହେରା (୩୫)। ଗୁରୁତର ହେଲେ ସେହି ଗ୍ରାମର କୁମର ବେହେରା (୩୦)। ଘଟଣାରୁ ଜଣାପଡିଛି, ମୋହନ ଓ କୁମର ବିଲରୁ କାମ ସାରି ଘରକୁ ଫେରୁଥିବା ସମୟରେ ହଠାତ୍ ବର୍ଷା ହୋଇଥିଲା। ଫଳରେ ଦୁହେଁ ଗାଁ ତାରଣୀମନ୍ଦିର ନିକଟ ଏକ ଗଛ ତଳେ ଠିଆ ହୋଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ମୋହନ ଟଳି ପଡିଥିଲେ ଏବଂ ସାଥି କୁମର ଗୁରୁତର ହୋଇଥିଲେ। ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୋହନଙ୍କୁ ମୃତ ଘୋଷଣା କରିଥିଲେ। ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୁମରଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତୁରନ୍ତ ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ସଂକ୍ରମଣ, କ୍ଲିନିକ ସିଲ୍

- ୧୩ ରୋଗୀ ବୁର୍ଲା ମେଡିକାଲ ସ୍ଥାନାନ୍ତର
- ତଦନ୍ତ ନିର୍ଦ୍ଦେଶ ଦେଲେ ଅନୁଗୋଳ ଜିଲାପାଳ


ଘରୋଇ କ୍ଲିନିକ୍‌ରେ ଯାଞ୍ଚ କରାଯାଉଛି।

ଅନୁଗୋଳ,୨୭।୬

ଅନୁଗୋଳ ସହରସ୍ଥିତ ଅମଲାପଡ଼ାଠାରେ ଥିବା ଏକ ଘରୋଇ କ୍ଲିନିକରେ ୧୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିବା ବେଳେ ସମସ୍ତଙ୍କ ଆଖିରେ ସଂକ୍ରମଣ ହୋଇଛି। ଫଳରେ ସମସ୍ତ ରୋଗୀଙ୍କୁ ଉକ୍ତ ଘରୋଇ କ୍ଲିନିକ୍ ପକ୍ଷରୁ ବୁର୍ଲାସ୍ଥିତ ଭିଏସ୍ଏସ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏହି ଅଭିଯୋଗ ଆସିବା ପରେ ଘଟଣାର ତଦନ୍ତ ପାଇଁ ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ୫ ଜଣିଆ କମିଟି ଗଠନ କରି ଘଟଣାର ତଦନ୍ତ ସହ କ୍ଲିନିକ୍‌କୁ ସିଲ୍ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଉକ୍ତ ଘରୋଇ କ୍ଲିନିକରେ ୧୩ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଘରକୁ ଯିବା ପରେ ସମସ୍ତ ରୋଗୀଙ୍କ ଆଖିରେ ଯନ୍ତ୍ରଣା ହୋଇଥିଲା। ସେମାନେ କିଛି ଦେଖିପାରି ନ ଥିଲେ। କ୍ଲିନିକ ସହ ଯୋଗାଯୋଗ କରିବା ପରେ ଅସ୍ତ୍ରୋପଚାର କରିଥିବା ଡାକ୍ତର ସମସ୍ତଙ୍କୁ ଆଉଥରେ କ୍ଲିନିକ୍‌କୁ ଡକାଇଥିଲେ। ହେଲେ ସେମାନଙ୍କ ଆଖିରେ କିଛି ଉନ୍ନତି ହେଉ ନ ଥିବାରୁ ସମସ୍ତଙ୍କୁ ନିଜସ୍ୱ ଖର୍ଚ୍ଚରେ ବୁର୍ଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସା ପରେ କେତେଜଣଙ୍କ ଆଖିକୁ ଝାପ୍‌ସା ଦେଖାଯାଉଛି। ଏପରି ଅଭିଯୋଗ ଆସିବା ପରେ ଅନୁଗୋଳ ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବନନ୍ଦ ମହାନ୍ତି କହିଛନ୍ତି, ଗଠନ କରାଯାଇଥିବା ଏକ ୫ ଜଣିଆ ଡାକ୍ତରୀ ଟିମ୍ ଉକ୍ତ ଘରୋଇ କ୍ଲିନିକକୁ ଯାଇ ଯାଞ୍ଚ କରିଛନ୍ତି। ସେଠାରୁ କିଛି ମେସିନ ଓ ଔଷଧ ଜବତ କରି ପରୀକ୍ଷା ପାଇଁ ପଠାଯାଇଛି। କ୍ଲିନିକକୁ ସିଲ୍ କରାଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନନ୍ଦନକାନନରେ ବାଘୁଣୀ 'ସାରା'ର ମୃତ୍ୟୁ



ବାରଙ୍ଗ,୨୭।୬(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷଣ ତଥା ଶୋଭା ବଢ଼ାଉଥିବା ବାଘୁଣୀ 'ସାରା'ର ଗୁରୁବାର ଭୋର ସମୟରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାକୁ ୧୮ ବର୍ଷ ୧ମାସ ହୋଇଥିଲା। ତେବେ ସାରାର ବୟସାଧିକ ଓ ବୃଦ୍ଧାବସ୍ଥା କାରଣରୁ ମୃତ୍ୟୁ ଘଟିଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ବାଘୁଣୀ ମୃତ୍ୟୁରେ ନନ୍ଦନକାନନରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ନିର୍ଦ୍ଦେଶକ ଡ. ମନୋଜ ନାୟାର, ସମସ୍ତ ଅଧିକାରୀ, କର୍ମଚାରୀ ଦୁଃଖ ପ୍ରକାଶ କରିଛନ୍ତି। ସାରାର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ୨୬କୁ ହ୍ରାସ ପାଇଛି। ସାରାକୁ ମଧ୍ୟପ୍ରଦେଶର ବାନ୍ଧବଗଡ଼ ଟାଇଗର ରିଜର୍ଭରୁ ୨୦୦୬ ଅକ୍ଟୋବର ୧୮ରେ ମାତ୍ର ୫ ମାସ ବୟସରେ ଉଦ୍ଧାର କରାଯାଇ ଭୋପାଳର ବନ ବିହାର ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା। ପରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ତାକୁ ୨୦୦୯ ଏପ୍ରିଲ ୧୮ରେ ନନ୍ଦନକାନନକୁ ଅଣାଯାଇଥିଲା। ଧଳା ବାଘ ରିଷି ସହ ସାରାର ମିଳନରେ ୨୦୧୨ ଜାନୁଆରୀ ୧୩ରେ ସାରା ଗର୍ଭରୁ ୩ ବାଘୁଣୀ ଆଶା, ଅଙ୍କିତା ଏବଂ ଶୁଭଶ୍ରୀ ଜନ୍ମ ହୋଇଥିଲେ। ପରେ ଏକ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ୨୦୧୩ ଜାନୁୟାରୀ ୧୩ରେ ଆଶା ଓ ରିଷିକୁ ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତର କରାଯାଇଥିଲା। ବାଘ ସଫାରିର ୩୩ ନଂ. ଏନ୍‌କ୍ଲୋଜରରେ ରହୁଥିବା ସାରା ପ୍ରଥମ କରି ୨୦୨୪ ଫେବୃଆରୀ ୨୯ରେ ଅସୁସ୍ଥ ହୋଇଥିଲା। ଠିଆ ହୋଇ ନ ପାରିବା ଓ ନିଃଶ୍ୱାସ ନେବା ସାରା ପାଇଁ କଷ୍ଟସାଧ୍ୟ ହେବାରୁ ଏଠାକାର ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ। ଏହାପରେ ଆଣ୍ଟିବାୟୋଟିକ୍ ଏବଂ ସହାୟକ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଗତ ମାର୍ଚ୍ଚ ୩ରେ ଠିଆ ହେବା, ଧୀରେ ଧୀରେ ମାଂସ ଖାଇବା ସହ ବିଚରଣ ଆରମ୍ଭ କରିଥିଲା। ଏହାସତ୍ତ୍ୱେ ଚିକିତ୍ସା ବଳବତ୍ତର ରହିଥିଲା। ଚିକିତ୍ସା ସତ୍ତ୍ୱେ ସେ ସୁସ୍ଥ ପରିବର୍ତ୍ତେ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଥିଲା।

# ଜେଲଗଲେ ନକଲି ଡାକ୍ତର

## ରାଉରକେଲା ସରକାରୀ ହସ୍ପିଟାଲରେ ଠିକାରେ କାର୍ଯ୍ୟ କରୁଥିଲେ


ପଦ୍ମନାଭ ମୁଖୀ କାରଆ

ରାଉରକେଲା,୨୭।୬ (ସଙ୍ଗୀତା ଜେନା)

ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ନକଲି ସାର୍ଟିଫିକେଟ୍‌ରେ ଠିକାରେ ଡାକ୍ତର ଭାବେ ଚାକିରି କରୁଥିଲେ ପଦ୍ମନାଭ ମୁଖୀ କାରଆ(୫୩)। ତାଙ୍କୁ ବୁଧବାର ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବଜାଜ ଫାଇନାନ୍ସରୁ ପ୍ରାୟ ୧୬ ଲକ୍ଷ ଟଙ୍କାର ଋଣ ନେଇ ଠକେଇ କରିବା ଘଟଣାରେ ତଦନ୍ତ ବେଳେ ତାଙ୍କର ନକଲି ସାର୍ଟିଫିକେଟ୍‌ରେ ଚାକିରି ସମ୍ପର୍କରେ ଧରାପଡ଼ିଥିଲା। ଋଣ ପ୍ରଦାନକାରୀ କମ୍ପାନୀର ମ୍ୟାନେଜର ରଜତ ବେହେରା ପଦ୍ମନାଭଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ ସନ୍ଦେହ ଦର୍ଶାଇ ବୁଧବାର ରଘୁନାଥପାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (୩୩୩/୨୪) ରୁଜୁ କରି ପଦ୍ମନାଭଙ୍କୁ ପଚରାଉଚରା ପରେ ଗିରଫ କରିଥିଲା। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଗଣେଶ ପ୍ରସାଦ ଦାସ କହିଛନ୍ତି, ୭ ମାସ ପୂର୍ବେ ଠିକାସଂସ୍ଥା 'ରାହି କେୟାର ପ୍ରାଇଭେଟ୍ ଲିମିଟେଡ୍' ଜରିଆରେ ପଦ୍ମନାଭ ଡାଏଲିସିସ୍ କେୟାର ସେଣ୍ଟରରେ କାର୍ଯ୍ୟ କରୁଥିଲେ। ସେ ଝାଡ଼ଖଣ୍ଡର ଜଣେ ଡାକ୍ତର ରମେଶ ଚନ୍ଦ୍ର ଝାଙ୍କ ନାମରେ ଉକ୍ତ କାମ କରୁଥିଲେ। ତାଙ୍କର କାଗଜପତ୍ରର ଯାଞ୍ଚ ରାହି ପକ୍ଷରୁ କରାଯାଇଥିଲା। ତେବେ ଏଥିରେ ଅନିୟମିତତା ହୋଇଥିବା ଯୋଗୁ ରାହିକୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ସହ ବିଲ୍‌ରୁ ୪୦ ପ୍ରତିଶତ କାଟ୍ ପାଇଁ ଆର୍‌ଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପୁନରାବୃତ୍ତି ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଛି। ଏ ସମ୍ପର୍କରେ ଆରଜିଏଚ୍ ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ଡ. ଦାଶ ସୂଚନା ଦେଇଛନ୍ତି। ଅନୁରୂପଭାବେ ଠିକାସଂସ୍ଥାର ଏରିଆ ମ୍ୟାନେଜର ମୟୂର ଅଗ୍ରୱାଲ ନକଲି ଡାକ୍ତରଙ୍କୁ ନିଲମ୍ବିତ କରାଯାଇଥିବା କହିଛନ୍ତି।

ରାଉରକେଲା ଏସ୍‌ପି ବ୍ରିଜେଶ ରାୟ କହିଛନ୍ତି, ଏହି ମାମଲା ସମ୍ପର୍କରେ ଥାନାରେ ଏତଲା ହେବାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପଦ୍ମନାଭ ୨୦୧୦ରେ ଏହିଭଳି ନକଲି କାର୍ଯ୍ୟରେ ଲିପ୍ତ ରହିଥିଲେ। ରାଉରକେଲା ହାଇଟେକ୍ ହସ୍ପିଟାଲରେ ସେ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିବାକୁ ଆବେଦନ କରିଥିଲେ। ସେଠାରେ ଧରାପଡ଼ିବା ପରେ ଫେରାର ହୋଇଯାଇଥିଲେ। ୨୦୧୪ରେ ବନ୍ଧମୁଣ୍ଡା ଅଞ୍ଚଳରେ ମଧ୍ୟ ସମାନ କାଣ୍ଡ ଭିଆଇଥିଲେ। ସେହିପରି ୨୦୧୯ରେ ସୁନ୍ଦରଗଡ଼ ପୋଲିସ ଜିଲା ନୂଆଗାଁ ଅଞ୍ଚଳରେ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରି ଧରାପଡ଼ିଥିଲେ। ଜେଏମ୍ଏଫ୍‌ସି କୋର୍ଟ ପକ୍ଷରୁ ଉକ୍ତ ମାମଲା ବିଚାରଧୀନ ରହିଛି। ତେବେ ଉକ୍ତ ମାମଲାଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ଏସ୍‌ପି ରାୟ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନାଶନାଲ ଚାଟାର୍ଡ ଆକାଉଣ୍ଟାଣ୍ଟ୍ସ କନଫରେନ୍ସ, ସ୍ଥାନ: ହୋଟେଲ ପାଲ ହାଇଟ୍ସ ମନ୍ତ୍ରା, ପାହାଳ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା ୩୦।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ତୃତୀୟ ମାସିକ ବାର୍ତ୍ତା କାର୍ଯ୍ୟକ୍ରମ, ସ୍ଥାନ: ନାଶନାଲ ଆର୍କାଇଭ୍‌ସ ଅଫ ଇଣ୍ଡିଆ ରେକର୍ଡ୍‌ସ ସେଣ୍ଟର ସମ୍ମିଳନୀ କକ୍ଷ, ସ୍ଥାନ: ଅପରାହ୍ନ ୫ଟା।
- କଳା ଧାରା, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।
- କଳାଭୂମି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସାଇ ସ୍ମୃତି କଳା କେନ୍ଦ୍ର ପକ୍ଷରୁ ନୃତ୍ୟାନଙ୍କିତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୭୫ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।
- ୨୨ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ନିବନ୍ଧ ସଂକଳନ 'ସମୟର କଥନିକା'ର ଉନ୍ମୋଚନ ସମାରୋହ, ସ୍ଥାନ: ରାଇସିନା ପ୍ୟାଲେସ, ସିଡିଏ ସେକ୍ଟର-୯, ସମୟ: ସନ୍ଧ୍ୟା ୬ଟା।
- ୩ ଦିନିଆ ଜିଲା ଜଜ୍‌ଙ୍କ ସମ୍ମିଳନୀର ଉଦ୍‌ଘାଟନ, ସ୍ଥାନ: ଜୁଡିସିଆଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ରେଳ କୁଲିଙ୍କୁ ଗ୍ୟାଙ୍ଗମ୍ୟାନ ରୂପେ ନିଯୁକ୍ତି ଓ ପାର୍ସଲ ଦେବା ଦାବିରେ ବିକ୍ଷୋଭ, ପୁରୀ ରେଲ ଷ୍ଟେଶନ, ସମୟ:ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ମା'ଭଗବତୀଙ୍କ ସାହିଯାତ୍ରା, ଘଟ ପରିକ୍ରମା, ସ୍ଥାନ: ହାଟବଜାର, ଜଟଣୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ଆଦିତ୍ୟ ଦେବଙ୍କ ତିନିଦିନିଆ ଯୋଗ ଶିବିର, ସ୍ଥାନ: ଦୀନକୃଷ୍ଣ ମୁଣ୍ଡୁତୁଣିଆ ପୀଠ, ଜଳେଶ୍ୱର, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍ ସିଜନ୍-୪, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ରାସ୍ତା ମରାମତି ଦାବିରେ ରାସ୍ତାରୋକୋ ଆନ୍ଦୋଳନ, ସ୍ଥାନ: ପ୍ରତାପପୁର ହସ୍ପିଟାଲ ସମ୍ମୁଖ, ବାଲିଆପାଳ, ସମୟ: ସକାଳ ୯ଟା।
- ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ପଳାସପୁର ହାଇସ୍କୁଲ, ବୁଢ଼ାଗଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଛାତ୍ରଙ୍କ ଲାଗି ବିଦ୍ୟାଳୟକୁ ଟାବଲେଟ (ମୋବାଇଲ) ବଣ୍ଟନ, ସ୍ଥାନ: ବିଇଓ ଅଫିସ୍, ଜଳେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଆଧ୍ୟାତ୍ମିକ ସଭା, ସ୍ଥାନ: ଗୁଆମାଳ ସଂସ୍କୃତ ମହାବିଦ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ସଭା, ସ୍ଥାନ: ବୀଣାପାଣି ହାଇସ୍କୁଲ, ଗୁଆମାଳ, ତିହିଡ଼ି, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ହାଟଡିହୀ ବ୍ଲକର ବିଭିନ୍ନ ଗ୍ରାମରେ ଗ୍ରାମ ଦେବୀଙ୍କ ଆଷାଢ଼ି ପର୍ବ, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୮ଟା।
- ମା'ଲକ୍ଷ୍ମୀଙ୍କ ମନ୍ଦିରରେ ଶ୍ରୀସୁକ୍ତ, ଅଷ୍ଟଲକ୍ଷ୍ମୀ ସ୍ତୁତିପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ମନୋହରପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଆନନ୍ଦପୁର ବିଧାୟକଙ୍କ ଧନ୍ୟବାଦ ଅର୍ପଣ ସଭା, ସ୍ଥାନ: ଆନନ୍ଦପୁର ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ବଡବିଲ ବାର ଆସୋସିଏଶନର ବୈଠକ, ସ୍ଥାନ: ବାର କନଫରେନ୍ସ ହଲ, ବଡ଼ବିଲ କୋର୍ଟ ପରିସର, ବଡ଼ବିଲ, ସମୟ: ଅପରାହ୍ନ ୩ ଟା।
- ଆନନ୍ଦପୁର ବିଧାୟକଙ୍କ ଧନ୍ୟବାଦ ଅର୍ପଣ ସଭା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପତ୍ର ପ୍ରେରଣ, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ପାରିଆକୁଲି କଲଣି ସାହି, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ

- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ପ୍ରାତଃ ୫ଟା।

## କନ୍ଧମାଳ

- ଗୋଟିଏ ଦିନ ପିଲାଙ୍କ ପାଇଁ, ସ୍ଥାନ:ସଦ୍‌ଭାବନା ସଭାଗୃହ, ଫୁଲବାଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଜପତି

- ସାମ୍ବାଦିକ ୟୁନିୟନ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।
- ନବ ନିର୍ବାଚିତ ବିଧାୟକଙ୍କ ଶୋଭାଯାତ୍ରା, ସ୍ଥାନ: ମୋହନା ସହର,ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍, ରାୟଗଡ଼ା, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନବରଙ୍ଗପୁର ଗସ୍ତ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ୩ ଦିନିଆ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ମାଥଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## ମାଲକାନଗିରି

- ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ସ୍ୱର୍ଶକାତର ସମ୍ବନ୍ଧୀୟ ବୈଠକ, ସ୍ଥାନ: ମାଲକାନଗିରି ଡିଆରଡିଏ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସମଲେଇ ମନ୍ଦିର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ : ସକାଳ ୯ଟା। ଜଣ୍ଡିସ୍ ପ୍ରଭାବିତ ଅଞ୍ଚଳ ପରିଦର୍ଶନ, ସ୍ଥାନ : କୁମ୍ଭାରପଡା,ପେନସନପଡା, ସମୟ : ପୂର୍ବାହ୍ନ ୧୧ଟା। ସ୍ୱାସ୍ଥ୍ୟ ବିଭାଗ ସହ ସମୀକ୍ଷା ବୈଠକ, ସ୍ଥାନ : ଜିଲା ମୁଖ୍ୟ ଡାକ୍ତରଖାନା, ସମୟ : ପୂର୍ବାହ୍ନ ୧୨ଟା। ବୁର୍ଲା ଭିମସାର ପରିଦର୍ଶନ, ସ୍ଥାନ: ବୁର୍ଲା ଭିମସାର ମେଡିକାଲ, ସମୟ : ଅପରାହ୍ନ ୨ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ ସନ୍ଧ୍ୟା ୫ଟା୩୦।
- ଶ୍ରୀ କଲଚରାଲ ଆସୋସିଏଶନ ପକ୍ଷରୁ ମଞ୍ଚସ୍ଥ ହେବ ସମ୍ବଲପୁରୀ ନାଟକ ସାଧନା, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା : ୬ଟା୪୫।
- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ବୁଢାରଜା ଗ୍ରାଣ୍ଡଶିବା ସଭାକକ୍ଷ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେସଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମୁରିବାହାଲ ବ୍ଲକ ପ୍ରଶାସନ ତରଫରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: ବ୍ଲକ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ସାମୂହିକ ଆଚାର୍ଯ୍ୟ କର୍ମଶାଳା, ସ୍ଥାନ: ଶିଶୁ ମନ୍ଦିର ପୁରୁଣାକଟକ, ହରଭଙ୍ଗା ବ୍ଲକ, ସମୟ ସକାଳ: ୮ଟା।

## ସୁନ୍ଦରଗଡ଼

- ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ପକ୍ଷରୁ ମେଗା ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ଗର୍ଜନବାହାଲ ନିଉ ଟ୍ରକ ପାର୍କିଂ ୟାଡ,ସମୟ: ସକାଳ ୯ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ହରିନାମ ସଙ୍କୀର୍ତ୍ତନ,ସ୍ଥାନ: ଛେଣ୍ଡ କଲୋନୀ,ସମୟ: ପ୍ରାତଃ ୫ଟା ୩୦।
- ଇନର୍ ଇଞ୍ଜିନିୟରିଂ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ପାନ୍ଥ ନିବାସ ନିକଟ, ସମୟ: ସକାଳ ୯ଟା।
- ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ପାଇଁ ମାଗଣା ସହାୟକ ଉପକରଣ ବଣ୍ଟନ ପଞ୍ଜିକରଣ, ସ୍ଥାନ: ଛେଣ୍ଡ ଆହୁତି ଭବନ, ସମୟ: ପୂର୍ବାହ୍ନ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ବସ୍ତିବାସୀଙ୍କ ସାକ୍ଷାତ, ସ୍ଥାନ: ପାନପୋଷ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(ଜିଜ୍ଞାସା), ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ, ଭଟଲି। ଜାଣ୍ଡୋଲ ଉଚ୍ଚ ବିଦ୍ୟାଳୟ, ଭେଡ଼େନ। ଜମଲା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର। ଜର୍ଜ ହାଇସ୍କୁଲ, ବରଗଡ଼। ସରକାରୀ ଉଚ୍ଚ ବିଦ୍ୟାଳୟ, ବିଜେପୁର। ସୁକୁଡ଼ା ଉଚ୍ଚ ବିଦ୍ୟାଳୟ, ଭଟଲି। ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟ, ବରଗଡ଼। ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ମଣ୍ଡପ ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କେସିଙ୍ଗା ସହରର ୭ନଂ. ୱାର୍ଡ ବୋରିଙ୍ଗପଦର, ସମୟ: ସକାଳ ୮ଟା।
- ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜୁନାଗଡ ଚମେଲିଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟକ ଯୋଜନା କର୍ମଶାଳା, ସ୍ଥାନ: କୃଷି କାର୍ଯ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ରଥ ନିର୍ମାଣ କମିଟିର ସମୀକ୍ଷା ବୈଠକ, ସ୍ଥାନ: ତରଭା ଏନ୍ଏସି ସଭାଗୃହ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ନିକଟ ସନ୍ତୋଷୀ ମା' ମନ୍ଦିର, ସମୟ: ସକାଳ ୭ଟା।
- ମୁସଲମାନ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ଓ ହଟଲୀପଡ଼ା ମସଜିଦ, ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ

- ପ୍ରଜ୍ଞାନ ମିଶନ ପକ୍ଷରୁ କ୍ରିୟାଯୋଗ ଦିକ୍ଷା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ ଢେଙ୍କାନାଳ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ସପ୍ତଦିବସୀୟ ଯୋଗ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଆଇଓସିଏଲ ଟାଉନ୍‌ଶିପ, କମ୍ୟୁନିଟି ସେଣ୍ଟର, ପାରାଦୀପ, ସମୟ: ସକାଳ ୬ଟା।
- ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ଓ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ପାରାଦୀପ, ସମୟ: ସକାଳ ୯ଟା।
- ବିଦ୍ୟୁତ୍ ବ୍ୟବହାର ସଂରକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ଉର୍ଜା ମେଳା, ସ୍ଥାନ: ଡିଏଭି ସ୍କୁଲ, ବଡ଼ପଡିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପାଟକୁରା ବିଧାୟକଙ୍କ ବ୍ଲକ ଅଞ୍ଚଳର ଉନ୍ନୟନ ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ସଦଭାବନା ଗୃହ, ଗରଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଘୋଷଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ବ୍ୟାସନଗରବାସୀଙ୍କ ପକ୍ଷରୁ ନବ ନିର୍ବାଚିତ କୋରେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ : ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସନ୍ତାନହେତୁକ ଅଶାନ୍ତି, ସୁସମ୍ପର୍କରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଛି। ଅଫିସ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସଭାସମିତିରେ ବହୁତ ଆଲୋଚନା ଶେଷରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ** ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅର୍ଥ ସମ୍ବନ୍ଧୀୟ କାମକୁ ନିର୍ବିଘ୍ନରେ ହାସଲ କରିବେ। ମୃଗଶିରା ନକ୍ଷତ୍ର ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ପାରନ୍ତି। ନିର୍ମାଣ କ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ** ସମ୍ପର୍କୀୟଙ୍କ ସାହାଯ୍ୟ ନେଇ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବେ। ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ପ୍ରତିଶ୍ରୁତିଲାଭ କରି ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସରକାରୀ ସ୍ତରରେ ଅଟକି ରହିଥିବା ସ୍ଥଗିତ କାମକୁ ବନ୍ଧୁଙ୍କ ଜରିଆରେ ତ୍ୱରାନ୍ୱିତ କରିପାରିବେ। ପରିବାରର ବାଧବାଧକତାରେ ମନୋରଞ୍ଜନ ସମ୍ପର୍କିତ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ଅଶ୍ଲେଷା ନକ୍ଷତ୍ରର ଅସୁସ୍ଥତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିଦେବ। ଦୀର୍ଘଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠ ହେବ। ଆଲୋଚନା ପରିସରରେ ଭାବପ୍ରବଣତାବଶତଃ ବିରକ୍ତିକର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। ଗାଡିମୋଟର, ସ୍ୱର୍ଣ୍ଣାଦି ଅଳଙ୍କାର କିମ୍ବା ଜମିଜମା କାରବାରରୁ ଉପକୃତ ହୋଇପାରନ୍ତି।

**ସିଂହ** ନବମସ୍ଥ ମଙ୍ଗଳଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ନାସ୍ତିସୂଚକ ସୂଚନା ମନକୁ ନିରୁତ୍ସାହିତ କରିପାରେ। ପରିବାରର ବ୍ୟୟ ବୃଦ୍ଧି ମାନସିକ ଅବସାଦର ମୁଖ୍ୟ କାରଣ ହେବ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବା ସହ ବ୍ୟବସାୟରେ ସଫଳ ହେବେ।

**କନ୍ୟା** ଦୂରଯାତ୍ରା, ସାଧାରଣ କଥାରେ ଝଗଡ଼ା ଓ ଭଲ ସମ୍ପର୍କ ଧିମେଇଯିବାରୁ ଅଶାନ୍ତି ଅନୁଭବ କରିବେ। ହାତକୁ ନେଇଥିବା କାମ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଶତ୍ରୁ ଅର୍ଜିବେ। ଅନିଦ୍ରା ଏବଂ ଅବହେଳା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ତୁଳା** ସମସ୍ୟା ଆସିଲେ ମଧ୍ୟ କାମକୁ ପୂର୍ଣ୍ଣାଙ୍ଗ ନ କରି ନୀରବରେ ରହିପାରିବେ ନାହିଁ। ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ବିତାଇ ପାରନ୍ତି। ଶୁଣାକଥାକୁ ବିଶ୍ୱାସକରି ବିଭ୍ରାନ୍ତିକର ଖବର ପରିବେଷଣ ଦ୍ୱାରା ସମସ୍ୟା ବଢ଼ିଯିବ।

**ବିଛା** ସମୟର ପ୍ରତିକୂଳତା କାରଣରୁ ଯାହା କଲେ ମଧ୍ୟ କାମ ଗୋଳମାଳିଆ ରହିବ। ବନ୍ଧୁଙ୍କ କାର୍ଯ୍ୟକଳାପରେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଉପରିସ୍ଥ ଅଧିକାରୀଙ୍କ ବଦାନ୍ୟତାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ କୌଶଳ ପ୍ରୟୋଗ କରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ।

**ଧନୁ** ପ୍ରତିବନ୍ଧକ ଦୂରେଇ ଯାଇଥିବାରୁ ଆନନ୍ଦ ଅନୁଭବ କରିବେ। କୌଣସି କଥାକୁ ଭଲରୂପେ ନ ବୁଝି କହିବା କିମ୍ବା କରିବା ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ଲାଭକରି ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** ସାଧାରଣ କଥାରେ ଭୁଲ୍ ବୁଝାମଣା କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆର୍ଥିକ ସ୍ଥିତି ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** ନିଜ ଲୋକମାନେ ମୁହଁରେ ଭଲ କଥା କହି ପଛରେ ବିରୋଧ କରୁଥିବାର ସୂଚନା ପାଇବେ। ବିଶୃଙ୍ଖଳିତ ପରିସ୍ଥିତି ଲାଗିରହିବା କାରଣରୁ ପାରିବାରିକ ସମ୍ପର୍କରେ ଶିଥିଳତା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ଶେୟାରବଜାରରେ କ୍ଷତି ହୋଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବ ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ** ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ମାଲିମକଦ୍ଦମାରୁ ଚିନ୍ତା ବଢ଼ିଯିବ କିନ୍ତୁ ଆଇନର ସହାୟତା ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତରେ ସମସ୍ୟାର ଅନ୍ତ ଘଟିବାର ଆଶା କରାଯାଇପାରେ।

ଆଜି ଜୁନ୍ ୨୮ ତାରିଖ, ଆଷାଢ଼ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଶୁକ୍ରବାର, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/ମୀନ, ଦିବା ଘ.୧୦।୧୦ମି. ଗତେ ଉତ୍ତର ଭାଦ୍ରପଦ ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୦୭ମି. ଗତେ ଘ.୦୬।୫୯ମି. ମଧ୍ୟେ, ଘ.୧୨।୧୬ମି. ଗତେ ଘ. ୦୨।୫୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୧ ମି. ଗତେ ଘ.୧୧।୫୦ ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ରାଷ୍ଟ୍ରପତିଙ୍କ ଅଭିଭାଷଣରେ...

କରାଯିବ ବୋଲି ରାଷ୍ଟ୍ରପତି ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ପ୍ରଶଂସା କରିଛନ୍ତି। ଏହି ଅଭିଭାଷଣ ବିକାଶର ରୋଡ୍‌ମ୍ୟାପ୍ ଏବଂ ସୁଶାସନକୁ ଉପସ୍ଥାପିତ କରିଛି। ଲୋକଙ୍କ ଜୀବନ ଧାରଣରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଉପରେ ରାଷ୍ଟ୍ରପତି ଆଲୋକପାତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଇଣ୍ଡିଆ ବ୍ଲକ୍ ନେତାମାନେ ଏହା ଉପରେ ସମାଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ଏମର୍ଜେନ୍ସି ବେଳେ ଜେଲ ଯାଇଥିବା ଲୋକଙ୍କୁ ଭାଜପା କ'ଣ ଦେଇଛି। ଏସ୍‌ପି ସେମାନଙ୍କୁ ସମ୍ମାନ ଓ ପେନ୍‌ସନ ଦେଇଛି। ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ବୋଲି ସେମାନେ ଦାବି କରୁଛନ୍ତି। ଦେଶରେ ଏତେ ବେରୋଜଗାର କାହିଁକି ସୃଷ୍ଟି ହେଉଛନ୍ତି ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର କହିଛନ୍ତି, ସରକାରଙ୍କ ଦ୍ୱାରା ଲେଖାଯାଇଥିବା ଏକ ଆଲେଖ୍ୟକୁ ରାଷ୍ଟ୍ରପତି ପଢ଼ି ଶୁଣାଇଛନ୍ତି। ଭାଜପା ବୋଧେ ଭୁଲିଯାଇଛି, ଏହା ପାଖରେ ଆଉ ସଂଖ୍ୟାଗରିଷ୍ଠତା ନାହିଁ। ଏହି ଦଳ ୩୦୩ରୁ ୨୪୦କୁ ଖସିଯାଇଛି। ସେମାନେ ବୋଧେ ଗତବର୍ଷର ଭାଷଣରୁ କିଛି ଅଂଶ ଆଣି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଯୋଡ଼ିଦେଇଛନ୍ତି। ସେହିପରି ସିପିଆଇଏମ୍‌ଏଲ୍ ଏମ୍‌ପି ସୁଦାମା ପ୍ରସାଦ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ମିଛ ଭରିରହିଥିବା କହିଛନ୍ତି।

ପ୍ରକାଶ ଯେ, ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ଦେଶରେ ଏମର୍ଜେନ୍ସି ଜାରି କରିଥିଲେ। ସେବେଠୁ ରାଜନୀତିର ସ୍ରୋତରେ ଅନେକ ପାଣି ବହିଗଲାଣି। କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ସେଇଠି ଅଟକିଯାଇଥିବା ବିରୋଧୀ କହୁଛନ୍ତି। ଭାଜପା 'ଏମର୍ଜେନ୍ସି'ର ୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି। ଏଥିସକାଶେ ଭାଜପା ସମସ୍ତ ଐତିହାସିକ କାର୍ଯ୍ୟକ୍ରମରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ଏମର୍ଜେନ୍ସି ସମ୍ପର୍କରେ ଉଲ୍ଲେଖ କରିବାକୁ ସ୍ଥିର କରିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହି କ୍ରମରେ ବୁଧବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ନିଜ ଆସନ ଗ୍ରହଣ କରିବା ମାତ୍ରେ ଏମର୍ଜେନ୍ସି ଉପରେ ଏକ ନିନ୍ଦା ପ୍ରସ୍ତାବ ଆଣି ୨ ମିନିଟ୍ ନୀରବ ପ୍ରାର୍ଥନା କରିବାକୁ ସଦସ୍ୟମାନଙ୍କୁ କହିଥିଲେ। ଏହି ବିବାଦୀୟ ପ୍ରସ୍ତାବକୁ ବିରୋଧୀ ସଦସ୍ୟମାନେ ସମାଲୋଚନା କରିଥିଲେ। ବିରୋଧୀ ଏମ୍‌ପିମାନେ ଗୃହ ଭିତରେ ହଟ୍ଟଗୋଳ କରିଥିବାବେଳେ ଭାଜପା ସଦସ୍ୟମାନେ ଜରୁରିକାଳୀନ ପରିସ୍ଥିତି ପାଇଁ କଂଗ୍ରେସଠାରୁ କ୍ଷମା ଦାବି କରି ପାର୍ଲାମେଣ୍ଟ ହାଉସ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ୭୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ...

ପ୍ରୋତ୍ସାହନ ଦେଇ ଏକ ସୁସ୍ଥ ବିଶ୍ୱ ଗଠନ ଦିଗରେ ସହାୟକ ହୋଇଛି। ପ୍ରକାଶ ଯେ, ଏବି-ପିଏମ୍‌ଜେଏୱାଇ ହେଉଛି ସରକାରୀ ପାଣ୍ଠିରେ ଚାଲିଥିବା ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହା ଅଧୀନରେ ପରିବାର ପିଛା ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି। ଏଥିରୁ ୧୨ କୋଟି ପରିବାର ଉପକୃତ ହେଉଛନ୍ତି।

## ରାଷ୍ଟ୍ରପତି...

ସେ ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ସରକାରଙ୍କ ନିରନ୍ତର ସମର୍ଥନ ମାଧ୍ୟମରେ ଓଡ଼ିଶା ଆହୁରି ଆର୍ଥିକ ସ୍ଥିରତା ଏବଂ ସମୃଦ୍ଧି ପ୍ରାପ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

# ଛାତ୍ର ସଂସଦ ନିର୍ବାଚନ ନେଇ ବିଚାର କରାଯାଉଛି: ସୂର୍ଯ୍ୟବଂଶୀ

**ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)**

ଦୀର୍ଘ ୬ ବର୍ଷ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଆଶା ଉଜ୍ଜୀବିତ ହୋଇଛି। ଛାତ୍ର ସଂସଦ ନିର୍ବାଚନକୁ ସରକାର ଗମ୍ଭୀରତାର ସହ ବିଚାର କରୁଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିବା ପରେ ନିର୍ବାଚନ ସମ୍ଭାବନା ବଢ଼ିଛି। ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ପାଇଁ ବିଚାର ବିମର୍ଷ ଚାଲିଛି ସରକାର ଯାହା ନିଷ୍ପତି ନେବେ ତାହା ଛାତ୍ର ସମାଜ ପାଇଁ ସକାରାତ୍ମକ ହେବ। ରାଜ୍ୟରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ସରକାରୀ ଭାବେ ଘୋଷଣା ହୋଇନଥିଲେ ମଧ୍ୟ ଦୁର୍ଗାପୂଜା ଛୁଟି ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି। ଏହାକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ସୂଚନା ଥାଉକି, ୨୦୧୭ ମସିହାରେ ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ୨୦୧୮ ମସିହାରେ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା। ନିର୍ବାଚନର ମାତ୍ର ୨ଦିନ ପୂର୍ବରୁ ତିତିଲି ବାତ୍ୟାକୁ ଦୃଷ୍ଟିରେ ରଖି ନିର୍ବାଚନ ବାତିଲ କରାଯାଇଥିଲା। ସେହିପରି ୨୦୧୯ରେ କୋଭିଡ ମହାମାରୀ ପାଇଁ ନିର୍ବାଚନ ସ୍ଥଗିତ ରହିଥିଲା। ବିଭିନ୍ନ କ୍ୟାମ୍ପସରେ ହିଂସାକାଣ୍ଡ ହୋଇ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଥିବା ଦର୍ଶାଇ ଛାତ୍ର ସଂସଦ ବନ୍ଦ ରହିଛି। ତେବେ ଯଦି ଚଳିବର୍ଷ ଛାତ୍ର ସଂସଦ ନିର୍ବାଚନ ଖବରକୁ ସମସ୍ତ ଛାତ୍ର ସଂଗଠନ ସ୍ୱାଗତ କରିଛନ୍ତି।

# ମୌସୁମୀ ସକ୍ରିୟ, ବର୍ଷା ଜାରି

**ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସକ୍ରିୟ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି। ଗୁରୁବାର ନବରଙ୍ଗପୁରରେ ସର୍ବାଧିକ ୮୨.୦ ମି.ମି. ବର୍ଷା ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୬୯.୮ ମି.ମି., କୋରାପୁଟରେ ୬୫.୪ ମି.ମି., ମାଲକାନଗିରି ଓ ସୋନପୁରରେ ୨୪.୪ ମି.ମି, ଏବଂ ଭୁବନେଶ୍ୱରରେ ୨୧.୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ। ଦକ୍ଷିଣ ଓ ଉତ୍ତର ଓଡ଼ିଶା ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ତେବେ ଶୁକ୍ରବାର ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଓ କନ୍ଧମାଳକୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଉକ୍ତ ଜିଲାଗୁଡ଼ିକୁ ସତର୍କ କରାଯାଇଛି। ସେହିପରି ଗଜପତି, କୋରାପୁଟ, ରାୟଗଡା, କଳାହାଣ୍ଡି, ମାଲକାନଗିରି, ଅନୁଗୋଳ, ଢେଙ୍କାନାଳ, ନୟାଗଡ, କଟକ, ନବରଙ୍ଗପୁରରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏନେଇ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟକିଛି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବ। ୨୯ ଓ ୩୦ ତାରିଖରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଛି।

# ୱେବସାଇଟ୍‌ରେ ରହିବ ଦୁଇଟି ଫର୍ମାଟ୍‌ର ସୂଚନା

**କଟକ,୨୭।୬(କାର୍ତ୍ତିକ ସାହୁ)**

### ବିଦ୍ୟାଳୟରେ ମୌଳିକ ସୁବିଧା ନ ମିଳିବା ମାମଲା

ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ରହିଥିବା ମୌଳିକ ସୁବିଧାଗୁଡ଼ିକ ସଂକ୍ରାନ୍ତରେ ଆମିକସ୍ କ୍ୟୁରିଙ୍କ ପକ୍ଷରୁ ପ୍ରସ୍ତୁତ ଫର୍ମାଟ୍‌କୁ ରାଜ୍ୟ ସରକାର ଗ୍ରହଣ କରିଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆମିକସ୍ କ୍ୟୁରିଙ୍କ ପ୍ରଦତ୍ତ ଫର୍ମାଟ୍ ଆଧାରରେ ବିଦ୍ୟାଳୟ ସମ୍ପର୍କିତ ତଥ୍ୟ ଦର୍ଶାଇ ରାଜ୍ୟ ସରକାର ୱେବସାଇଟ୍‌ରେ ଅପଲୋଡ୍ କରିବେ। ଏହି କାର୍ଯ୍ୟ କରିବା ଲାଗି ୬ ସପ୍ତାହ ସମୟ ଦେବାକୁ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଆବେଦନ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଏହି ଆବେଦନକୁ ଗ୍ରହଣ କରିବା ସହ ସମୟ ମଞ୍ଜୁର କରିଛନ୍ତି।

ପ୍ରକାଶ ଯେ, ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ରୁଜୁ ମାମଲାରେ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ସୁଯୋଗ ମିଳୁଛି ନା ନାହିଁ ସେନେଇ ତଦାରଖ କରିବାକୁ ହାଇକୋର୍ଟ ଆମିକସ୍ କ୍ୟୁରି ଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥଙ୍କୁ ନିଯୁକ୍ତି ଦେଇଥିଲେ। ଆମିକସ୍ କ୍ୟୁରି ରଥ ହାଇକୋର୍ଟଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବ ଅନୁସାରେ ଦୁଇଟି ଫର୍ମାଟ ପ୍ରସ୍ତୁତ କରାଯାଇଥିଲା। ଗୋଟିଏ ଫର୍ମାଟରେ ପ୍ରାଥମିକ ବିଦ୍ୟାଳୟରେ କ'ଣ ସବୁ ମୌଳିକ ସୁବିଧା ରହିଛି ସେ ସଂକ୍ରାନ୍ତରେ ଉଲ୍ଲେଖ କରାଯିବ। ଦ୍ୱିତୀୟ ଫର୍ମାଟରେ ପ୍ରତ୍ୟେକ ବିଦ୍ୟାଳୟରେ କେତେ ପିଲା ଆଡ୍‌ମିଶନ କରୁଛନ୍ତି ଏବଂ କେତେ ପିଲା ଅଧାରୁ ପାଠପାଢ଼ା ଛାଡ଼ିଛନ୍ତି ସେନେଇ ସୂଚନା ରହିବ ବୋଲି ଦର୍ଶାଇଥିଲେ। ଏହି ଫର୍ମାଟ୍‌ଦ୍ୱୟକୁ ଆମିକସ୍ କ୍ୟୁରି ପ୍ରଦାନ କରିବା ପରେ ରାଜ୍ୟ ସରକାର ତାହାକୁ ଗ୍ରହଣ କରିଛନ୍ତି।

**ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ 'ଏକ୍ସ' ପୋଷ୍ଟକୁ ନେଇ ଚର୍ଚ୍ଚା**

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଗୁରୁବାର ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରୁ କରିଥିବା ଧାଡ଼ିକିଆ ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତେବେ ସେ ଏହାକୁ କାହା ଉଦ୍ଦେଶ୍ୟରେ ଲେଖିଛନ୍ତି ତାହା ଜଣାପଡ଼ି ନାହିଁ। ସେ ଲେଖିଛନ୍ତି, ପ୍ରଭୁ ଜଗନ୍ନାଥ ସବୁ ସହିବେ କିନ୍ତୁ କାହାର ଗର୍ବ ଅହଙ୍କାର ସହନ୍ତି ନାହିଁ। ରାଜ୍ୟ ସଭା ସଦସ୍ୟଙ୍କ ଏହି ପୋଷ୍ଟକୁ ନେଇ ସୋସିଆଲ ମିଡିଆରେ ଲୋକମାନେ ବିଭିନ୍ନ ପ୍ରତିକ୍ରିୟା ରଖିବାରେ ଲାଗିଛନ୍ତି।


ନୂଆଦିଲ୍ଲୀଠାରେ ଗୁରୁବାର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ।


ନୂଆଦିଲ୍ଲୀଠାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କୁ ସାକ୍ଷାତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ବାହାନା ଖୋଜିବା ବଦଳରେ ସମସ୍ୟା ସମାଧାନ କରୁ ଭାଜପା ସରକାର

## ମହାନଦୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ ବକ୍ତବ୍ୟ ବିଭ୍ରାନ୍ତିକର: ବିଜେଡି

ଭୁବନେଶ୍ୱର,୨୭।୬(ଅନିଲ ଦାସ)

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦେଇଥିବା ବକ୍ତବ୍ୟକୁ ବିଭ୍ରାନ୍ତିକର ଓ ଦୁର୍ଭାଗ୍ୟଜନକ ବୋଲି ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ମହାନଦୀ ଓଡ଼ିଶାର ୧୬ ଜିଲାର ଲୋକଙ୍କ ଜୀବନଧାରା। ହେଲେ ଏହା ଉପରେ ଛତିଶଗଡ଼ ମନମାନି କରିଆସୁଛି। ହୀରାକୁଦର ଉପରମୁଣ୍ଡରେ ଛତିଶଗଡ଼ ସରକାର ଓ ତଳମୁଣ୍ଡରେ ଓଡ଼ିଶା କେତେ ପାଣି ବ୍ୟବହାର କରିବ ଏନେଇ ଉଲ୍ଲେଖ ରହିଛି। ତଥାପି ଛତିଶଗଡ଼ ମହାନଦୀ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରି ବେଆଇନ ଭାବେ କାର୍ଯ୍ୟ କରିଚାଲିଛି। ଛତିଶଗଡ଼ର ବେଆଇନ କାମ ବିରୋଧରେ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଓ ସିଡବ୍ଲ୍ୟୁସିଙ୍କ ନିକଟରେ ବାରମ୍ବାର ଓଡ଼ିଶା ସରକାର ଓ ନବୀନ ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୨୦୧୬ରେ ଦିଲ୍ଲୀରେ ବସିଥିବା ବୈଠକରେ ଛତିଶଗଡ଼ର ବେଆଇନ କାମକୁ ଅଟକାଇବା ପାଇଁ ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ଦାବି ରଖିବା ସତ୍ତ୍ୱେ ମଧ୍ୟ କୌଣସି ନିର୍ଦ୍ଦେଶ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇ ନ ଥିଲା। ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ କେନ୍ଦ୍ର ସରକାର।


ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରତାପ ଜେନା, ଦେବୀ ମିଶ୍ର ଓ ବିଧାୟକ ପ୍ରତାପ କେଶରୀ ଦେବ।

ଛତିଶଗଡ଼ର ଅନଧିକାର ବ୍ୟାରେଜ୍ ନିର୍ମାଣ ବିରୋଧରେ ସମସ୍ତ ଫୋରମ୍‌ରେ ଆଲୋଚନା ପରେ ଯେତେବେଳେ ସୁଫଳ ମିଳିଲାନି, ସେତେବେଳେ ରାଜ୍ୟ ସରକାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଗଠନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶେଷରେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହେଲା। ଏଥିରେ ଓଡ଼ିଶା ପକ୍ଷରୁ ସମସ୍ତ ଦଲିଲ ଉପସ୍ଥାପନ କରାଯାଇ ପକ୍ଷ ରଖାଯାଇଛି।

ଟ୍ରିବ୍ୟୁନାଲର ଅବଧି ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ବଢ଼ାଯାଇଛି। ମହାନଦୀ ପାଇଁ ଓଡ଼ିଶା ନ୍ୟାୟିକ ଲଢ଼େଇ ଲଢ଼ିଛି, ରାସ୍ତାରେ ସଂଗ୍ରାମ କରିଛି। ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ କରିଛି। ହେଲେ କେନ୍ଦ୍ର ନୀରବଦ୍ରଷ୍ଟା ସାଜି ସେତେବେଳେ ଛତିଶଗଡ଼ରେ ଥିବା ଭାଜପା ସରକାରକୁ ସୁହାଇଲା ଭଳି କାର୍ଯ୍ୟ କରିଥିଲା। ମହାନଦୀକୁ ନେଇ ଓଡ଼ିଶା ସରକାର କିଛି କରି ନ ଥିଲେ କହି ଏଭଳି ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରିବା ବଦଳରେ ସମସ୍ୟାର ସମାଧାନ ପାଇଁ ଭାଜପା ସରକାର ଉଦ୍ୟମ କରିବା ଦରକାର। ମହାନଦୀ ପ୍ରସଙ୍ଗରେ ବିଜେଡି ସମ୍ପୂର୍ଣ୍ଣ ସଚେତନ ରହିଛି। ଆଉ ମହାନଦୀ ଅବବାହିକା ଅଧିବାସୀଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଯୋଗଦେଇ ଆଜି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମହାନଦୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟ ଦୁର୍ଭାଗ୍ୟଜନକ। ଡବଲ ଇଞ୍ଜିନ ସରକାରରେ ପ୍ରଗତି ଦୁଇଗୁଣ ହେବ ବୋଲି ନିର୍ବାଚନ ସମୟରେ ଭାଜପା ନେତା କହିଥିଲେ। ଏବେ ମହାନଦୀ ପ୍ରସଙ୍ଗରେ ଟ୍ରିପଲ୍ ଇଞ୍ଜିନ ସରକାର ରହିଛି। କେନ୍ଦ୍ରରେ, ଛତିଶଗଡ଼ରେ, ଓଡ଼ିଶାରେ ସବୁଠି ଭାଜପା ସରକାର। ଏବେ ଆଉ ବାହାନା ଖୋଜିବା ବଦଳରେ ମହାନଦୀ ସମସ୍ୟାର ସମାଧାନ କରାଯାଉ। ରାଜସ୍ୱ ମନ୍ତ୍ରୀଙ୍କୁ ମଧ୍ୟ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଉତ୍ତର ଦେବାକୁ ପଡ଼ିବ, କାରଣ ମହାନଦୀରେ ପାଣି ନ ଆସିବା ଦ୍ୱାରା ସେମାନେ ବି ପ୍ରଭାବିତ ହେଉଛନ୍ତି।

# ଧାରଣାରୁ ଉଠୁନାହାନ୍ତି ଶ୍ରୀୟାସ୍ମିତା



## ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବସିବେ ବୋଲି କହିଲେ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପରକୁ କାଳିମାଡ଼ ଘଟଣାରେ ୬ ବର୍ଷ ଲାଗି ବହିଷ୍କୃତ ହୋଇଥିବା ଶ୍ରୀୟାସ୍ମିତା ପଣ୍ଡା ଏ ପର୍ଯ୍ୟନ୍ତ ତାଙ୍କ ଧାରଣା ଜାରି ରଖିଛନ୍ତି। ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସତ୍ତ୍ୱେ ସେ ତାଙ୍କ ଧାରଣା ପ୍ରତ୍ୟାହୃତ କରିନାହାନ୍ତି। ଗତ ୫ ଦିନ ହେଲା ସେ ଏଭଳି ପ୍ରତିବାଦ କରୁଥିବା ବେଳେ ତାଙ୍କୁ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ସେ ଧାରଣାରୁ ଉଠୁନାହାନ୍ତି। ଶ୍ରୀୟାସ୍ମିତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କୁ ମିଛରେ ଦଳରୁ ବହିଷ୍କାର କରିଦିଆଯାଇଛି। ଯେଉଁମାନେ ପିସିସି ସଭାପତିଙ୍କ ଉପରକୁ କାଳିମାଡ଼ କରିଥିଲେ ସେମାନଙ୍କ ଭିତରେ ସେ ନ ଥିଲେ। ଭିଡିଓ ଯଦି ରହିଛି ତାହାକୁ ଦେଖିଲେ ଜଣାପଡିବ। ପିସିସି ସଭାପତି ମିଛରେ ତାଙ୍କୁ ବହିଷ୍କାର କରିଥିବାରୁ ଏପର୍ଯ୍ୟନ୍ତ ଆସି ଭେଟୁନାହାନ୍ତି। ଏତେଦିନ ହେଲା ଭୋକ, ଉପାସ, ଖରା ଓ ବର୍ଷାରେ ବସିଲିଣି, ହେଲେ କେହି ତାଙ୍କୁ ଯୋଗାଯୋଗ କରୁନାହାନ୍ତି। ତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ଧାରଣାରେ ବସିବେ ବୋଲି କହିଛନ୍ତି।

# ଡାକ୍ତରଙ୍କ ମିଠାକଥା ରୋଗୀପାଇଁ ବଡ଼ ଔଷଧ: ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ



ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ଉତ୍ସବ ସମାରୋହରେ ଅତିଥିମାନେ କଲେଜ ଛାତ୍ର ସଂସଦ ମୁଖପତ୍ର 'ଜେନିସିସ୍'କୁ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର, ୨୭।୬
(ବୀରେନ୍ଦ୍ର କୁମାର ଝାଙ୍କର)

ରୋଗୀଙ୍କୁ ମେଡିକାଲ ଚିକିତ୍ସା ସେବା ସହ ଡାକ୍ତରଙ୍କ ଦୁଇପଦ ମିଠାକଥା ଓ ଭଲ ବ୍ୟବହାର ବଡ଼ ଔଷଧ। ଗୁରୁବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଷଷ୍ଠ ବାର୍ଷିକ ଉତ୍ସବ ସମାରୋହରେ ଏହା କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ, ସେବା ମନୋଭାବ ନେଇ ଡାକ୍ତରମାନେ ଲୋକଙ୍କ ଚିକିତ୍ସା କରିବା ଉପରେ ଜୋର ଦେବା ଆବଶ୍ୟକ। ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ହେଲେ ଅନେକ କିଛି ସମସ୍ୟାର ସମାଧାନ ହୋଇପାରିବ। ଡାକ୍ତରମାନଙ୍କ ଉପରେ ରାଜ୍ୟବାସୀ ଅନେକ କିଛି ଆଶା କରିଥାନ୍ତି। ସରକାର ଏବେ ତୃଣମୂଳସ୍ତରରୁ ଡାକ୍ତରଖାନାଗୁଡ଼ିକରେ ସଂସ୍କାର ଆଣିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏବେ ରାଜ୍ୟରେ ୧୧ଟି ମେଡିକାଲ କଲେଜ ରହିଛି। ଆଉ ତିନୋଟି ମେଡିକାଲ କଲେଜ ତିଆରି ହେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସହିତ ଭାଜପା ସରକାରକୁ ଆସିଲେ ଆମେ ପ୍ରତି ଜିଲା ସଦର ମହକୁମାରେ ଏକ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ରତିଷ୍ଠା କରିବୁ ବୋଲି ସଂକଳ୍ପପତ୍ରରେ ଉଲ୍ଲେଖ କରିଥିଲୁ। ତାହା କିପରି କାର୍ଯ୍ୟକାରୀ କରାଯିବ ସେନେଇ ପଦକ୍ଷେପ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

ସମ୍ମାନିତ ଅତିଥିଭାବେ ଜିଲାପାଳ ଗୌରବ ଶିଭାଜୀ ଇସ୍‌ଲୱାର, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଦ୍ୟାନ୍‌ଦେଓ ଖିଲାରୀ, ଡିନ୍ ତଥା ଅଧ୍ୟକ୍ଷ ଡ. ସ୍ୱୟଂପ୍ରଭା ପ୍ରଧାନ, ଛାତ୍ର ସଂସଦ ସଭାପତି ପ୍ରିୟାଂଶୁ ପଣ୍ଡା ସ୍ୱାଗତ ଓ ସାଧାରଣ ସମ୍ପାଦକ ସରୋଜ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ର ସଂସଦର ମୁଖପତ୍ର 'ଜେନିସିସ୍'କୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର କୃତୀ ଛାତ୍ରୀଛାତ୍ର, କୃତୀ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଶ୍ରେଷ୍ଠ ଛାତ୍ରଙ୍କୁ ସ୍ମୃତିବାସୀ ମେମୋରିଆଲ ଆୱାର୍ଡରେ ୧୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଆୱାର୍ଡ ପ୍ରଦାନ ବେଳେ ଉକ୍ତ ପୁରସ୍କାର ରାଶି ବ୍ୟବସ୍ଥା କରିଥିବା ଡ. ସୁଷମା ମଞ୍ଜରୀ ନାୟକ ଉପସ୍ଥିତ ଥିଲେ।

# ପ୍ରତି ଜିଲାରେ ହେବ ସ୍କିଲ୍ ହବ୍, ବୁଲିବ କୌଶଳ ରଥ

## ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନ, କଲେଜ, ମିଶନ ଶକ୍ତି ପରିସରଭୁକ୍ତ କରାଯିବ: ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର,୨୭।୬(ଅନିଲ ଦାସ)

ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ କେତେକ ପ୍ରଶିକ୍ଷିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୀମିତ ରଖାଯିବ ନାହିଁ। ଏହାକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନଶକ୍ତି ପରିସରଭୁକ୍ତ କରାଯିବ ବୋଲି ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମୀକ୍ଷା କରି ସେ କହିଛନ୍ତି ଯେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ଦକ୍ଷ କରିବା ଆବଶ୍ୟକ। କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ଓଡ଼ିଆ ଯୁବତୀଯୁବକ ସେମାନଙ୍କ ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ହେଉଥିବା ବେଳେ ଯୋଗ୍ୟ ପ୍ରାର୍ଥୀମାନେ କୁଶଳୀହେବା ନିହାତି ଜରୁରୀ। ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ସ୍ଥଳ ବିଶେଷରେ କମ୍ପାନୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉପଯୁକ୍ତ ପ୍ରଶିକ୍ଷକ ଓ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଚୁକ୍ତି କରାଯାଇପାରିବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରି ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ସହ ଯୋଡ଼ିବା ଆବଶ୍ୟକ। କଲେଜଗୁଡ଼ିକରେ ପାଠପଢ଼ା ସମୟରେ ଓ ପାଠପଢ଼ା ସମୟ ବାହାରେ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ। ସେହିପରି ମିଶନଶକ୍ତି ଓ ଆପ୍ରେଣ୍ଟିସିପ୍ ସହ ଦକ୍ଷତା ବିକାଶ ଟ୍ରେନିଂକୁ ଯୋଡ଼ିବାର ଢେର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ କହିଛନ୍ତି। ସମସ୍ତ ଜିଲାର ଉଚ୍ଚଶିକ୍ଷା ଅନୁଷ୍ଠାନରେ ୩୦ଟି ସ୍କିଲ୍ ହବ୍ କରାଯିବ। ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ଦିଆଯିବ। ଜୁଲାଇ ୧୫ରେ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ସବୁ ଜିଲାରେ ୨ଟି କୌଶଳ ରଥ(ସ୍କିଲ୍ ଅନ୍ ହୁଇଲ) ବୁଲିବ। ବୈଠକରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋଶିପ୍ କାର୍ଯ୍ୟକ୍ରମ ଓ ପ୍ରତିଷ୍ଠାନଗୁଡ଼ିକୁ ର୍‍ୟାଙ୍କିଙ୍ଗ୍ ପାଇଁ ଜାତୀୟ ଶୈକ୍ଷିକ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ନିର୍ଦ୍ଦେଶିକା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିସିସି ସଭାପତିଙ୍କ ଇସ୍ତଫା ନେଇ ଦଳରୁ ଉଠିଲା ସ୍ୱର

## ଫଳାଫଳ ବାହାରିବା ପରଦିନ ହିଁ ହାଇକମାଣ୍ଡଙ୍କୁ ଭେଟି ସବୁ ଜଣାଇଛି: ଶରତ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

- ୨୦୧୪ ପରାଜୟ ପରେ ମୁଁ ଇସ୍ତଫା ଦେଇଥିଲି: ଜୟଦେବ
- ନୈତିକତା ଦୃଷ୍ଟିରୁ ସଭାପତି ଇସ୍ତଫା ଦେବା ଦରକାର: ପଞ୍ଚାନନ

୨୦୨୪ ନିର୍ବାଚନରେ କଂଗ୍ରେସ ସେପରି ଆଖିଦୃଶିଆ ପ୍ରଦର୍ଶନ କରିପାରିନାହିଁ। ୨୦୧୯ରେ ଦଳକୁ ୯ଟି ବିଧାନସଭା ଆସନ ମିଳିଥିବା ବେଳେ ୨୦୨୪ରେ ୧୪ଟି ଆସନ ଜିତିଛି। ହେଲେ ରାଜ୍ୟରେ ୨୪ ବର୍ଷ ଧରି ଶାସନ କରିଆସୁଥିବା ବିଜେଡି ସରକାର ବିରୋଧରେ ପରିବର୍ତ୍ତନର ପବନ ପ୍ରବଳ ମାତ୍ରାରେ ବହିଥିବା ବେଳେ ଏହାର ଫାଇଦା କଂଗ୍ରେସ ଉଠାଇପାରି ନାହିଁ। ବିପର୍ଯ୍ୟୟର କାରଣ ନେଇ ଏଯାଏଁ ଦଳ ପକ୍ଷରୁ କୌଣସି ବିଧିବଦ୍ଧ ସମୀକ୍ଷା ବୈଠକ ହୋଇ ନ ଥିବାବେଳେ ପିସିସି ସଭାପତି ଶରତ ପଟ୍ଟନାୟକ ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପଟେ କଂଗ୍ରେସର ଏଭଳି ବିଫଳତା ପରେ ପିସିସି ସଭାପତିଙ୍କୁ ପରିବର୍ତ୍ତନ ନେଇ ଦଳ ଭିତରେ ସ୍ୱର ଉଠିଛି।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ପିସିସି ସଭାପତି ଇସ୍ତଫା ଦେଇଛନ୍ତି ନା ନାହିଁ ସେନେଇ ଜଣାନାହିଁ। ହେଲେ ଦଳର ଏଭଳି ବିପର୍ଯ୍ୟୟ ପରେ ପିସିସି ସଭାପତି ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦେବା ଦରକାର। ଏନେଇ ତାଙ୍କ ମତ ସ୍ପଷ୍ଟ। ନିର୍ବାଚନୀ ବିଫଳତା ନେଇ ତର୍ଜମା କରାଯାଉ ବୋଲି ତାଙ୍କୁ ଏକ ଚିଠି ଲେଖିଥିଲେ ବୋଲି ପଞ୍ଚାନନ କହିଛନ୍ତି। କେଉଁ କାରଣରୁ ଦଳର ବିପର୍ଯ୍ୟୟ ହେଲା ଏବଂ ପରିବର୍ତ୍ତନ ବ୍ୟବସ୍ଥାକୁ କାହିଁକି ଆପଣାଯାଇପାରିଲା ନାହିଁ, ତା'ର ତର୍ଜମାର ଆବଶ୍ୟକତା ଥିବା ନେଇ ସେ ଉଲ୍ଲେଖ କରିଥିଲେ। ଭାଜପା କେଉଁଥିଲାଗି ପରିବର୍ତ୍ତନର ଲାଭ ଉଠାଇପାରିଲା ତାହା ଜଣାପଡ଼ିବା ଦରକାର। ଦିଲ୍ଲୀରୁ ଯେଉଁମାନେ ଆସିଥିଲେ ସେମାନେ ମଧ୍ୟ ଏନେଇ କିଛି ଜାଣିପାରିଲେ ନାହିଁ। ପିସିସି ସଭାପତି ନିଜେ ହାରିଛନ୍ତି। ଯଦି ସଭାପତି ନିଜେ ଜିତିଥାଆନ୍ତେ, ତା'ହେଲେ କିଛି କହି ହୋଇ ନ ଥାଆନ୍ତା। ଶୋଚନୀୟ ଭାବେ ବି ସଭାପତି ହାରିଛନ୍ତି ବୋଲି ପଞ୍ଚାନନ କହିଛନ୍ତି।

ପଞ୍ଚାନନଙ୍କ କଥାରେ ନିଜର ସ୍ୱର ମିଶାଇ ପୂର୍ବତନ ପିସିସି ସଭାପତି ଜୟଦେବ ଯେନା କହିଛନ୍ତି, ୨୦୧୪ରେ କଂଗ୍ରେସ ସରକାର କରିବ ବୋଲି ସେ ଲକ୍ଷ୍ୟ ରଖିଥିଲେ। ଲକ୍ଷ୍ୟ ପୂରଣ ନ ହେବାରୁ ବିବେକ ଦୃଷ୍ଟିରୁ ଇସ୍ତଫା ଦେଇଥିଲେ ବୋଲି ଜୟଦେବ କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନିର୍ବାଚନ ଫଳାଫଳ ବାହାରିବାର ପରଦିନ ହିଁ ହାଇକମାଣ୍ଡଙ୍କୁ ଭେଟି ଆଲୋଚନା କରି ଯାହା କରିବା କଥା କହିସାରିଛନ୍ତି। ୨୦୦୧ରୁ ୨୦୦୪ ଜୁଲାଇ ପର୍ଯ୍ୟନ୍ତ ସେ ପିସିସି ସଭାପତି ଦାୟିତ୍ୱରେ ଥିଲେ। ତା' ପରଠାରୁ କଂଗ୍ରେସ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଆସନ ସଂଖ୍ୟା କମି ଚାଲିଲା। ୨୦୧୯ରେ ୯ଟି ଆସନ ଦଳକୁ ମିଳିଥିଲା। ଏଥର ନିର୍ବାଚନରେ ଦଳର ବିଧାନସଭା ଆସନ ସଂଖ୍ୟା ବଢ଼ିବା ସହ ଗୋଟିଏ ଲୋକ ସଭା ଆସନରେ ଗତଥର ତୁଳନାରେ ଅଧିକ ଭୋଟ୍‌ରେ କଂଗ୍ରେସ ବିଜୟୀ ହୋଇଛି। ବିଜେଡି ୨୪ ବର୍ଷ ଶାସନରେ ଥିବା ସତ୍ତ୍ୱେ ଗୋଟିଏ ବି ଲୋକ ସଭା ଆସନ ଜିତିପାରିଲା ନାହିଁ। କେବେ ହେଲେ ପଦବୀ ପାଇଁ ବ୍ୟସ୍ତ ହୋଇ ନାହାନ୍ତି। ଆଗକୁ ପଞ୍ଚାୟତ, ମ୍ୟୁନିସିପାଲିଟି ଭୋଟ୍ ଅଛି, ତେଣୁ ସମସ୍ତେ ଏକାଠି ହୋଇ ଲଢ଼ିବା ଦରକାର ବୋଲି ଶରତ କହିଛନ୍ତି।

# ବିଜେଡି ଶାସନରେ ଅଣନିଃଶ୍ୱାସୀ ରାଜ୍ୟବାସୀ ଭାଜପାକୁ ଶାସନ ଦେଲେ: ସଜ୍ଜନ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)


ସଜ୍ଜନ ଶର୍ମା

ବିଜେଡି ୨୪ ବର୍ଷ ଧରି ନିରଙ୍କୁଶ ଶାସନରେ ଥିବା ସତ୍ତ୍ୱେ ରାଜ୍ୟର ସାମୂହିକ ସ୍ୱାର୍ଥକୁ ଅଣଦେଖା କରି ଚାଲିଥିଲା। ଫଳସ୍ୱରୂପ ଓଡ଼ିଶାର ବିକାଶ ବାଧାପ୍ରାପ୍ତ ହେଲା। ଦୁର୍ନୀତି, ଭ୍ରଷ୍ଟାଚାରରେ ଲିପ୍ତ ବିଜେଡି ସରକାରର ମନ୍ତ୍ରୀ ଓ ନେତାମାନେ ସ୍ୱର୍ଣ୍ଣଗର୍ଭା ଓଡ଼ିଶାକୁ ଲୁଟ୍ କରିଛନ୍ତି। ବିଜେଡି ଶାସନରେ ଅଣନିଃଶ୍ୱାସୀ ରାଜ୍ୟବାସୀ ପରିବର୍ତ୍ତନ ମୁହାଁ ହୋଇ ଭାଜପାକୁ ଶାସନ ଭାର ଦେଲେ। ବର୍ତ୍ତମାନ ଯେତେବେଳେ ଧୀରେ ଧୀରେ ବିଜେଡି ନେତା ଓ ମନ୍ତ୍ରୀଙ୍କ ଅସଲ ମୁଖା ସାମ୍ନାକୁ ଆସୁଛି, ବିବ୍ରତ ହୋଇ ବିଜେଡିର ନେତାମାନେ ଗଣମାଧ୍ୟମକୁ ପୁଣି ଥରେ ବିଭ୍ରାନ୍ତ ବକ୍ତବ୍ୟ ଦେଇ ଖସିଯିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ସଜ୍ଜନ କହିଛନ୍ତି, ଦୀର୍ଘ ବର୍ଷ ଧରି ବିଜେଡି ସରକାର ଶୋଇ ରହିଥିଲା। ଦୂରଦୃଷ୍ଟି ଅଭାବରୁ ବିଜେଡି ସରକାର ହୀରାକୁଦ ନଦୀବନ୍ଧର ତଳଭାଗରେ ଗୋଟିଏ ହେଲେ ବନ୍ଧ ନିର୍ମାଣ କରିପାରିଲେ ନାହିଁ। କେବଳ ମହାନଦୀ ନୁହେଁ, ରାଜ୍ୟର କୌଣସି ଗୋଟିଏ ନଦୀରେ ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ କରିପାରିଲେ ନାହିଁ। ଜଳସେଚନ, ଜଳ ସଂରକ୍ଷଣ ପାଇଁ ଆସିଥିବା ଲକ୍ଷାଧିକ କୋଟି ଟଙ୍କା ବାଟମାରଣା କରାଗଲା। ସବୁଜ ମହାନଦୀ ବାବଦରେ ବନୀକରଣ ପାଇଁ ଆସିଥିବା ଶତାଧିକ କୋଟି ଟଙ୍କାକୁ ଚଳୁ କରିଦେଇଛନ୍ତି। ନବୀନବାବୁ ନିଜେ ଆଲୋଚନାରୁ ଦୂରେଇ ଯାଇ ଟ୍ରିବ୍ୟୁନାଲକୁ ଯାଇଛନ୍ତି, ଭାଜପା ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସଜ୍ଜନ କହିଛନ୍ତି।

"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ଇରାନ ନିର୍ବାଚନ ଓ ମଧ୍ୟପ୍ରାଚ୍ୟର ଶାନ୍ତି



ବ୍ରୁସ୍ ଆକେରମ୍ୟାନ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ସଂସଦ ଭଙ୍ଗକରିବା ପରେ ଏହି ରବିବାର ସେଠାରେ ନିର୍ବାଚନ ହେଉଛି। ଅତି ଶୀଘ୍ର ହେଉଥିବା ଉକ୍ତ ନିର୍ବାଚନ ଆଉ ଏକ ସମ୍ଭାବ୍ୟ ରାଜନୈତିକ ଭୂକମ୍ପରୁ ବିଶ୍ୱର ଧ୍ୟାନ ହଟାଇନେବ । ସେହି ରାଜନୈତିକ ଘଟଣାଟି ହେଉଛି, ଇରାନର ରାଷ୍ଟ୍ରପତି ନିର୍ବାଚନ। ଶୁକ୍ରବାର( ଆଜି) ହେଉଥିବା ନିର୍ବାଚନରେ ଭୋଟରମାନେ ଭୋଟ ଦେଉଛନ୍ତି। ଗତ ମାସରେ ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ମୃତ୍ୟୁ ହେବା ପରେ ଏହି ପଦବୀ ଖାଲି ରହିଥିଲା। ଇସ୍‌ଲାମିକ ରିପବ୍ଲିକ୍‌ର ସର୍ବୋଚ୍ଚ ନେତା ଅଲି ଖାମେନେଇ ପାଶ୍ଚାତ୍ୟର କଡ଼ା ବିରୋଧୀ ଏବଂ ତାଙ୍କ ବିଶ୍ୱସ୍ତ ଅନୁଗାମୀ ରଇସି ୨୦୨୧ ରେ ନିର୍ବାଚନ ଜିତିଥିଲେ। ଏଣୁ ଏହି ନିର୍ବାଚନରେ ଖାମେନେଇ ଅନିୟମିତତା କରିବେ ନାହିଁ ତ , ଯାହା ଆଉ ଜଣେ ଚରମ କଟରପନ୍ଥୀଙ୍କ ବିଜୟକୁ ନିଶ୍ଚିତ କରିବ ? ନା, ଏହା ଏତେ ଶୀଘ୍ର ହେବ ନାହିଁ। ଇରାନ ରାଜନୀତିରେ ରଇସିଙ୍କ ଉତ୍ଥାନ ଏବଂ ପତନର ୩ ବର୍ଷ ମଧ୍ୟରେ ଏକ ନିର୍ଣ୍ଣାୟକ ମୋଡ଼ ନେଇଛି। ଇରାନର ସମ୍ବିଧାନ ଅନୁଯାୟୀ, ନିର୍ବାଚନ ଲଢ଼ିବା ପୂର୍ବରୁ ଧର୍ମୀୟ ଆଭିଜାତ୍ୟ ବର୍ଗଙ୍କ ପ୍ରାଧାନ୍ୟ ଥିବା କାଉନସିଲ ଅଫ୍ ଗାର୍ଡିଅନ (ସାମ୍ବିଧାନିକ ବୈଧତାପ୍ରାପ୍ତ ତଥା ନିଯୁକ୍ତ ୧୨ ଜଣିଆ ସଦସ୍ୟ ବିଶିଷ୍ଟ ପରିଷଦ)ଦ୍ୱାରା ପ୍ରାର୍ଥୀମାନେ ଅନୁମୋଦିତ ହେବା ଆବଶ୍ୟକ।

୨୦୨୧ରେ ଖାମେନେଇଙ୍କ ଯୁଦ୍ଧଖୋର ପାଶ୍ଚାତ୍ୟ ବିରୋଧୀ ମନୋଭାବକୁ ଦୃଢ଼ ବିରୋଧ କରୁଥିବା ନେତାଙ୍କୁ ନିର୍ବାଚନରେ ସ୍ଥାନ ଦେବାକୁ ପରିଷଦ ଅଗ୍ରାହ୍ୟ କରିବାରୁ ରଇସି ବିଜୟୀ ହୋଇଥିଲେ। କିନ୍ତୁ ଏଥର ଜନ ଆନ୍ଦୋଳନ ବଢ଼ିବାରୁ ଖାମେନେଇଙ୍କର ଜଣେ ବଡ଼ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିର୍ବାଚନରେ ଭାଗନେବା ପାଇଁ ଅନୁମତି ଦେବାକୁ ପରିଷଦ ବାଧହେଲା। ତାହା ପୁଣି ସର୍ତ୍ତରେ, ଯେଉଁଥିରେ ରହିଛି ସେ ଜିତିଲେ ପାଶ୍ଚାତ୍ୟ ସମର୍ଥନ ନୀତିରେ ପରିବର୍ତ୍ତନ କରିବେ। ଏହାର ପରିଣାମ ସ୍ୱରୂପ ଯଦି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ଚତୁରତାର ସହ କାମକରେ ତେବେ ଜଣେ ଇରାନର ଶାନ୍ତି ପ୍ରତିଷ୍ଠାକାରୀଙ୍କ ବିଜୟ ପାଇଁ ପଥ ପରିଷ୍କାର ହୋଇପାରେ। ବିଶ୍ୱାସ କରନ୍ତୁ କି ନା, ଏହି ବିଜୟ ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପାଇଁ ଆଣିବାର ସମ୍ଭାବନା ରହିଛି। ଏକ ଦୁର୍ବଳ ଅସ୍ତ୍ରବିରତି ଚୁକ୍ତିନାମା କରିବା ପରିବର୍ତ୍ତେ ଯଦି ଏହା ଘଟେ, ତେବେ ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏକ ବହୁପକ୍ଷୀୟ ବ୍ୟବସ୍ଥା ଗଢ଼ିବା ଆରମ୍ଭ କରିପାରନ୍ତି, ଯେଉଁଥିରେ ଆମେରିକା ଏବଂ ଇରାନ ସାମରିକ ଗ୍ୟାରେଣ୍ଟର ଭାବେ ଇସ୍ରାଏଲୀ ଓ ପାଲେଷ୍ଟିନୀୟଙ୍କ ସମାଧାନ ପାଇଁ କାର୍ଯ୍ୟ କରିବେ।

ଏହା କିପରି ଘଟିବ, ତାହା ଦେଖିବାକୁ ୨୦୨୧କୁ ଫେରିଯିବାକୁ ପଡ଼ିବ ଏବଂ ବ୍ୟାପକ ପ୍ରତିବାଦ ଉପରେ ଗାର୍ଡିଆନ କାଉସିଲ କିପରି କଟକଣା ଲଗାଇଥିଲା ତାହା ଉପରେ ବିଚାର କରିବାକୁ ହେବ। ପ୍ରତିଦ୍ୱନ୍ଦ୍ୱୀ କଟରପନ୍ଥୀଙ୍କ ବିରୋଧରେ ରଇସି ସହଜ ବିଜୟ ହାସଲ କରିବାର କାରଣ ଥିଲା ଇରାନର ଅଧିକାଂଶ ଭୋଟର ଭୋଟ ଦେବାକୁ ମନା



କରିଦେଇଥିଲେ। ଇରାନର ୫୯ ମିଲିୟନ ଭୋଟରଙ୍କ ମଧ୍ୟରୁ କେବଳ ୪୯% ଭୋଟ ଦେଇଥିଲେ। କିନ୍ତୁ ୪ ବର୍ଷ ପୂର୍ବେ ହୋଇଥିବା ନିର୍ବାଚନରେ ଭୋଟ ହାର ୭୦% ଥିଲା । ଏଭଳି ଉଦ୍ଦେଶ୍ୟମୂଳକ ଭୋଟ ବର୍ଜନ ତୃଣମୂଳ ସ୍ତରରେ ସକ୍ରିୟତା ସୃଷ୍ଟି କରିଥିଲା। ୨୦୨୨ର ଶେଷ ଆଡ଼କୁ ସ୍ଥିତି ଏକ ମୋଡ଼ ନେଇଥିଲା, ଯେତେବେଳେ ମହସା ଅମିନୀ ନାମ୍ନୀ ଯୁବତୀ ସର୍ବସାଧାରଣରେ ବୁର୍ଖା ପିନ୍ଧି ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିଲା ଏବଂ ୩ ଦିନ ପରେ ପୋଲିସ ହେପାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଦେଖାଦେଲା । ଫଳରେ ସରକାର ଗଣମାଧ୍ୟମ ଉପରେ କଟକଣା ଲଗାଇଥିଲେ। ଲୁହବୁହା ବାଷ୍ପ ଏବଂ ଗୁଳିରେ ଅନେକ ଶହ ପ୍ରଦର୍ଶନକାରୀଙ୍କର ମୃତ୍ୟୁ ଘଟିଥିଲା। ନିଷ୍ଠୁର ଦମନ ସତ୍ତ୍ୱେ ଛାତ୍ର ଓ ଶ୍ରମିକମାନେ ରଇସିଙ୍କ ଉଗ୍ରବାଦ ବିରୋଧରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ଜାରି ରଖିଥିଲେ।

ରଇସିଙ୍କ ମୃତ୍ୟୁ ଆଉ ଏକ ବିରୋଧର ପର୍ଯ୍ୟାୟ ସୃଷ୍ଟି କରିଥିଲା। ବିରୋଧୀ ଆନ୍ଦୋଳନରେ ଦାବି କରିଥିଲା ଯେ, ୨୦୨୧ ତୁଳନାରେ ଏହାର କେତେଜଣ ନେତାଙ୍କୁ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର କରିବାକୁ ଅନୁମତି ଦିଆଯାଉ । ଅନ୍ୟଥା ସେମାନେ ବ୍ୟାପକ ଭାବେ ରାସ୍ତାରେ ପ୍ରଦର୍ଶନ କରିବେ ଯାହା ଦେଶକୁ ଗୃହଯୁଦ୍ଧରେ ପରିଣତ କରିବ। ଗାର୍ଡିଆନମାନେ ଏହି ଦାବିକୁ ମାନିନେଲେ। ନିର୍ବାଚନରେ ଭାଗନେବାକୁ ସେମାନେ ୫ ଜଣ କଟରପନ୍ଥୀଙ୍କ ପ୍ରାର୍ଥିତ୍ୱକୁ ଅନୁମୋଦନ କରିଥିବା ବେଳେ ସେମାନେ ମାସୁଦ ପେଜେଶ୍‌କିଆନଙ୍କ ନାମ ବାଲଟରେ ରଖିବାକୁ ଅନୁମତି ଦେଇଥିଲେ। ପେଜେଶ୍‌କିଆନ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ଚମତ୍କାର ଭାବେ ପ୍ରତିନିଧିତ୍ୱ କରନ୍ତି । ସେ ମେଡିକାଲ ସ୍କୁଲରେ ପଢ଼ି ହୃଦ୍‌ରୋଗ ସର୍ଜନ ହୋଇଥିଲେ ଏବଂ ତାବ୍ରିଜ୍‌ରେ ମେଡିକାଲ ସାଇନ୍ସ ୟୁନିଭର୍ସିଟିର ସଭାପତି ଭାବରେ ୫ ବର୍ଷ କାର୍ଯ୍ୟ କରିଥିଲେ। ୨୦୦୧ରୁ ୨୦୦୫ ମଧ୍ୟରେ ସେ ଇରାନର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ ଏବଂ ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ସଂସଦର ପ୍ରଥମ ଉପ ବାଚସ୍ପତି ଭାବରେ କାର୍ଯ୍ୟ କରିଥିଲେ।

ଅଳ୍ପ କେତେଜଣ ଇରାନୀୟ କ୍ୟାରିୟରରେ ଶିକ୍ଷାଗତ, ଅମଲାତାନ୍ତ୍ରିକ ଏବଂ ରାଜନୈତିକ ସଫଳତାକୁ ଏହିପରି ଭାବେ ଚମତ୍କାର ଢଙ୍ଗରେ ଯୋଡ଼ିଛନ୍ତି। ବଡ଼ କଥା ହେଉଛି, ପେଜେଶ୍‌କିଆନ ୨୦୨୨ରେ ଅମିନୀଙ୍କ ମୃତ୍ୟୁ ପରେ ତତ୍‌କ୍ଷଣାତ ପୋଲିସର ପଦକ୍ଷେପକୁ ଭୁଲ୍ କହି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେହି ସମୟରେ ରଇସି ଏହାର ଉତ୍ତର ଦେବେ ନା ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବେ ତାହା ସେ ଜାଣିପାରିଲେ ନାହିଁ, ଯେଉଁଥିପାଇଁ ଅନ୍ୟ ପ୍ରତିଷ୍ଠିତ ଇରାନୀୟମାନେ ଏହା ଉପରେ ମୁହଁ ଖୋଲି ନ ଥିଲେ। ୫ଜଣ କଟରପନ୍ଥୀଙ୍କୁ ନିର୍ବାଚନରେ ଭାଗନେବାକୁ ଅନୁମତି ଦେବା ପାଇଁ ଗାର୍ଡିଆନଙ୍କ ନିଷ୍ପତ୍ତି କେବଳ ପେଜେଶ୍‌କିଆନଙ୍କ ସମ୍ଭାବନାକୁ ବଢ଼ାଇବ। ବାସ୍ତବରେ, ବିଭାଜିତ ଧର୍ମୀୟ ଭୋଟ ଯୋଗୁ ଜଣେ ଶିକ୍ଷାବିତ ବଡ଼ ଧରଣର ବିଜୟ ହାସଲ କରିପାରନ୍ତି। ଯଦି ପେଜେଶ୍‌କିଆନ ଜିତନ୍ତି, ତେବେ ତୀବ୍ର ବିରୋଧୀ ଭାବେ ଜଣାଶୁଣା ଇରାନ ପ୍ରତି ଆମେରିକାର ଦୀର୍ଘଦିନର ଦୃଷ୍ଟିକୋଣରେ ଏକ ନାଟକୀୟ ପରିବର୍ତ୍ତନ ହେବ, ଯାହା ଗଠନମୂଳକ କାର୍ଯ୍ୟ ପାଇଁ ଜରୁରୀ।

ଏଭଳି ଏକ ପରିବର୍ତ୍ତନ ପାଇଁ ବ୍ଲିଙ୍କେନ୍‌ଙ୍କ ତ୍ୱରିତ ବିଚାର ସ୍ୱାଗତଯୋଗ୍ୟ। ତେବେ ମଧ୍ୟପ୍ରାଚ୍ୟରେ ତାଙ୍କର ଲଗାତର କୂଟନୈତିକ ମଧ୍ୟସ୍ଥତାରୁ ବୁଝାପଡୁଛି ଯେ, ସେ ସହଜରେ ଇରାନୀୟ ବୁଝାମଣାକାରୀଙ୍କ ନିକଟତର ହୋଇପାରିବେ।

ବ୍ଲିଙ୍କେନ୍‌ଙ୍କ ରିପୋର୍ଟକୁ ଗମ୍ଭୀରତାର ସହ ବାଇଡେନ୍ ଗ୍ରହଣ କରିବାକୁ ଆଗ୍ରହୀ ହେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ଆମେରିକୀୟ ଇହୁଦୀ ସମ୍ପ୍ରଦାୟରେ ବିଭାଜନ ଏବଂ ଆରବ–ଆମେରିକୀୟମାନେ ବାଇଡେନ୍‌ଙ୍କ ପ୍ରାର୍ଥିତ୍ୱକୁ ବିରୋଧ ହିଁ ପୁନଃ ନିର୍ବାଚିତ ହେବାରେ ତାଙ୍କ ପାଇଁ ବଡ଼ ବିପଦ। ଜୁଲାଇ ୨୪ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ୱାଶିଂଟନରେ କଂଗ୍ରେସର ମିଳିତ ଅଧିବେଶନରେ ଯୋଗଦେବାକୁ ପହଞ୍ଚିବା ପରେ ଏହି ବିପଦ ଆହୁରି ବଢ଼ିବ। ସେହି ସମୟରେ ବାଇଡେନ୍ ନେତାନ୍ୟାହୁଙ୍କୁ ଇରାନ ସହ ବହୁପକ୍ଷୀୟ ଆଲୋଚନାରେ ଯୋଗଦେବାକୁ ଆମନ୍ତ୍ରଣ କରିବାର ସ୍ଥିତିରେ ରହିପାରନ୍ତି। ଏଭଳି ପରିସ୍ଥିତି ଆଣବିକ ବିସ୍ତାର ଏବଂ ମଧ୍ୟପ୍ରାଚ୍ୟରେ ବ୍ୟାପକ ଯୁଦ୍ଧକୁ ନାଟକୀୟ ଭାବରେ ହ୍ରାସ କରିବା ସହ ୨ ଦେଶ ସମାଧାନ ପାଇଁ ରାସ୍ତା ମଧ୍ୟ ପ୍ରସ୍ତୁତ କରିବେ ଯାହା ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନକୁ ଶାନ୍ତିରେ ରହିବାକୁ ଅନୁମତି ଦେବ।

ରଇସିଙ୍କ ମୃତ୍ୟୁ ଏକ ବିରଳ ସୁଯୋଗକୁ ପ୍ରତିପାଦିତ କରେ ଯେଉଁଥିରେ ଦୀର୍ଘଦିନ ଧରି ଶତ୍ରୁ ଭାବେ ରହିଥିବା ରାଜନୈତିକ ନେତାମାନଙ୍କୁ ଏକ ନୂତନ କୂଟନୈତିକ ଯୁଗ ଆରମ୍ଭ କରିବା ପାଇଁ ଅଧିକ ପ୍ରେରିତ କରିଛି। କିନ୍ତୁ ବାଇଡେନ୍ ନିଶ୍ଚିତ ଭାବରେ ଏହି ମୁହୂର୍ତ୍ତକୁ ହାତେଇବା ଦରକାର। ଯଦି ସେ ପେଜେଶ୍‌କିଆନଙ୍କୁ ଶତ୍ରୁ ଭାବେ ଦେଖନ୍ତି, ତେବେ ଖାମେନେଇ ନିଶ୍ଚିତ ଭାବେ ନୂତନ ରାଷ୍ଟ୍ରପତିଙ୍କ ଲୋକପ୍ରିୟ ସ୍ଥିତିକୁ ନଷ୍ଟ କରିବାରେ ସମର୍ଥ ହେବେ ଏବଂ ପରବର୍ତ୍ତୀ ସମୟରେ ଭୋଟରଙ୍କୁ ତାଙ୍କର ଜ୍ଞାନ ବା ଶିକ୍ଷାଗତ ଦୃଷ୍ଟିକୋଣକୁ ପ୍ରତ୍ୟାଖ୍ୟାନ କରିବାକୁ ବୁଝାଇବାରେ ସମର୍ଥ ହେବେ। ସାମ୍ପ୍ରତିକ ଇତିହାସରେ ଏହା ପ୍ରଥମ ଥର ନୁହେଁ, ମଧ୍ୟପ୍ରାଚ୍ୟର ଭବିଷ୍ୟତ ନିର୍ଣ୍ଣୟ କରିବାରେ ହ୍ୱାଇଟ ହାଉସରେ ଅନେକ ତ୍ୱରିତ ନିଷ୍ପତ୍ତି ନିଆଯାଇଛି। ସେଥିମଧ୍ୟରୁ କେତେକ ମଧ୍ୟପ୍ରାଚ୍ୟରେ ଅନେକ ବର୍ଷ ଧରି ତିକ୍ତ ସଂଘର୍ଷ ସୃଷ୍ଟି କରିଛି। ତେବେ ଏବକାର ନିଷ୍ପତ୍ତି ଏହା ଆଗାମୀ ଦଶନ୍ଧି ଲାଗି ଶାନ୍ତିପୂର୍ଣ୍ଣ ସହଭାଗିତା ପାଇଁ ଏକ ପଥ ଦେଖାଇପାରେ

**ଷ୍ଟେର୍ଲିଂ ପ୍ରଫେସର, ଲ ଆଣ୍ଡ ପଲିଟିକାଲ ସାଇନ୍ସ, ୟେଲ୍ ୟୁନିଭର୍ସିଟି, ଆମେରିକା**

# ଅପଚୟରୁ ଅଭାବ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ କୋଟି କୋଟି ଲୋକ ଦିନକୁ ଦୁଇଓଳି ଖାଇବାକୁ ପାଆନ୍ତି ନାହିଁ। 'ଗ୍ଲୋବାଲ ହଙ୍ଗର୍ ଇଣ୍ଡେକ୍ସ ୨୦୨୩ ଅନୁଯାୟୀ, ଭାରତରେ କ୍ଷୁଧା ସ୍ତର ଗୁରୁତର । ନିକଟରେ 'ଖାଦ୍ୟ' ସମ୍ବନ୍ଧୀୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ମିଳିତ ଜାତିସଂଘରୁ ଆସିଥିଲା। ଗୋଟିଏ ଖାଦ୍ୟ ଅପଚୟ ଏବଂ ଅନ୍ୟଟି ଖାଦ୍ୟ ଅଭାବ ଏବଂ ଅନାହାର ସହିତ ଜଡିତ। ସୂଚନାଯୋଗ୍ୟ ଯେ ମିଳିତ ଜାତିସଂଘ ପ୍ରଥମେ ଖାଦ୍ୟ ଅପଚୟ ବିଷୟରେ ରିପୋର୍ଟ ପ୍ରକାଶ କରିଥିଲା ଏବଂ ପରେ ଖାଦ୍ୟ ଅଭାବ ରିପୋର୍ଟ। ଏହି ରିପୋର୍ଟଗୁଡିକର ଆଗ ପଛ ହେବା କାରଣ କେବଳ କିଛି ବୈଷୟିକ ତ୍ରୁଟି କିମ୍ବା ସେମାନଙ୍କୁ ପ୍ରସ୍ତୁତ କରୁଥିବା କମିଟିର କାର୍ଯ୍ୟକାରିତା ହୋଇପାରେ, କିନ୍ତୁ ଏହା ସତ୍ୟ ଯେ ଖାଦ୍ୟର ଅଭାବ ଖାଦ୍ୟ ଅପଚୟ ସହିତ ଜଡିତ। ଯଦିଓ ଖାଦ୍ୟ ଅଭାବ ପାଇଁ ଅନ୍ୟାନ୍ୟ ଅନେକ କାରଣ ଥାଇପାରେ, କିନ୍ତୁ ଏହି ସମସ୍ୟା ଖାଦ୍ୟ ନଷ୍ଟରୁ ଆରମ୍ଭ ହୁଏ। ତେଣୁ, ଯଦି ଖାଦ୍ୟ ଅପଚୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ, ତେବେ ଖାଦ୍ୟ ଅଭାବ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ। ଚଳିତ ବର୍ଷ ଏପ୍ରିଲ ଶେଷରେ ମିଳିତ ଜାତିସଂଘର 'ଖାଦ୍ୟ ସଙ୍କଟ ଗ୍ଲୋବାଲ ରିପୋର୍ଟ' ଅନୁଯାୟୀ ବିଶ୍ୱର ମୋଟ ୫୯ ଦେଶର ପ୍ରାୟ ୨୮.୨ କୋଟି ଲୋକ ଭୋକରେ ରହିବାକୁ ବାଧ୍ୟ ହେଉଛନ୍ତି। ତଥ୍ୟ ଅନୁଯାୟୀ ଯୁଦ୍ଧ ପାଇଁ ଏବଂ ସୁଦାନରେ ଖାଦ୍ୟ ଅଭାବରୁ ୨୦୨୨ ମସିହାରେ ୨.୪ କୋଟିରୁ ଅଧିକ ଲୋକ ଭୋକରେ ରହିଥିଲେ ।

ସୂଚନାଯୋଗ୍ୟ ଯେ ମିଳିତ ଜାତିସଂଘ ୨୦୧୬ରେ ପ୍ରଥମେ ଖାଦ୍ୟ ଅଭାବ ସମ୍ପର୍କରେ ରିପୋର୍ଟ ଦେବା ଆରମ୍ଭ କରିଥିଲା। ଚିନ୍ତାର ବିଷୟ ହେଉଛି, ପ୍ରଥମ ରିପୋର୍ଟ ତୁଳନାରେ ସର୍ବଶେଷ ରିପୋର୍ଟରେ ଭୋକିଲା ଲୋକଙ୍କ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଆହୁରି ମଧ୍ୟ, ଖାଦ୍ୟ ସାମଗ୍ରୀର ଅଭାବ ହେତୁ ଭୋକରେ ପୀଡିତଙ୍କ ସଂଖ୍ୟା ଆଜି ସର୍ବାଧିକ। ଏହାର କାରଣ ଦାରିଦ୍ର୍ୟତା ଏବଂ ବେକାରି ମଧ୍ୟ ହୋଇପାରେ। କ୍ଷୁଧା ସମସ୍ୟାକୁ ବିଶ୍ଳେଷଣ କରୁଥିବା ବିଶେଷଜ୍ଞମାନେ କ୍ଷୁଧାକୁ ବୁଝିବା ପାଇଁ ଏକ ସ୍କେଲ ନିର୍ଦ୍ଧାରଣ କରିଛନ୍ତି। ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ଅର୍ଥନୀତିଜ୍ଞ ମ୍ୟାକ୍ସିମୋଟୋରେରିଙ୍କ ଅନୁଯାୟୀ ଏହାର ମୋଟ ପାଞ୍ଚଟି ପର୍ଯ୍ୟାୟ ଅଛି। ଏଥିମଧ୍ୟରୁ ଅଧିକ ଭୋକରେ ପୀଡିତ ଲୋକଙ୍କୁ ପଞ୍ଚମ ପର୍ଯ୍ୟାୟରେ ରଖାଯାଇଛି, ଯେଉଁଥିରେ ଭାରତ ସମେତ ପାଞ୍ଚଟି ଦେଶରୁ ୭୦ଲକ୍ଷ ୫ହଜାର ଲୋକ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏଥିମଧ୍ୟରୁ ୮୦% ଅର୍ଥାତ୍ ୫୭ ଲକ୍ଷ ୭ ହଜାର ଲୋକ କେବଳ ଯୁଦ୍ଧ ପୀଡିତ ଅଞ୍ଚଳର ଅଛନ୍ତି। 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ୨୦୨୩ ଅନୁଯାୟୀ, ଭୋକରେ ପୀଡିତ ୧୨୫ ଦେଶ ତାଲିକାରେ ଭାରତ ୧୧୧ ତମ ସ୍ଥାନରେ ରହିଛି। ଏକବିଂଶ ଶତାବ୍ଦୀରେ ପହଞ୍ଚିବା ପରେ ମଧ୍ୟ ଆମ ଦେଶ ଭୋକରେ ପୀଡିତ ଲୋକମାନଙ୍କ ଏକ ଦେଶ ଭାବରେ ପରିଚିତ।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ପି) ର ଖାଦ୍ୟ ବର୍ଜ୍ୟବସ୍ତୁ ସୂଚକାଙ୍କ ୨୦୨୪ର ମାର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ପ୍ରତିଦିନ ଭୋକିଲା ଶୋଇବାକୁ ଯାଉଥିବା ଲୋକଙ୍କ ଅପେକ୍ଷା ବିଶ୍ୱରେ ଅଧିକ ଖାଦ୍ୟ ଶସ୍ୟ ନଷ୍ଟ ହେଉଛି, ଯେଉଁଥିରେ ହୋଟେଲ, ରେଷ୍ଟୁରାଣ୍ଟ, ବିବାହ ବ୍ରତ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁଠୁ ବଡ଼ ଭୂମିକା ଗ୍ରହଣ କରନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୨ରେ ସର୍ବଭାରତୀୟ ସ୍ତରରେ ମୋଟ ଶସ୍ୟ ଉତ୍ପାଦନର ୧୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୧. ୦୫ବିଲିୟନ ଟନ ଶସ୍ୟ ନଷ୍ଟ ହୋଇଯାଇଥିଲା। ତଥ୍ୟ କୁହେ, ଶସ୍ୟ କ୍ଷେତରୁ ଖାଇବା ଥାଳି ପର୍ଯ୍ୟନ୍ତ ପହଞ୍ଚିବା ମଧ୍ୟରେ ୧୩ %ଶସ୍ୟ ନଷ୍ଟ ହୋଇଯାଏ।

ମିଳିତ ଜାତିସଂଘ ୨୦୩୦ ସୁଦ୍ଧା ଖାଦ୍ୟ ଅପଚୟ ଅଧା ହ୍ରାସ କରିବାକୁ ପ୍ରୟାସ କରୁଛନ୍ତି। କୁହାଯାଇଛି ଯେ ଯଦି ଶସ୍ୟର ଅପଚୟ ବନ୍ଦ ହୋଇଯାଏ ତେବେ ଦୁନିଆରୁ କ୍ଷୁଧା ଦୂର ହୋଇପାରିବ, କାରଣ ବର୍ତ୍ତମାନ ବିଶ୍ୱର ୭୮.୩ କୋଟି ଲୋକ ପ୍ରତିଦିନ ଭୋକର ସମ୍ମୁଖୀନ ହେଉଥିବାବେଳେ ଏକ ବିଲିୟନ ଲୋକଙ୍କ ଖାଦ୍ୟ ନଷ୍ଟ ହେଉଛି। ସୂଚନାନୁଯାୟୀ ପ୍ରତିବର୍ଷ ପ୍ରତ୍ୟେକ ବ୍ୟକ୍ତି ପ୍ରାୟ ୭୯ କିଲୋଗ୍ରାମ ଖାଦ୍ୟ ନଷ୍ଟ କରନ୍ତି, ଯାହା ପ୍ରତିଦିନ ବିଶ୍ୱରେ ଅତି କମ୍‌ରେ ଏକ ବିଲିୟନ ଲୋକଙ୍କ ଖାଦ୍ୟର ପ୍ଲେଟ ସହିତ ସମାନ। ଖାଦ୍ୟ ଅପଚୟ ହେଉଛି ଏକ ବିଶ୍ୱସ୍ତରୀୟ ଦୁଃଖଦ ଘଟଣା ଯାହାକୁ ରୋକିବା ଆବଶ୍ୟକ। ଏହି ସମସ୍ୟା କେବଳ ବିଶ୍ୱ ଅର୍ଥନୀତିରେ ନକାରାତ୍ମକ ପ୍ରଭାବ ପକାଏ ନାହିଁ ବରଂ ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତା ନଷ୍ଟ ପାଇଁ ମଧ୍ୟ ଦାୟୀ।

ମୋ: ୯୪୩୭୬୪୨୯୪୭

## ଏଇ ଭାରତରେ

ବ୍ୟକ୍ତିଗତ ଚେଷ୍ଟାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ଏକ ଜଳ ବିଶୁଦ୍ଧୀକରଣ ଟେକ୍‌ନୋଲୋଜି ବିକାଶ କରିଛନ୍ତି ମହାରାଷ୍ଟ୍ରର ଅଭିଜିତ ଗଣ। ଏହା ଦ୍ୱାରା ଗାଁଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଅନେକାଂଶରେ ସମାଧାନ ହେବା ସହ ଗମ୍ଭୀର ଫ୍ଲୋରୋସିସ୍ ରୋଗ ଦୂର ହୋଇପାରୁଛି। ଏହି କାର୍ଯ୍ୟରେ ଅଭିଜତି ଏକ ଟିମ୍‌କୁ ନିୟୋଜିତ କରିଛନ୍ତି। ସେମାନେ 'ରାଇଟ ୱାଟର ସଲ୍ୟୁଶନ' ଅଭିଯାନ ମାଧ୍ୟମରେ ମହାରାଷ୍ଟ୍ର ସମେତ ଦେଶରେ ମୋଟ ୫,୨୦୦ ପ୍ଲାଣ୍ଟ ସ୍ଥାପନ କରି ସାରିଲେଣି। ଫଳରେ ପ୍ରତିଦିନ ୧୦ ମିଲିୟନ ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ବହୁ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ପାଣି ପାଇଁ ଆଉ ଦୂରକୁ ଯିବାକୁ ପଡୁନାହିଁ। ଅଭିଜିତ ମହାରାଷ୍ଟ୍ର ସରାକରଙ୍କ ଅନୁରୋଧ କ୍ରମରେ ଡୋଙ୍ଗରଗାଁଓରେ ପ୍ରଥମ ପ୍ଲାଣ୍ଟ ସ୍ଥାପନ କରିଥିଲେ ଏବଂ ଏବେ ସେହି ରାଜ୍ୟରେ ୫୦ଟି ପ୍ଲାଣ୍ଟ ବସାଇ ସାରିଲେଣି। ସେ ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ ଓ କର୍ନାଟକରେ ଆଗାମୀ ଦୁଇ ବର୍ଷ ମଧ୍ୟରେ ୨୫,୦୦୦ ଗାଁରେ ସ୍ୱଚ୍ଛ ଜଳ ପାଇଁ ପ୍ଲାଣ୍ଟ ବସାଇବା ପାଇଁ ଯୋଜନା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତାରେ ଏହି କାର୍ଯ୍ୟ ସମ୍ପନ୍ନ ହେଲେ ଦିନକୁ ୧.୫ ବିଲିୟନ ଲିଟର ପାନୀୟ ଜଳ ଲୋକଙ୍କୁ ଯୋଗାଯାଇପାରିବ ବୋଲି କହିଛନ୍ତି ଅଭିଜିତ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୭୫

- ପଶ୍ଚିମବଙ୍ଗରୁ ରାଜ୍ୟ ସଭାକୁ ୫ କଂଗ୍ରେସ ଓ ଜଣେ ସିପିଆଇ ପ୍ରାର୍ଥୀ ନିର୍ବାଚିତ।
- ଚନ୍ଦ୍ରଶେଖର ରାଓ ଓ ମୋହନ ଧରିଆ ପ୍ରମୁଖ ୬ ଜଣଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ସସ୍‌ପେଣ୍ଡ୍ କରାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 8 | 7 | | | |
| 9 | 8 | | | | | 5 | 2 | |
| | | 3 | | | 5 | | 4 | 7 |
| | | | | 4 | | 3 | | 8 |
| 8 | | | 1 | | 6 | | | |
| | 9 | | | | | | 1 | |
| | | | 5 | | | | | |
| | 5 | | 2 | | | | | 9 |
| 2 | | | 3 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 4 | 7 | 8 | 9 | 2 | 3 |
| 3 | 7 | 2 | 5 | 9 | 1 | 6 | 8 | 4 |
| 4 | 9 | 8 | 6 | 3 | 2 | 5 | 7 | 1 |
| 7 | 4 | 5 | 3 | 6 | 9 | 8 | 1 | 2 |
| 6 | 1 | 3 | 2 | 8 | 4 | 7 | 9 | 5 |
| 2 | 8 | 9 | 1 | 5 | 7 | 3 | 4 | 6 |
| 8 | 3 | 1 | 9 | 2 | 6 | 4 | 5 | 7 |
| 5 | 2 | 7 | 8 | 4 | 3 | 1 | 6 | 9 |
| 9 | 6 | 4 | 7 | 1 | 5 | 2 | 3 | 8 |

ଗତକାଲିର ଉତ୍ତର

# ସାର୍ବଜନୀନ ମାନବ ଅଧିକାର



ପ୍ର. ବିଜୟ କୁମାର ଜେନା

ମାନବ ଅଧିକାର ହେଉଛି ସାର୍ବଜନୀନ। ପୃଥିବୀରେ ଯେକୌଣସି ଦେଶରେ ବସବାସ କରୁଥିବା ବ୍ୟକ୍ତିମାନେ ମାନବ ଅଧିକାର ଉପଭୋଗ କରନ୍ତି ଏବଂ ଦାବି ମଧ୍ୟ କରନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଏସବୁ ଅଧିକାର ପାଇବା ପାଇଁ ହକ୍‌ଦାର। ପ୍ରାଞ୍ଜଳ ଭାବରେ କହିଲେ ମାନବ ଅଧିକାର କହିଲେ ଜଣେ ମଣିଷର ଅଧିକାରକୁ ବୁଝାଏ, କୌଣସି ସମାଜ, ଜାତି ବା ଦେଶର ଅଧିକାର ନୁହେଁ।

ମାନବ ଅଧିକାରକୁ ସୁରକ୍ଷା ପ୍ରଦାନ ପାଇଁ ମଣିଷ ଜାତି ବହୁ ଅତ୍ୟାଚାର, ଶୋଷଣ ଓ ଅନ୍ୟାୟ ତଥା ଅବହେଳାର ଶିକାର ହୋଇଛି। ଏହି ଇତିହାସ ଯେତିକି ପୁରୁଣା, ଏସବୁ ବିରୋଧରେ ଆନ୍ଦୋଳନ ଓ ସଂଗ୍ରାମ ସେତିକି ପୁରୁଣା। ଅତୀତରେ ବ୍ରିଟେନ୍‌ରେ ରାଜାମାନେ ଅତ୍ୟାଚାରୀ ଥିଲେ। ସେମାନେ ଲୋକମାନଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିଥିଲେ। ଫଳତଃ ଲୋକମାନେ ଏହା ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବା ପରେ ସେମାନଙ୍କୁ କିଛି ଅଧିକାର ମିଳିଥିଲା। ଏହା ଘଟିଥିଲା ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ। ସୁତରାଂ ୧୨୧୫ରେ ବ୍ରିଟେନ୍‌ରେ ପ୍ରଚଳିତ ହୋଇଥିଲା ମାଗ୍ନାକାର୍ଟା। ଏହି ମାଗ୍ନାକାର୍ଟା ହେଉଛି ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଶାସନ ସନନ୍ଦ। ମାନବିକ ଅଧିକାରକୁ ନେଇ ଆଉ ଦୁଇ ଗୋଟି ମାଇଲ ଖୁଣ୍ଟ ମଧ୍ୟ ରହିଛି। ୧୭୭୬ର ଆମେରିକୀୟ ସ୍ୱାଧୀନତା ଘୋଷଣାନାମା ଏବଂ ୧୭୮୯ରେ ଫ୍ରାନ୍ସର ବ୍ୟବସ୍ଥାପକ ସଭା ଦ୍ୱାରା ଗୃହୀତ, ମାନବ ଓ ନାଗରିକ ଅଧିକାର ଘୋଷଣାନାମା। ୧୯୪୮ ଡିସେମ୍ବର ୧୦ରେ ଜାତିସଂଘର ସାଧାରଣ ପରିଷଦରେ ଗୃହୀତ ସାର୍ବଜନୀନ ମାନବ ଅଧିକାର ଘୋଷଣାନାମାରେ ପ୍ରସ୍ତାବନା ଓ ୩୦ ଗୋଟି ଧାରା ଅଛି। ଅନେକ ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅଧିକାର ଏଥିରେ ଲିପିବଦ୍ଧ ହୋଇଛି। ପାଠକମାନଙ୍କ ପାଇଁ କେତେକ ଅଧିକାରକୁ ସବିଶେଷ ବର୍ଣ୍ଣନା କରାଯାଉଛି। ପ୍ରତି ମଣିଷଙ୍କ ଜୀବନଧାରଣ ଅଧିକାର ଅଛି, ଏହାକୁ କେହି କାହାଠାରୁ ହରଣ କରିପାରିବେ ନାହିଁ। ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଓ ନିରାପତ୍ତାରେ ଜୀବନ ଧାରଣ କରିପାରିବ। ଏଥିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ। କାହାକୁ ଜୋର୍ ଜବରଦସ୍ତ ବା ବଳପୂର୍ବକ ଦାସ ବା ଗୋଲାମ କରାଯାଇ ପାରିବ ନାହିଁ। ବଳ ପ୍ରୟୋଗ କରି କାହାକୁ ବେଠି ଓ ବେଗାରିରେ ରଖାଯିବ ନାହିଁ। ଅତ୍ୟାଚାରିତ, ଦଣ୍ଡିତ ଓ ଅପମାନିତ ନ ହେବା ଅଧିକାର ମଣିଷ ପାଇଛି। ଅର୍ଥାତ୍ କେହି ଉତ୍ପୀଡ଼ନ, ବର୍ବର ତଥା ଅମାନୁଷିକ ବ୍ୟବହାର ଓ ଦଣ୍ଡବିଧାନର ଶିକାର ହୋଇ ପାରିବ ନାହିଁ।

ଆଇନ ସମସ୍ତଙ୍କ ପାଇଁ ସମାନ। ଏହାର ଅର୍ଥ ହେଉଛି ଯେ ବ୍ୟକ୍ତି ସବୁସ୍ଥାନରେ ଆଇନ ଆଖିରେ ସମାନ ଓ ବ୍ୟକ୍ତିଟିଏ ହୋଇ ବିବେଚିତ ହେବେ। ବ୍ୟକ୍ତିଙ୍କୁ ବେଆଇନ ଗିରଫ ଓ ନିର୍ବାସନରୁ ମୁକ୍ତି ପାଇବା ଅଧିକାର ପ୍ରଦାନ କରାଯାଇଛି। ଏହାଛଡ଼ା ଦୋଷୀ ସାବ୍ୟସ୍ତ ନ ହେବାଯାଏ



ନିର୍ଦ୍ଦୋଷ ହେବା ଅଧିକାର ମଧ୍ୟ ରହିଛି। ନ୍ୟାୟ ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନ୍ୟାୟାଳୟକୁ ଯାଇପାରିବେ ଓ ତାଙ୍କ ମକଦ୍ଦମାର ଖୋଲା ଶୁଣାଣି ହେବ। ସ୍ୱାଧୀନ ବିଚରଣ ଓ ବାସସ୍ଥାନ ଅଧିକାର ସମସ୍ତେ ଉପଭୋଗ କରିପାରିବେ। ପ୍ରତ୍ୟେକ ବ୍ୟକ୍ତି ନିଜ ଦେଶରେ ଯେକୌଣସି ସ୍ଥାନକୁ ନିର୍ବିଘ୍ନରେ ଯାଇପାରିବେ ଓ ଯେ କୌଣସି ସ୍ଥାନରେ ବାସ କରିପାରିବେ। ବ୍ୟକ୍ତିଙ୍କୁ ମଧ୍ୟ ବ୍ୟକ୍ତିଗତ ଗୋପନୀୟତା ଅଧିକାର ଦିଆଯାଇଛି।

ଜାତୀୟତା ଅଧିକାର ପ୍ରଦାନ ପରିପ୍ରେକ୍ଷୀରେ କୁହାଯାଇଛି ଯେ, କୌଣସି ବ୍ୟକ୍ତିଙ୍କୁ ତାଙ୍କର ଜାତୀୟତା ବଦଳେଇବାକୁ ବାଧ୍ୟ କରାଯାଇ ପାରିବ ନାହିଁ। ସେ ତାଙ୍କର ଜାତୀୟତା ବଦଳେଇବାକୁ ଚାହିଁଲେ ତାଙ୍କୁ ଜୋର୍ କରି ବାରଣ କରାଯିବ ନାହିଁ। ଅନ୍ୟପକ୍ଷରେ ନିଜ ଦେଶରେ ଅତ୍ୟାଚାର, ନିର୍ଯାତନା ଓ କୁଶାସନରୁ ମୁକ୍ତି ପାଇବା ପାଇଁ ଜଣେ ବ୍ୟକ୍ତି ଅନ୍ୟ ଦେଶରେ ଆଶ୍ରୟ ନେଇପାରିବେ। ବୈବାହିକ ଜୀବନ ଅଧିକାର କ୍ଷେତ୍ରରେ କୁହାଯାଇଛି ଯେ, ପୁରୁଷ ଓ ସ୍ତ୍ରୀଙ୍କୁ ନିଜ ଇଚ୍ଛାରେ ବିବାହ କରିବାକୁ ଅନୁମତି ଦିଆଯାଇଛି ଏବଂ ସେହିପରି ବିବାହ ବନ୍ଧନ ତୁଟାଇବା ପାଇଁ ସେମାନଙ୍କର ସମାନ ଅଧିକାର ରହିବ। ପ୍ରତ୍ୟେକ ବ୍ୟକ୍ତି ସମ୍ପତ୍ତି ଅର୍ଜନ କରିବାର ଅଧିକାର ରହିବ। ବଳ ପୂର୍ବକ କାହାଠାରୁ ସମ୍ପତ୍ତି ଛଡ଼ାଇ ନିଆଯାଇ ପାରିବ ନାହିଁ।

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚିନ୍ତା, ବିବେକ ଓ ଧର୍ମ ଅଧିକାର ପ୍ରଦାନ କରାଯାଇଛି। କୌଣସି ଧର୍ମଗ୍ରହଣ କରିବାକୁ କାହାକୁ ବାଧ୍ୟ କରାଯାଇ ପାରିବ ନାହିଁ। ସେ ମଧ୍ୟ ସ୍ୱାଧୀନ ଭାବରେ ମତ ପୋଷଣ କରିପାରିବେ ଓ ସ୍ୱାଧୀନ ଭାବରେ ନିଜର ମତାମତ ଦେଇପାରିବେ। ଏତଦ୍ ବ୍ୟତୀତ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର ହେବା ଓ ସଂଘ ଗଠନ କରିବା, ରାଜନୀତିରେ ଅଂଶ ଗ୍ରହଣ କରିବା, ସାମାଜିକ ନିରାପତ୍ତା, କାର୍ଯ୍ୟକରିବା, ଅବସର ଓ ବିଶ୍ରାମ ନେବା, ଶିକ୍ଷା, ସାସ୍ଥ୍ୟ ଓ ସମୃଦ୍ଧି ଏବଂ ସାଂସ୍କୃତିକ ଜୀବନରେ ଅଂଶ ଗ୍ରହଣ ଅଧିକାରଗୁଡ଼ିକ ଉପଭୋଗ କରନ୍ତି। ଏ ସମସ୍ତ ହେଉଛି ସାର୍ବଜନୀନ ମାନବ ଅଧିକାର ଘୋଷଣାନାମା।

ଊଣାଅଧିକେ ପ୍ରତ୍ୟେକ ଦେଶର ସମ୍ବିଧାନରେ ଏହି ଘୋଷଣାନାମାରେ ଥିବା କେତେକ ମୂଲ୍ୟବାନ୍ ଅଧିକାର ସ୍ଥାନ ପାଇଛି। ମାନବ ଅଧିକାରକୁ ସମ୍ମାନ ଜଣାଇ ବିଭିନ୍ନ ଦେଶ ଆବଶ୍ୟକୀୟ ଆଇନ ପ୍ରଣୟନ କରିଛନ୍ତି। ଅନେକ ଦେଶରେ ମାନବ ଆୟୋଗ ମଧ୍ୟ ଗଠିତ ହୋଇଛି। ଲୋକମାନେ କିପରି ମାନବ ଅଧିକାରରୁ ବଞ୍ଚିତ ନ ହେବେ, ତାହା ଦେଖିବା ହେଉଛି ଏହିସବୁ ଆୟୋଗର ମୂଳ ଲକ୍ଷ୍ୟ ଓ କାର୍ଯ୍ୟ। ମାନବ ଅଧିକାର ସାର୍ବଜନୀନ। ମାନବ ଅଧିକାର ବିଷୟରେ ସଚେତନତା ବଢ଼ିଛି, କିନ୍ତୁ ଏହାର ଯେତିକି ଉଲ୍ଲଂଘନ ହେଉଛି ତାହା ଗଭୀର ଚିନ୍ତାର ବିଷୟ। ମହିଳା ଓ ଶିଶୁମାନଙ୍କର ମାନବିକ ଅଧିକାର ବେଶୀ ବିପଦଗ୍ରସ୍ତ। ସନ୍ତ୍ରାସବାଦ, ସାମ୍ପ୍ରଦାୟିକତାବାଦ ଓ ମୌଳବାଦ ବିଭିନ୍ନ ଦେଶରେ ମାନବ ଅଧିକାରକୁ ନଷ୍ଟ କରୁଛି।

**ଶାମୁକା ସାହି, ରଣପୁର ନୟାଗଡ଼**
**ମୋ:୯୯୩୭୪୮୬୧୮୩**

## ପାଠକ ଶ୍ରେଷ୍ଠ ବିଚାରକ

### ବିପିଏଲ୍ ତାଲିକା ସଂଶୋଧନ ହେଉ

ମହାଶୟ,
କେନ୍ଦ୍ର ସରକାର ପ୍ରଥମେ ୧୯୯୭ରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ତାଲିକାଭୁକ୍ତ କରିଥିଲେ। ସେତେବେଳେ ସୂଚୀଭୁକ୍ତ ବିପିଏଲ୍ ପରିବାରଗୁଡ଼ିକ ଗତ ଦୁଇ ଦଶନ୍ଧୀ ମଧ୍ୟରେ ବହୁ ସୁବିଧା ପାଇଛନ୍ତି ଓ ସେମାନଙ୍କ ଅବସ୍ଥାର ପରିବର୍ତ୍ତନ ଘଟିଛି। ଅଧିକାଂଶ ବ୍ୟକ୍ତି ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି। କିନ୍ତୁ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲାଭ ପାଇ ଆସୁଛନ୍ତି। ନିର୍ବାଚନରେ ସେମାନଙ୍କ ଯଥେଷ୍ଟ ଅବଦାନ ଥିବାରୁ ସେମାନଙ୍କଠାରୁ ସୁବିଧା ସୁଯୋଗ ପ୍ରତ୍ୟାହାର ସମ୍ଭବପର ହେଉନାହିଁ। ଇତି ମଧ୍ୟରେ ଅନେକ ଚାଳ ଛପର ଘରେ ରହୁଥିବା ପରିବାର ଏବେ କୋଠାଘର, ଦୁଇ ଚକିଆ ଓ ୪ ଚକିଆ ଗାଡ଼ିର ମାଲିକ ହୋଇଗଲେଣି। ତଥାପି ସେମାନେ ସୁଲଭ ମୂଲ୍ୟରେ ରାଶନ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ହାତେଇ ନେଉଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ବିପିଏଲ ଏପିଏଲ୍ ହେବା ସତ୍ତ୍ୱେ ସରକାରୀ ଯୋଜନାରୁ ଲାଭ ପାଇ ଆସୁଛନ୍ତି। ପ୍ରତି ଦଶ ବର୍ଷରେ ବିପିଏଲ୍ ତାଲିକା ସଂଶୋଧନ କରାଯିବାର ବିଧି ରହିଛି। ଏବେ ବିପିଏଲ୍‌ରୁ ଏପିଏଲ୍ ହୋଇଥିବା ତାଲିକା କରାଯାଉ। ଫଳରେ ବାସ୍ତବ ଗରିବ, ଭୂମିହୀନ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ବିଶେଷ ଉପକୃତ ହୋଇପାରିବେ।

**–ନିର୍ମଳ ଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତ ଆତଙ୍କେ ଚାହିଁ ଅସ୍ତଗାମୀ ପ୍ରତୀଚୀ ମିହିରେ।
ନିରେଖଇ ପୁଣି ଆର ତୀରେ–
କବିର କରୁଣ ଛନ୍ଦ ସମ !
ଚଉଦିଗେ ଘୋଟି ଆସେ ଧୀରେ ଧୀରେ ତମ।
ଯୁଗ୍ମ ପକ୍ଷୀ ରବି ପାଶେ କରେ କି ମିନତି
ଆଉ କ୍ଷଣେ ବିଳମ୍ବିତ ହେବା ଲାଗି ଦ୍ରୁତ ଅସ୍ତଗତି ?
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଉତ୍କଳୀୟ କାରିଗରଙ୍କ ସୂକ୍ଷ୍ମ ଭାସ୍କର୍ଯ୍ୟର ପ୍ରତୀକ 'କୋଣାର୍କ'



**କୋଣାର୍କ ସୂର୍ଯ୍ୟମନ୍ଦିର ଉତ୍କଳୀୟ ସ୍ଥାପତ୍ୟ କଳାର ଚରମ ନିଦର୍ଶନ। ତ୍ରୟୋଦଶ ଶତାବ୍ଦୀର ଏହି କୀର୍ତ୍ତିରାଜି ଏକ ଦୁର୍ମୂଲ୍ୟ ତଥା ଦୁଃସାଧ୍ୟ ବିଭବ ଭାବରେ ପ୍ରତୀୟମାନ ହୁଏ। ଉତ୍କଳୀୟ କାରୀଗରମାନଙ୍କ ଶକ୍ତି, ସାହସ ଓ କାର୍ଯ୍ୟଦକ୍ଷତା ବିଶାଳକାୟ ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ ଭାସ୍କର୍ଯ୍ୟରୁ ସ୍ପଷ୍ଟ ପ୍ରତିଭାତ। ଏପରିକି ସେ ଯୁଗର ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମଧ୍ୟ ଅତ୍ୟନ୍ତ ଉଚ୍ଚମାନର ଥିବା ହୃଦ୍‌ବୋଧ ହୁଏ। କୋଣାର୍କ ସୂର୍ଯ୍ୟମନ୍ଦିରର ବିଶାଳତା, ବଡ଼ବଡ଼ ପଥର ଖଣ୍ଡର ବ୍ୟବହାର, ଗଠନ ପ୍ରଣାଳୀରେ ଶିଳ୍ପ ଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ରର ସମାହାର, ସୂକ୍ଷ୍ମ ଭାସ୍କର୍ଯ୍ୟ କଳାର ଛିଟା କୋଣାର୍କ ସୂର୍ଯ୍ୟମନ୍ଦିରର ଗଠନ ପ୍ରଣାଳୀର ବୈଶିଷ୍ଟ୍ୟକୁ ପ୍ରତିପାଦିତ କରେ।**



ପ୍ରସ୍ତୁତି: ଜ୍ୟୋତିରାଜ ମହାନ୍ତି

## ୨୪ ଚକ ୮ଅର

କୋଣାର୍କ ମନ୍ଦିରର ପାର୍ଶ୍ୱରେ ୨୪ଟି ଚକ ଖୋଦିତ ହୋଇଛି। ଏହି ଚକଗୁଡ଼ିକ ଏଭଳି ସ୍ଥାପନ କରାଯାଇଛି, ଯାହାକି ସୂର୍ଯ୍ୟଙ୍କ ଚଳନ ଅନୁସାରେ ଏହା ସ୍ଥାପନା କରାଯାଇଛି। ପ୍ରତ୍ୟେକ ଚକରେ ୮ଟି ମୋଟା ଅର ବା ସ୍ପୋକ୍ ରହିଛି। ଏହା ୨୪ ଘଣ୍ଟାକୁ ସମାନ ୩ଘଣ୍ଟା ଲେଖାଏ ବିଭକ୍ତ କରୁଛି। ସେହିପରି ଚକ ମଧ୍ୟରେ ସରୁସରୁ ୮ଟି ଅର ବା ସ୍ପୋକ ରହିଛି। ତାହା ସମାନଭାବେ ପ୍ରତ୍ୟେକ ଦେଢ଼ ଘଣ୍ଟା ବା ୯୦ ମିନିଟରେ ବିଭକ୍ତ କରୁଛି।



## ସ୍ୱତନ୍ତ୍ର ପୀଠ ଉପରେ ନିର୍ମିତ ହୋଇଛି ମନ୍ଦିର

ବଡ଼ ବଡ଼ ପଥର ବହୁ ଦୂରରୁ ନଦୀମାର୍ଗରେ ଭେଳା ମାଧ୍ୟମରେ ଆଣିବା ଏବଂ ବିଭିନ୍ନ ଶିଳ୍ପୀ ଗ୍ରାମରେ ରଖି କାରୁକାର୍ଯ୍ୟ ଖୋଦେଇ ପରେ ସେଠାରୁ ଅକ୍ଷୁଣ୍ଣ ଭାବରେ ବୋହି ଆଣି ମନ୍ଦିର ନିର୍ମାଣରେ ବ୍ୟବହାର କରିବା କଥା ଚିନ୍ତାକରି ଆଜିର ଏଇ ବିଜ୍ଞାନ ଯୁଗରେ ବହୁ ବଡ଼ ବଡ଼ ଇଞ୍ଜିନିୟର, ସ୍ଥପତି ତଥା ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମନ୍ଦିରଟି ରଥ ଆକାରରେ ଏକ ସ୍ୱତନ୍ତ୍ର ପୀଠ ଉପରେ ନିର୍ମିତ। ପୀଠର ଉଚ୍ଚତା ୧୬ଫୁଟ୍ ୬ଇଞ୍ଚ। ପୀଠ ଉପରେ ମନ୍ଦିରର ଚତୁଃପାର୍ଶ୍ୱରେ ୮ରୁ ୧୨ଫୁଟ୍ ପର୍ଯ୍ୟନ୍ତ ବିସ୍ତୃତ ବାରଣ୍ଡା ରହିଛି। ପୀଠ ଦେହରେ ଚକ ଓ ଅଶ୍ୱଗୁଡ଼ିକର ଅବସ୍ଥିତି ତଥା ବିଭିନ୍ନ କାରୁକାର୍ଯ୍ୟ ଖଚିତ ମୂର୍ତ୍ତି, ଲତା ଓ ପୁଷ୍ପଗୁଡ଼ିକର ଚିତ୍ର ଅତ୍ୟନ୍ତ ଚିତ୍ତାକର୍ଷକ। ମନ୍ଦିରଟି ଏକ ଉଡ୍ଡୀୟମାନ ସୂର୍ଯ୍ୟରଥ ସଦୃଶ ଦୃଶ୍ୟମାନ, ଯେଉଁଥିରେ ୭ ଅଶ୍ୱ ଓ ୧୨ ଯୋଡ଼ା ଚକ ରହିଛି। ୭ ଅଶ୍ୱ ସାତବାର ଓ ସାତ ରଙ୍ଗ ଏବଂ ବାର ଯୋଡ଼ା ଚକ ୧୨ମାସ ଓ ୨୪ପକ୍ଷର ପ୍ରତିନିଧି କରୁଥିବା ବିଶ୍ୱାସ କରାଯାଉଛି। ପ୍ରତିଟି ଚକକୁ ଅର, ପଇ ଓ ବିଟରେ ବିଭାଜନ କରାଯାଇଛି। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମନ୍ଦିର ଗାତ୍ରରେ ପଡୁଥିବା ସୂର୍ଯ୍ୟ କିରଣ ଦ୍ୱାରା ସୃଷ୍ଟ ଆଲୋକ ଓ ଛାୟାର କ୍ରୀଡ଼ା ମାଧ୍ୟମରେ ସମୟ ଗଣନା ଜ୍ୟୋତିଷ ବିଜ୍ଞାନର ପରାକାଷ୍ଠାକୁ ପ୍ରଦର୍ଶିତ କରୁଛି।

## ବାସ୍ତୁଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ରର ଅପୂର୍ବ ସମନ୍ୱୟ

ମନ୍ଦିରରେ ବଡ଼ ବଡ଼ ଲୁହା କଡ଼ିର ବ୍ୟବହାର, ବଜ୍ରପାତ ପ୍ରଭାବରୁ ସୁରକ୍ଷିତ ରଖିବାପାଇଁ ତମ୍ବା ପାତିଆର ବ୍ୟବହାର, ରେଖ ଦେଉଳ ଓ ପୀଢ଼ ଦେଉଳ ନିର୍ମାଣରେ ଭାରକେନ୍ଦ୍ରରେ ସମନ୍ୱୟ ରକ୍ଷା କରିବା, ପର୍ବତାକାର ବିଶାଳକାୟ ଆମଳକ ଶିଳା ଓ କଳସକୁ ମନ୍ଦିର ଚୂଡ଼ାରେ ସ୍ଥାପନ କରିବାରେ ଅତ୍ୟନ୍ତ ଉଚ୍ଚକୋଟୀର ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଥିବା ଅନୁମିତ ହୁଏ। ବାସ୍ତୁ ଶାସ୍ତ୍ର ଓ ଜ୍ୟୋତିଷ ଶାସ୍ତ୍ରର ଅପୂର୍ବ ସମନ୍ୱୟରେ ନାଟ ମନ୍ଦିର, ଜଗମୋହନ ଓ ମୂଳ ମନ୍ଦିରର ନିର୍ମାଣ କରାଯାଇଛି। ଉଦିତ ସୂର୍ଯ୍ୟ, ମଧ୍ୟାହ୍ନ ସୂର୍ଯ୍ୟ ଓ ଅସ୍ତସୂର୍ଯ୍ୟଙ୍କ ରଶ୍ମି ମନ୍ଦିର ଗାତ୍ରକୁ ସ୍ପର୍ଶ କରିବା ଏବଂ ମନ୍ଦିର ଭିତରକୁ ପୂର୍ବ, ଦକ୍ଷିଣ ଓ ଉତ୍ତର ଦିଗରୁ ଅବାଧ ବାୟୁ ଚଳାଚଳ କରିବା ସେ ସମୟର ସ୍ଥପତିମାନଙ୍କ ବିଜ୍ଞାନ ତଥା ବୈଷୟିକ ଜ୍ଞାନର ପରାକାଷ୍ଠା ପ୍ରତିପାଦନ କରେ।

## ୧୫୦ ମାଇଲ ଦୂରରୁ ଆସିଥିଲା ବଡ଼ ପଥର

କୋଣାର୍କ କିମ୍ବା ଏହାର ଆଖପାଖରେ ନିକଟରେ କୌଣସି ପର୍ବତ ନାହିଁ। ମନ୍ଦିର ଗାତ୍ରରେ ବ୍ୟବହୃତ ସାଣ ପଥର(ଖଣ୍ଡୋଲାଇଟ୍) ଖୋର୍ଦ୍ଧାର ବରୁଣେଇ ପାହାଡ଼ ଏବଂ କଳା ମୁଗୁନିପଥର ନୀଳଗିରିରୁ ଅଣାଯାଇଥିବା ଅନୁମାନ କରାଯାଏ। ଏତେ ଦୂରରୁ ବିଶାଳକାୟ ପଥର ଖଣ୍ଡଗୁଡ଼ିକୁ ନଦୀମାର୍ଗରେ କିଭଳି ଭାବରେ ଅଣାଯାଇଛି, ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗେ। ଅନ୍ୟୂନ ୧୫୦ ମାଇଲ୍ ଦୂରରୁ ଭାରି ପଥର ପରିବହନ ନିମନ୍ତେ ଭେଳା ନିର୍ମାଣର କୌଶଳ ସାଧାରଣ କାମ ନୁହେଁ। ବଡ଼ ଦେଉଳ ଉପରେ ଥିବା ଗଜସିଂହ ମୂର୍ତ୍ତିର ଓଜନ ପ୍ରାୟ ୧୨୬୦ ମହଣ ବା ୪୫ଟନ୍। ଏହି କାରୁକାର୍ଯ୍ୟ ଖଚିତ ପଥରଖଣ୍ଡକୁ ଭୂମିରୁ ୧୭୦ ଫୁଟ୍ ଉଚ୍ଚତାରେ ସ୍ଥାପନ କରାଯାଇଥିଲା। ପ୍ରତ୍ନତତ୍ତ୍ୱ ବିଶେଷଜ୍ଞଙ୍କ ଅନୁଶୀଳନ ଅନୁସାରେ କଳସ ପଥରର ଉଚ୍ଚତା ୨୫ ଫୁଟ୍ ଓ ଓଜନ ପ୍ରାୟ ୨ହଜାର ଟନ୍ ଥିଲା। ଏହି ପର୍ବତାକାର ଶିଳାଖଣ୍ଡକୁ ଭୂମିରୁ ୨ଶହ ଫୁଟ୍ ଉଚ୍ଚତାରେ ବଡ଼ଦେଉଳ ଉପରେ ସ୍ଥାପନ କରାଯାଇଥିଲା। ସମ୍ପ୍ରତି ସୂର୍ଯ୍ୟମନ୍ଦିର ବେଢ଼ା ପରିସରରେ ରଖାଯାଇଥିବା ଲୁହା କଡ଼ିର ଆକାର ଓ ଗଠନ ଶୈଳୀ ଦେଖି ଇଞ୍ଜିନିୟରମାନେ ଆଶ୍ଚର୍ଯ୍ୟ ହେଉଛନ୍ତି। ଏହି କଡ଼ିଗୁଡିକ ମଧ୍ୟରୁ ସବୁଠାରୁ ବଡ଼ କଡିଟିର ଲମ୍ବ ୩୫ଫୁଟ୍ ୯ଇଞ୍ଚ , ଉଚ୍ଚତା ୧୦ଇଞ୍ଚ ଓ ମୋଟେଇ



୮ଇଞ୍ଚ। ଫର୍ଗୁସନ ଓ ରାଜେନ୍ଦ୍ର ଲାଲ୍‌ଙ୍କ ଭାଷାରେ ଏହି ଲୌହ କଡ଼ିଗୁଡ଼ିକର ଗଠନ ପରିପାଟୀ ଓଡ଼ିଆମାନଙ୍କ ବୈଜ୍ଞାନିକ ସୂକ୍ଷ୍ମ ଦୃଷ୍ଟିର ପରିଚୟ ଦିଏ।

## ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଫୁଲୁରିତେଲ

ପୁରୀ,୨୭।୬(ଅଜିତ କୁମାର ମହାନ୍ତି): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଜ୍ୱରରେ ପୀଡ଼ିତ ଥିବା ଶ୍ରୀବିଗ୍ରହମାନଙ୍କର ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ନିଷ୍ଠାର ସହ ଗୁପ୍ତ ସେବା ଜାରି ରଖିଛନ୍ତି। ଶ୍ରୀବିଗ୍ରହମାନଙ୍କ ନିକଟରେ ଦଇତାପତି ସେବକମାନେ ପଣା ଓ ଚକଟା ଭୋଗ କରୁଛନ୍ତି। ଅନବସରର ପଞ୍ଚମ ଦିବସରେ ଗୁରୁବାର ଅଣସର ଗୃହରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗିକରାଯାଇଛି। ଦାରୁବିଗ୍ରହମାନଙ୍କୁ ସୁସ୍ଥ କରାଇବା ପାଇଁ ଦଇତାପତି ସେବକମାନେ ଫୁଲୁରି ତେଲ ଲାଗି କରିଛନ୍ତି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରତିବର୍ଷ ବଡ଼ ଓଡ଼ିଆ ମଠ ପକ୍ଷରୁ ସ୍ୱତନ୍ତ୍ର ଭାବେ ଫୁଲୁରି ତେଲ ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯାଇଥାଏ। ପ୍ରତ୍ୟେକ ବର୍ଷ ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଓ ପୁଷ୍ପ ପକାଇ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ କାଳ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ସେହି ତେଲକୁ ବାହାର କରାଯାଇ ରଖାଯାଏ। ପରେ ତେଲ ଛଣାଯାଇ ମାଟିପାତ୍ରରେ ରଖାଯାଏ। ଅଣସରର ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗିହେବା ପାଇଁ ପଠାଯାଏ। ଗୁରୁବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଭୋଗ ସମ୍ପନ୍ନ ହେବା ପରେ ବଡ଼ଓଡ଼ିଆ ମଠରୁ ଫୁଲୁରି ତେଲ ଶ୍ରୀମନ୍ଦିରକୁ ନିଆଯାଇଥିଲା। ପତିମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ରଖି ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ମାଲିସ୍ କରାଇଥିଲେ। ବିଶ୍ୱାସ ରହିଛି ଯେ, ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ୍ କରାଯିବା ପରେ ସେମାନେ ଜ୍ୱରରୁ ସାମାନ୍ୟ ଆଶ୍ୱସ୍ତି ପାଇଥାନ୍ତି।


# କେନ୍ଦ୍ରୀୟ ଲୋକ ସେବା ଆୟୋଗ

## ପରୀକ୍ଷା/ନିଯୁକ୍ତି ପରୀକ୍ଷା (ଆର୍‌ଟି), ୨୦୨୫ର କାର୍ଯ୍ୟକ୍ରମ

**ନଂ. ୨୨/୨୩/୨୦୨୪-ଇ.ଆଇ(ବି) - ବର୍ଷ ୨୦୨୫ ନିମନ୍ତେ ଆୟୋଗର ପରୀକ୍ଷା ଓ ନିଯୁକ୍ତି ପରୀକ୍ଷା (ଆର୍‌ଟି)ଗୁଡ଼ିକର କାର୍ଯ୍ୟକ୍ରମ ପ୍ରାର୍ଥୀଙ୍କ ସୂଚନା ପାଇଁ ନିମ୍ନରେ ପ୍ରଦାନ କରାଯାଉଛି। ବାର୍ଷିକ କ୍ୟାଲେଣ୍ଡର ଆୟୋଗର ୱେବ୍‌ସାଇଟ୍ (www.upsc.gov.in)ରେ ମଧ୍ୟ ସ୍ଥାନିତ କରାଯାଇଛି । ଆଶାୟୀ ଓ ପ୍ରାର୍ଥୀମାନଙ୍କୁ ଏହି ବିଜ୍ଞାପନକୁ ସାଇତି ରଖିବା ଏବଂ ୨୦୨୫ରେ ଆୟୋଗର ପରୀକ୍ଷାଗୁଡ଼ିକ ଲାଗି ଆବେଦନ କରିବା ନିମନ୍ତେ ଏକ ତତ୍କାଳ ସନ୍ଦର୍ଭ ଭାବେ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଉଛି।**

| କ୍ର. ସଂ. | ପରୀକ୍ଷାର ନାମ | ଅଧିସୂଚନା ତାରିଖ | ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ପରୀକ୍ଷା ଆରମ୍ଭ ତାରିଖ | ପରୀକ୍ଷା ଅବଧି |
|---|---|---|---|---|---|
| ୧. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୧।୦୧।୨୦୨୫ (ଶନିବାର) | ୨ ଦିନ |
| ୨. | ସମ୍ମିଳିତ ଭୂ-ବୈଜ୍ଞାନିକ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ | ୦୪।୦୯।୨୦୨୪ | ୨୪।୦୯।୨୦୨୪ | ୦୯।୦୨।୨୦୨୫ (ରବିବାର) | ୧ ଦିନ |
| ୩. | ଇଞ୍ଜିନିୟରିଂ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ | ୧୮।୦୯।୨୦୨୪ | ୦୮।୧୦।୨୦୨୪ | ୦୯।୦୨।୨୦୨୫ (ରବିବାର) | ୧ ଦିନ |
| ୪. | ସିବିଆଇ (ଡିଏସ୍‌ପି) ଏଲ୍‌ଡିସିଇ | ୨୭।୧୧।୨୦୨୪ | ୧୭।୧୨।୨୦୨୪ | ୦୮।୦୩।୨୦୨୫ (ଶନିବାର) | ୨ ଦିନ |
| ୫. | ସିଆଇଏସ୍‌ଏଫ୍ ଏସି (ଇଏକ୍ସଇ) ଏଲ୍‌ଡିସିଇ-୨୦୨୫ | ୦୪।୧୨।୨୦୨୪ | ୨୪।୧୨।୨୦୨୪ | ୦୯।୦୩।୨୦୨୫ (ରବିବାର) | ୧ ଦିନ |
| ୬. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (I), ୨୦୨୫ | ୧୧।୧୨।୨୦୨୪ | ୩୧।୧୨।୨୦୨୪ | ୧୩।୦୪।୨୦୨୫ (ରବିବାର) | ୧ ଦିନ |
| ୭. | ସି.ଡି.ଏସ୍. ପରୀକ୍ଷା (I), ୨୦୨୫ | | | | |
| ୮. | ସିଭିଲ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ | ୨୨।୦୧।୨୦୨୫ | ୧୧।୦୨।୨୦୨୫ | ୨୫।୦୫।୨୦୨୫ (ରବିବାର) | ୧ ଦିନ |
| ୯. | ଭାରତୀୟ ବନ ସେବା (ପ୍ରିଲିମିନାରୀ) ପରୀକ୍ଷା, ୨୦୨୫ ସିଏସ୍(ପି) ପରୀକ୍ଷା, ୨୦୨୫ ମାଧ୍ୟମରେ | | | | |
| ୧୦. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୪।୦୬।୨୦୨୫ (ଶନିବାର) | ୨ ଦିନ |
| ୧୧. | ଆଇ.ଇ.ଏସ୍./ଆଇ.ଏସ୍.ଏସ୍. ପରୀକ୍ଷା, ୨୦୨୫ | ୧୨।୦୨।୨୦୨୫ | ୦୪।୦୩।୨୦୨୫ | ୨୦।୦୬।୨୦୨୫ (ଶୁକ୍ରବାର) | ୩ ଦିନ |
| ୧୨. | ସମ୍ମିଳିତ ଭୂ-ବୈଜ୍ଞାନିକ (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୨୧।୦୬।୨୦୨୫ (ଶନିବାର) | ୨ ଦିନ |
| ୧୩. | ଇଞ୍ଜିନିୟରିଂ ସେବା (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୨୨।୦୬।୨୦୨୫ (ରବିବାର) | ୧ ଦିନ |
| ୧୪. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୫।୦୭।୨୦୨୫ (ଶନିବାର) | ୨ ଦିନ |
| ୧୫. | ସମ୍ମିଳିତ ମେଡିକାଲ୍ ସେବା ପରୀକ୍ଷା, ୨୦୨୫ | ୧୯।୦୨।୨୦୨୫ | ୧୧।୦୩।୨୦୨୫ | ୨୦।୦୭।୨୦୨୫ (ରବିବାର) | ୧ ଦିନ |
| ୧୬. | କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ଏସିଏସ୍) ପରୀକ୍ଷା, ୨୦୨୫ | ୦୫।୦୩।୨୦୨୫ | ୨୫।୦୩।୨୦୨୫ | ୦୩।୦୮।୨୦୨୫ (ରବିବାର) | ୧ ଦିନ |
| ୧୭. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୯।୦୮।୨୦୨୫ (ଶନିବାର) | ୨ ଦିନ |
| ୧୮. | ସିଭିଲ୍ ସର୍ଭିସେସ୍ (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୨୨।୦୮।୨୦୨୫ (ଶୁକ୍ରବାର) | ୫ ଦିନ |
| ୧୯. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (II), ୨୦୨୫ | ୨୮।୦୫।୨୦୨୫ | ୧୭।୦୬।୨୦୨୫ | ୧୪।୦୯।୨୦୨୫ (ରବିବାର) | ୧ ଦିନ |
| ୨୦. | ସି.ଡି.ଏସ୍. ପରୀକ୍ଷା (II), ୨୦୨୫ | | | | |
| ୨୧. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୪।୧୦।୨୦୨୫ (ଶନିବାର) | ୨ ଦିନ |
| ୨୨. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୧।୧୧।୨୦୨୫ (ଶନିବାର) | ୨ ଦିନ |
| ୨୩. | ଭାରତୀୟ ବନ ସେବା (ମୁଖ୍ୟ) ପରୀକ୍ଷା, ୨୦୨୫ | | | ୧୬।୧୧।୨୦୨୫ (ରବିବାର) | ୭ ଦିନ |
| ୨୪. | ଏସ୍.ଓ./ଷ୍ଟେନୋ (ଜିଡି-ବି/ଜିଡି-ଆଇ) ଏଲ୍‌ଡିସିଇ | ୧୭।୦୯।୨୦୨୫ | ୦୭।୧୦।୨୦୨୫ | ୧୩।୧୨।୨୦୨୫ (ଶନିବାର) | ୨ ଦିନ |
| ୨୫. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୨୦।୧୨।୨୦୨୫ (ଶନିବାର) | ୨ ଦିନ |

**ଦ୍ରଷ୍ଟବ୍ୟ : ଅଧିସୂଚନା, ପରୀକ୍ଷା/ଆର୍‌ଟିଗୁଡ଼ିକର ଆରମ୍ଭ ଏବଂ ଅବଧିର ତାରିଖଗୁଡ଼ିକ ପରିସ୍ଥିତିର ଆବଶ୍ୟକତା ଅନୁସାରେ ବଦଳିପାରେ ।**

CBC-55101/14/0001/2425

# ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. eTenderCPMGSU BBS2024001, ତା.15.06.2024 ରିଖ

**କାର୍ଯ୍ୟର ନାମ :** ଉପ ମୁଖ୍ୟ ଯନ୍ତ୍ରୀ/ GSU/ ଅନୁଗୁଳ ପରିସୀମା ଅଧୀନସ୍ଥ MCL/ତାଳଚେର ଏରିଆ ଭିତରେ ROB ନଂ. 2(1x36m) କମ୍ପୋଜିଟ୍ ଗର୍ଡର ଏବଂ ROB ନଂ. 30A(1x36m) କମ୍ପୋଜିଟ୍ ଗର୍ଡରର ସମ୍ପାଦନ ସମ୍ବନ୍ଧୀୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକ ସହିତ ପ୍ଲେଟ୍ ଗର୍ଡର ସ୍ଥାନରେ ଯୋଗାଣ, ଫାବ୍ରିକେସନ, ସମାବେଶ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 1061.01 ଲକ୍ଷ, EMD (₹): 6,80,600.00, କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.07.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ଯନ୍ତ୍ରୀ (GSU), ଅନୁଗୁଳ

PR-34/CH/24-25

OFFICE OF THE PRINCIPAL I/C-CUM-SECRETARY
**JARASINGHA HIGHER SECONDARY SCHOOL, JARASINGHA, DIST.: BALANGIR, ODISHA**

Notice No. 225 Date: 27.06.2024

**RECRUITMENT**

"A Walk-in-Interview will be conducted on 19.07.2024 (Friday) at 12.00 Noon in the office of the undersigned for the recruitment of Lecturer in Odia in Guest Faculty. Candidates having minimum 55% of marks at P.G. Level may appear before the interview Board with Bio-Data, Passport Size Photograph and all original certificates. Remuneration of Rs.250/- per period maximum 40 periods per month has been fixed up for the engagement".

Sd./- Principal I/C-cum-Secreatry
Jarasingha Higher Secondary School,
Jarasingha, Dist.: Balangir, Odisha

**K.C.P. PANCHAYAT HIGH SCHOOL, GIRINGKELA**
**LEPHRIPARA, SUNDARGARH, 770012**
**WALK-IN-INTERVIEW**

A walk-in-interview will be held on 30.06.2024, Sunday, for the following posts of residential guest teacher (Purely temporary) with negotiable remuneration. Interested candidates are invited to attend the interview on their own cost with documents. **Reporting time - 9 A.M.**

| Sl. No. | Name of the Posts | Qualification | Number of Posts |
|---|---|---|---|
| 1 | English Teacher | +3 Arts, English Hons. | 1 |
| 2 | Odia Teacher | +3 Arts, Odia Hons. | 1 |
| 3 | Mathematics Teacher | +3 Science, Math Hons. | 1 |
| 4 | Study Observer | +3 Arts / Science | 2 |

N.B.: Candidates having Computer skill will be given weightage.

**President, M.C.**

TPCODL TP CENTRAL ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/P&S/NIT/24-25/08**

Bids are invited from eligible bidders for the following tenders of **TPCODL**:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2024-25/1000000754 | RC for Supply of LTCT & HTTV Meter Box for TP Odisha DISCOMs |
| 2 | TPCODL/CCG/2024-25/1000000756 | RC for SITC of Relays for TP Odisha DISCOMs |
| 3 | TPCODL/CCG/2024-25/1000000759 | RC for FUSE WIRES of various ratings for TP Odisha DISCOMs |
| 4 | TPCODL/CCG/2024-25/1000000770 | RC for Supply of Ring type Current Transformer for TP Odisha DISCOMs |
| 5 | TPCODL/CCG/2024-25/1000000771 | RC for Supply of Various Capacity of Distribution Transformer for TP Odisha DISCOMs |
| 6 | TPCODL/CCG/2024-25/1000000784 | RC for SITC of Control Relay Panel (3 Tier & 2 Tier) for TPCODL. |
| 7 | TPCODL/P&S/1000000768/2024-25 | One Year Rate contract for supply of Aluminium Binding wire at TPCODL |
| 8 | TPCODL/P&S/1000000769/2024-25 | One Year Rate contract for Supply of LT Terminal connector for DT at TPCODL |
| 9 | TPCODL/P&S/1000000785/2024-25 | One Year Rate contract for Supply of Portable Reference Standard Meter and Digital IR Tester at TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.28.06.2024**. Future communication / corrigendum to tender documents, if any, shall be available on TPCODL website.

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଜିଜ୍ଞାସା ତାଲିମ ଶିବିର ଉଦ୍‌ଘାଟିତ

**ଖଡ଼ିଆଳ,୨୭।୬ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକର ପ୍ରାୟ ୭୦ଜଣ ବିଜ୍ଞାନ ଶିକ୍ଷକଙ୍କୁ ନେଇ ବୋଡ଼େନ ସେବାଶ୍ରମଠାରେ ଜିଜ୍ଞାସା ଆକାଂକ୍ଷୀ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବୋଡ଼େନ ବିଇଓ ରୁଦ୍ରେଶ୍ୱର ମେହେର ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାଢ଼ୀ ଶିବିର ଉଦ୍‌ଘାଟନକରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଷ୍ଟେଟ ରିସୋର୍ସ ଶିକ୍ଷକ ସିଦ୍ଧାର୍ଥ ଦାଶ ତାଲିମର ପ୍ରକଳ୍ପ ପ୍ରସ୍ତୁତି ଓ ବିଭିନ୍ନ ଦିଗ ଉପରେ ଧାରଣା ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର କୈଳାସ ଚନ୍ଦ୍ର ଦାଶ, ସଂଗୀତା ବେହେରା ଓ ମାନସ ମଇତ୍ର ବିଭିନ୍ନ ଅଧିବେଶନ ପରିଚାଳନା କରି ଶିକ୍ଷାର୍ଥୀଙ୍କ ପାଇଁ କିପରି ଆନନ୍ଦପ୍ରଦ ହେବ ସେ ବିଷୟରେ ଆଲୋଚନା କରିଥିଲେ।

### ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା

**ଖଡ଼ିଆଳ,୨୭।୬(ସୁଜିତ କୁମାର ପ୍ରଧାନ):** ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ ଖଡ଼ିଆଳ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୁଲିଆ ସିକୁଆଁଠାରେ ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ମେହେର ମୁଖ୍ୟ ଅତିଥି ଓ ଲିଙ୍ଗରାଜ ମେହେର, ବିନୋଦ କୁମାର ମେହେର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣି ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତରେ ଜାଗରଣ ବିଷୟରେ ମାର୍ଗଦର୍ଶନ କରିଥିଲେ। ସଙ୍କୁଳ ସଂଯୋଜକ ସନାତନ ମିଶ୍ର ଆଭିମୁଖ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବରାମ ଦାସ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ସଙ୍କୁଳ ଅନ୍ତର୍ଗତ ୧୦ ବିଦ୍ୟାଳୟରୁ ୧୨୦ରୁ ଊର୍ଦ୍ଧ୍ୱ ଗୁରୁଜୀ ଗୁରୁମା, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଗୁରୁଜୀ ଗୁରୁମାଙ୍କ ଶୈକ୍ଷିକ ବିକାଶ ଦୃଷ୍ଟିରୁ କାର୍ଯ୍ୟକ୍ରମରେ ୩ଦିନ ଧରି ଆଲୋଚନା ହେବ।

### ଥୁଆମୂଳ ରାମପୁରରେ ପରିବା ଦର ଆକାଶଛୁଆଁ

**ଥୁଆମୂଳ ରାମପୁର,୨୭।୬(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ର ବିଭିନ୍ନ ସାପ୍ତାହିକ ବଜାରରେ ପରିବା ଦର ଆକାଶଛୁଆଁ ହୋଇଛି। ସୋରିଷ ତେଲ ଲିଟର ପ୍ରତି ୧୫୦ରୁ ୧୭୦ ଟଙ୍କାରେ ବିକ୍ରୟ ହେଉଛି। ସେହିପରି ଗରିବର ସାଥୀ ପିଆଜ ଦର ମଧ୍ୟ ୪୦ରୁ ୬୦ ଟଙ୍କା ଦେଇ କିଣିବାକୁ ପଡୁଛି। ଥୁଆମୂଳ ରାମପୁର ସଦର ମହକୁମାଠାରେ ବସୁଥିବା ବୁଧବାର ବଜାରରେ ମଧ୍ୟ ସମାନ ସ୍ଥିତି। ଏଠାରେ ପିଆଜ କିଲୋ ପ୍ରତି ୪୦ରୁ ୫୦ ଟଙ୍କା ଥିବାବେଳେ ଡାଲି ୧୫୦ରୁ ୧୮୦ ଟଙ୍କା, ଆଳୁ ୪୦ରୁ ୫୦ ଟଙ୍କା, ଟମାଟୋ ୭୦ରୁ ୮୦ ଟଙ୍କା, ବାଇଗଣ ୪୦ରୁ ୫୦ ଟଙ୍କା, ଫୁଲକୋବି ୮୦ରୁ ୧୦୦ଟଙ୍କା, ଭେଣ୍ଡି ୭୦ ଟଙ୍କା, ପୋଟଳ ୮୦ଟଙ୍କା, କାକୁଡ଼ି ୫୦ ଟଙ୍କା, ପତ୍ରକୋବି ୮୦ ଟଙ୍କା, ଗାଜର ୮୦ଟଙ୍କା ଓ ସୋରିଷ ତେଲ ୧୬୦ରୁ ୧୮୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ପରିସ୍ଥିତିରେ ଖଟିଖିଆ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ କିପରି ଚଳୁଥିବେ ତାହା ସହଜରେ ଅନୁମେୟ। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ବାଇକ୍ ଚୋରି: ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଖଡ଼ିଆଳ,୨୭।୬ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଚନାବେଡ଼ା ଗ୍ରାମର ମାନସ ରଞ୍ଜନ ଷଡଙ୍ଗୀ (୩୪) ଓ ହରିଶ୍ଚନ୍ଦ୍ର ନାଗ (୬୦) ଗତ ୨୪ ତାରିଖରେ ଉକ୍ତ ଗ୍ରାମର ଜଗବନ୍ଧୁ ବେହେରାଙ୍କ ବାଇକ୍ (ସିଜି୦୪ ଡିକ୍ୟୁ-୩୩୮୫) ଚୋରି କରି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ପୀତାମ୍ବର ବେହେରାଙ୍କୁ ବିକ୍ରି କରିଥିଲେ। ଏ ବିଷୟରେ ଜଗବନ୍ଧୁ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଖଡ଼ିଆଳ ପୋଲିସ ଏସ୍‌ଆଇ ରାଜେଶ ଅଗସ୍ତିଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ପୋଲିସ ପିତାମ୍ବରଙ୍କ କଣ୍ଟାବାଞ୍ଜିସ୍ଥିତ ଘରେ ଚଢ଼ାଉ କରି ବାଇକ୍ ଜବତ କରିଛି। ଏହାସହ ୨ ଅଭିଯୁକ୍ତ ମାନସ ଓ ହରିଶ୍ଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ଆଇଆଇସି ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି।

# ଆଇଆଇସି ନିର୍ଦ୍ଦୋଷ, ଏଏସ୍‌ଆଇଙ୍କୁ ଜେଲଦଣ୍ଡ

**ମାମଲା ରଫାଦଫା ପାଇଁ ଲାଞ୍ଚ**

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କେଗାଁ ଥାନାରେ ୨୦୧୭ରେ ଏକ ମାମଲାକୁ ରଫାଦଫା କରିବା ପାଇଁ ଲାଞ୍ଚ ମାମଲାର ଚୂଡାନ୍ତ ରାୟ ଗୁରୁବାର ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶୀତିକଣ୍ଠ ସାମଲ ପ୍ରକାଶ କରିଛନ୍ତି। ଭିଜିଲାନ୍ସ ଜଜ୍ ତାଙ୍କ ରାୟରେ କେଗାଁ ଥାନାର ତତ୍କାଳୀନ ଆଇଆଇସି ସମୀର ରାଉତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ ଅବସରପ୍ରାପ୍ତ ତତ୍କାଳୀନ ଏଏସ୍‌ଆଇ ଟଙ୍କଧର ବୁଦ୍ଧିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ଅକ୍ଟୋବର ୨୦ରେ କେଗାଁ ଥାନା ଅନ୍ତର୍ଗତ ମକରାଗୁଡ଼ା ଗ୍ରାମର ଗଙ୍ଗା ନାଗ ଓ ବେଲାଳ ସାହୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ନେଇ ବେଲାଳ କେଗାଁ ଥାନାରେ ଗଙ୍ଗାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅକ୍ଟୋବର ୩୦ରେ ଏଏସ୍‌ଆଇ ଟଙ୍କଧର ବୁଦ୍ଧିଆ ଉଭୟ ପକ୍ଷକୁ ଥାନାକୁ ଡ଼ାକି ମାମଲାର ଆପୋସ ସମାଧାନ କରିବା ପାଇଁ କହିଥିଲେ। ରାତି ହୋଇଯିବାରୁ ପରଦିନ ଆସି ବୁଝାମଣାପତ୍ର ପ୍ରସ୍ତୁତ କରିବା ପାଇଁ କହିଥିଲେ। ହେଲେ ନଭେମ୍ବର ପହିଲାରେ ବୁଝାମଣାପତ୍ର କରିଦେବା ପାଇଁ ଗଙ୍ଗାଙ୍କୁ ଏଏସ୍‌ଆଇ ବୁଦ୍ଧିଆ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ନଚେତ ତାଙ୍କ ନାମରେ ମାମଲା ରୁଜୁ କରିବେ ବୋଲି କହିଥିଲେ। ସେତେବେଳେ ଗଙ୍ଗା ପାଖରେ ଥିବା ୧୫ଶହ ଟଙ୍କା ଏଏସ୍‌ଆଇ ବୁଦ୍ଧିଆଙ୍କୁ ଦେଇଥିଲେ। ଆଇଆଇସିଙ୍କୁ ମଧ୍ୟ ଦେବାକୁ ପଡ଼ିବ, ତେଣୁ ଅବଶିଷ୍ଟ ୧୫ ଶହ ଟଙ୍କା ନ ଦେଲେ ମାମଲା ରୁଜୁ କରିବି ବୋଲି ଧମକ ଦେଇଥିଲେ। ନଭେମ୍ବର ୮ରେ ଅବଶିଷ୍ଟ ଟଙ୍କା ଦେବି ବୋଲି ଗଙ୍ଗା କହିଥିଲେ। ଏ ସମ୍ପର୍କରେ ଗଙ୍ଗା ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରି ଲିଖିତ ଅଭିଯୋଗ କରିଥିଲେ। ପରେ ଯୋଜନା ମୁତାବକ ୮ ତାରିଖରେ ଟଙ୍କା ଦେବା ବେଳେ ଏଏସ୍‌ଆଇ ବୁଦ୍ଧିଆଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ପରେ ଆଇଆଇସି ସମୀର ରାଉତଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କ୍ଷିରୋଦ ପ୍ରସାଦ ନେଗୀ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପି.କେ. ଦୋରା ପରିଚାଳନା କରୁଥିଲେ।

# ଦୋକାନରେ ଯୋଗାଣ ବିଭାଗର ଚଢ଼ାଉ



ଏକ ଆଳୁ, ପିଆଜ ଦୋକାନରେ ଯୋଗାଣ ଅଧିକାରୀ ଚଢ଼ାଉ କରୁଛନ୍ତି।

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)

**ଦର ତାଲିକା ଲଗାଇବା ପାଇଁ ତାଗିଦ**

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଆଳୁ, ପିଆଜ ଦରଦାମ୍ ବଢ଼ାଉଥିବା ହୋଲସେଲର ଦୋକାନଙ୍କ ଉପରେ ଗୁରୁବାର ଜିଲା ଯୋଗାଣ ବିଭାଗ ଅଚାନକ ଚଢ଼ାଉ କରିଛି। ବିଭାଗୀୟ ଅଧିକାରୀ ଭବାନୀପାଟଣା ସହର ଷ୍ଟାଚ୍ୟୁ ଛକ, ଗାନ୍ଧୀ ପାର୍କ ହାଟ ନିକଟରେ ଥିବା ଆଳୁ ଓ ପିଆଜ ହୋଲସେଲର ଦୋକାନରେ ଚଢ଼ାଉ କରି ସେଠାରେ ଗଚ୍ଛିତ ଥିବା ପରିମାଣ ତଦାରଖ କରିଥିଲେ। ଗ୍ରାହକଙ୍କୁ ଠିକ୍ ଦାମ୍‌ରେ ସାମଗ୍ରୀ ବିକ୍ରୟ ସହ ଦୋକାନ ଆଗରେ ଦର ତାଲିକା ଟାଙ୍ଗିବାକୁ ଦୋକାନୀଙ୍କୁ ଅଧିକାରୀ ତାଗିଦ୍ କରିଥିଲେ। ଚଢ଼ାଉରେ ଜିଲା ଯୋଗାଣ ଅଧିକାରୀ ମନୋଜ ଦାଶଙ୍କ ନେତୃତ୍ୱରେ ଏସିଏସ୍‌ଓ ଧୁମାରାମ ମୁର୍ମୁ, ବରିଷ୍ଠ ଯୋଗାଣ ନିରୀକ୍ଷକ ଦିଲୀପ କୁମାର ନାୟକ, ବିଶ୍ୱଜିତ ଆପଟା, ରବୀନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

# ଜିଲା ପରିଷଦ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଯୋଗଦେଇଥିବା ବିଭିନ୍ନ ବିଭାଗର ଅଧିକାରୀ।

ଭବାନୀପାଟଣା,୨୭।୬ (ଉତ୍ତମ କୁମାର ଦାଶ)

**ଜୁଲାଇ ୧ରୁ 'ଏକ୍ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ**

ଭବାନୀପାଟଣାସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦିଲୀପ ମହାରଣା, ଆଇଏଏସ୍ ଟ୍ରେନିଂ ଅଧିକାରୀ କସ୍ତୁରୀ ପଣ୍ଡା ଉପସ୍ଥିତ ଥିଲେ। ପ୍ରଥମେ ଜିଲପାଳ ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ଜିଲାରେ 'ଏକ୍ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମ ପାଇଁ ବିଶେଷ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୧ରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାରେ ୧୩ ବ୍ଲକ ଓ ଭବାନୀପାଟଣା ମ୍ୟୁନିସିପାଲିଟି ଅଞ୍ଚଳରେ ୨୦,୫୪୧ ସ୍ୱୟଂ ସହାୟକ ଗୋଷ୍ଠୀର ୨,୧୯,୨୧୭ଜଣ ମା'ଙ୍କ ଦ୍ୱାରା ୮,୫୩,୦୧୩ ଟି ବୃକ୍ଷ ରୋପଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ଜଳଛାୟା ପ୍ରକଳ୍ପ ଯୋଡ଼ିହୋଇ ପ୍ରତ୍ୟେକ ମା'ଙ୍କୁ ୫ଟି ଚାରା ଯୋଗାଇଦେବେ। ପରିବେଶ ସନ୍ତୁଳନ ପାଇଁ ଏହା ଏକ ଅଭିନବ ପଦକ୍ଷେପ ବୋଲି ଜିଲାପାଳ କହିଥିଲେ। ଜିଲାପରିଷଦର ବିଭିନ୍ନ ସ୍କିମରେ ଆସିଥିବା ଅନୁଦାନ ଓ ବ୍ଲକସ୍ତରରେ ବଣ୍ଟନ ହୋଇଥିବା ଅର୍ଥର ଉପଯୋଗ ଉପରେ ଜିଲାପାଳ ସମୀକ୍ଷା କରିଥିଲେ। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଓ ମରାମତି, ସ୍କୁଲ ଗୃହ ମରାମତି, ସ୍ୱଚ୍ଛ ଭାରତ ମିଶନ, ଆମ ବ୍ୟାଙ୍କ, ଓର୍‌ମାସ୍, ଓଏଲ୍‌ଏମ୍, ଜନଶୁଣାଣି, ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ସମୀକ୍ଷା କରିଥିଲେ। ବୈଠକରେ ୧୩ ବ୍ଲକର ବିଡିଓ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### କୋକସରା ବ୍ଲକ: ପିଇଓଙ୍କ ପଞ୍ଚାୟତସ୍ତରରେ ଅଦଳବଦଳ

କୋକସରା,୨୭।୬
(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ପଞ୍ଚାୟତ ସ୍ତରରେ ଅଦଳବଦଳ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି (ନଂ.୧୯୫୬/ତା୨୭।୦୬।୨୪ରିଖ) ଅନୁଯାୟୀ ପିଇଓ ବିରଞ୍ଚି ଖର୍ସେଲଙ୍କୁ କୋକସରା ଓ ଲଡୁଗାଁ ପଞ୍ଚାୟତ, ରାଜେନ୍ଦ୍ର ସୋରିଙ୍କୁ ଗୋତମୁଣ୍ଡା ଓ ପୋଡାଗୁଡା, ଜାଫେଦ ନାଗଙ୍କୁ ଆମପାଣି ଓ ବଡ଼ ପୋଡାଗୁଡା, ଦାମୋଦର ବେମାଲଙ୍କୁ ଡାଲଗୁମା ଓ ଖୁଣ୍ଟିଆ, ମାନସ ବେଣୁପାଣିଙ୍କୁ ମୃଷାପାଲି ଓ ମହିମା, ରୋହିତ ଠାକୁରଙ୍କୁ ବରାଡ଼ଙ୍ଗା, ଭବିଷ୍ୟ ପଟେଲଙ୍କୁ ମାଝିଗୁଡା ଓ କାଉଡୋଳା, ପ୍ରଦୀପ ସାହୁଙ୍କୁ କନ୍ଦା ବୁଟୁରା, ଗୌତମ ନାଗଙ୍କୁ ଟେମରା, ଦୀପକ କୁମାର ନାଏକଙ୍କୁ ଡ଼ହଗାଁ, ଦିଳେଶ୍ୱର ଚଲାନଙ୍କୁ ଡୁଡୁକାଠେଙ୍ଗା, ମାନସ ରଞ୍ଜନ ବିଶିଙ୍କୁ ମୋଟେର, ଯୁଗେଶ୍ୱର ବେମାଲଙ୍କୁ ରେଙ୍ଗାଲପାଲି, ଚନ୍ଦନ ମେହରଙ୍କୁ ଗମ୍ଭାରୀଗୁଡା ପଞ୍ଚାୟତର ନର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ତିନି ଜଣ ପିଇଓ ଓମ୍ ଜଗଦୀଶ ଯାନି, ଦୁଷ୍ମନ୍ତ କୁମାର ସୁନାନୀ ଓ କିଶୋର ଚନ୍ଦ୍ର ନାଏକଙ୍କୁ ବ୍ଲକ ଜିପିଡ଼ିଓ ସେକ୍ସନରେ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୨୭।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ପଞ୍ଚାୟତ ହାଇସ୍କୁଲ ଲୋହରାପାଲିଠାରେ କ୍ରୀଡ଼ା ଶିକ୍ଷକ ସଂଗଠନ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଖେଳ ଶିକ୍ଷକ ସଂଘ ସଭାପତି ରାଜକପୁର ବାରିକ ଅଧ୍ୟକ୍ଷତା କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା ମୁଖ୍ୟ ଅତିଥି ଓ ଲୋହାରପାଲି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଜିତେନ୍ଦ୍ର ନାଥ ଦଣ୍ଡସେନା ସାମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୟାନିଧି ଚଲାନ, ଖେଳ ଶିକ୍ଷକ ପ୍ରଶାନ୍ତ ପ୍ରଧାନୀ, ଖେଳ ଶିକ୍ଷକ ଭଗବାନ ପଣ୍ଡା ମଞ୍ଚାସୀନ ଥିଲେ। ସମାରୋହରେ ୨୮ ବିଦ୍ୟାଳୟର ଖେଳ ଶିକ୍ଷକ ଓ ୬ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଅବସର ଗ୍ରହଣ କରିଥିବା ଖେଳ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରଯାଇଥିଲା। ଧନଞ୍ଜୟ ଦଣ୍ଡସେନା ଅଥିତି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# କୋକସରା ପଞ୍ଚାୟତ ସମିତି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କୋକସରା,୨୭।୬
(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡୀର ନବନିର୍ବାଚିତ ବିଧାୟକ ସୁଧୀର ରଞ୍ଜନ ପାଢୀଯୋଷୀଙ୍କୁ ଗୁରୁବାର କୋକସରା ବ୍ଲକ ପ୍ରଶାସନ ଓ ୨୨ ପଞ୍ଚାୟତର ଜନପ୍ରତିନିଧିଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ସ୍ନେହାପ୍ରଭା ମାଝି, ବିଭିନ୍ନ ପଞ୍ଚାୟତର ସମିତି ମେମ୍ବର, ସରପଞ୍ଚ, ପିଇଓ, ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ, ମିଶନ ଶକ୍ତି କାଫେର ମହିଳା କର୍ମଚାରୀ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟକ ପାଢୀଯୋଷୀ ନିଜର ବକ୍ତବ୍ୟରେ କହିଥିଲେ, ଦୀର୍ଘବର୍ଷ ପରେ ରାଜ୍ୟରେ ଭାଜପା ସରକାର ଗଠନ କରିଛି। ଆଗକୁ କେନ୍ଦ୍ର ସରକାରଙ୍କ ନେତୃତ୍ୱରେ ଓଡିଶା ରାଜ୍ୟରେ ଭାଜପା ସରକାର କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାକୁ କ୍ରିୟାଶୀଳ କରିବା ନେଇ ସଂକଳ୍ପବଦ୍ଧ ଓ ଆଗାମୀ ସମୟରେ ରାଜ୍ୟବାସୀ ବିକଶିତ ଓଡିଶାରେ ସମସ୍ତ ସୁବିଧା ପାଇବେ ବୋଲି କହିଥିଲେ। ଏହି ଅବସରରେ ବିଧାୟକ ୬୧ ଜଣ ନୂତନ ପେନ୍‌ସନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଶେଷରେ ବିଡ଼ିଓ ସ୍ନେହାପ୍ରଭା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଧାୟକ କୋକସରା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିବା ସହ ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ କୋକସରା ଭାଜପା କର୍ମକର୍ତ୍ତା ତ୍ରିନାଥ ଶବର, ଅର୍ଜୁନ ଭାଟି, ମଧୁବନ ପାତ୍ର, ଦୁର୍ଗା ପ୍ରଧାନୀ, ଗରୁଡ଼ଧଜ ମାଝି, ଶାରଳା ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର



ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ଲାଞ୍ଜିଗଡ଼,୨୭।୬(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ବ୍ଲକ୍ କାର୍ଯ୍ୟାଳୟରେ ବୁଧବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଅଧ୍ୟକ୍ଷତା କରିଥିଲେ। ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ ନୋଡାଲ ଅଧିକାରୀ ଭାବେ ଯୋଗ ଦେଇଥିଲେ। ବିଡିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣା, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବ୍ଲକର ୨୬ଗୋଟି ଗ୍ରାମପଞ୍ଚାୟତର ସାମାଜିକ ସମୀକ୍ଷା ସମ୍ପର୍କିତ ଜନଶୁଣାଣି କରାଯାଇଥିଲା। ଏହି ଅବସରରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମଳୟ ବାଗ ଓ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ନେଇ ପିଏ ଆଇଟିଡିଏ ଓ ବିଡିଓ ଗ୍ରାମ ରୋଜଗାର ସେବକମାନଙ୍କୁ ତାଗିଦ କରିବା ସହିତ ଲୋକଙ୍କୁ କାମ ଯୋଗାଇଦେବା ସେମାନଙ୍କ ପ୍ରାଥମିକତା ଓ ଯୋଜନାରେ ସ୍ୱଚ୍ଛତା ରଖିବାକୁ ଆହ୍ୱାନ ଦେଇଥିଲେ। ତେବେ ଏହି ଶିବିରରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ଗୋଟିଏ ବି ଅଭିଯୋଗ ଆସି ନ ଥିବାବେଳେ ବ୍ଲକର ସଂଖ୍ୟାଧିକ ଯୋଗାଣ ସହାୟକ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

### ଶତପ୍ରତିଶତ ଉପସ୍ଥାନ ପାଇଁ ଶିକ୍ଷକଙ୍କ ଅଭିନବ ପ୍ରୟାସ

ନୂଆପଡ଼ା,୨୭।୬ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମେଣ୍ଡାଟାଲ ଗାଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ଉପସ୍ଥାନ ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ମେଣ୍ଡାଟାଲ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଛୁଟି ପରେ ଗାଁ ଗାଁକୁ ଯାଇ ଛାତ୍ରୀଛାତ୍ରଙ୍କୁ ପ୍ରତିଦିନ ବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି। ଗୁରୁବାର ସେମାନେ ମେଣ୍ଡାଟା, ସାରସମାଲ, ତେଲେନପାଲି ଓ ଡଙ୍ଗରପଡା ଗାଁକୁ ଯାଇ ଲୋକମାନଙ୍କ ସହ ସଭା କରି ପ୍ରତିଦିନ ପିଲାଙ୍କୁ ବିଦ୍ୟାଳୟ ପଠାଇବା ପାଇଁ କହିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଏଭଳି ପ୍ରୟାସକୁ ଅବଭାବକ ମହଲରେ ପ୍ରଶଂସା କରାଯାଉଛି।

# ଚିକିତ୍ସାଧୀନ ଏସ୍‌ଓଜି ଯବାନଙ୍କ ମୃତ୍ୟୁ

ନୂଆପଡ଼ା,୨୭।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଦାତୁନାମ କ୍ୟାମ୍ପରେ କାର୍ଯ୍ୟରତ ଏସ୍‌ଓଜି ଯବାନଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ କୋରାପୁଟ ଜିଲା କୋଟପାଡ ଗାଁର କର୍ଣ୍ଣ ବିଶୋଇ (୩୫)। ସୂଚନା ମୁତାବକ କର୍ଣ୍ଣ କାର୍ଯ୍ୟରତ ଥିବା ସମୟରେ କୌଣସି ରୋଗରେ ପୀଡିତ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଥିଲେ। କ୍ୟାମ୍ପକୁ ସେ ଏକମାସର ଔଷଧ ନେଇ ଯାଇଥିଲେ। ସେଠାରେ ତାଙ୍କୁ ଦୁଇମାସ ଡ୍ୟୁଟି କରିବାକୁ ପଡିଥିଲା। ଔଷଧ ସରିଯିବାରୁ ବୁଧବାର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ଶୋକ ପ୍ରକାଶ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଯବାନଙ୍କ ମୃତଦେହ ବ୍ୟବଚ୍ଛେଦ ସରିଥିଲେ ମଧ୍ୟ ପରିବାର ଲୋକ ପହଞ୍ଚି ନ ଥିବାରୁ ହସ୍ତାନ୍ତର ହୋଇପାରି ନାହିଁ।



କର୍ଣ୍ଣ ବିଶୋଇ।

# ଶୃଙ୍ଖଳାରେ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱ

ଭବାନୀପାଟଣା,୨୭।୬ (ଉତ୍ତମ କୁମାର ଦାଶ)



ରଥଯାତ୍ରା ପାଇଁ ଜିଲା ପ୍ରଶାସନର ବୈଠକ।

**ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଚଳିତ ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଆସନ୍ତା ଜୁଲାଇ ୭ ଓ ବାହୁଡା ଯାତ୍ରା ୧୫ ତାରିଖରେ କିଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲପାଳ ତ୍ରିଲୋଚନ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଡିଗା, ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ପହଣ୍ଡିବିଜେ ଓ ଛେରାପହଁରା ଜୁଲାଇ ୭ ତାରିଖ ଅପରାହ୍ନ ୪ଟାରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଦାରା ସମାପନ ହେବ। ପୋଲିସ ବିଭାଗ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା, ପୋଲିସ ନିୟନ୍ତ୍ରଣ କକ୍ଷ ସ୍ଥାପନ, ମାଉସୀମା' ମନ୍ଦିର ନିକଟରେ ଆବଶ୍ୟକ ସୁରକ୍ଷା କର୍ମୀ ମୁତୟନ, ଯାନବାହନ ଚଳାଚଳ ଓ ଟ୍ରାଫିକ ନିୟନ୍ତ୍ରଣ, ରଥଟଣା ସମୟରେ ରାସ୍ତାକଡ ଦୋକାନୀଙ୍କୁ ସ୍ଥାନାନ୍ତର, ରଥ ତିଆରି, ସେବାୟତ ଓ ପୂଜକଙ୍କୁ ପ୍ରଶାସନ ଦ୍ୱାରା ପରିଚୟ ପତ୍ର ପ୍ରଦାନ, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ରାସ୍ତା କଡ ଓ ହୋଟେଲର ଖାଦ୍ୟ ଯାଞ୍ଚ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯାନ ଓ ଆମ୍ବୁଲାନ୍ସ ସେବା, ଭକ୍ତବୃନ୍ଦଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା, ଆମିଷ ଓ ମଦ ବିକ୍ରି ଉପରେ କଟକଣା, ନାଳନର୍ଦ୍ଦମା ସଫା, ରଥଯାତ୍ରା ଓ ବାହୁଡା ଯାତ୍ରାର ଧାରା ବିବରଣୀ କେନ୍ଦ୍ର, ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା ଇତ୍ୟାଦି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହାସହ ବିଭାଗୀୟ ଅଧିକାରୀଙ୍କୁ ଏହାର ପରିଚାଳନା ଓ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଜଗନ୍ନାଥ ମନ୍ଦିର ପୂଜକ ଓ ସେବାୟତ,ଏମ୍‌ପି ପ୍ରତିନିଧି, ରାଜନୈତିକ ଦଳର କମିଟି କର୍ମକର୍ତ୍ତା, କଳାହାଣ୍ଡି ଓକିଲ ସଂଘ ସଭାପତି, ମସଜିଦ କମିଟିର ସଭାପତି/କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଓକିଲ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଡବନ୍ଧପଡା: ମୁକୁଳା ଡ୍ରେନ, ଅର୍ଦ୍ଧନିର୍ମିତ ରାସ୍ତା



**ପଦ୍ମପୁର,୨୭।୬(ପ୍ରଦୀପ୍ତ ଦାଶ):** ପଦ୍ମପୁର ଏନଏସି ଅଧୀନରେ ଥିବା ୱାର୍ଡ ନମ୍ବର ୬ର ବଡବନ୍ଧପଡା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ଅଞ୍ଚଳ ଖାଲୁଆ ଥିବାରୁ ଡ୍ରେନ ପାଣି ସହଜରେ ନିଷ୍କାସିତ ହୋଇ ପାରୁ ନ ଥିବା ବେଳେ ଏଠାରେ କାର୍ଯ୍ୟାରତ ଠିକାଦାର ଅନେକ ଡ୍ରେନକୁ ଘୋଡ଼େଇ ନାହିଁ। ସେହିପରି ଅଧା କଂକ୍ରିଟ ରାସ୍ତା ନିର୍ମାଣ କରି ବାକି ତକ ଛାଡି ଦେଇଥିବାରୁ ସାଧାରଣରେ ଯିବାଆସିବାରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଶେଷ କରି ଛୋଟ ପିଲାମାନେ ଏହି ରାସ୍ତାରେ ସ୍କୁଲ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନଏସି ନିର୍ବାହୀ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅବଶିଷ୍ଟ କାମ ଶୀଘ୍ର କରିବା ପାଇଁ ପଡାବାସିନ୍ଦା ଦାବି କରିଛନ୍ତି।

### ଲାଗି ହେଲା ପାଞ୍ଚମୂଳ ପାଞ୍ଚନ

**ବରଗଡ଼,୨୭।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ଦଧିବାମନ ମନ୍ଦିର ଅଣସର ପିଣ୍ଡିରେ ମଙ୍ଗଳବାର ଦଧିବାମନ ମହାପ୍ରଭୁଙ୍କ ପାଞ୍ଚମୂଳ ପାଞ୍ଚନ ଲାଗି ହୋଇଥିଲା। ଏହି ଗୁପ୍ତସେବା ୧୫ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ମହାପ୍ରଭୁଙ୍କୁ ଗୋରସ, ରମ୍ଭା ପକ୍ୱଫଳ, ଗଜାମୁଗ, ଛେନା, କର୍ପୂର, କ୍ଷୀରସର ମିଶ୍ରିତ ମିଶ୍ରିପଣା ମଣୋହି କରାଯାଇଥାଏ। ଜ୍ୱରରୁ ଉପଶମ ପାଇବା ପାଇଁ ମହାପ୍ରଭୁଙ୍କୁ ଏଭଳି କରାଯାଇଥାଏ। ଅଣସର ପିଣ୍ଡିରେ ଦଧିବାମନ ମହାପ୍ରଭୁଙ୍କୁ କେବଳ କରାଳ ଚନ୍ଦନ ଏବଂ ସୁଗନ୍ଧିତ ଶୁକ୍ଳଫଳ ଲାଗି କରାଯାଏ। ଅନବସର ଘରେ ଶ୍ରୀମୁଖ ଦର୍ଶନ ନିଷେଧ ଥିବାରୁ ତାଙ୍କ ସେବା କରିବା ପୂର୍ବରୁ ପ୍ରଥମେ ଶ୍ରୀଜୀଉଙ୍କୁ କ୍ଷମା ପ୍ରାର୍ଥନା କରିବା ପରେ ତାଙ୍କ ସେବା ଆରମ୍ଭ କରାଯାଏ। ଅଣସର ପିଣ୍ଡିରେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ସେବା ଏବେ ମନ୍ଦିର ମୁଖ୍ୟ ପୂଜକ ସମ୍ପାଦନ କରି ଆସୁଛନ୍ତି।

### ୧୦ ଜୁଲାଇରେ ମହୁରୀ ଉତ୍ସବ

**ପଦ୍ମପୁର,୨୭।୬(ପ୍ରଦୀପ୍ତ ଦାଶ):** ଲୁପ୍ତପ୍ରାୟ ପାରମ୍ପରିକ ଆଦି ବାଦ୍ୟକୁ ପୁନଃଜୀବିତ କରିବା ପାଇଁ ପଦ୍ମପୁର ସଂଗୀତ ସମିତି ଆନୁକୂଲ୍ୟରେ ଆସନ୍ତା ଜୁଲାଇ ୧୦ରେ ପଦ୍ମପୁର ରାଜାଜୀ ଟାଉନ ହଲଠାରେ ବୋଡାସମ୍ବର ମହୁରୀ ଉତ୍ସବର ଆୟୋଜନ କରାଯାଉଛି। ପଞ୍ଚବାଦ୍ୟ ଢ଼ୋଲ, ନିଶାନ, ତାସା, ମହୁରୀ, ଟିମକୀଡୀରେ ମହୁରୀର ପ୍ରମୁଖ ସ୍ଥାନ ରହିଛି। ଆଦି ବାଦ୍ୟ ଗଣାବଜା ସର୍ବତ୍ର ବୀର ବାଦ୍ୟ ଭାବରେ ସମ୍ମାନ ପାଇ ଆସୁଛି। ଜାତୀୟସ୍ତରରେ ତାର ଖ୍ୟାତି ରହିଛି। ପୁରାତନ ପାରମ୍ପାରିକ ଆଦି ବାଦ୍ୟ ସମୂହକୁ ବଞ୍ଚାଇବାକୁ ମହୁରୀ ଉତ୍ସବର ପରିକଳ୍ପନା ବୋଲି ଆଦି ବାଦ୍ୟ ଗବେଷକ ରମେଶ ଗୁର୍ଲା ସୂଚନା ପ୍ରଦାନ କରିଛନ୍ତି।

# ସୁରକ୍ଷିତ ଯାତାୟାତ ବ୍ୟବସ୍ଥା କରିବାକୁ ଗୁରୁତ୍ୱ

**ବରଗଡ଼,୨୭।୬(ପ୍ରେମାନନ୍ଦ ଖମାରୀ)**

## ଜିଲା ସଡ଼କ ସୁରକ୍ଷା ସମିତିର ବୈଠକ

ବରଗଡ଼ ଜିଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ସମିତି ଅଧ୍ୟକ୍ଷ ଜିଲାପାଳ ଆଦିତ୍ୟ କୁମାର ଗୋୟଲ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସମିତି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପର ଉପସ୍ଥିତ ସଦସ୍ୟଙ୍କୁ ପଚାରି ବୁଝିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଅନୁଷ୍ଠିତ ପୂର୍ବ ବୈଠକର ନିଷ୍ପତ୍ତି ଏବଂ ସେ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ।

ଗାନ୍ଧୀଛକରୁ ସହର ମୁଖ୍ୟରାସ୍ତା ଉପରେ ସ୍ଥାୟୀ ରୋଡ୍ ଡିଭାଇଡର ନିର୍ମାଣ କରିବା ପାଇଁ ସଦସ୍ୟମାନେ ଦାବି କରିଥିଲେ। ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲାପାଳ ମହାପାତ୍ର ପିଡବ୍ଲୁଡ଼ି ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପାଣ୍ଡେଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାଠାରୁ ଗାନ୍ଧିଛକ ପର୍ଯ୍ୟନ୍ତ ରାସ୍ତାରେ ଲୋକେ କିଭଳି ସୁରକ୍ଷିତ ଭାବେ ଯାତାୟାତ କରି ପାରିବେ, ସେ ଦିଗରେ ଯାନ୍ତ୍ରିକ ପଦ୍ଧତିରେ ଛକ ଏବଂ ୱାନ ୱେ ରୋଡ୍ ନିର୍ମାଣ ପାଇଁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ତେବେ ନିର୍ବାଚନ ପାଇଁ ବନ୍ଦ ପଡ଼ିଥିବା ଏହି କାମକୁ ଯଥାଶୀଘ୍ର ଆରମ୍ଭ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପାଣ୍ଡେ ପ୍ରକାଶ କରିଥିଲେ।

ସେହିପରି ଗାନ୍ଧିଛକରେ ଲାୟନ୍ସ କ୍ଲବ ପକ୍ଷରୁ ପ୍ରସ୍ତାବିତ ବସଷ୍ଟାଣ୍ଡ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ଗୋୟଲ ପିଡବ୍ଲୁଡ଼ି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ଷ୍ଟାଣ୍ଡରୁ ବାହାରି ଛକ ଜାଗାରେ ଛିଡ଼ା ରହୁଥିବା ବସଗୁଡ଼ିକ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ବୋଲି ସଦସ୍ୟମାନେ ଦାବି କରିବା ପରେ ସେ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ବସ ମାଲିକ ସଂଘକୁ ପରାମର୍ଶ ଦେଇଥିଲେ। ପରେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ଆଞ୍ଚଳିକ ପରିବହନ ଅଧିକାରୀ ମାଝି ଜିରୋ ଟଲରେନ୍ସ ଡେ, ଟ୍ରାଫିକ ସଚେତନତା ଶିବିର, ଅଘଟଣ ଦୁର୍ଘଟଣା, ଏଡ଼ଫୋର୍ସମେଣ୍ଟ, ହେଲମେଟ୍ ଚେକିଂ ଆଦି କ୍ଷେତ୍ରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ସଚେତନତା କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପରିବହନ ବିଭାଗ ପକ୍ଷରୁ ଚିହ୍ନଟ ବ୍ଲାକସ୍ପଟ୍ ତଥା ଦୁର୍ଘଟଣା ପ୍ରବଣ ଅଂଶରେ ଜନଜୀବନର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ। ସରଣ୍ଡା ଛକ, ଗୋବିନ୍ଦପୁର ଛକ, ଚକରକେନ୍ଦ ଛକ, ହଲଦିପାଲି ଛକ, ଲୁହୁରାଚଟି ଛକ, ଘୁଲିପାଲି ଛକରେ ଆଲୋକୀକରଣ କରାଯିବା ସହିତ ରାସ୍ତାରେ ବ୍ରେକର ଲଗାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ମାଝି କହିଥିଲେ।

ତେବେ ସବୁଠାରୁ ବିପଦପୂର୍ଣ୍ଣ ବିକାଶ ସ୍କୁଲ ଛକ ଏବଂ ଘୁଲିପାଲି ଛକରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନଏଚଏଆଇ) ପକ୍ଷରୁ ଏପର୍ଯ୍ୟନ୍ତ ଫ୍ଲାଇ ଓଭର କିମ୍ବା ଅଣ୍ଡରପାସ୍ ନିର୍ମାଣ କରାଯାଇ ନ ଥିବା ଯୋଗୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ ଉପସ୍ଥିତ ଏନଏଚଏଆଇର ଜିଏମ୍ କମ୍ ପିଡ଼ି ଡି.ଏସ୍ ଚୌଧୁରୀ ଏବଂ ମ୍ୟାନେଜର ନିତିନ ଗୁପ୍ତା ସେ ନେଇ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। କିନ୍ତୁ ବାଇପାସ୍ ରାସ୍ତା ନିର୍ମାଣ ହେବାର ଦୀର୍ଘ ୧୦ବର୍ଷ ପରେ ମଧ୍ୟ ବରଗଡ଼ବାସୀଙ୍କୁ ସୁରକ୍ଷିତ ରାସ୍ତା ଏବଂ ଛକ ଯୋଗାଇବାରେ ଏନଏଚଏଆଇ ବିଫଳ ହୋଇଥିବା ଯୋଗୁ ଉପସ୍ଥିତ ସଦସ୍ୟବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ।

ସମିତିର ସଦସ୍ୟ ରହିଥିବା ପୋଲିସ ଅଧିକାରୀମାନେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁ ଜିଲାରେ ପ୍ରାୟତଃ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହିଥିଲେ। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଏନଏଚଏଆଇର ଗୌଣ ଭୂମିକା ନେଇ ଜିଲାପାଳ ଗୋୟଲ ମଧ୍ୟ ଅସନ୍ତୋଷ ପ୍ରକାଶ କରି ତ୍ୱରିତ୍ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏନଏଚଏଆଇର ପିଡି ଏବଂ ମ୍ୟାନେଜର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବରଗଡ଼ ଜିଲାର ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଛକରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାର ନିରାକରଣ ପାଇଁ ପଦକ୍ଷେପ ନିଆଯିବାକୁ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବରଗଡ଼ ସହରରେ ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ଲାଗିବାକୁ ଥିବା ଯୋଗୁ କେଉଁ ସ୍ଥାନରେ ତାହା ଲାଗିବ ଏବଂ ତାକୁ ସୁରକ୍ଷିତ ଭାବେ ନିୟନ୍ତ୍ରଣ କରାଯାଇ ପାରିବ, ସେଥିପାଇଁ ଏକ ସବ୍‌କମିଟି ଗଠନ କରାଯାଇ ତାହା ଚୂଡ଼ାନ୍ତ କରିବାକୁ ଜିଲାପାଳ ଗୋୟଲ ପରାମର୍ଶ ଦେଇଥିଲେ। ସ୍ପିଡ୍ ବାଇକିଂ, ହେଲମେଟ୍ ଚେକିଂ, ସିଟ୍‌ବେଲ୍ଟ ଚେକିଂକୁ ତ୍ୱରାନ୍ୱିତ କରିବା ପାଇଁ ପରିବହନ ବିଭାଗ ଏବଂ ଡ୍ରଙ୍କେନ ଡ୍ରାଇଭିଂ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏମଭିଆଇ ସୁଷମା ସାହୁ ଏବଂ ଟିଆଇମାନେ ପରିବହନ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଅବଗତ କରିଥିଲେ। ବୈଠକରେ ବରଗଡ଼ ମ୍ୟୁନିସିପାଲିଟି, ବରପାଲି ଏବଂ ବିଜେପୁର ଏନଏସିର ପ୍ରତିନିଧି, ଟାଉନ ଥାନା ଅଧିକାରୀ ସତ୍ୟଜିତ୍ କଣ୍ଡାନକେଲ, ଟ୍ରାଫିକ ଇନ୍ସପେକ୍ଟର ମଙ୍ଗଳ କିସ୍କୁ, ଏନଏଚଏଆଇର ଯନ୍ତ୍ରୀ ଭାଟ ଭୋଇ, ଅଶୋକା ଟୋଲପ୍ଲାଜାର ଉମାକାନ୍ତ ବାରିକ, ରମେଶ ସରକାର, ସ୍ୱାସ୍ଥ୍ୟ ବିଭାଗରୁ ଡିପିଏମ ଗିରିଜା ଆଚାର୍ଯ୍ୟ, ଘରୋଇ ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।



ଜିଲା ସଡ଼କ ସୁରକ୍ଷା ସମିତି ବୈଠକରେ ଜିଲାପାଳ ଏବଂ ଅନ୍ୟ ସଦସ୍ୟବୃନ୍ଦ।

## ମୋଟରସାଇକେଲ ଚୋରି, ତଦନ୍ତରେ ଶିଥିଳତା ଅଭିଯୋଗ

**ସୋହେଲା,୨୭।୬(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାର ପଦ୍ମପୁର ରୋଡରେ ଥିବା ଏକ ମୋଟରସାଇକେଲ ଗେରେଜରୁ ଏକ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗେରେଜ ମାଲିକ ନରେଶ ବଣିଆ ଦୀର୍ଘ ବର୍ଷ ହେଲା ସୋହେଲାର ପଦ୍ମପୁର ରୋଡରେ ଏକ ଭଡା ଘରେ ଗ୍ୟାରେଜ ଖୋଲି ବାଇକ ମରାମତି କାମ କରୁଛନ୍ତି। ପ୍ରତିଦିନ ସେ ମରାମତି କାମ ଥିବା ଗାଡ଼ିଗୁଡିକକୁ ଦୋକାନ ଭିତରୁ ବାହାରକୁ ଆଣି ମରାମତି କାମ କରିଥାନ୍ତି। ବୁଧବାର ଗ୍ୟାରେଜ ମାଲିକ ମଧ୍ୟାହ୍ନ ଭୋଜନ ଖାଇ ଯାଇଥିଲେ। ବାହାରେ ଅନେକ ବାଇକ ରଖା ହୋଇଥିଲା। ପ୍ରାୟ ସାଢ଼େ ୩ଟାରେ ସେ ଗେରେଜକୁ ଫେରିବା ବେଳେ ଆଜକୁ ୪ ମାସ ତଳେ ମରାମତି ପାଇଁ ଦେଇଥିବା ଟୁଙ୍ଗିବନ୍ଧଲୀ ଗ୍ରାମର ଯୁଧିଷ୍ଠିର ସାହୁଙ୍କ (ନଂ.ଓଆର ୧୭/କେ/୬୦୫୨ ସିଡି ଡିଲକସ ବାଇକ ନ ଥିଲା। କେହି ଚୋରି କରି ନେଇଯାଇଥିଲେ। ସେ ଓ ତାଙ୍କ ସହକର୍ମୀ ଖୋଜାଖୋଜି କରି ପାଇ ନ ଥିଲେ। ଶେଷରେ ସନ୍ଧ୍ୟାରେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଖବର ନେବାରୁ ଜଣାପଡ଼େ ଯେ ଗୁରୁବାର ପର୍ଯ୍ୟନ୍ତ ଏହି ବାବଦରେ ମାମଲା ରୁଜୁ ହୋଇନାହିଁ। ପୋଲିସ ତଦନ୍ତରେ ସିଥିଳତା ଦେଖାଦେଇଛି। ଏ ନେଇ ଏସଆଇ ଏକ୍କାଙ୍କୁ ପଚରାଯିବାରୁ କେସ୍ ହୋଇନାହିଁ, ତଦନ୍ତ ଚାଲିଛି ବୋଲି କହିଥିଲେ।

# ପ୍ରକଳ୍ପ ଉଦ୍‌ଘାଟନୀ ସମାରୋହ

**ଗାଇସିଲେଟ୍,୨୭।୬(ବେଦପ୍ରକାଶ କଲେତ୍)**

ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ କୁଲିଆରୀ ଗ୍ରାମରେ ବିଭନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ନାବାର୍ଡ଼ ଏବଂ ଦେବଦତ୍ତ କ୍ଲବ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ନାବାର୍ଡ଼ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଡ. ଏସ.କେ ମିଶ୍ର ଉଦଘାଟନ କରିଥିଲେ। ଡେପୁଟି ମହାପ୍ରବନ୍ଧକ କମଳାକାନ୍ତ ପଟ୍ଟନାୟକ, ବରଗଡ଼ ଜିଲା ବିକାଶ ପ୍ରବନ୍ଧକ ହଟ କିଶୋର ବେହେରା, ବଲାଙ୍ଗୀର ଜିଲା ବିକାଶ ପରିଷଦର ପ୍ରବନ୍ଧକ ବିନୋଦ କୁମାର ନାୟକ, ଗାଇସିଲେଟ ବିଡିଓ ଲକ୍ଷ୍ମଣ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଦେବଦତ୍ତ କ୍ଲବ ସମ୍ପାଦକ କାହ୍ନୁଚରଣ ମାଝି, ସୁଶାନ୍ତ ପଣ୍ଡା, ସଞ୍ଜୀବ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷଦେବ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦେବଦତ୍ତ କ୍ଲବ ସମ୍ପାଦକ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ସୁଶାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରକଳ୍ପ ଦ୍ଘାଟନୀ ସମରୋହରେ ଅତିଥିବୃନ୍ଦ।

## ଅଜଣା ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ସୋହେଲା,୨୭।୬(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଥାନା ପୋଲିସ ନିକଟସ୍ଥ କନଗାଁ ଗ୍ରାମର ଏକ କ୍ଷେତରେ ବୁଧବାର ଅଜଣା ଯୁବକଙ୍କ ମୃତଦେହ ଜବତ କରିଛି। ମୃତଦେହ ପଚି ଦୁର୍ଗନ୍ଧ ବାହାରୁଥିଲା। ମୃତଦେହ ମୁଣ୍ଡ କଳା ପଡି ଯାଇଥିଲା। ଚିହ୍ନି ହେଉ ନ ଥିଲା ଓ ଅଣ୍ଟା ତଳକୁ କପଡା ନ ଥିଲା। ତାଙ୍କର ଆନୁମାନିକ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଗ୍ରାମବାସୀ କ୍ଷେତରେ ଏକ ଅଜଣା ମୃତଦେହ ପଡିଥିବା ଦେଖି ଖବର ଦେବାରୁ ପୋଲିସ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ପରି ଅନୁମାନ କରାଯାଉଛି। ଅନ୍ୟ କେଉଁଠି ଯୁବକଙ୍କୁ ହତ୍ୟା କରି ଏଠାକୁ ଆଣି ପକାଇ ଦେଇଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ବରଗଡରେ ବ୍ୟବଚ୍ଛେଦ କରି ମର୍ଚ୍ୟୁରିରେ ରଖିଛି। ୭୨ ଘଣ୍ଟା ମଧ୍ୟରେ କେହି ଦାବିଦାର ନ ଆସିଲେ ସତ୍କାର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ସୋହେଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଏଏସଆଇ ପୁଷ୍ପା ଡୁଙ୍ଗଡୁଙ୍ଗ ସୂଚନା ଦେଇଛନ୍ତି।

## ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ




ପଦ୍ମପୁର ମହିଳା ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପଦ୍ମପୁର,୨୭।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଶ୍ୱ ରକ୍ତଶିକୁଳି ସଚେତନତା ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଗୁରୁବାର ନବମ ଦିବସରେ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ସରକାରୀ ଡାକ୍ତରଖାନାର ବରିଷ୍ଠ ମେଡିସିନ ବିଶେଷଜ୍ଞ ଡ଼ା ଯଦୁମଣି ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ରକ୍ତ ଶିକୁଳି ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁଶ୍ରୀ ସଂଗୀତା ଗୌନ୍ତିଆ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଏହି ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ ଜୁନ ୧୯ରୁ ଆରମ୍ଭ ହୋଇଛି ଓ ଏହା ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# ବେଆଇନ ଟୋଲଟ୍ୟାକ୍ସକୁ ବିରୋଧ

**ବରଗଡ଼,୨୭।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାର ଏକ ବାଇପାସ୍ ପଞ୍ଚାୟତ ରାସ୍ତାରୁ ବେଆଇନ ଭାବେ ଟୋଲଟ୍ୟାକ୍ସ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ସେହି ରାସ୍ତାମୁଣ୍ଡରେ ଏକ ଟୋଲବୁଥ୍ ନିର୍ମାଣ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ବେଆଇନ ଟୋଲଟ୍ୟାକ୍ସ ଆଦାୟକୁ ବରଗଡ଼ ଜିଲା ଆମ୍ ଆଦମୀ ପାର୍ଟି(ଆପ୍) ବିରୋଧ କରିଛି। ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି, ଟୋଲଟ୍ୟାକ୍ସ ଆଦାୟ କରୁଥିବା ଅଶୋକା ବିଲ୍ଡକନ ଏପର୍ଯ୍ୟନ୍ତ ପାର୍ଶ୍ୱବର୍ତ୍ତୀ ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନାହିଁ। ଟୋଲପ୍ଲାଜାରେ ନିୟମିତ ଟୋଲଟ୍ୟାକ୍ସ ଅସୁଲି କରାଯାଉଛି। କିନ୍ତୁ ପଞ୍ଚାୟତ ରାସ୍ତାରେ ଟୋଲଟ୍ୟାକ୍ସ ଅସୁଲିକୁ ବରଦାସ୍ତ କରାଯିବ ନାହିଁ ବୋଲି ସାହୁ କହିଛନ୍ତି। ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ଜିଜ୍ଞାସା ତାଲିମ ଶିବିର ଉଦ୍‌ଘାଟିତ

**ଖଡ଼ିଆଳ,୨୭।୬ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକର ପ୍ରାୟ ୭୦ଜଣ ବିଜ୍ଞାନ ଶିକ୍ଷକଙ୍କୁ ନେଇ ବୋଡ଼େନ ସେବାଶ୍ରମଠାରେ ଜିଜ୍ଞାସା ଆକାଂକ୍ଷୀ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବୋଡ଼େନ ବିଇଓ ରୁଦ୍ରେଶ୍ୱର ମେହେର ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାଢ଼ୀ ଶିବିର ଉଦ୍‌ଘାଟନ କରିଥିଲେ।

## ପୂର୍ବତନ ବିଧାୟକଙ୍କ ମାତୃ ବିୟୋଗ

**ପାଇକମାଳ,୨୭।୬(ବଡ ଶତପଥୀ):** ପଦ୍ମପୁର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସତ୍ୟଭୂଷଣ ସାହୁଙ୍କ ମା' ସୁଶୀଳା ଦେବୀ ସାହୁ(୯୦)ଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ମାଣ୍ଡୋସିଲସ୍ଥିତ ବାସ ଭବନରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ସୁଶୀଳା ଦେବୀ ଜଣେ ଧର୍ମ ପରାୟଣା ତଥା ପରୋପକାରୀ ମହିଳା ଥିଲେ। ତାଙ୍କର ଛଅ ପୁଅ ବସନ୍ତ, ସତ୍ୟଭୂଷଣ, ଇନ୍ଦ୍ରମଣି, ହରିହର, ନାରାୟଣ ଓ ଧନପତି ତିନି ଝିଅ ଶାନ୍ତିଲତା, କାନ୍ତିଲତା, କୁମୁଦିନି ଓ ଜ୍ୱାଇ ନାତିନାତୁଣୀ ଅଛନ୍ତି। ସ୍ୱର୍ଗତ ସୁଶୀଳା ଦେବୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସ ଭବନକୁ ଯାଇ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ପଞ୍ଚମ ପୁଅ ନାରାୟଣ ସାହୁ ମୁଖାଗ୍ନି ଦେଇଥିଲେ।



# ହାତୀ ଭାଙ୍ଗିଲା ବାବା ଅନାଦି ଦାଶଙ୍କ ଘର

## ସରକାରୀ ସାହାଯ୍ୟ ଦାବି

**ପାଇକମାଳ,୨୭।୬(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ନୃସିଂହନାଥ ମନ୍ଦିରରୁ ପ୍ରାୟ ୪ କି.ମି. ଦୂରରେ ଏକ ଶିବମନ୍ଦିର ଅବସ୍ଥିତ। ଏହି ଛୋଟିଆ ମନ୍ଦିର ଚାରି ପାଖରେ ଯେପରି ପ୍ରକୃତି ରାଣୀ ନିଜକୁ ସଜାଇ ହୋଇ ଶିବ ବାବାଙ୍କ ପାଖରେ ସବୁବେଳେ ବିଦ୍ୟମାନ। ଝରଣା ମଧ୍ୟ ଦିନରାତି ବହି ଚାଲିଛି ଏଠାରେ। ପାଖରେ ଗୋଟିଏ ଛୋଟିଆ କୁଟୀରରେ ବାସ କରନ୍ତି ବାବା ଅନାଦି ଦାଶ। ନିର୍ଜନ ଜଙ୍ଗଲ ମଧ୍ୟରେ ଏକାକୀ ରହନ୍ତି ବାବା ଅନାଦି ଦାଶ। ଗୁପ୍ତେଶ୍ୱର ବାବା କହିଲେ ପାଇକମାଳ ଅଞ୍ଚଳର ପାୟ ସମସ୍ତେ ତାଙ୍କୁ ଜାଣନ୍ତି। ଦୁଃଖର ବିଷୟ ତାଙ୍କର କୁଟୀରକୁ ଗତ ୨୧ ତାରିଖ ସନ୍ଧ୍ୟାରେ ହାତୀ ଆସି ଭାଙ୍ଗି ଦେଇଥିଲା। ଏ ନେଇ ବାବା ନୃସିଂହନାଥସ୍ଥିତ ବନବିଭାଗ ରେଞ୍ଜରଙ୍କୁ କିଛି ସାହାଯ୍ୟ ପାଇଁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କୁ ସାହାଯ୍ୟ ତ ଦୂରର କଥା, ବନବିଭାଗ କୌଣସି କର୍ମଚାରୀ ତଦନ୍ତ ପାଇଁ ମଧ୍ୟ କେହି ସେଠାକୁ ଗଲେ ନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



ବାବାଙ୍କ ଘର ହାତୀ ଭାଙ୍ଗି ଦେଇଛି।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

## ଗଭୀର ନଳକୂପକୁ ସଂଯୋଗ ହେଉନି ବିଦ୍ୟୁତ୍

**ବରଗଡ଼,୨୭।୬(ପ୍ରେମାନନ୍ଦ ଖମାରୀ)**

ଗଭୀର ନଳକୂପ ଖୋଲାଯାଇଛି। ବିଦ୍ୟୁତ ଖୁଣ୍ଟ ପୋତାକାର୍ଯ୍ୟ ମଧ୍ୟ ସରିଛି। ହେଲେ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଫଳରେ ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଜଡ଼ାଗଞ୍ଜା ଏବଂ ଭଗତପୁର ଗ୍ରାମର ଅନେକ ଉଠାଜଳସେଚନ ପ୍ରକଳ୍ପ ତଥା ଗଭୀର ନଳକୂପ କାର୍ଯ୍ୟକ୍ଷମ ହୋଇପାରି ନାହଁ। ଏହାକୁ ନେଇ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା ଦାବି ନେଇ ବୁଧବାର ଚାଷୀମାନେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଉପରୋକ୍ତ ୨ ଗ୍ରାମ ଅଣଜଳସେଚିତ ଅଟେ। ଅଞ୍ଚଳର ଚାଷୀମାନେ ବର୍ଷା ଏବଂ ଉଠାଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିଥାନ୍ତି। ଏହି କ୍ରମରେ ପ୍ରାୟ ବର୍ଷେ ପୂର୍ବରୁ ଜଡ଼ାଗଞ୍ଜା ଏବଂ ଭଗତପୁର ଗ୍ରାମର ଅନେକ ଚାଷୀ ଉଠାଜଳସେଚନ ବିଭାଗ ଦ୍ୱାରା ନିଜ କ୍ଷେତରେ ଗଭୀର ନଳକୂପ ଖନନ କରିଛନ୍ତି। ସେହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେମାନେ ଚାଷକାର୍ଯ୍ୟ କରିବେ ବୋଲି ମନରେ ଆଶା ବାନ୍ଧିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିବା ଯୋଗୁ ଚାଷୀମାନେ ନିରାଶ ହୋଇପଡ଼ିଛନ୍ତି। ଅନ୍ୟପଟେ ନିଅଣ୍ଟିଆ ବର୍ଷା ମଧ୍ୟ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଏଭଳି ସ୍ଥିତିରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରି ଗଭୀର ନଳକୂପଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ଦାବି କରିଛନ୍ତି। ମନବୋଧ ସାହୁ, ବାଲଗୋପାଳ ସାହୁ, ବଳରାମ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।



ବିଦ୍ୟୁତ୍ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

## ସଂକ୍ଷେପରେ

### ଆରଏସ୍‌ପିରୁ ଆଲୁମିନିୟମ୍ ସ୍କ୍ରାପ ଚୋରି: ୨ ଗିରଫ

**ରାଉରକେଲା,୨୭।୬,(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା ଭିତରୁ ଆଲୁମିନିୟମ୍ ସ୍କ୍ରାପ ଚୋରି କରିବା ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁରଜ ପ୍ରଜାପତି(୨୫) ଓ ଦିନେଶ ତିର୍କୀ(୧୯)। ସୂଚନାଯୋଗ୍ୟ, ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡା ବସ୍ତିରେ ସୁରଜ ଓ ଦିନେଶ ପରିବାର ସହ ବାସ କରନ୍ତି। ବୁଧବାର ବିଳମ୍ବିତ ରାତିରେ ଦୁହେଁ ଆରଏସ୍‌ପି ପାଚେରୀ ଡେଇଁ କାରଖାନା ଭିତରକୁ ପସିଥିଲେ। ପରେ ଆରଏସ୍‌ପିର ଷ୍ଟକିୟାର୍ଡରୁ ୬୦ କେ.ଜି ଆଲୁମିନିୟମ୍ ସ୍କ୍ରାପ ଚୋରି କରି ଫେରାର ହେଉଥିବା ସମୟରେ କାରଖାନା ଭିତରେ କାର୍ଯ୍ୟରତ ସିଆଇଏସ୍‌ଏଫ ଯବାନଙ୍କ ହାବୁଡରେ ଧରାପଡି ଯାଇଥିଲେ। ଯବାନମାନେ ସେମାନଙ୍କଠାରୁ ୬୦ କେ.ଜି ସ୍କ୍ରାପ ଜବତ କରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ଟାଙ୍ଗରପାଲି ପୋଲିସ(୧୨୫।୨୪)ରେ ଏକ ମାମଲା ରୁଜୁ କରିଥିଲା।

### ସେବାକାର୍ଯ୍ୟରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ

**ରାଉରକେଲା, ୨୭।୬(ସଙ୍ଗୀତା ଜେନା):** ଜଗଦା ଗୋପାଳଟୋଲି ସ୍ଥିତ ବିର୍ସାମୁଣ୍ଡା ସ୍କୁଲରେ ସାମାଜିକ ଅନୁଷ୍ଠାନ ଦୀନକୃଷ୍ଣ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗୁରୁବାର ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଶତାଧିକ ବରିଷ୍ଠ ନାଗରିକଙ୍କୁ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡା. ଅଶ୍ୱିନୀ ପାତ୍ର, ସ୍କୁଲ ପରିଚାଳନା କମିଟିର ଆବାହକ ବିପଦ ଭଞ୍ଜନ ପଣ୍ଡା, ମନୋଜ ସାମଲ, ଅନୁଷ୍ଠାନର ସଭାପତି ଆରତୀ ସାହୁ, ସମ୍ପାଦକ ରାଜୀବ ପାତ୍ର, ଉପଦେଷ୍ଟା ଡା. ମଧୁସୂଦନ ସାହୁ,ଡା.ଏସ କେ ସାହୁ, ଡା. ବିନୋଦ ସାହୁ, ଡା. ରବି ନାରାୟଣ ବେହେରା,ଡା. ଗୌରୀଶଙ୍କର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ରାଉରକେଲା,୨୭।୬(ଦିନେଶ ମିଶ୍ର):** ସେକ୍ଟର-୮-୧୫ ଛକରେ ଥିବା ତାରିଣୀ ମନ୍ଦିର ପୀଠରେ ୨୪ତମ ବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ଅନିରୁଧ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ତାରିଣୀଙ୍କ ସକାଳ ଧୂପ, ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବାଦେବୀ ପୂଜା କରାଯାଇଥିଲା। ପରେ ମା'ଙ୍କୁ ସିନ୍ଦୂର ବେଶରେ ସୁସଜ୍ଜିତ କରାଯାଇ ଷୋଡ଼ଶ ଉପଚାର ପୂଜା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନୁ ଜେନା କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ସାମାଜିକ କର୍ମୀ ନିରଞ୍ଜନ ଧଳଙ୍କ ଆନୁକୂଲ୍ୟରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ରାତି ସାଢେ ୮ଟାରେ ତାରିଣୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଭାପତି ଭୁବନ ବେହେରା, ସମ୍ପାଦକ ସୀମାଞ୍ଚଳ ସ୍ୱାଇଁ, ନୀରଞ୍ଜନ ଧଳ, ମନୁ ଜେନା, ଭରତ ବାଲ୍ମିକୀ, ବୀରେନ୍ଦ୍ର ଓଝା, ଜିତୁ ସାହୁ, ରମେଶ ସେଠୀ, ଆଲୋକ ମହାପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ରାଉରକେଲା ସ୍ଥିତ ବାସନ୍ତୀକଲୋନୀ ଓଭରବ୍ରିଜ୍ ଡିଭାଇଡର ଭାଙ୍ଗିଯାଇଛି।

# ଭାଙ୍ଗିଲାଣି ଡିଭାଇଡର: ନାହିଁ ସ୍ପିଡ୍‌ବ୍ରେକର

**ରାଉରକେଲା,୨୪।୬(ଦିନେଶ ମିଶ୍ର)**

- ଅବ୍ୟବସ୍ଥା ଘେରରେ ବାସନ୍ତୀ କଲୋନୀ ଓଭରବ୍ରିଜ୍
- ବଢୁଛି ଦୁର୍ଘଟଣା

ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଚାଲିଛି ବହୁ ଉନ୍ନତିମୂଳକ କାର୍ଯ୍ୟ। ହେଲେ ଏହି କାମ ନେଇଥିବା ଠିକା ସଂସ୍ଥା କଣ୍ଟ୍ରାକ୍ଟରମାନେ ନିମ୍ନମାନର କାମ କରୁଥିବାରୁ ସହରବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାସନ୍ତୀ କଲୋନିର ରେଲୱେ ଫାଟକ ଉପରେ ନିର୍ମାଣ ହୋଇଥିବା ଓଭରବ୍ରିଜ୍‌ରେ। ଏହି ବ୍ରିଜ୍ ବାସନ୍ତୀ କଲୋନିକୁ ଉଦିତନଗର ସହ ଯୋଡୁଥିବାବେଳେ ରାତି ପାହିଲେ ହଜାର ହଜାର ସଂଖ୍ୟାରେ ଲୋକେ ଯାତାୟତ କରିଥାନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଜ୍‌ର ଏକାଧିକ ସ୍ଥାନରେ ଗର୍ତ୍ତ ସାଙ୍ଗକୁ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଥିସହ କେତେକ ସ୍ଥାନରେ ଡିଭାଇଡର ଭାଙ୍ଗିଯାଇଛି। ସେହିଭଳି ପାଦଚଲା ବାଟୋଇଙ୍କ ପାଇଁ ଲାଗିଥିବା ଟାଇଲ୍ସଗୁଡିକ ଫାଟି ଯାଇଥିବାବେଳେ ଆଉ କିଛି ଭାଙ୍ଗି ଯାଇଛି। ଫଳରେ ବାଟୋଇମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବ୍ରିଜ୍ ଶେଷ ଭାଗରେ ହୋଇଥିବା ବୁଲାଣି ବିପଜ୍ଜନକ। ଉକ୍ତ ବୁଲାଣି ପାଇଁ ବ୍ରିଜ୍ ଉପରୁ କୌଣସି ଡିଭାଇଡର ବ୍ୟବସ୍ଥା ନ ଥିବାରୁ ଯିଏ ଯେମିତି ପାରିଲା ଗାଡି ବୁଲାଉଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ସେଠାରେ ଲାଗିଥିବା ଗତିପଥ ସୂଚନା ଫଳକ ଭାଙ୍ଗିଯାଇଛି। ବ୍ରିଜ୍‌କୁ ଆଲୋକମୟ କରିବା ପାଇଁ ୨୪ ଷ୍ଟ୍ରିଟ୍‌ପୋଲରେ ଏଲ୍‌ଇଡି ଲାଇଟ୍‌ର ବ୍ୟବସ୍ଥା କରାଯାଇଛି। ହେଲେ ସେଥିରୁ ଏକାଧିକ ଲାଇଟ୍ ଜଳୁ ନ ଥିବା ଦେଖିବାକୁ ମିଳିଛି। ଏନେଇ ରାଉରକେଲା ପିଡବ୍ଲୁଡି ଅଧିକାରୀ ମନୋଜ ମହାନନ୍ଦଙ୍କୁ ପଚାରିବାରୁ, ଗତବର୍ଷ ପାଦଚଲା ଟାଇଲ୍ସଗୁଡିକ ଭାଙ୍ଗିଯାଇଥିବାବେଳେ ଏହାର ମରାମତି ସରିଯାଇଛି। ବର୍ତ୍ତମାନ ବ୍ରିଜ୍‌ର କ'ଣ ସମସ୍ୟା ରହିଛି ଏହାକୁ ଯାଞ୍ଚ କରି ଆଗାମୀ ୭ ଦିନ ଭିତରେ ଯଥାଶୀଘ୍ର ଏହାକୁ ମରାମତି କରାଯିବ ବୋଲି ମହାନନ୍ଦ କହିଛନ୍ତି।

## ଜୁଲାଇ ୧୪ରେ 'ନ୍ୟୁଟ୍ରିଫେଷ୍ଟ' କିଡ୍ସ ଫ୍ୟାଶନ ଶୋ'

**ରାଉରକେଲା,୨୭।୬ (ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନ୍ୟୁଟ୍ରିସ୍ଲିପ ଓ ରୋଟାରି (ରୋଟାରି କ୍ଲବ ଅଫ୍ ରାଉରକେଲା କୁଇନ୍)ର ମିଳିତ ସହଯୋଗରେ ରାଉରକେଲା ସ୍ଥିତ ପ୍ଲୁଟୋନ ମଲଠାରେ ୨୦୨୪ ଜୁଲାଇ ୧୪ରେ 'ନ୍ୟୁଟ୍ରିଫେଷ୍ଟ ' କିଡ୍ସ ଫ୍ୟାଶନ ଶୋ' ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଦୈନିକ ଓଡ଼ିଆ ଖବର କାଗଜ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ମୁଖ୍ୟ ମିଡିଆ ପାର୍ଟନର ଥିଲାବେଳେ ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥାଗୁଡିକ ମଧ୍ୟ ଏହି ଶୋ'ରେ ସହଭାଗୀ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶୋ' ୩ଟି ବର୍ଗ ପ୍ରି- ୭ବର୍ଷରୁ କମ୍, ଜୁନିଅର ୮ରୁ ୧୨ବର୍ଷ ଏବଂ ସିନିଅର ୧୩ରୁ ୧୭ବର୍ଷ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ସେହିଭଳି କ୍ୟାଟାଗୋରୀ -୧ରେ ଚିତ୍ରାଙ୍କନ, କ୍ରିଏଟିଭ ରାଇଟିଂ ଓ ଷ୍ଟୋରୀ ଟେଲିଙ୍ଗ୍ ଭଳି କାର୍ଯ୍ୟକ୍ରମ ରହିଥିବା ବେଳେ ଏହାର ପ୍ରବେଶିକା ଫି' ୩୦୦ ଟଙ୍କା ଧାର୍ଯ୍ୟ

Nutri Fest
The Kids Fitness Show
ROURKELA

ହୋଇଛି। ସେହିପରି କ୍ୟାଟାଗୋରୀ -୨ରେ ନ୍ୟୁଟ୍ରି କୁଇଜ୍ ଓ ସ୍ପେଲ ବି ଭଳି କାର୍ଯ୍ୟକ୍ରମ ରହିଥିଲା ବେଳେ ଏହାର ପ୍ରବେଶିକା ଫି' ୪୦୦ ଟଙ୍କା ଏବଂ କ୍ୟାଟାଗୋରୀ-୩ରେ କିଡ୍ସ ଫିଟ୍‌ନେସ ଶୋ' ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ରହିଛି। ଏହି ଶୋ'ର ପ୍ରବେଶିକା ଫି ୫୦୦ ଟଙ୍କା ରହିଥିବାବେଳେ ପ୍ରତିଯୋଗିତାରେ ସାମିଲ ହେବାକୁ ଆଶାୟୀ ପ୍ରତିଯୋଗୀମାନେ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ୭୫୮୧୯୨୧୦୦୦,୭୯୯୯୬୫୦୨୬୩ ଏବଂ ୮୯୧୭୪୫୯୬୮୪ ନମ୍ବରରେ ଯୋଗଯୋଗ କରିବାକୁ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୧୫ ଦିବା ୧ଟା ୩୦ରୁ ଓ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଉପରୋକ୍ତ କାର୍ଯ୍ୟକ୍ରମ ରାଉରକେଲାର ପ୍ଲୁଟୋନ ମଲଠାରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି।

## ଆର୍‌ଏମ୍‌ସି କମିଶନରଙ୍କୁ ଭେଟିଲା ବଣିକ ସଂଘ



ଆର୍‌ଏମ୍‌ସି କମିଶନରଙ୍କ ସହ ବଣିକ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ରାଉରକେଲା,୨୭।୬(ଦିନେଶ ମିଶ୍ର)**

ରାଉରକେଲା ବଣିକ ସଂଘର କର୍ମକର୍ତ୍ତାମାନେ ଗୁରୁବାର ରାଉରକେଲା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ସୌଜନ୍ୟ ସାକ୍ଷାତ କରିଛନ୍ତି। ସଂଘ ସଭାପତି ପ୍ରଭାତ ଟ୍ରିବରିୱାଲଙ୍କ ନେତୃତ୍ୱରେ ଏକାଧିକ କର୍ମକର୍ତ୍ତା କମିଶନରଙ୍କୁ ସାକ୍ଷାତ କରି ବଣିକ ସଂଘର ଆଭିମୁଖ୍ୟ ଓ କାର୍ଯ୍ୟଶୈଳୀ ଉପରେ ବିସ୍ତୃତ ମତ ରଖିଥିଲେ। ଏଥିସହ ନବ ନିର୍ବାଚିତ କର୍ମୀମାନେ ତୃଣମୂଳ ସ୍ତରରେ କିଭଳି ସଂଘର ବିଭିନ୍ନ କାର୍ଯ୍ୟକୁ ସଦୃଢ କରିପାରିବେ ସେନେଇ ଆଲୋଚନା କରିଥିଲେ। ପରେ ସଂଘର କର୍ମକର୍ତ୍ତାମାନେ ଆରଏମ୍‌ସିର ଉପଆୟୁକ୍ତ ଅନିତା ନାୟକଙ୍କୁ ଭେଟି ସଂଘର ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟପନ୍ଥା ବିଷୟରେ ଅବଗତ କରିଥିଲେ। ଏଥିସହ ସଂଘ ପକ୍ଷରୁ ରାଉରକେଲାରେ ବାଣିଜ୍ୟ ଓ ବିଭିନ୍ନ ଉନ୍ନତି ପାଇଁ ଯଦି କୌଣସି ସହଯୋଗ ପଡେ ତେବେ ସଂଘ କର୍ମକର୍ତ୍ତାଙ୍କ ସହଯୋଗ ରହିବ ବୋଲି ପ୍ରତିନିଧି ମଣ୍ଡଳୀ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ସଂଘର ଉପସଭାପତି ସନ୍ତୋଷ ଅଗ୍ରୱାଲ, ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ କାପୁର, ମୀନଷ ମୋଦୀ, ମିଲନ ମୋଦୀ, ପବନ ବାଗେଡିଆ, ଅଭୟ ଅଗ୍ରୱାଲ, ଗୁରୁବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଆପରାଧିକ ଆଇନ, କାର୍ଯ୍ୟକାରିତା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ରାଉରକେଲା,୨୭।୬(ସଙ୍ଗୀତା ଜେନା)**

ସଚେତନତା ସୃଷ୍ଟି କରିବା ଏବଂ ସମାଜ ଉପରେ ନୂତନ ନିୟମ ଓ ଆଇନର ମହତ୍ତ୍ୱ ଏବଂ ପ୍ରଭାବକୁ ଜନସଚେତନତା କରିବା ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ପକ୍ଷରୁ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଭାରତର ନୂତନ ଅପରାଧିକ ଆଇନ ଓ ସେଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା ସିନେଟ୍ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଅଦୈତ୍ୟ ପଣ୍ଡାଙ୍କ ଦ୍ୱାରା କର୍ମଶାଳା ଉପସ୍ଥାପନ ହୋଇଥିଲା। ନୂତନ ଅପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ଜୁଲାଇ ୧ରୁ ବଳବତ୍ତର ହେବାକୁ ଯାଉଛି। ଉକ୍ତ ନୂତନ ଆଇନ ଗୁଡ଼ିକ ଆଇପିସି ୧୮୬୦, କୋଡ୍ ଅଫ୍ କ୍ରିମିନାଲ୍ ପ୍ରସଡ୍ୟୁର୍ ୧୯୭୩ ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ୧୮୭୨ ଆଦି ପରିବର୍ତ୍ତେ କାର୍ଯ୍ୟକାରୀ ହେବାକୁ ଯାଉଛି। ଆଇନଜୀବୀ ପଣ୍ଡା ଉପସ୍ଥାପନା ଦେଇ କହିଥିଲେ, ଏହି ଅଧାଦେଶ ଅଧିବଶନରେ କେତେକ ଅପରାଧକୁ ଅପରାଧିକ ଶ୍ରେଣୀଭୁକ୍ତ, ପୀଡ଼ିତାର କ୍ଷତିପୂରଣରେ ପରିବର୍ତ୍ତନ, ଅନୁସନ୍ଧାନ ପ୍ରକ୍ରିୟାରେ ପରିବର୍ତ୍ତନ ଏବଂ ଜାମିନ୍ ବ୍ୟବସ୍ଥାରେ ସଂଶୋଧନ ଗୁଡିକ ସମ୍ପର୍କରେ ବିଚାର କରାଯାଇଥିଲା। ସେହିପରି ଇଲେକ୍ଟ୍ରିକ ଏଭିଡେନ୍ସ( ବୈଦ୍ୟୁତିକ ପ୍ରମାଣ) ଗ୍ରହଣୀୟତା, ସୋଶିଆଲ ମିଡିଆର ବ୍ୟବହାର ଏବଂ ସାଇବର ଅପରାଧ ଉପରେ ବିସ୍ତୃତ ବର୍ଣ୍ଣନା କରାଯାଇଥିଲା। ସମାଜର ବିଭିନ୍ନ ଦିଗ ଏବଂ ନ୍ୟାୟିକ ବିଚକ୍ଷତା ଉପରେ ପରିବର୍ତ୍ତନ ଗୁଡ଼ିକର ପ୍ରଭାବ ସଂକ୍ଷିପ୍ତ ଭାବେ ଆଲୋଚନା ହୋଇଥିଲା। ଶେଷରେ ଏକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା।

### ଚିକିତ୍ସାଧୀନ ମହିଳା ମୃତ

**ରାଉରକେଲା,୨୭।୬(ଦିନେଶ ମିଶ୍ର):** ବିଶ୍ରା ଥାନା ବରସୁଆଁରେ ନିଆଁରେ ପୋଡ଼ିହୋଇ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଜୁଲିଆ ଏକ୍କା(୪୩)। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ଜୁଲିଆ ଷ୍ଟୋଭରେ ରୋଷେଇ କରୁଥିବାବେଳେ ହଠାତ୍ ଫାଟିଯାଇଥିଲା। ଫଳରେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ପ୍ରଥମେ ତାଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଆର୍‌ଜିଏଚ୍ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜେପିକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଯୁବକଙ୍କୁ ଗୁଳିମାଡ଼, ଥାନାରେ ମାମଲା

**ରାଉରକେଲା,୨୭।୬(ସଙ୍ଗୀତା ଜେନା):** ରେଳବାଇ କଲୋନୀ ନିକଟରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି। ଏ ନେଇ ଯୁବକ ଜଣକ ପ୍ଲାଣ୍ଟସାଇଟ୍ ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା( ନଂ. ୫୪୬/୨୪) ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ଯୁବକ ଜଣଙ୍କ ଛେଣ୍ଡ ସ୍ଥିତ ବାସଭବନକୁ ଯାଉଥିବାବେଳେ ରେଳବାଇ କଲୋନୀ ନିକଟରେ ୩-୪ ଜଣ ଯୁବକଙ୍କ ସହ କୌଣସି କାରଣରୁ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଫଳରେ ଉକ୍ତ ଯୁବକମାନେ ଏକ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିରେ ବିଶ୍ରା ଅଞ୍ଚଳର ଜଣେ ପେଟ୍ରୋଲ ପମ୍ପ ମାଲିକ ଓ ଅନ୍ୟ ଜଣେ ସମ୍ପୃକ୍ତି ଥିବା ଜଣାପଡିଛି।

## ମଡେଲ ଇଏସ୍‌ଆଇସି ହସ୍ପିଟାଲ ବିପର୍ଯ୍ୟସ୍ତ

**ରାଉରକେଲା,୨୭।୬(ସଙ୍ଗୀତା ଜେନା)**

**କାର୍ଯ୍ୟାନୁଷ୍ଠାନ ନ ହେଲେ ଏଚଏମ୍‌ଏସ୍ କରିବ ପ୍ରତିବାଦ**

କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇଏସ୍‌ଆଇସି ମଡେଲ ହସ୍ପିଟାଲରେ ୨୦୨୩ ମେରେ ଏକ୍ସରେ ମେଶିନ୍ ଅଚଳ ହୋଇଯାଇଥିଲା। ତେଣୁ ରୋଗୀଙ୍କ ପାଇଁ ଜେପି ହସ୍ପିଟାଲରେ ବ୍ୟବସ୍ଥା କରାଯାଇଥିଲା। ସେହିପରି କୁଶଳୀ ୧୨ ଜଣ ଡାକ୍ତରଙ୍କୁ ଅନ୍ୟ ଡାକ୍ତରଖାନା ବଦଳି କରାଗଲା। ହଜାର ହଜାର ରୋଗୀ ଏଠାରୁ ଉପକୃତ ହେଉଥିଲେ। ହେଲେ ଏଠାକାର ବିପର୍ଯ୍ୟସ୍ତ ଅବସ୍ଥା ଦେଖି ହିତାଧିକାରୀଙ୍କ ମଧ୍ୟରେ ନିରାଶଭାବ ଦେଖାଦେଇଛି। ଏ ନେଇ ଗୁରୁବାର ହିନ୍ଦ ମଜଦୁର ସଭା(ଏଚ୍‌ଏମ୍‌ଏସ୍) ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ପ୍ରେସବିବୃତ୍ତିରେ କ୍ଷୋଭ ପ୍ରକାଶ କରିଛନ୍ତି। ମହାନ୍ତି କହିଛନ୍ତି, ମେଡିସିନ୍ ବିଭାଗରେ ଡାକ୍ତର ନାହାଁନ୍ତି, ଇଏନ୍‌ଟି ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଛାତି , ଚକ୍ଷୁ ସମେତ ବିଭିନ୍ନ ବିଭାଗରେ ଅଚଳ ଅବସ୍ଥା ଦେଖାଦେଇଛି। ଉକ୍ତ ହସ୍ପିଟାଲର କର୍ତ୍ତୃପକ୍ଷ ଜୁଲାଇ ୧୦ ତାରିଖ ମଧ୍ୟରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଅଗଷ୍ଟ ୯ରେ କ୍ରାନ୍ତି ଦିବସରେ ମଡେଲ ହସ୍ପିଟାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏଚଏମ୍‌ଏସ ପକ୍ଷରୁ ଧାରଣା, ପ୍ରତିବାଦ କରାଯିବ ବୋଲି ମହାନ୍ତି ପ୍ରେସ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି।

## ସାଇବର ସିକ୍ୟୁରିଟି ସଚେତନ କର୍ମଶାଳା

**ରାଉରକେଲା,୨୭।୬(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଅନ୍ତର୍ଜାତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପ ଇଣ୍ଡିଆ, ଗୋପବନ୍ଧୁ ପାଠାଗାର ସହ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ସାଇବର ସିକ୍ୟୁରିଟିସଚେତନତା କର୍ମଶାଳା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କର୍ମଶାଳା ଡ. ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବାବେଳେ ହରିହର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଇଞ୍ଜିନିୟର ସୁବାସ ଚନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ହେଲ୍ପ ଇଣ୍ଡିଆର ରାଜ୍ୟ ପ୍ରକଳ୍ପ ସଂଯୋଜକ ଦେବଶ୍ରୀ ବ୍ରହ୍ମା ଓ ସ୍ୱେଚ୍ଛାସେବୀ ବର୍ଣ୍ଣାଳୀ ସେନାପତି ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ଉଦାହରଣ ଦେଇ ଅନ୍‌ଲାଇନ ବିତ୍ତୀୟ ଠକେଇଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ସମ୍ପ୍ରତି ଡିଜିଟାଲ ଯୁଗରେ ବିତ୍ତୀୟ କାରବାରରେ ବହୁ ବ୍ୟକ୍ତି ବିଶେଷ ଠକାମିର ଶିକାର ହେଉଛନ୍ତି। ତେଣୁ ଆମେ କିଭଳି ଏଥିପ୍ରତି ସଚେତନ ହୋଇପାରିବା ସେନେଇ କର୍ମଶାଳାରେ ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବରିଷ୍ଠ ନାଗରିକମାନଙ୍କ ସହ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନେ।

## ଜ୍ଞାନ ଉତ୍ସବରେ ସଫଳତା ହାସଲ କଲା ଆର୍‌ଏସ୍‌ପି

**ରାଉରକେଲା,୨୭।୬(ବିପ୍ଳବ ରଞ୍ଜନ ଦାଶ)**

ସେଲ ଜ୍ଞାନ ଉତ୍ସବ ପାଳନ ଉପଲକ୍ଷେ ରାଞ୍ଚିର ସେଲ ପ୍ରବନ୍ଧନ ପ୍ରଶିକ୍ଷଣ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଥିବା ଶିକ୍ଷଣ ଏବଂ ବିକାଶ ପଦକ୍ଷେପ ପ୍ରତିଯୋଗୀତାରେ ଆରଏସପିକୁ ମିଳିଛି ସଫଳତା। ପ୍ରତିଯୋଗୀତାରେ ଆରଏସପିର ଶିକ୍ଷଣ ଏବଂ ବିକାଶ ବିଭାଗ ଉପବିଜୟୀ ହୋଇଛି। ଏହି ଉତ୍ସବ ସେଲ, ପ୍ରବନ୍ଧନ ପ୍ରଶିକ୍ଷଣ ସଂସ୍ଥାନ ତରଫରୁ ସେଲର ୬୨ତମ ସ୍ଥାପନା ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିଲା। ଏହି ଉତ୍ସବ ସେଲର କାର୍ମିକ ବିଭାଗର ନିର୍ଦ୍ଦେଶକ କେ.କେ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସେଲର ଶିକ୍ଷଣ ଓ ବିକାଶ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ପ୍ଲାଣ୍ଟର ବହୁ ଟେକ୍ନୋକ୍ରାଟ୍, ଆଇଆଇଏମ, ରାଞ୍ଚିର ବହୁ ବରିଷ୍ଠ ପ୍ରଫେସର ଓ ଇସ୍ପାତ ଏବଂ ଶକ୍ତ ସଂସ୍ଥାନ ସମ୍ପୃକ୍ତ ବରିଷ୍ଠ ଅନୁଭବୀ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏନେଇ



ଆରଏସପି ଅଧିକାରୀଙ୍କୁ ଉପବିଜେତା ଟ୍ରଫି ପ୍ରଦାନ କରାଯାଉଛି।

ଆୟୋଜିତ ପ୍ରତିଯୋଗୀତାରେ ଆରଏସପି ଏଚଆର ଏଲ.ଆଣ୍ଡ.ଡି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଓ ଏଜିଏମ କେ,କେ ଯୌଶୱାଲ ଅଂଶଗ୍ରହଣ କରି ସେଲରେ ଶିକ୍ଷଣର ନବୀନତା ଶିର୍ଷକ ବିଷୟବସ୍ତୁ ଆଧାରିତ ବିଭିନ୍ନ ଅଭିନବ ଶିକ୍ଷଣ ଓ ବିକାଶ ଅଭ୍ୟାସ ଜନିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଅନୁରୂପ ଭାବେ ଆରଏସପିର ବିଭିନ୍ନ ବିଭାଗ ଅଧିକାରୀମାନେ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଅଂଶଗ୍ରହଣ କରି ଅନେକ ପୁରସ୍କାର ଅର୍ଜନ କରିବା ସହ ସମ୍ମାନିତ ହୋଇଥିଲେ। ପୁରସ୍କୃତ ହୋଇଥିବା ଅଧିକାରୀଙ୍କ ମଧ୍ୟରୁ ଟି.ଆଣ୍ଡ ଆରଏମ ବିଭାଗର ମ୍ୟାନେଜର ଧିରଜ କୁମାର, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଏଜିଏମ ଲିବିନ ସି ଥୋମାସ ଓ ଲୋକସମ୍ପର୍କ ବିଭାଗ ଜିଏମ ତଥା ସଞ୍ଚାରମୁଖ୍ୟ ଅର୍ଚ୍ଚନା ଶତପଥି ପ୍ରମୁଖ ଅତ୍ୟାଧୁନିକ ପ୍ରଶିକ୍ଷଣ ଶିକ୍ଷାଶୈଳୀ ପ୍ରବର୍ତ୍ତନର ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ପୁରସ୍କାର ଅର୍ଜନ କରିଥିଲେ। ବ୍ଲାଷ୍ଟଫର୍ଣ୍ଣେସ ବିଭାଗ ବରିଷ୍ଠ ମ୍ୟାନେଜର ଆଦିତ୍ୟ ରାଉତରାୟ, ନ୍ୟୁ ପ୍ଲେଟ ମିଲ ବିଭାଗ ମ୍ୟାନେଜର ଅଭିଜିତ ପଟ୍ଟନାୟକ ସର୍ବୋତ୍ତମ କୁଶଳୀ ଇଞ୍ଜିନିୟର ବିଭାଗ ପ୍ରଶିକ୍ଷକ ପୁରସ୍କାର ଲାଭ କରିଥିଲେ। ଆରଏସପିର ବିଭିନ୍ନ ଅତ୍ୟାଧୁନିକ ଶିକ୍ଷଣ କାର୍ଯ୍ୟ ସଫଳ ପରିପ୍ରେକ୍ଷୀରେ ଏଚଆର ଏଲ.ଆଣ୍ଡ.ଡି ବିଭାଗର ଜିଏମ ଶ୍ରୀନିବାସ କୋଣ୍ଡା, କେ.କେ ଯୌଶୱାଲ,ଏଚଆର ଏଲ.ଆଣ୍ଡ.ଡି ବିଭାଗର କନିଷ୍ଠ ଅଧିକାରୀ ଆଲୋକ ରଞ୍ଜନ ବେହେରା ଅତ୍ୟାଧୁନିକ ଶିକ୍ଷଣ ଏକକ ସମ୍ପର୍କ ସଂଯୋଗକାରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଶିକ୍ଷଣ ସଂସ୍କୃତି ନିର୍ମାଣ ନେଇ ଉତ୍ସବରେ ସାମିଲ ଅଧିକାରୀ ଓ ପରିଚାଳଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।



ଧୋବିଯୋରରେ ସଫେଇ ପରେ ବି ମାଟି ପୋତି ହୋଇ ରହିଛି।



ଧୋବିଯୋର ନାଳ କଡରେ ଗଦା ହୋଇଥିବା ଦଳ।

# ମାଟି ନ ଉଠାଇ ଦଳ ସଫେଇ

ସମ୍ବଲପୁର,୨୭।୬(ଭବାନୀ ଶଙ୍କର ଭୋଇ)

■ସମ୍ବଲପୁର ଧୋବିଯୋର ନାଳ ସଫେଇ

■ବର୍ଷା ହେଲେ ବନ୍ୟା ଆଶଙ୍କା

ଜଳସେଚନ ବିଭାଗ ପକ୍ଷରୁ ପ୍ରତିବର୍ଷ ବର୍ଷା ପୂର୍ବରୁ ସମ୍ବଲପୁର ସହର ମଧ୍ୟଦେଇ ଯାଇଥିବା ଧୋବିଯୋର ନାଳ ସଫେଇ କରାଯାଇଥାଏ । ତେବେ ଚଳିତବର୍ଷ ନାଳ ସଫେଇ କାମ ଜୁନ ୨୭ସୁଦ୍ଧା ଶେଷ ହୋଇ ପାରିନାହିଁ। ଗୋଟିଏ ପଟେ ଧୋବି ଜୋର ନାଳାରେ ରହିଥିବା ଚେପଟି ପୁଲିଆକୁ ଭଙ୍ଗାଯାଇ ଠିକ୍ ବର୍ଷା ପୂର୍ବରୁ ବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଛି। ଏହାସହ ଜଳସେଚନ ବିଭାଗ ପକ୍ଷରୁ କରାଯାଉଥିବା ଧୋବି ଯୋର ନାଳ ସଫେଇ କାମ ମଧ୍ୟ ଡେରିରେ ଆରମ୍ଭ ହୋଇଛି। ସେଥିରେ ମଧ୍ୟ ତରବରିଆ ଭାବେ କେବଳ ନାଳରେ ଭାସୁଥିବା ଦଳଗୁଡିକୁ ସଫା କରାଯାଉଥିବା ଦେଖିବାକୁ ମିଳୁଛି। ବିଗତ ବର୍ଷ ମାନଙ୍କରେ ନାଳରୁ ମାଟି ଉଠା ଯାଉଥିଲା। ହେଲେ ଚଳିତ ବର୍ଷ ନାଳରେ ଭର୍ତ୍ତି ହୋଇଥିବା ଦଳକୁ ଉଠାଯାଇ କେବଳ ଉପର ଠାଉରିଆ ଭାବେ କାମ କରାଯାଉଛି। କେତେକସ୍ଥଳରେ ଜେସିବିରେ ଦଳଗୁଡିକୁ ମଧ୍ୟ ପାଣି ଭିତରେ ଚାପି ଦିଆଯାଉଥିବା ଦେଖିବାକୁ ମଳୁଛି। କୁମ୍ଭାରପଡା ଆଦି ସ୍ଥାନରେ ଏପର୍ଯ୍ୟନ୍ତ ଦଳ ଏବଂ ଅନାବନା ଗଛ ସଫା ହୋଇପାରିନାହିଁ। ବିଭିନ୍ନ ସ୍ଥାନରେ ନାଳରୁ ଉଠାଯାଇଥିବା ଦଳଗୁଡିକ ନାଳ କଡରେ ଗଦା ହୋଇ ପଡିଛି। ବର୍ଷା ହେଲେ ସେସବୁ ପୁଣି ନାଳ ଭିତକୁ ଖସି ପଶିଯିବ। ଏହାଦ୍ୱାରା ଟିକିଏ ବର୍ଷା ହେଲେ ନାଳରେ ପାଣି ନିର୍ଗତ ହେବାରେ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଲଗାଣ ବର୍ଷା ସମୟରେ ଧୋବିଜୋରରେ ଠିକ୍‌ଭାବରେ ବନ୍ୟାଜଳ ନିର୍ଗତ ନହେଲେ ସହରରେ ବନ୍ୟା ଆଶଙ୍କା ଦେଖାଦେଇଥାଏ। ଚଳିତ ବର୍ଷ ଯେଉଁଭଳି ଭାବରେ ସଫେଇ କାମ କରାଯାଉଛି ସେହି ଦିଗକୁ ଏହା ଇଙ୍ଗିତ କରୁଛି ବୋଲି କୁହାଯାଇପାରେ। ଏନେଇ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମାକାନ୍ତ ନାୟକ ଦେଇଥିବା ତଥ୍ୟ ଅନୁସାରେ ନିର୍ବାଚନ ଯୋଗୁ ସଫେଇ କାମର ଟେଣ୍ଡର ହୋଇପାରି ନ ଥିଲା। ନିର୍ବାଚନ ପ୍ରକ୍ରିୟା ସରିବା ପରେ ଟେଣ୍ଡର କରାଯାଇ ସଫେଇ ଆରମ୍ଭ କରାଯାଇଛି। ଡେରିରେ କାମ ଆରମ୍ଭ ହୋଇଥିବା ଯୋଗୁ ବର୍ଷା ଆସିବା ପୂର୍ବରୁ କାମ ସାରିବାକୁ ଚେଷ୍ଟା କରାଯାଉଛି। ତେବେ ଠିକ୍ ଭାବରେ ମାଟି ନାଳରୁ ଉଠା ନ ଗଲେ ଆଗକୁ ବନ୍ୟା ହେଲେ କିଏ ଦାୟି ହେବ ସେ ବିଷୟରେ ଜଳସେଚନ ବିଭାଗ ପାଖରେ କୌଣସି ଉତ୍ତର ନାହିଁ।

# ସମ୍ବଲପୁରରେ ଗ୍ରୀଷ୍ମ ପ୍ରବାହ, ସକାଳୁଆ ସ୍କୁଲ ଦାବି

ସମ୍ବଲପୁର,୨୭।୬(ବି.ଶଙ୍କର)

ଗ୍ରୀଷ୍ମ ଅବକାଶ ଶେଷ ହେବା ପରେ ରାଜ୍ୟରେ ବିଦ୍ୟାଳୟଗୁଡ଼ିକ ଖୋଲିଛି । ଛାତ୍ରୀଛାତ୍ରଙ୍କ ଉପସ୍ଥାନ ମଧ୍ୟ ବଢ଼ିବାରେ ଲାଗିଛି । ମାତ୍ର ବର୍ତ୍ତମାନର ରୌଦ୍ରତାପ ଓ ପ୍ରଚଣ୍ଡ ଗୁଳୁଗୁଳି ଦିନକୁ ଦିନ ବଢ଼ିବାରେ ଲାଗିଛି । ସେଥିରୁ ନିସ୍ତାର ପାଇବାର ନା ନେଉନାହିଁ। ବର୍ତ୍ତମାନ ପରିସ୍ଥିତିରେ ଶ୍ରେଣୀଗୃହ ମଧ୍ୟରେ ଏପରି ଅବସ୍ଥା ସୃଷ୍ଟି ହେଉଛି ଯେ, ଛାତ୍ରୀଛାତ୍ର ବସି ପାଠ ପଢ଼ିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି । ଏପରିକି ଝାଳରେ ସମସ୍ତଙ୍କ ପୋଷାକ ଭିଜି ଯାଉଛି। କୋଠରୀ ମଧ୍ୟରେ ରହି ହେଉନାହିଁ। ଯେତେ ପାଣିର ବ୍ୟବସ୍ଥା ଥାଉ କିମ୍ବା ଓଆରଏସ ବ୍ୟବସ୍ଥା ଥାଉ ତାହା କିଛି କାମର ନୁହେଁ । ଯେଉଁ ବିଦ୍ୟାଳୟଗୁଡିକ ଟିଣ କିମ୍ବା ଏଜବେଷ୍ଟସ ଛାଉଣୀ ଅଛି, ସେଗୁଡ଼ିକର ଅବସ୍ଥା କହିଲେ ନ ସରେ । କେଉଁଠି ପଙ୍ଖାର ବ୍ୟବସ୍ଥା ଅଛି ତ ଅନ୍ୟ କେଉଁଠି ତାହା ଥିଲେ ମଧ୍ୟ ବିଜୁଳିର ଲୁଚକାଳି ଖେଳ ଅବସ୍ଥାକୁ ଆହୁରି କଷ୍ଟ ଦାୟକ କରୁଛି । ଏପରି ଯଦି ଆଉ କିଛି ଦିନ ବିଦ୍ୟାଳୟଗୁଡ଼ିକ ଦିନରେ ଚାଲେ, ତେବେ ଉଭୟ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଅଂଶୁଘାତର ଶିକାର ହେବା ନିଶ୍ଚିତ। ଏଣୁ ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାର ବିଦ୍ୟାଳୟଗୁଡ଼ିକ ବର୍ଷା ଆସିବା ପର୍ଯ୍ୟନ୍ତ ସକାଳୁଆ କରାଯିବାକୁ ଦାବି ହୋଇଛି। ଗୁରୁବାର ଏନେଇ ସମ୍ବଲପୁର ଜିଲା ଓଷ୍ଟାର ସମ୍ପାଦକ ହରି ନାରାୟଣ ପଣ୍ଡା ଜିଲା ପ୍ରଶାସନଙ୍କ ନିକଟରେ ଅନୁରୋଧ କରିଛନ୍ତି।

# ସମ୍ବଲପୁର ରେଳମଣ୍ଡଳର ବିଭିନ୍ନ କାର୍ଯ୍ୟ ନିରୀକ୍ଷଣ କଲେ ମହାପ୍ରବନ୍ଧକ



ଭୁବନେଶ୍ୱର/ସମ୍ବଲପୁର,୨୭।୬ (ଅନୁରାଧା ମହାରଣା/ପ୍ରମୋଦ ବହିଦାର)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦୁଇଦିନିଆ ସମ୍ବଲପୁର ରେଳମଣ୍ଡଳ ଗସ୍ତରେ ଯାଇ ଥେରୁବାଲି ଟିଟିଲାଗଡ଼-ସମ୍ବଲପୁର ଏବଂ ସମ୍ବଲପୁର-ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି ଜରପଡା ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ଅଞ୍ଚଳରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନର ମୁନିଗୁଡା, କେସିଙ୍ଗା, ଟିଟିଲାଗଡ, ବଲାଙ୍ଗୀର, ବରପାଲି ଏବଂ ସମ୍ବଲପୁର ରେଳ ଷ୍ଟେଶନ ପରିଦର୍ଶନ ସହିତ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ଏହାସହ ସମ୍ବଲପୁର-ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନର ଝାରସୁଗୁଡା ରୋଡ୍, ସରଲା, ସମ୍ବଲପୁର ସିଟି-ଜରପଡା ରେଳ ଷ୍ଟେଶନଗୁଡିକର ନିରୀକ୍ଷଣ କରି ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧା କାର୍ଯ୍ୟ ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଛନ୍ତି। ସରଲାଠାରେ ମାଲବାହୀ ଟ୍ରେନ ପରୀକ୍ଷଣ ସୁବିଧା ଓ ଆର୍‌ଓଏଚ୍(ରୁଟିନ ଓଭରହେଲ), ଟିଟିଲାଗଡ଼ ଓ ସମ୍ବଲପୁର ରେଳ ଷ୍ଟେଶନଠାରେ କ୍ରୁ-ଲବି ଏବଂ ସମ୍ବଲପୁର ଷ୍ଟେଶନରେ ରନିଙ୍ଗ ରୁମ୍ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଯାଞ୍ଚ କରିଥିଲେ। ବିଭିନ୍ନ ରେଳ ସାଇଡିଂରେ ପରିବହନ ସେବା ସହିତ ଜଡିତ ଟ୍ରାଫିକ ସୁବିଧାର ମଧ୍ୟ ଯାଞ୍ଚ କରିଥିଲେ। ବୃନ୍ଦାମାଲ ଏବଂ ଆମ୍ଭୋଡୋଲାଠାରେ ବେଦାନ୍ତ ଲିମିଟେଡ୍, ଲପଙ୍ଗା ଥ୍ରେବ ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ ଲିମିଟେଡ଼ ଓ ଆଦିତ୍ୟ ଅଲୁମିନିୟମ ଶିଳ୍ପ ସଂସ୍ଥା ପାଇଁ ପରିବହନଜନିତ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ଫୁଙ୍କୱାଲ ସମ୍ବଲପୁର ରେଳ ଷ୍ଟେଶନରେ ଏକ ଜରୁରିକାଳୀନ ଚିକିତ୍ସା ସେବା ସୁବିଧା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଅମୃତ ଷ୍ଟେଶନ ଯୋଜନା ଅଧୀନରେ ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେଙ୍କ ସହିତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୯ରୁ ଦ୍ୱିତୀୟ ସମ୍ବଲପୁରୀ ବହି ହାଟ୍

**ଜୟଦେବ ଉନସନା ପାଇବେ କଲମଶ୍ରୀ ସମ୍ମାନ**

ସମ୍ବଲପୁର,୨୭।୬(ବି.ଶଙ୍କର)



ଜିଲା ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଲମ ପରିବାର କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସମ୍ବଲପୁର ସ୍ଥିତ କଲମ ପରିବାର ଏବଂ ଟିପିଲିମା ଘଣ୍ଟି ସାହିତ୍ୟ ମିଳିତ ଆନୁକୂଲ୍ୟରେ ଜୁନ ମାସ ୨୯ ଓ ୩୦ ତାରିଖ ଦୁଇଦିନ ଧରି ଦ୍ୱିତୀୟ ସମ୍ବଲପୁରୀ ବହି ହାଟ ଅନୁଷ୍ଠିତ ହେବ। ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସରସ୍ଥ ଉପଯୋଗିତା କେନ୍ଦ୍ରରେ ବହି ହାଟ ସମେତ ବିବିଧ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରୀକୃତ ହୋଇଛି। ଗୁରୁବାର ସମ୍ବଲପୁର ସ୍ଥିତ ଜିଲା ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି । ବହି ହାଟ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଏବଂ ଯୋଗାଚର୍ଯ୍ୟ ଡ. ଜୟଦେବ ଉନସନାଙ୍କୁ କମଲଶ୍ରୀ ସମ୍ମାନ-୨୦୨୪ରେ ସମ୍ମାନୀତ କରାଯିବ। ୨୯ ଏବଂ ୩୦ ଦୁଇଦିନ ଧରି ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ସମ୍ବଲପୁରୀ ବହି ହାଟ ଅନୁଷ୍ଠିତ ହେବ । ଉକ୍ତ ବହି ହାଟରେ ଯୁରାନିଆଁ ପବ୍ଲିକେସନ୍ସ, ବରଗଡ଼, ଶିଳ୍ପବିକାଶ ପ୍ରକାଶନୀ, ସୋହେଲା ବରଗଡ଼, ଡୁଙ୍ଗୁରିପାଲି ନୂଆଁ ସକାଲ, ଅକ୍ଷର, ସମ୍ବଲପୁର, ଦୀପକ କୁମାର ପଣ୍ଡା ପ୍ରକାଶନୀ ପକ୍ଷରୁ ପୁସ୍ତକ ବିକ୍ରୟ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ରହିଥିବା ଷ୍ଟଲଗୁଡ଼ିକରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ କବି ଏବଂ ଲେଖକମାନଙ୍କର ବିଭିନ୍ନ ପୁସ୍ତକ ଉପଲବ୍ଧ ରହିବ। ଜିଲା ରେଡକ୍ରସ ସୋସାଇଟି, ସମ୍ବଲପୁର ଶାଖା ପକ୍ଷରୁ ଏଥର ପ୍ରଥମ କରି ଏକ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଏହି ଷ୍ଟଲରେ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ବିତରଣ କରାଯିବ। ଛାତ୍ରୀଛାତ୍ରମାନେ ସେମାନଙ୍କର ପରିଚୟ ପତ୍ର ଦେଖାଇ ପାଠ୍ୟପୁସ୍ତକ ସଂଗ୍ରହ କରିପାରିବେ ।

ଉଦ୍‌ଘାଟନୀ ଉତ୍ସବ ୨୯ ତାରିଖ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ ନାଗାରାଜୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଚେୟାର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପଣ୍ଡା ଏବଂ ବିଶିଷ୍ଟ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିଦିନ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମ୍ବଲପୁରୀ ସାହିତ୍ୟଥି ଲେଖକ- ପାଠକ-ପ୍ରକାଶକ ଭିତରେ ସମନ୍ୱୟ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଡ. ପ୍ରଦୀପ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିବେ। ବକ୍ତା ଭାବରେ ଶଶାଂକ ଶେଖର ପଣ୍ଡା, ଗୌରାଙ୍ଗ ପାଣ୍ଡେ, ଅଶୋକ କୁମାର ପୂଜାହାରୀ, ଶ୍ୱେତ କୁମାର ପ୍ରଧାନ, ଲକ୍ଷ୍ମୀନାରାୟଣ ହୋତା ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆଲୋଚନାଚକ୍ର ପରେ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗୀତା ହେବ । ୩୦ ତାରିଖ ପୂର୍ବାହ୍ନ ୧୦ଟାରୁ ୧୨ ଟା ପର୍ଯ୍ୟନ୍ତ ସମ୍ବଲପୁରୀ ସାହିତ୍ୟଥି ନାରୀବାଦ, ସମ୍ବଲପୁରୀ ସାହିତ୍ୟଥି ସମାଜବାଦ, ସମ୍ବଲପୁରୀ କଥା ସାହିତ୍ୟ ଏବଂ ସମ୍ବଲପୁରୀ ସାହିତ୍ୟଥି ପ୍ରଗତିବାଦ ଉପରେ ଭିତ୍ତିପ୍ରବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିବେ। ଏବଂ ଅତିଥି ଭାବେ ମୋହନ ସାହୁ, ଉତ୍ପନ୍ନ କୁମାର ଭୋଇ ଏବଂ ଡ.ସତ୍ୟନାରାୟଣ ଠାକୁର ଯୋଗଦାନ କରିବେ । ମଧ୍ୟାହ୍ନ ୧୨ଟାରୁ ୨ଟା ପର୍ଯ୍ୟନ୍ତ ପ୍ରଥମ ଭାଗ କବିତା ପାଠ ଏବଂ ଅପରାହ୍ନ ୩ ଟାରୁ ୫ ପର୍ଯ୍ୟନ୍ତ କବିତା ପାଠର ଦ୍ୱିତୀୟ ଭାଗ ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ ଉଦ୍‌ଯାପନୀ ଉତ୍ସବରେ ସାଧାରଣ ଜ୍ଞାନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କ ସହ ସମସ୍ତ କବି, କବୟିତ୍ରୀ ଏବଂ ପୁସ୍ତକ ବିକ୍ରେତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କଲମ କର୍ମକର୍ତ୍ତାମାନେ ସୂଚିତ କରିଛନ୍ତି । କଲମ ପରିବାର ସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ କ୍ଷେତ୍ରମଣି ବିଭାର, ଆବାହକ ତଫିଜୁଲ ହୋସେନ, ଡ. ସ୍ୱୟଂପ୍ରକାଶ ପଣ୍ଡା, ଘଣ୍ଟି ସାହିତ୍ୟର ବୃନ୍ଦାବନ ପ୍ରଧାନ ସମ୍ମିଳନୀରେ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ।

# ଜିଏମୟୁରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ହେଲ୍ପଡେସ୍କ

ସମ୍ବଲପୁର,୨୭।୬(ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱାବିଦ୍ଧାଳୟ କ୍ୟାମ୍ପସରେ ସ୍ନାତକ ବିଭଗରେ ନୂତନ ଆଡ଼ମିଶନ ଆରମ୍ଭ ହୋଇଛି। ଆଡମିଶନ ପାଇଁ ଆସିଥିବା ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗୁରୁବାର ହେଲ୍ପ ଡେସ୍କ ଆରମ୍ଭ କରାଯାଇଛି। ସାରା ଓଡ଼ିଶାରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଗଙ୍ଗାଧର ବିଶ୍ୱାବିଦ୍ଧାଳୟ ଏବିଭିପି କର୍ମକର୍ତ୍ତାମାନେ ଆବଶ୍ୟକ ସୂଚନା ପ୍ରଦାନ କରିବା ସହ ସେମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଶ୍ୱେତାଂଶୁ ଶେଖର ବରାଇ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ ବିଶ୍ୱ ବିଦ୍ୟାଳୟ ସହ ସଂଯୋଜକ ଯଶବର୍ଦ୍ଧନ ତିୱାରୀ, ସମ୍ବଲପୁର ବିଭାଗ ସଂଯୋଜକ ପ୍ରିତୀଶ କର, ଜିଲା ସଂଯୋଜକ ପ୍ରିୟାଂଶୁ ମେହେର, ନଗର ସମ୍ପାଦକ ନଗେନ ରାଉତ, ମଡ଼ିଆ ସଂଯୋଜକ ନୀତେଶ ପାଣିଗ୍ରାହୀ, ଜିଏମୟୁ ଏବିଭିପି କ୍ୟାମ୍ପସ ୟୁନିଟ ସଭାପତି କୀରତିମୟୀ ସାହୁଙ୍କ ସହ ବହୁ ଛାତ୍ରୀଛାତ୍ର ଯୋଗଦାନ ଦେଇଥିଲେ ।

# ବିଶ୍ୱାମ୍ ବିଦ୍ୟା ମନ୍ଦିର ପକ୍ଷରୁ ଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ସମ୍ବଲପୁର,୨୭।୬(ବି.ଶଙ୍କର)

ବିଶ୍ୱାମ୍ ବିଦ୍ୟା ମନ୍ଦିର ପକ୍ଷରୁ ଛାତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଲେଡି ଲୁଇସ ଗାର୍ଲ୍ସ ହାଇସ୍କୁଲର ଟପ୍ପର ହୋଇଥିବା ଛାତ୍ରୀ ସୁଶ୍ରୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ବିଦ୍ୟା ମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱାମ୍ ଚେତନା ପରିଷଦ ସଭାପତି ପରମେଶ୍ୱର ଦାଶଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ବିମଳ ପାଣ୍ଡିଆଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଓ ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏନେଇ ଲକ୍ଷ୍ମୀପ୍ରିୟାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ୫ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏତଦବ୍ୟତୀତ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଶ୍ରୀଲତା ମିଶ୍ର ବ୍ୟକ୍ତିଗତଭାବେ ନଗଦ ରାଶି ଓ ପୁଷ୍ପମାଲ୍ୟ ଦେଇ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶ୍ୱାମ୍ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଜାତା ପତି, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କମଳିନୀ ଆଚାର୍ଯ୍ୟ ଶିକ୍ଷାର ବିଭିନ୍ନ ଦିଗ ଉପରେ ଉଦବୋଧନ ଦେଇଥିଲେ। ଶେଷରେ ଦେବଯାନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଆୟୋଜନରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ରୀନା ସ୍ୱାଇଁ, ସ୍ମୃତିରାଣୀ ପ୍ରଧାନ, କିରଣମୟୀ ପଣ୍ଡା, ଜାଗୃତି ମିଶ୍ର, ଦୀପ୍ତିମୟୀ ପାଣି, ସଙ୍ଗୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସେବକ ତ୍ରିପାଠୀ, ଡାକ୍ତର ସୁରେନ୍ଦ୍ର ପଣ୍ଡା, ମଧୁସୂଦନ ମହାନ୍ତି, ସରୋଜ କୁମାର ମହାପାତ୍ର, ଲଳିତ କୁମାର ଅଗ୍ରୱାଲ, ନଳିନୀ ବାବୁ, ଲୋକନାଥ ରାଉତ, କେଦାର ରାଉତ, ସଙ୍ଗୀତା ରାଉତ ନିମନ୍ତ୍ରିତ ଅତିଥି ଥିଲେ ।

# ଅସ୍ଥାୟୀ ଡାଟା ଏଣ୍ଟ୍ରି ଅପରେଟର ଗିରଫ

ରେଢାଖୋଲ,୨୭।୬(ଅଚ୍ୟୁତାନନ୍ଦ ପୁରୋହିତ)



ଗିରଫ ପ୍ରଭୁଦତ୍ତ ସ୍ୱାଇଁ।

**ମହିଳା ଉଚ୍ଚବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣା**

■ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କଲା ପୋଲିସ

ସମ୍ବଲପୁର ଜିଲା ରେଢାଖୋଲ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଥିବା ଆକାଉଣ୍ଟରୁ ବିଦ୍ୟାଳୟରେ କାର୍ଯ୍ୟରତ ଅସ୍ଥାୟୀ ଡାଟା ଏଣ୍ଟ୍ରି ଅପରେଟର ଚଞ୍ଚକତା କରି ନିଜ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଡାଟା ଏଣ୍ଟ୍ରି ଅପରେଟର ପ୍ରଭୁଦତ୍ତ ସ୍ୱାଇଁଙ୍କୁ ଗୁରୁବାର ଗିରଫ କରିଛି। ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମମତା ବିଶ୍ୱାଳ ରେଢାଖୋଲ ଥାନାରେ କରିଥିବା ଅଭିଯୋଗ ଆଧାରରେ ଦଫା ୪୨୦, ୪୦୯ ଓ ଆଇଟି ଆକ୍ଟର ଧାରା ୬୬ (ଗ)ରେ ଏକ ମାମଲା(୧୫୬/୨୪)ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମହିଳା ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଡାଟା ଏଣ୍ଟ୍ରି ଅପରେଟର ଭାବେ ପ୍ରଭୁଦତ୍ତ ସ୍ୱାଇଁ ଗତ ୧୦ବର୍ଷ ହେବ କାର୍ଯ୍ୟ କରିଆସୁଥିଲେ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଆକାଉଣ୍ଟ ଦାୟିତ୍ୱ ମଧ୍ୟ ଦେଇଥିଲେ। ଏହାର ସୁଯୋଗ ନେଇ ସେ ଗତ ଜାନୁଆରୀ ୩ ତାରିଖରୁ ମେ ୨୮ ମଧ୍ୟରେ ୬ଟି ପର୍ଯ୍ୟାୟରେ ୧୧ଲକ୍ଷ ୫୦ହଜାର ଟଙ୍କା ନିଜ ଆକାଉଣ୍ଟକୁ ନେଟବ୍ୟାଙ୍କିଙ୍ଗ ଜରିଆରେ ଟ୍ରାନ୍ସଫର କରିଦେଇଥିଲେ। ତେବେ ଅଭିଯୁକ୍ତଙ୍କୁ ବୁଧବାର ଭୁବନେଶ୍ୱରରୁ ଗିରଫ କରି ଆଣିବା ପରେ ପଚରାଉଚରା କରିଥିଲା ପୋଲିସ। ପଚରାଉଚରା ବେଳେ ଗତ ନଭେମ୍ବର ଓ ଡିସେମ୍ବର ୨୦୨୩ରେ ମଧ୍ୟ ସେ ୯ଲକ୍ଷ ୫୦ହଜାର ଟଙ୍କା ଉକ୍ତ ବିଦ୍ୟାଳୟ ଆକାଉଣ୍ଟରୁ ତାଙ୍କ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ତଦନ୍ତବେଳେ ଅଭିଯୁକ୍ତ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଅଧ୍ୟକ୍ଷା କ୍ଲାସ ନେବା ବେଳେ ସେ ଉକ୍ତ ବିଦ୍ୟାଳୟର ଆକାଉଣ୍ଟରୁ ବିଭିନ୍ନ ସମୟରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରୁଥିବା ଓ ମୋବାଇଲକୁ ଆସୁଥିବା ଓଟିପି ଓ ଆକାଉଣ୍ଟରୁ ଟଙ୍କା କଟିବା ମେସେଜକୁ ଡିଲିଟ କରିଦେଉଥିଲେ। ଏହିପରି ଅଭିଯୁକ୍ତ ମୋଟ ୨୧ଲକ୍ଷ ଟଙ୍କା ହଡ଼ପ କରିଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ହେଁ ଅଧିକ ତଦନ୍ତ ପାଇଁ ରିମାଣ୍ଡ ରେ ଆଣିବାକୁ କୋର୍ଟରେ ଆବେଦନ କରିଥିବା ଜଣାପଡିଛି। ତେବେ ଦୀଘ ଦିନ ଧରି ବିଦ୍ୟାଳୟର ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ହଡପ ହେଉଥିବା ବେଳେ କର୍ତ୍ତୃପକ୍ଷ ଏନେଇ କୌଣସି ସୂଚନା ନ ପାଇବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଅଧ୍ୟକ୍ଷା ଗତ କିଛିଦିନ ତଳେ କର୍ମଚାରୀଙ୍କ ଦରମା ପାଇଁ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଆକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଆକାଉଣ୍ଟରୁ ଟଙ୍କା ନିଜେ ଉଠାଇ ନ ଥିବାରୁ କିଏ ଟଙ୍କା ଉଠାଇଛି ସେ ନେଇ ସବିଶେଷ ବିବରଣୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ମାଗିଥିଲେ। ବିବରଣୀ ପାଇବା ପରେ ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟକୁ ସବୁ ଟଙ୍କା ନେଟ୍‌ବ୍ୟାଙ୍କିଙ୍ଗ ଜରିଆରେ ଟ୍ରାନ୍ସଫର ହୋଇଛି ଓ ଆକାଉଣ୍ଟ ବିଦ୍ୟାଳୟର ଅସ୍ଥାୟୀ ଡାଟା ଏଣ୍ଟ୍ରି ଅପରେଟର ପ୍ରଭୁଦତ୍ତ ସ୍ୱାଇଁଙ୍କର ବୋଲି ଜଣାପଡିଥିଲା। ଘଟଣା ଜଣାପଡିବା ପରେ ଅଧ୍ୟକ୍ଷା ଗଭର୍ଣ୍ଣିଙ୍ଗ ବଡି ଅଧ୍ୟକ୍ଷ ତଥା ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କୁ ଅବଗତ କରିବା ସହ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ରେଢାଖୋଲ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

# ବିଧାୟକଙ୍କ ହସ୍ତକ୍ଷେପ, ଅଟକିଲା ଉଚ୍ଛେଦ

**କଣ୍ଟାବାଞ୍ଜି ରେଲୱେ ଜମି ଜବରଦଖଲ ଉଚ୍ଛେଦ ଘଟଣା**

- ୧୫ଦିନର ମହଲତ
- ଭୂତଳ ପୋଲ ନିର୍ମାଣ ରାସ୍ତା ଜବରଦଖଲ ଉଚ୍ଛେଦ ସ୍ୱାଭାବିକ

**କଣ୍ଟାବାଞ୍ଜି,୨୭।୬(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ରେଲୱେ ଜମିରେ ଜବରଦଖଲ ଉଚ୍ଛେଦକୁ ନେଇ ଗୁରୁବାର ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ୍ ରେଲୱେ ବିଭାଗ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ରେଲୱେ ଜମିରେ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଜରୁରୀ, ତେବେ କିଭଳି ଜବରଦଖଲକାରୀଙ୍କ ଉଚିତ ଥଇଥାନ ହୋଇପାରିବ ସେନେଇ ପ୍ରଥମେ ଆଲୋଚନା କରିବାକୁ ସେ ରେଳ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ବିଧାୟକ ବାଗ୍‌ଙ୍କ ଏଭଳି ମତ ପରେ ରେଲୱେ ବିଭାଗ ଉଚ୍ଛେଦ ଅଭିଯାନକୁ ୧୫ ଦିନ ପାଇଁ ସ୍ଥଗିତ ରଖିଥିବା ଜଣାପଡିଛି। ଅନ୍ୟପଟେ ୧୫ ଦିନର ମହଲତ ମିଳିଥିବାରୁ କିଭଳି ଭାବେ ରେଲୱେ ଜମିରେ ଜବରଦଖଲ କରି ରହିଥିବା ଜନସାଧାରଣଙ୍କୁ ଉଚିତ ଥଇଥାନ କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ ବାଗ୍ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରେଲୱେ ବିଭାଗ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବା ଜାଣି ସେଠାକାର ଜବରଦଖଲକାରୀମାନେ ବୁଧବାର ସ୍ଥାନୀୟ ବିଧାୟକ ବାଗ୍‌ଙ୍କୁ ଉଚ୍ଛେଦ ଅଭିଯାନକୁ କିଛି ଦିନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଏହାପରେ ବିଧାୟକ ବାଗ୍ କଣ୍ଟାବାଞ୍ଜି ଏନ୍‌ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତହସିଲଦାର ଅଞ୍ଜଳି ମାଝି, ରେଲୱେ ଏଡିଇନ ପ୍ରସନ୍ନ କୁମାର ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର ମାନସ ବେହେରାଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ମଧ୍ୟରେ ଭୂତଳ ରେଲୱେ ପୋଲକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲ ଉଚ୍ଛେଦ କରାଯିବ । ହେଲେ ଅନ୍ୟ ଜବରଦଖଲ ଅଞ୍ଚଳରେ ଉଚ୍ଛେଦ ପାଇଁ ପ୍ରଭାବିତ ଲୋକଙ୍କୁ ୧୫ ଦିନର ସମୟ ଦିଆଯିବାକୁ ବିଧାୟକ ବାଗ୍ କହିଥିଲେ। କଣ୍ଟାବାଞ୍ଜି ଏକ ଦାଦନ ପ୍ରବଣ ଅଞ୍ଚଳ । ଏଠାରେ ଦ୍ରୁତ ବିକାଶ ପାଇଁ ଦୀର୍ଘଦିନ ହେଲା ଲୋକେ ଦାବି କରିଆସୁଛନ୍ତି। କଣ୍ଟାବାଞ୍ଜି ରେଲୱେ ଜମିରେ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ କେନ୍ଦ୍ର ସରକାର ହାତକୁ ନେଇଥିବାରୁ ଏଠାକାର ବହୁମୂଲ୍ୟ ଜମିକୁ ଜବରଦଖଲ ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହା ନ ହେଲେ କଣ୍ଟାବାଞ୍ଜିର ବିକାଶ ଅସମ୍ଭବ ବୋଲି ବୁଦ୍ଧିଜୀବୀ ମହଲରେ ମଧ୍ୟ ଆଲୋଚନା ହେଉଛି। ତେବେ ବିଧାୟକ ବାଗ୍ ଦୀର୍ଘବର୍ଷ ହେଲା ରହିଆସୁଥିବା ଗରିବ ଲୋକଙ୍କ ଉଚିତ ଥଇଥାନ ମଧ୍ୟ କିପରି କରାଯାଇପାରିବ ସେନେଇ ପଦକ୍ଷେପ ନିଆଯିବ ଏବଂ ଏଥିପାଇଁ ୧୫ ଦିନର ମହଲତ ଦିଆଯିବାକୁ କହିଥିଲେ। ଏହାପରେ ଉଚ୍ଛେଦ ଅଭିଯାନ ଅଟକିଛି। ଉଚ୍ଛେଦକୁ ନେଇ ରେଲୱେ ଅଧିକାରୀଙ୍କ ସହ ବିଧାୟକଙ୍କ ଆଲୋଚନା ଆଜି ଚର୍ଚ୍ଚାର ବିଷୟ ହୋଇଥିଲା।

## ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଶ୍ରମ ବିଭାଗ

**ବୌଦ୍ଧ,୨୭।୬( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ ହୋଇଥିବା ବେଳେ ଜିଲା ଶ୍ରମ ବିଭାଗ ପକ୍ଷରୁ ହରଭଙ୍ଗା ବ୍ଲକ ପୁରୁଣାକଟକ ବଜାରରେ ଚଢାଉ କରାଯାଇ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ପୁରୁଣାକଟକରେ ୨ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ନେଇ ଶ୍ରମ ବିଭାଗ ପକ୍ଷରୁ ଚଢାଉ କରାଯାଇ ତାଙ୍କୁ ଉଦ୍ଧାର କରିଥିଲେ। ଚଢାଉରେ ଶ୍ରମ ବିଭାଗ ଅଧିକାରୀ ଓ ପୋଲିସ କର୍ମଚାରୀ ସାମିଲ ଥିଲେ।

## ଯୁବକଙ୍କ ଉନ୍ମତ୍ତକାଣ୍ଡ, ଧାରୁଆ ଅସ୍ତ୍ରରେ କାଟିଲେ ନିଜ ଯୌନାଙ୍ଗ

**ବଲାଙ୍ଗୀର,୨୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚୁଡାପାଲି ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ନିଜ ଯୌନାଙ୍ଗକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିବା ଜଣାପଡିଛି। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ଚୁଡାପାଲି ସରକାରୀ ହସ୍ପିଟାଲ ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗତ କିଛିଦିନ ହେଲା ତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ପରିବାର ଲୋକେ ଲକ୍ଷ୍ୟ କରିଥିଲେ। ଭଇଁଷା କଲେଜରେ ପଢୁଥିବା ଯୁବକ ଜଣକ କୌଣସି କାରଣକୁ ନେଇ କିଛିଦିନ ହେଲା ଚିନ୍ତିତ ରହୁଥିଲେ। ଏଭଳିକି ଅଳ୍ପଦିନ ତଳେ ସେ ମାନସିକ ସନ୍ତୁଳନ ମଧ୍ୟ ହରାଇ ବସିଥିଲେ। ପୁଅର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ତାଙ୍କୁ ବାହାରକୁ ନ ଛାଡି ଘରେ ରଖିଥିଲେ। ତେବେ ଗୁରୁବାର ସେ ଘରୁ ବାହାରି ଯାଇ ଗାଁ ନିକଟସ୍ଥ ନାଳରେ ଯୌନାଙ୍ଗ କାଟି ମୁମୂର୍ଷୁ ଅବସ୍ଥାରେ ପଡିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଚୁଡାପାଲି ହସ୍ପିଟାଲ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଯୌନାଙ୍ଗ କାଟି ଦେବାରୁ ପ୍ରବଳ ରକ୍ତସ୍ରାବ ଯୋଗୁ ଯୁବକଙ୍କ ଅବସ୍ଥା ଗୁରୁତର ରହିଛି। ସେ ଚେତାଶୂନ୍ୟ ଅବସ୍ଥାରେ ରହିଛନ୍ତି। ତେବେ ଯୁବକ ନିଜେ ତାଙ୍କ ଯୌନାଙ୍ଗ କାଟିଛନ୍ତି ନା ଅନ୍ୟ କେହି କାଟିଛି ତାହା ତଦନ୍ତ ସାପେକ୍ଷ ବୋଲି ପରିବାର ଲୋକେ କହିଛନ୍ତି।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର



ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

**ତରଭା,୨୭।୬(ମାନଭଞ୍ଜନ ମିଶ୍ର)**

ଗୁରୁବାର ତରଭାର ଏକ କଲ୍ୟାଣମଣ୍ଡପରେ କେୟାର ନେତ୍ରମ ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୫୦ ଜଣ ଚକ୍ଷୁ ରୋଗୀ ପରୀକ୍ଷା କରିଥଲେ। ସେମାନଙ୍କ ମଧ୍ୟରୁ ଚାଳିଶିଆ ୨୨ଜଣ, ଚଷମା ବ୍ୟବହାର ୧୨ଜଣ, ଦୂରଦୃଷ୍ଟି ଓ ସମୀପ ଦୃଷ୍ଟି ୭ ଜଣ ଏବଂ ୪ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଛି। ଶିବିରକୁ ଜିଲା ସଂଯୋଜକ ପ୍ରତାପ ନାୟକ ପରିଚାଳନା କରିଥିଲେ। ଭିଜନ ଟେକ୍ନିସିଆନ ସୁନୀତା କର, ବିଷ୍ଣୁପ୍ରିୟା ମଲିକ, ସୋମତି ଭୋଇ, ପାୟଲ ବାରିକ ଓ ସୁନୀତା ବାରିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥଲେ। ବିଭୁ ସାହୁ, ରାଜେନ୍ଦ୍ର ଅଧିକାରୀ ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଘଣ୍ଟାପଡ଼ାରେ ଗ୍ରାମସଭା

**ଘଣ୍ଟାପଡ଼ା,୨୭।୬( ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ସଭାଗୃହରେ ଜିଆରଏସ ଶଙ୍କର୍ଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ସରପଞ୍ଚ ରୀତା କହଁରଙ୍କ ଉପସ୍ଥିତିରେ ପଞ୍ଚାୟତର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ କ୍ଷୀରୋଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ସାମାଜିକ କର୍ମୀ ପ୍ରଭାବ ସାହୁ, ଟିଟୁ ବିଭାର ଅତିଥିଭାବେ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନାରେ ହିତାଧିକାରୀ କିପରି ଲାଭ ଉଠାଉଛନ୍ତି ସେହି ବିଷୟରେ ଆଲୋକପାତ କରିଥିଲେ। ସେହିପରି ମହିଳା ଭିଆରପିମାନେ ଯୋଗଦେଇ ନିଜ ଅଞ୍ଚଳର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ କଣ୍ଟାମାଳ ବ୍ଲକ ତରଫରୁ ଏପିଓ ସଞ୍ଜିବ ମିଶ୍ର ଯୋଗଦେଇ ଆଗାମୀ ଦିନରେ ପ୍ରତ୍ୟେକ କାର୍ଯ୍ୟରେ ହିତାଧିକାରୀଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ଗ୍ରାମ ସଭାରେ ମହେଶର ରଣା, କାଳିଆ କହଁର,ଦୁର୍ମନ ବିଭାର, ଦ୍ରୋଣ ବିଭାର, ୱାର୍ଡ ସଭ୍ୟାସଭ୍ୟ ଓ ପଞ୍ଚାୟତର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


**कार्यालय**
**विद्युत कार्यपालक अभियंता,विद्युत कार्य प्रमण्डल, धनबाद**

**अतिअल्पकालिन निविदा आमत्रंण सूचना सं0 08/2024–25**

1. निविदा आमंत्रित करने वाले पदाधिकारी का पदनाम :– विद्युत कार्यपालक अभियंता, विद्युत कार्य प्रमण्डल, धनबाद।
2. विभाग का नाम :– ऊर्जा विभाग
3. परिमाण विपत्र की बिक्री की अंतिम तिथि :– दिनांक 05.07.24 के 12:00 बजे अपराह्न तक
4. निविदा प्राप्त करने की अंतिम तिथि एवं समय :– दिनांक 06.07.24 के 01:00 बजे अपराह्न तक
5. निविदा खोलने की तिथि एवं समय :– दिनांक 06.07.24 के 02:00 बजे अपराह्न में
6. परिमाण विपत्र बिक्री का स्थान :– विद्युत अधीक्षण अभियंता, विद्युत कार्य अंचल, राँची का कार्यालय/विद्युत कार्यपालक अभियंता विद्युत कार्य प्रमण्डल, धनबाद/जिला नियंत्रण कक्ष धनबाद।
7. निविदा खोलने का स्थान :– विद्युत कार्यपालक अभियंता, विद्युत कार्य प्रमण्डल, धनबाद।

कार्य की विवरणी :–

| क0सं0 | कार्य का नाम | प्राक्कलित राशि | परिमाण विपत्र की राशि रू0 | अग्रधन की राशि रू0 | अवधि |
|---|---|---|---|---|---|
| 1 | Temporary Arrangement of LED Rope Light on Electric Pole installed from Dumma Gate Kanvariya Path to Deoghar Baba Mandir & Lila Ashram to dumka border and other important roads in the Deoghar Town on the occasion of Shrawani Mela 2024 from 20.07.2024 to 19.08.2024 ( 31 days) | 1,15,81,148.00 | 10000.00 | 2 % of the Estimated value | 31 days |
| 2 | Temporary Lighting arrangement (Street Light/ Fan/ Tube/ Bulb/socket/Generator) on Electric pole installed in different road and different Pandaals/Kavariya Que corridor/Que Complex etc in Deoghar District on the occasion of Shrawani Mela 2024 from 20.07.2024 to 19.08.2024 ( 31 days) | 1,99,84,587.00 | 10000.00 | 2 % of the Estimated value | 31 days |

निविदा के नियम एवं शर्तें कार्यालय के सूचना पट एवं वेबसाइट www.jharkhand.gov.in पर देखा जा सकता है।

विद्युत कार्यपालक अभियंता,
विद्युत कार्य प्रमण्डल, धनबाद

PR 327925 Energy(24-25).D


**Balance Sheet of**
**Keonjhar Central Co-operative Bank Ltd., Keonjhar**
**Balance as on 31st March 2024**

(Amounts in Thousand)

| Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | ₹ 678,105.78 | ₹ 623,326.11 |
| Reserves and Sueplus | 2 | ₹ 349,948.99 | ₹ 322,003.00 |
| Deposites | 3 | ₹ 6,970,347.33 | ₹ 6,573,729.52 |
| Borrowings | 4 | ₹ 3,698,611.80 | ₹ 3,579,475.51 |
| Other Liabilities and Provisions | 5 | ₹ 1,874,353.70 | ₹ 1,632,336.46 |
| **Total** | | **₹ 13,571,367.60** | **₹ 12,730,870.60** |
| **Assets** | | | |
| Cash and Balance with Reserve Bank of India | 6 | ₹ 32,968.87 | ₹ 33,247.34 |
| Balance with Banks and Money at Call and Short Notice | 7 | ₹ 685,769.21 | ₹ 404,556.01 |
| Investments | 8 | ₹ 6,130,763.30 | ₹ 6,052,015.06 |
| Advancees | 9 | ₹ 6,187,820.19 | ₹ 5,786,566.52 |
| Fixed Assets | 10 | ₹ 41,435.41 | ₹ 38,414.71 |
| Other Assets | 11 | ₹ 492,610.62 | ₹ 416,070.96 |
| **Total** | | **₹ 13,571,367.60** | **₹ 12,730,870.60** |
| Contingent Liabilities | | | |
| Bills for Collection | 12 | ₹ 151,628.46 | ₹ 59,221.30 |

M/S SUBRATA DAS & CO.
CHARTERED ACCOUNTANTS

| Sd/- | Sd/- | Sd/- | Sd/- | Sd/- | Sd/- |
|---|---|---|---|---|---|
| Asst. Manager | Chief Executive Officer | DIRECTOR | DIRECTOR | PRESIDENT | CA SUBRATA KUMAR DAS |
| K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | PARTNER |
| | | | | | M.N.054189 |

**Form B**
**Keonjhar Destrict Central Co-operative Bank Ltd., Keonjhar for the**
**Profit & Loss Account for**
**The Year ended March 31st 2024**

(Amounts in Thousand)

| Sl No. | Particulars | Schedule | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 967437.39 | 841266.45 |
| | Other Income | 14 | 33938.96 | 5082.01 |
| | Total | | **1001376.35** | **846348.46** |
| II. | Expenditure | | | |
| | Interest Expended | 15 | 501005.80 | 465385.72 |
| | Operating Expences | 16 | 145581.70 | 100204.92 |
| | Provisions and contingencies | | 324938.35 | 252215.21 |
| | Total | | **971525.85** | **817805.85** |
| III. | Profit / Loss | | | |
| | Net Profit/ Loss (-) for the year | | 29850.50 | 28542.63 |
| | Profit / Loss (-) Brought Forward | | | |
| | Total | | **29850.50** | **28542.63** |
| IV. | Appropriations | | | |
| | Transfer to Statutory Reserves | | 7147.77 | 18050.18 |
| | Transfer to Other Reserves | | 16873.14 | 40041.04 |
| | Transfer to Government / Proposed Divident | | 0 | 2590.02 |
| | Balance Carried over to Balance Sheet | | 0 | |

M/S SUBRATA DAS & CO.
CHARTERED ACCOUNTANTS

| Sd/- | Sd/- | Sd/- | Sd/- | Sd/- | Sd/- |
|---|---|---|---|---|---|
| Asst. Manager | Chief Executive Officer | DIRECTOR | DIRECTOR | PRESIDENT | CA SUBRATA KUMAR DAS |
| K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | K.C.C. BANK LTD. | PARTNER |
| | | | | | M.N.054189 |

## INDEPENDENT AUDITORS' REPORT

TO
THE MEMBERS
THE KEONJHAR CENTRAL CO-OPERATIVE BANK LIMITED, KEONJHAR

**Report on the Financial Statements**

**Opinion**

We have audited the accompanying financial statements of THE KEONJHAR CENTRAL CO-OPERATIVE BANK LIMITED ("the cooperative bank"), which comprise the Balance Sheet as at 31 March 2024, the Statement of Profit and Loss for the year then ended, and a summary of significant accounting policies and other explanatory information.

In our opinion and to the best of our information and according to the explanations given to us, the aforesaid financial statements give the information required by the Banking Regulation Act 1949 and complying with Reserve Bank of India/NABARD guide lines from time to time in the manner so required and give a true and fair view in conformity with the accounting principles generally accepted in India of the state of affairs of the Bank as at 31st March 2024, its profit for the year ended on that date.

**Basis for opinion**

We conducted our audit in accordance with the standards on auditing generally accepted in India. Our responsibilities under those Standards are further described in the auditor's responsibilities for the audit of the financial statements section of our report. We are independent of the Bank in accordance with the code of ethics issued by the Institute of Chartered Accountants of India together with the ethical requirements that are relevant to our audit of the financial statements under the provisions of the Act and the rules hereunder, and we have fulfilled our other ethical responsibilities in accordance with these requirements and the code of ethics.

We believe that the audit evidence we have obtained is sufficient and appropriate to provide a basis of our opinion.

**Emphasis on Matters:**

**a. Note no.8 Regarding Advance Classification**
**b. Note no.11 Regarding compliance with KYC norms**
**c. Note no.12 Regarding Revenue Recognition**
**d. Note no.17 Regarding Contingent Liability relating to Income Tax Matters**
**e. Note no.21 Regarding NPA account**
**f. Note no.22 Regarding Valuation of Security**

**Key Audit matters**

Key audit matters are not applicable to the Bank as it is an unlisted company as per SA701.

**Information other than the financial statements and auditor's report thereon**

The management of the Bank is responsible for the preparation of the other information.The other information comprises the information included in the Managing Committees report including Annexure to Managing Committees Report,Business Responsibility Report but does not include the financial statements and our auditor's report thereon.

Our opinion on the financial statements does not cover the other information and we do not expressany for form of assurance conclusion thereon.

In connection with our audit of the financial statements, our responsibilities is to readthe other information and, in doing so, consider whether the other information is materially inconsistent with the stand alone financial statements or our knowledge obtained during the course of our audit or otherwise appears to be materially misstated. If, based on the work we have performed, we conclude that there is a material misstatement of this other information, we are required to report that fact. We have nothing to report in this regard.

**Management's Responsibility for the Financial Statements**

The management of the Bank is responsible for the matters with respect to the preparation and presentation of these standalone financial statements that give a true and fair view of the financial position, financial performance of the Bank in accordance with the accounting principles generally accepted in India. This responsibility also includes the maintenance of adequate accounting records for safeguarding of the assets of the Bank and for preventing and detecting the frauds and other irregularities; selection and application of appropriate accounting policies; making judgments and estimates that are reasonable and prudent; and design, implementation and maintenance of adequate internal financial control, that were operating effectively for ensuring the accuracy and completeness of the accounting records, relevant to the preparation and presentation of the financial statements that give a true and fair view and are free from material misstatement, whether due to fraud or error.

In preparing the financial statements, management is responsible for assessing the Bank's ability to continue as a going concern, disclosing, as applicable, matters related to going concern and using the going concern basis of accounting unless management either intends to liquidate the Bank or to cease operations, or has realistic alternatives but to do so.

The members of the Managing Committee are also responsible for overseeing the Bank's financial reporting process.

**Auditor's Responsibilities for the audit of the financial statements**

Our objectives are to obtain reasonable assurance about whether the financial statements as a whole are free from material misstatement, whether due to fraud or error,andto issue anauditor's report that includes our opinion. Reasonable assuranceis a high level of assurance, but is not a guarantee that an audit conducted will always detect a material misstatement when it exists. Misstatements can arise from fraud or error and are considered material if, individually or in the aggregate, they could reasonably be expected to influence the economic decisions of users taken on the basis of the sefinancial statements.

As part of an audit, we exercise professional judgment and maintain professionals kepticism throughout the audit. We also:

Identify and assess the risks of material misstatement of the financial statements, whether due to fraud or error, design and perform audit procedures responsive to those risks, and obtain audit evidence that is sufficientand appropriate to provide a basis for our opinion. The risk of not detecting material misstatement resulting from fraud is higher than for one resulting from error, as fraud may involve collusion, forgery, intentional omissions, misrepresentations, or the override of internal control.

Obtain an understanding of internal control relevant to the audit in order to design audit procedures that are appropriate in the circumstances.Under section143(3)(i) of the Companies Act,2013, we are also responsible for expressing our opinionon whether the company has adequate internal financial control system in place and the operating effectiveness of such controls

Evaluate the appropriateness of accounting policies used and there as on ableness of accounting estimates and related disclosures made by management.

Conclude on the appropriateness of management's use of the going concern basis of accounting and, based on the audit evidence obtained, whether a material uncertainty exists related to events or conditions that may cast significant doubt on the Company's ability to continue as a going concern. If we conclude that a material uncertainty exists, we are required to draw attention in our auditor's report to the related disclosures in the financial statements or, if such disclosures are in adequate, to modify our opinion. Our conclusions are based on the audit evidence obtained upto the date of our auditor's report. However, future events or conditions may cause the Bank to cease to continue as a going concern.

Evaluate the overall presentation, structure and content of the financial statements, including the disclosures, and whether the financial statements represent the under lying transactions and events in a manner that achieves fair presentation.

We communicate with those charged with governance regarding, among other matters, the planned scope and timing of the audit and significant audit findings, includingany significant deficiencies in internal control that we identify during our audit.

We also provide those charged with governance with a statement that we have complied with relevant ethical requirements regarding independence, and to communicate with the mall relationships and other matters that may reasonably be thought to bear on our independence, and where applicable, related safeguards. From the matters communicated with those charged with governance, we determine those matters that were of most significance in the audit of the financial statements of the current period and are therefore the key audit matters. We describe these matters in our auditor's report unless law or regulation precludes public disclosure about the matter or when, in extremely rare circumstances, we determine that a matter should not be communicated in our report because the adverse consequences of doing so would reasonably be expected to out weigh the public interest benefits of such communication.

**Report on other Legal and Regulatory Requirements**

1.The Balance Sheet and the Profit and Loss Account have been drawn up in accordance with section 29 of the Banking Regulation Act, 1949 Subject to the limitations of the audit as indicated in above paragraphs above, we report that:

a)We have sought and obtained all the information and explanations which to the best of our knowledge and belief were necessary for the purposes of our audit.
b)In our opinion proper books of account as required by law have been kept by the Bank so far as it appears from our examination of those books.
c)The Balance Sheet and the Profit and Loss, dealt with by this Report are in agreement with the books of account.
d)In our opinion, the transactions of the Bank which have come to our notice have been within powers of the Bank.
e)The returns received from the Branches of the Bank are adequate for the purpose of correct appraisal of state of affairs and profit/loss of the respective branches for the purpose of our audit.

**SUBRATA DAS & Co.**
**Chartered Accountants**
**Firm's Registration No.-319080E**


E-mail ID : cebuildings_orissa@yahoo.co.in
cebuildings@rediffmail.com
Tel. - (0674)-2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)** No.B-52

File No-B-I-Home-42/2023 25840/Bhubaneswar, The 26th Jun, 2024

Invitation for Bids

**1st Corrigendum**

Tender Reference No. C.E.-CUM-ADDL.Secy.(B)-01/2024-25

Name of the Work- Improvement to erstwhile OAT Building, Cuttack along with Construction of 4th Floor for shifting of the District Court Complex, Cuttack

The following changes have been made in Bid Identification No. C.E.-CUM-ADDL. Secy.(B)-01/2024-25

1. Bid documents such as DTCN / BOQ etc. can be seen / downloaded from the Govt. Website i.e.www.tendersorissa.gov.in, during the period from dt.29.06.2024 to 17.00 hours of dt.16.07.2024 instead of dt. 26.06.2024 to dt.10.07.2024 for ONLINE BIDDING respectively.
2. Online bids shall be received till 17.00 Hours of dt.16.07.2024 instead of dt.10.07.2024.
3. The technical bids will be opened at 11.30 A.M. of dt.18.07.2024 instead of dt.11.07.2024. All other terms and conditions remain unchanged.

**Sd./-C.E.-Cum-Addl. Secretary to Govt.,**
**Works Department, Odisha**

OIPR-34117/11/0004/2425



**BLOCK SWASTHYA SAMITY, DHENKANAL**
**BLOCK PROGRAMME MANAGEMENT UNIT, CHC, KHAJURIAKATA**
**NATIONAL HEALTH MISSION**

**Notice No. 250** **Date: 27.06.24**

No. E-72: Sealed tenders are invited from reputed agenices/ individuals for engagement of Hiring the vehicle in the CHC, Khajuriakata. The details regarding application format, terms and conditions of the tenders may be download from district website i.e. **www.dhenkanal.nic.in**. The tenders should reach the office of the undersigned latest by 22.07.2024, 5.00 P.M. through Speed Post/Registered Post/Courier only. The tender will be opened on 23.07.2024 at 2.30 P.M. in the office of the undersigned in presence of the bidders/authorized representative of the bidders. The undersigned is not responsible for any postal delay and reserves all right to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

**Sd./- Medical Officer I/C, CHC,**
**Khajuriakata, Dhenkanal**
**OIPR-10154/11/0001/2425**



E-mail ID : pwd_sng@yahoo.co.in

ଓଡ଼ିଶା ସରକାର
GOVERNMENT OF ODISHA No.B-51

**OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**

**"e"-Procurement Notice**

**Bid Identification No - SE-R&B-SNG-06 OF 2024-25**

**Letter No.3338/Date.26.06.2024**

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with licenses for execution of Building work (including EI & PH) as detailed in DTCN. | | |
| 2. | Nature of Work | :- | Building work (including EI & PH) |
| 3. | No. of works | :- | 01 (One) No |
| 4. | Tender Cost | :- | Rs.10,000/- |
| 5. | Class of Contractor | :- | B |
| 6. | Availability of bid document in the website | :- | From 10:00 A.M. Date : 04.07.2024 to 05:00 P.M. Date - 16.07.2024 |
| 7 | Date of opening of Bid | :- | 11:00 A.M. On Dt.18.07.2024 |
| 8 | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

**Sd./- Additional Chief Engineer**
**Sundargarh (R&B) Division**

OIPR-34043/11/0006/2425



**MILK UNION, SAMBALPUR**
**VEHICLE REQUIRED ON HIRE**

No. CAD-364

1. TATA ACE or similar type of vehicle required on Hire for Sarla - Bargarh Milk Route running covering 137 Km. (Morning - 86 Km. & Evening - 51 Km.)
2. Max Pick up (2.5 Ton Capacity) or similar type of vehicle required on Hire for Dunguripali Milk Route running covering 143 Km. (Morning - 107 & Evening - 36 Km.)
3. TATA ACE or similar type of vehicle required on Hire for Mahada - Raksa Milk Route running covering 68 Km. (Both Morning & Evening Shift).
4. Max Pick up (2.5 Ton Capacity) or similar type of vehicle required on Hire for Bamanda - Charichawk Milk Route running covering 160 Km. (Both Morning & Evening Shift)
5. Max Pick up (2.5 Ton Capacity) or similar type of vehicle required on hire for Kusumi - Dipupada Milk Route running covering 152 Km. (Both Morning & Evening Shift)

**Interested parties may purchase and submit tenders by 05.07.2024.**
**Tender Paper Cost - Rs.200/- + GST**
**EMD - Rs.2,000/-.**

OIPR-15013/11/0006/2425



See Career Appointment on every Wednesday & Saturday

## ସଂକ୍ଷେପରେ

### ପଟ୍ଟା ବୋଝେଇ ପିଅ୍‌କପ ଜବତ, ୨ ଗିରଫ

**ପାଟଣାଗଡ଼,୨୭।୬(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ରେଞ୍ଜ ଲରମ୍ଭା ସେକ୍ସନ ଅନ୍ତର୍ଗତ ସମଲେଶର ଛକରୁ ବନବିଭାଗ ଏକ କାଠପଟା ବୋଝେଇ ପିକ୍‌ଅପ ଭ୍ୟାନକୁ ଜବତ କରିଛି। ଏଥି ସହ ୨ ଜଣ କାଠ ଚୋରାଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟଣାଗଡ଼ର ଲୋକନାଥ ଶବର ଓ କେଶିଚନ୍ଦ୍ର ବାଗ।

ବୁଧବାର ରାତିରେ ଲରମ୍ଭା ଫରେଷ୍ଟର ପ୍ରିୟବ୍ରତ ନାୟକ ଓ ଷ୍ଟାଫ ପାଟ୍ରୋଲିଂ କରୁଥିବା ବେଳେ ଘସିଏନ ପଟୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନକୁ ସମଲେଶର ଛକ ନିକଟରେ ଅଟକାଇଥିଲେ। ଯାଞ୍ଚ କରିବା ସମୟରେ ଗାଡ଼ିରେ ୧୬ଟି ସେମେଲ ପଟା ଥିବା ଜଣାପଡିଥିଲା। କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପିକ୍‌ଅପ ଜବତ କରିବା ସହ ବନ ବିଭାଗ ଲୋକନାଥ ଓ କେଶିଚନ୍ଦ୍ରଙ୍କୁ ଗିରଫ କରିଥିଲା। ସେହି ରାତିରେ ମରାଲ ଗାଁ ମୁଣ୍ଡରେ ଥିବା ବଡ଼ ଜଙ୍ଗଲରୁ କେତେଜଣ ଏକ ପିକ୍‌ଅପରେ ଶାଳ ଗଣ୍ଡି ବୋଝେଇ କରୁଥିବା ଖବର ମିଳିଥିଲା। ବିଭାଗୀୟ କର୍ମଚାରୀ ସେଠାରେ ପହଞ୍ଚିଲା ବେଳକୁ କାଠ ଚାଲାଣକାରୀ ଭ୍ୟାନ ନେଇ ପଳାଇ ଯାଇଥିଲେ । ଘଟଣାସ୍ଥଳରୁ ବିଭାଗୀୟ କର୍ମଚାରୀ ୧୦ ଖଣ୍ଡ ଶାଳ ଗଣ୍ଡି ଜବତ କରିଥିଲେ।

### ବୃକ୍ଷରୋପଣ ନେଇ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ, ୨୭।୬(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହଠାରେ ଓଏଲଏମ ଓ ମିଶନ ଶକ୍ତି ବିଭାଗ ତରଫରୁ ବୃକ୍ଷରୋପଣ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଲଏମ ବିପିଏମ ମନୋଜ କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସିଡିପିଓ ସୁଜାତା ଦୋରା, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ପାଢେଲ ବନପାଳ ବିପିନ ବିହାରୀ ଧରୁଆ, ଉଦ୍ୟାନ ଅଧିଦର୍ଶକ ପି.ପଟେଲ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇଥିଲେ। କେନ୍ଦ୍ର ସରକାର ବିଶ୍ୱ ପରିବେଶ ଦିବସ ଅବସରରେ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ ମାଧ୍ୟମରେ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ୫ଟି ଚାରା ରୋପଣ କରିବେ ବୋଲି ଆଲୋଚନା ହୋଇଥିଲା। ବ୍ଲକରେ ୧୯ ହଜାର ଏସ୍‌ଏଚ୍‌ଜି ମହିଳା ଥିବାବେଳେ ପ୍ରାୟ ୧ ଲକ୍ଷ ଚାରା ରୋପଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବନ ବିଭାଗ, ଉଦ୍ୟାନ ବିଭାଗ ମହିଳାଙ୍କୁ ଚାରା ଯୋଗାଇବା ପାଇଁ କୁହାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗ ଅଧିକାରୀଙ୍କ ସମେତ ଏମବିକେ, ସିଆରପି ଯୋଗଦେଇଥିଲେ। ପ୍ରଶାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ


ସ୍ନେହଲତା ମଲ୍ଲିକ।

**ବଲାଙ୍ଗୀର,୨୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଆନନ୍ଦ ନଗର ନିବାସୀ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ମଲ୍ଲିକଙ୍କ ସହଧର୍ମିଣୀ ଧର୍ମପ୍ରାଣା ସ୍ନେହଲତା ମଲ୍ଲିକ(୭୮)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡିତ ଥିଲେ। ଜଣେ ମିଷ୍ଟଭାଷୀ ମହିଳାଭାବେ ସେ ପରିଚିତ ଥିଲେ। ସ୍ନେହଲତାଙ୍କ ମୃତଦେହ ବଲାଙ୍ଗୀର ଆନନ୍ଦ ନଗର ସ୍ଥିତ ପ୍ରତୀକ୍ଷା ଭବନକୁ ଅଣାଯିବା ପରେ ସେଠାରେ ପଡାବାସୀ ଓ ସମ୍ପର୍କୀୟ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତା ସ୍ନେହଲତାଙ୍କ ୪ ପୁଅ ତିନୁ ମଲ୍ଲିକ, ଝିନୁ ମଲ୍ଲିକ, ବିନୁ ମଲ୍ଲିକ, ରିନୁ ମଲ୍ଲିକ, ଝିଅ ମାମି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ସ୍ନେହଲତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ବଡପୁଅ ତିନୁ ମୁଖାଗ୍ନି ଦେଇଥିଲେ।

# ଜଳସେଚନ ପାଇଁ ସ୍ୱତନ୍ତ୍ର କମିଟି ଅନୁଧ୍ୟାନ କରିବ

**ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା**

**ଲୋଇସିଂହା,୨୭।୬(ସୁଶାନ୍ତ ବାରିକ)**



କୃଷକ ସଂଘର୍ଷ ସମିତି ପକ୍ଷରୁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ରାମ ମନ୍ଦିର ପରିସରରେ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ଗୁରବାର ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଅବସରରେ ମନ୍ତ୍ରୀ ମହାଲିଙ୍ଗ କହିଥିଲେ, କ୍ଷେତକୁ ପାଣି, ପିଇବାକୁ ପାଣି ଏବଂ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ହେଉଛି ଭାଜପା ସରକାରର ପ୍ରାଥମିକତା। ଏହାବ୍ୟତୀତ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନରୁ ବାଦ୍ ପଡିଥିବା ଲୋଇସିଂହା ଓ ଆଗଲପୁର ବ୍ଲକର ୧୧ ପଞ୍ଚାୟତକୁ ଜଳସେଚନ ପାଇଁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଉକ୍ତ କମିଟି ଏହି ଅଞ୍ଚଳ ଗସ୍ତ କରି କେଉଁ ହିସାବରେ ବାଦ୍ ପଡିଥିବା ପଞ୍ଚାୟତକୁ ଜଳସେଚନ କରାଯିବ ସେ ନେଇ ଅନୁଧ୍ୟାନ କରିବ। ଆବଶ୍ୟକସ୍ଥଳେ ଉକ୍ତ କମିଟି ସହ ସେ ନିଜେ ଉପସ୍ଥିତ ରହିବେ ବୋଲି କହିଥିଲେ। ଭାଜପା ସରକାର ଏହି କାମ ବା ତାଙ୍କ ପ୍ରତିଶ୍ରୁତିକୁ ରକ୍ଷା କରିବ ବୋଲି ତାଙ୍କ ଆଶା ଓ ବିଶ୍ୱାସ ରହିଥିବା ସେ କହିଥିଲେ। ଅପପରକ୍ଷେ କୃଷି ଓ କୃଷକଙ୍କ ଉନ୍ନତି ଲାଗି ରୁଗୁଡିଖାଲ ଅଞ୍ଚଳରେ ଏକ ମାର୍କେଡ ୟାର୍ଡ ଖୋଲିବା ଦିଗରେ ପଦକ୍ଷେପ ନିଆଯିବ। ସ୍ୱାସ୍ଥ୍ୟସେବା ପାଇଁ ବିଭାଗ ସହ ଆଲୋଚନା କରି ସ୍ୱତନ୍ତ୍ର ଡାକ୍ତରଖାନ ପ୍ରତିଷ୍ଠ ଉପରେ ମନ୍ତ୍ରୀ ହୃଦୟଙ୍ଗମ କରୁଥିବା ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତ୍ରୀମଣ୍ଡଳରେ ତାଙ୍କୁ ସ୍ଥାନ ମିଳିଥିବାରୁ ଅଞ୍ଚଳର ବିକାଶ ପାଇଁ ଅଞ୍ଚଳବାସୀଙ୍କ ଆଶା ଦ୍ୱିଗୁଣିତ ହୋଇଥିବା ସେ କହିଥିଲେ। ଜନସାଧାରଣଙ୍କ ଆଶୀର୍ବାଦରେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ।

ରତ୍ନାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଯୁଧିଷ୍ଠିର ପଧାନ, ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ତରଫରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ ବିଭିନ୍ନ ଦାବି ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ବାଦ୍ ପଡିଥିବା ୧୧ ପଞ୍ଚାୟତ ଚିର ମରୁଡି ପ୍ରବଣ ଅଞ୍ଚଳ। ମେଗା ପ୍ରକଳ୍ପ ସ୍ଥାୟୀ ସମାଧାନ ନୁହେଁ । ଏଣୁ ସ୍ଥାୟୀ ଜଳ ସେଚନ ପାଇଁ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ଦାବି ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି। ପ୍ରକାଶଥାଉକି କୃଷକ ସଂଘର୍ଷ ସମିତି ଆହ୍ୱାନକ୍ରମେ ଏପ୍ରିଲ ୧୫ରେ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ଦାବି ଉପରେ ଚଳିତ ନିର୍ବାଚନରେ ହୋଇଥିବା ପ୍ରାର୍ଥୀଙ୍କୁ ନେଇ ଖୋଲା ଆଲୋଚନା ହୋଇଥିଲା। ସେତେବେଳେ ରାଜ୍ୟରେ ଭାଜପା ସରକାର ହେଲେ ଡିପିଆରକୁ ସଂଶୋଧନ କରି ଜଳ ସେଚନ କରାଯିବ ବୋଲି ମହାଲିଙ୍ଗ ପ୍ରତିଶ୍ରୁତି ଦେଇଥିଲେ ।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

**ଟିଟିଲାଗଡ଼,୨୭।୬(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟାଙ୍କ ସଭାପତିତ୍ୱ ଏବଂ ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ତ୍ରିଦିବସୀୟ କାର୍ଯ୍ୟଶାଳାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟିଟିଲାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ତଥା ପ୍ରାକ୍ତନ ସଙ୍କୁଳ ପ୍ରମୁଖ ରାଜୀବ ଲୋଚନ ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତର ସ୍ୱଜାଗରଣ ପ୍ରସଙ୍ଗ ଉପରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଶିକ୍ଷା ବିକାଶ ସମିତି ସୋନପୁର ବିଭାଗର ନିରୀକ୍ଷକ ମନୋରଞ୍ଜନ କର ମଞ୍ଚାସୀନ ଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାର ଯୋଜନାରେ ଆୟୋଜିତ ଏହି ତ୍ରିଦିବସୀୟ କାର୍ଯ୍ୟଶାଳାରେ ସଙ୍କୁଳ ଅନ୍ତର୍ଗତ ୯ଟି ଶିଶୁ ବିଦ୍ୟା ମନ୍ଦିରର ଶତାଧିକ ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ରହି ଭାରତର ନୂତନ ଶିକ୍ଷା ନୀତି ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକ ପ୍ରସଙ୍ଗ ଗୁଡ଼ିକ ଉପରେ ପ୍ରଶିକ୍ଷଣପ୍ରାପ୍ତ କରିବେ।

# ୧୨୭୦ ଶ୍ରମିକ କରିଛନ୍ତି ୧୦୦ଦିନ କାମ



ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା**

**ଲୋଇସିଂହା,୨୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ୨୦୨୩-୨୪ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଏନ୍‌ଏଫଏସଏରେ ହୋଇଥିବା କାର୍ଯ୍ୟଗୁଡିକର ଆଲୋଚନା କରାଯାଇଥିଲା । ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବିଡିଓ ଅକ୍ଷୟ ପାଣି ଉଦ୍ଧୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଉପଜିଲାପାଳ ଆଲୋକ କୁମାର ପଧାନ, ଜିଲା ସାମାଜିକ ସମୀକ୍ଷକ ଅମିତାଭ ମହାତୋ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ, କନିଷ୍ଠ ଯନ୍ତ୍ରୀ, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

ଶିବିରେ ସୂଚନା ଦିଆଯାଇଥିଲା ଯେ ବ୍ଲକର ୨୦ଟି ପଞ୍ଚାୟତରେ ୧୭,୫୧୬ ଜବକାର୍ଡଧରା ପଞ୍ଜୀକୃତ ହୋଇଥିବାବେଳେ ୧୨,୯୧୪ ଜବକାର୍ଡଧାରୀ କାମ କରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ୩୨୮୬ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୨୪୮୫ ପ୍ରକଳ୍ପ କରାଯାଇଛି । ସେଥିରୁ ୮୦୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ପ୍ରକଳ୍ପ ବାବଦକୁ ୧୩ କୋଟି ୬୦ ଲକ୍ଷ ବ୍ୟୟ ଅଟକଳ ରହିଥିଲା। ସେଥିରୁ ୧୧ କୋଟି ୮୭ ଲକ୍ଷ ଟଙ୍କା ମଜୁରି ବାବଦକୁ ଜବକାର୍ଡଧାରୀ ଶ୍ରମିକଙ୍କ ପାସ୍‌ବୁକରେ ପ୍ରଦାନ କରାଯାଇଛି। ୪ ଲକ୍ଷ ୯୦ ହଜାର ୩୧୦ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ କାମରେ ମହିଳା ଜାବକାର୍ଡଧାରୀଙ୍କ ଭାଗିଦାରିତା ୪୨.୨୯ ପ୍ରତିଶତ ରହିଛି। ବ୍ଲକ ପ୍ରଶାସନ ପ୍ରତି ଜବକାର୍ଡରେ ୬୦ଦିନ କାମ ଯୋଗାଇବାରେ ସକ୍ଷମ ହୋଇଛନ୍ତି। ୧୨୭୦ ଜଣ ଜବକାର୍ଡଧାରୀ ଶ୍ରମିକ ୧୦୦ ଦିନ କାମ ସମ୍ପୂର୍ଣ୍ଣ କରିଥିବା ଏପିଓ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଶିବିରରେ ପ୍ରକଳ୍ପର ଅନିୟମିତତା, ବିଦ୍ୟୁତ, ବିଳମ୍ବିତ ପ୍ରକ୍ରିୟାକୁ ନେଇ ଆଲୋଚନା କରାଯାଇଥିଲା। ଶ୍ରମିକମାନେ ଉପସ୍ଥିତ ରହି ସମସ୍ୟା ଉପରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ସଇଁତଳା ଅଞ୍ଚଳରେ ଡେଙ୍ଗୁ ଆତଙ୍କ, ଯୁବକଙ୍କ ମୃତ୍ୟୁ

**ଛାନଭିନ କଲା ଡାକ୍ତରୀ ଟିମ୍**

**ସଇଁତଳା,୨୭।୬(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଳା ସଦର ମହକୁମାରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଦୁଇଦିନ ତଳେ ସହରର ଗୋପବନ୍ଧୁ ପଡ଼ାର ଜଣେ ଯୁବକ୍‌ର ମୃତ୍ୟୁ ଘଟିଛି। ଜ୍ୱରରେ ଆକ୍ରାନ୍ତ ହୋଇ ସେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ରକ୍ତ ନମୂନା ପରୀକ୍ଷଣ ପରେ ସେ ଡେଙ୍ଗ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ପରେ ପରିବାର ଲୋକେ ତାଙ୍କୁ ବରଗଡ଼ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଅନ୍ୟ ପକ୍ଷରେ ସଇଁତଳା ସହରରେ ଥିବା ନାଳନର୍ଦ୍ଦମା ଦୀର୍ଘଦିନ ହେଲା ସଫା ହୋଇନାହିଁ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ଅଳିଆ ଆବର୍ଜନା ଜମାହୋଇ ନାଳର ପାଣି ରାସ୍ତାରେ ଭାସି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହି କାରଣରୁ ଡେଙ୍ଗୁ ମଶା କାୟା ବିସ୍ତାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବଲାଙ୍ଗୀର ମେଡ଼ିକାଲ ଟିମ୍ ଓ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନେ ଗୋପବନ୍ଧୁ ପଡ଼ାରେ ପହଞ୍ଚି ପରୀକ୍ଷା ଆରମ୍ଭ କରିଛନ୍ତି। ପଡାର ଅନ୍ୟ କେତେଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ସହରରେ ଥିବା ସମସ୍ତ ନାଳ ନର୍ଦ୍ଦମା ତୁରନ୍ତ ସଫା କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଡ଼େଙ୍ଗୁର ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ହାଇସ୍କୁଲ ଖେଳ ପଡ଼ିଆରେ ନାହିଁ କ୍ରୀଡ଼ା ପରିବେଶ


ଖେଳ ପଡ଼ିଆରେ ପଡ଼ିଥିବା ଖାଲି ମଦ ବୋତଲ।

**ଜମୁଛି ଭୋଜିର ଆସର, ପଡୁଛି ମଦ ବୋତଲ**

**ଲାଠୋର,୨୭।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ହାଇସ୍କୁଲ ଖେଳପଡ଼ିଆରେ କ୍ରୀଡା ଉପଯୋଗୀ ପରିବେଶ ନାହିଁ। ୫ଏକର ପରିମିତ ଏହି ପଡିଆରେ ଅସାମାଜିକ ଯୁବକମାନେ ବହୁ ସମୟରେ ଭୋଜିଭାତର ଆସର କରୁଛନ୍ତି। ନିଶା ସେବନ ପରେ ଖାଲି ମଦ ବୋତଲ ଇତଃସ୍ତତ ପକାଇଉଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ଏହି ପଡ଼ିଆରେ କ୍ରିକେଟ, ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଥାଏ। ଲାଠୋର ହାଇସ୍କୁଲ ସହ ଗ୍ରାମର ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଧ୍ୟ ଏଠାରେ ଆୟୋଜନ କରାଯାଇଥାଏ। ଲୋକେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଯୋଗ ବ୍ୟାୟାମ ଆଦି କରିବା ପାଇଁ ଖେଳ ପଡିଆକୁ ଆସନ୍ତି। ହେଲେ କେତେକ ଅସାମାଜିକ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ଯୋଗୁ ପଡିଆର ଚାରିଆଡ଼େ ମଦ ବୋତଲ, ପତ୍ର, ବଳକା ଖାଦ୍ୟ ଆଦି ପଡି ଆବର୍ଜନାମୟ ହୋଇଛି। ପଡିଆକୁ ଯିବା ଆସିବା କରୁଥିବା ଛାତ୍ରୀଛାତ୍ର ଏବଂ ଯୁବଗୋଷ୍ଠୀ ଉପରେ ଏହାର କୁପ୍ରଭାବ ପଡୁଛି। ପଡିଆର କେବଳ ଗୋଟିଏ ପାଖ ପାଚେରି ନିର୍ମାଣ କରାଯାଇଛି, ଅନ୍ୟ ତିନିପାଖ ମୁକୁଳା। ପଡିଆର ସୁରକ୍ଷା ପାଇଁ ସ୍ଥାନୀୟ ଲୋକେ ସୋସିଆଲ ମିଡିଆରେ ମତ ରଖୁଥିବା ଦେଖା ଯାଉଥିଲେ ମଧ୍ୟ ପ୍ରଶାସନ ଉପରେ କୌଣସି ପ୍ରଭାବ ପଡୁନାହିଁ। ଏ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନନେଲେ ଖେଳ ପଡିଆ ତାର ଅସ୍ତିତ୍ୱ ହରାଇବ ବୋଲି ଜୟ ମା' ବସ୍ତ୍ରେନ ଫୁଟବଲ କ୍ଲବ ସଭାପତି ରାମ ବିଭାର କହିଛନ୍ତି। ସେହିପରି ଜୟ ମା' ବସ୍ତ୍ରେନ କ୍ରିକେଟ କ୍ଲବ ସଭାପତି ନରେନ୍ଦ୍ର ସିଂ ଭଲା କହିଛନ୍ତି ଖେଳ ପଡ଼ିଆରୁ ମଦ ବୋତଲ ସଫା କରି ଥକି ଗଲୁଣି । ନିୟମିତ ସଫାକରି ଖେଳିବାକୁ କଷ୍ଟକର ବ୍ୟାପାର। ଗ୍ରାମର ଦୀପକ ବେହେରା ଓ ଭୋଜରାଜ ମେହେର କହିଛନ୍ତି ଖେଳ ପଡିଆର ଚାରି ପାଖେ ପାଚେରି ନିର୍ମାଣ କରି ଗେଟ ବ୍ୟବସ୍ଥା କଲେ ଏହି ସମସ୍ୟାର ସମାଧାନ ହୋଇପାରିବ।

### ୨୨ଲିଟର ମଦ ଜବତ, ଜଣେ ଗିରଫ

**ଲୋଇସିଂହା, ୨୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ଗୁରୁବାର ଏକ ବାଇକ ସହ ୨୨ଲିଟର ରନ୍ଧା ମଦ ଜବତ କରିଛି । ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ଗ୍ରାମର ରାଜେଶ ମେହେର(୨୯)। ରାଜେଶଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଗଲପୁର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ରାଜେଶ ବାଇକରେ ରନ୍ଧାମଦ ଚୋରାଚାଲାଣ କରୁଥିବାବେଳେ ଧରାପଡିଥିଲେ।

### ବିଧାୟକଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା

**କଣ୍ଟାବାଞ୍ଜି,୨୭।୬(ଗୁରୁଦୟାଲ ହଂସ)**

ନବନିର୍ବାଚିତ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ବ୍ରାହ୍ମଣ ସମାଜ ଭବନରେ ସମାଜ ପକ୍ଷରୁ ବିଧାୟକ ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମାଜର ସଭାପତି ଅମରଚନ୍ଦ୍ର ଶର୍ମା, ପୂର୍ବତନ ସଭାପତି ଘନଶ୍ୟାମ ଶର୍ମାଙ୍କ ସହ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ମଞ୍ଚାସୀନ ଥିଲେ। ସେହିପରି ଅଗ୍ରୱାଲ ସଭା ଟ୍ରଷ୍ଟଦ୍ୱାରା ସ୍ଥାନୀୟ ହରିଭବନରେ ସଭାପତି କୈଳାସ ଅଗ୍ରୱାଲ ତାଓଲିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଲକ୍ଷ୍ମଣ ବାଗ ଏବଂ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ଜୈନ ଭବନରେ ଅନୁଷ୍ଠିତ ଜୈନ ଶ୍ୱେତାମ୍ବର ସମାଜଦ୍ୱାରା ମଧ ଉଭୟ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଧାୟକ ବାଗ ଓ ଜୈନ ଜୈନମୁନିଙ୍କଠାରୁ ଆଶୀର୍ବାଦ ନେଇଥିଲେ।


ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ସହ ବିଧାୟକ ଲକ୍ଷ୍ମଣ ବାଗ।

# ସମସ୍ୟା ଶୁଣିଲେ, ଦେଲେ ସମାଧାନ ପ୍ରତିଶ୍ରୁତି

**ଦେଓଗାଁ,୨୭।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**


ବଡବନ୍ଧରେ ବିଧାୟକ କଲକେଶ ନାରାୟଣ ସିଂଦେଓ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

**ଦେଓଗାଁ ବ୍ଲକ ୧୨ନଂ ଜୋନ୍‌କୁ ବିଧାୟକଙ୍କ ଗସ୍ତ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ନଂ ଜୋନର ବିଭିନ୍ନ ପଞ୍ଚାୟତକୁ ଗୁରୁବାର ଗସ୍ତ କରି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ବିଧାୟକ କଲିକେଶ ନାରାୟଣ ସିଂଦେଓ। ଡୁମେରପିଟା ପଞ୍ଚାୟତର ପିଲାତିମହୁଲ ପରେ ଡୁମେରପିଟା, ରାମଚନ୍ଦ୍ରପୁର, ଦେଷଣ୍ଡ, ସିଙ୍ଗାମୁଣ୍ଡା, ବନ୍ଧପଡା, ବ୍ରାହ୍ମଣୀଯୋର, ଧଣ୍ଡାମାଳ ପଞ୍ଚାୟତର ବିଲାସପୁର, ସାରସମାଲ, ଲଣ୍ଡାପଥର, ବଡବନ୍ଧ, ସିକୁଆଁ ଆଦି ପଞ୍ଚାୟତ ଅନ୍ତର୍ଗତ ଗାଁକୁ ଯାଇ ସେ ଲୋକଙ୍କ ସମସ୍ୟା ଶୁଣିଥିଲେ । ଅନେକ ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଜନସାଧାରଣ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ଦୁଇଦିନ ତଳେ ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ବିଧାୟକ କରିଥିବା ସମୀକ୍ଷା ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗ କର୍ମଚାରୀଙ୍କୁ ତୁରନ୍ତ ଏ ସମ୍ପର୍କିତ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଜଳ ଯୋଗାଣ ବିଭାଗ ଅଧିକାରୀ ଦେଇଥିବା ତଥ୍ୟ ଠିକ ନଥିବା ନିର୍ବାଚିତ ପ୍ରତିନିଧିମାନେ କହିଥିଲେ। ବିଧାୟକ ସିଂଦେଓ ଲୋକଙ୍କଠାରୁ ପାଣି ସମସ୍ୟା ଶୁଣିବା ପରେ ବିଭାଗୀୟ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ନିର୍ବାଚନରେ ଲୋକେ ଦେଇଥିବା ଦାବିଗୁଡିକ ଉପରେ ନିଶ୍ଚିତ ଭାବରେ ପୂରଣ କରାଯିବ ଓ ଜନସାଧାରଣ ଯାହା ଆଦେଶ କରିବେ ମୁଁ ତାହା ନିଶ୍ଚିତ ପାଳନ କରିବି ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ଦୟନିଧି ଖମାରି, ଜିଲା ପରିଷଦ ସଭ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ଶୁଶିଲ ଚାନ୍ଦ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଯୁବନେତା ବୁଦ୍ଧଦେବ ପରୁଆ, ଜନ୍ମେଜୟ ପୋଢ଼, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଲଣ୍ଡାପଥର ସରପଞ୍ଚ ଦେବାନ୍ତି କ୍ଷେତି, ରାଜପ୍ରତାପ ସିଂଦେଓ, ବିଜେଡି ଛାତ୍ର ସଭାପତି ଦୀପକ ବେହେରା, ଗୌରଗୋଠ ସମିତି ସଭ୍ୟ ଟଙ୍କଧର ବେରିଆ, ଶମ୍ଭୁ ଭୋଇ, ମନୋଜ ପୁଟେଲ, କାର୍ତ୍ତିକ ପଧାନ, ପିଣ୍ଟୁ ଖମାରୀ, ଗୋପିନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ରଥଯାତ୍ରା ପାଇଁ ଅଡୁଆ

# ସଂକୀର୍ଣ୍ଣ ରାସ୍ତା, ମୁକୁଳା ଡ୍ରେନ୍

ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)

ମନ୍ଦିର ମାଳିନୀ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ସହରରେ ଅନ୍ୟ ପର୍ବପର୍ବାଣି ଭଳି ରଥଯାତ୍ରା ମହାସମାରୋହରେ ପାଳନ କରାଯାଏ। ରାଜାରାଜୁଡା ଅମଳରୁ ଏହା ପାଳିତ ହୋଇଆସୁଛି। ଯାତ୍ରା ସମୟରେ ରଥ ଟାଣିବା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଆସନ୍ତା ଜୁଲାଇ ୭ରେ ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ଆୟୋଜିତ ହେବ। ହେଲେ ସହରରେ ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ମୁକୁଳା ପଡିଥିବା ଡ୍ରେନ୍ ରଥଟଣା ସମୟରେ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ରଥଯାତ୍ରା ଆଉ ମାତ୍ର ୧୦ଦିନ ଥିବାବେଳେ ସହରରେ ରାସ୍ତାଘାଟ ମରାମତି, ଜବରଦଖଲ ଉଚ୍ଛେଦ ଓ ମୁକୁଳା ଡ୍ରେନ୍‌କୁ ଆବଦ୍ଧ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ସହରର ମଝିପଡ଼ାଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ ଜଗନ୍ନାଥ ମନ୍ଦିର ମହାପ୍ରଭୁଙ୍କ ରଥ ଟଣା ହୋଇଥାଏ। ରଥଯାତ୍ରା ସମୟରେ ରାସ୍ତାରେ ଶ୍ରଦ୍ଧାଳୁଙ୍କ ଭିଡ ଜମେ। ମାତ୍ର ଏ ପର୍ଯ୍ୟନ୍ତ ଏହି ରାସ୍ତାର ମରାମତି କରାଯାଇନି। ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଉକ୍ତ ରାସ୍ତାରେ ରଥଚକ କିଭଳି ଗଡିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜବରଦଖଲକାରୀ ସହର ରାସ୍ତାକୁ ମାଡି ଆସିଛନ୍ତି। ରଥଖଳା, ରଥଦାଣ୍ଡ ଓ ମାଉସୀ ମା' ମନ୍ଦିର ଚତୁଃପାର୍ଶ୍ୱ ଏଥିରୁ ବାଦ୍ ପଡିନି। ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ରଥଟାଣିବା ସମୟରେ ଅସୁବିଧା ସୃଷ୍ଟି ହୋଇପାରେ। ସେହିପରି ସହରର ବିଭିନ୍ନ ସ୍ଥାନରେ ମ୍ୟୁନିସିପାଲିଟିର ଡ୍ରେନ୍‌ଗୁଡିକ ମୁକୁଳା ପଡିଛି। ଭିଡ ସମୟରେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେଉନି। ସହରାଞ୍ଚଳରେ କୌଣସି ଡ୍ରେନ୍ ଖୋଲା ନ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଏଠାରେ ଖୋଦ୍ ରଥଦାଣ୍ଡରେ ଡ୍ରେନ୍‌ଗୁଡିକୁ ମୁକୁଳା ଛାଡି ଦିଆଯାଇଛି। ଫଳରେ ରଥ ଟାଣିବା ସମୟରେ ଏହା ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ସହରରେ ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଗଡଭିତର ଜଗନ୍ନାଥଙ୍କ ରଥଯାତ୍ରା ସହ ରାୟଗୁରୁପଡାସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିର ଓ ଘୋଡାଘାଟପଡାସ୍ଥିତ ଦଧିବାମନ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ। ଏଥିପାଇଁ ୫ଟି ରଥ ନିର୍ମାଣ ହୁଏ। ତେଣୁ ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ସହ ମୁକୁଳା ଡ୍ରେନ୍ ଆବଦ୍ଧ କରିବା ପାଇଁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।


ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତ ସଂକୀର୍ଣ୍ଣ ସହ ଖାଲଖମାରେ ଭର୍ତ୍ତି ହୋଇଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ସଚେତନ ରଥର ଶୁଭାରମ୍ଭ କରାଯାଉଛି।

ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ସଚେତନ ରଥର ଶୁଭାରମ୍ଭ ହୋଇଯାଇଛି। ଜିଲା ଶ୍ରମବିଭାଗ ପକ୍ଷରୁ ଆୟୋଜିତ ଏହି ରଥକୁ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ସହକାରୀ ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଜ୍ୟୋତିରଞ୍ଜନ ବାରିକଙ୍କ ସମେତ ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଜିଲାର ୩ଟି ବ୍ଲକ ଓ ବୌଦ୍ଧ ଏନଏସିରେ ବୁଲି ସଚେତନ କରାଇବ। ୧୪ ବର୍ଷରୁ କମ ବୟସର ପିଲାଙ୍କୁ କୌଣସି କାମରେ ନିୟୋଜିତ ନ କରିବା ଓ ୧୫ ବର୍ଷରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ଶଙ୍କୁଳ କାମରେ ନ ଲଗାଇବା ପାଇଁ ପରାମର୍ଶ ଦିଆଯାଇଥିଲା।

# କନ୍ଧମାଳ ବିଧାନସଭା ମଣ୍ଡଳୀର ମତଦାତା ସମ୍ପର୍କ ଅଭିଯାନ

ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ମଣ୍ଡଳିର ବାଉଁଶୁଣୀ ଅର୍ମଡାଠାରେ ଗୁରୁବାର ମତଦାତା ସମ୍ପର୍କ ଅଭିଯାନର ଶୁଭାରମ୍ଭ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଉଦ୍‌ଘାଟନ କରିଥିଲେ। ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମତଦାତା ସମ୍ପର୍କ ଅଭିଯାନ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠି,କିଶୋର ମେହେର, ପ୍ରେମାନନ୍ଦ ମିଶ୍ର, ଅଟଳ ବିହାରୀ ପ୍ରଧାନ, ପଞ୍ଚମନ ଜଗଦଲା, ଯୀଶୁ ପ୍ରଧାନ, ଅନିଲ କୁମାର ପ୍ରଧାନ, ପିନାକ ରଣା, ଯୁଗଳ ମେହେର, ଶିବ ଶଙ୍କର କର୍ଣ୍ଣ, ଶାନ୍ତାନୁ କୁମାର ଥାଟି, କେଦାର ସାହୁ, ପଞ୍ଚାନନ ସାହୁ, ଉମ୍ବରୁ କହଁରଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ।



ମତଦାତା ସମ୍ପର୍କ ଅଭିଯାନରେ ବିଧାୟକ ଓ ଅନ୍ୟମାନେ

# ବିଧାୟକଙ୍କୁ ସମସ୍ୟା ଜଣାଇଲା ମାହେଶ୍ୱରୀ ସେନା


ବିଧାୟକ ରଘୁନାଥଙ୍କ ସହ ମାହେଶ୍ୱରୀ ସେନା ପ୍ରତିନିଧିଙ୍କ ଆଲୋଚନା।

ଅମରପାଲି,୨୭।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ମାହେଶ୍ୱରୀ ସେନାର ସଦସ୍ୟମାନେ ବୀରମହାରାଜପୁରର ନବନିର୍ବାଚିତ ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ତାଙ୍କ ସୋନପୁରସ୍ଥିତ ବାସଭବନରେ ଭେଟି ଆଲୋଚନା କରିଛନ୍ତି। ପ୍ରଥମେ ସେନା ତରଫରୁ ବିଧାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ରହିଛି। ଏହାର ତ୍ୱରିତ ସମାଧାନ କରିବାକୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଦାଦନ, ପାନୀୟ ଜଳ ଆଦି ସମସ୍ୟା ଉପରେ ସେନା ପ୍ରତିନିଧି ବିଧାୟକଙ୍କ ସହ ଆଲୋଚନା କରିଥଲେ। ଏହାବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନକରି ଅଞ୍ଚଳର କଳା ଓ କଳାକାରଙ୍କ ପରିଚୟ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ କରିବାକୁ ଅନୁରୋଧ କରାଯାଇଥିଲା। ଏହି ଆଲୋଚନାରେ ମାହେଶ୍ୱରୀ ସେନା ତରଫରୁ ଥବିର କର୍ମୀ, ଜିତେନ୍ଦ୍ର ମେଣ୍ଡିଲୀ, ସୁଧାଂଶୁ କର୍ଣ୍ଣ, ଜନାର୍ଦ୍ଦନ ଖମାରୀ, ପ୍ରଦୀପ ପଧାନ, ବିକାଶ ମହାକୁର, ଅଜିତ କର୍ମୀ, ସୁଧାଂଶୁ କର୍ଣ୍ଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ମାହେଶ୍ୱରୀ ସେନାର ପ୍ରତିନିଧି ଦଳ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ମଧ୍ୟ ଭେଟି ଆଲୋଚନା କରିଥିଲା।

# ସଇଁତଲା ଅଞ୍ଚଳରେ ଡେଙ୍ଗୁ ଆତଙ୍କ, ଯୁବକଙ୍କ ମୃତ୍ୟୁ

## ଛାନଭିନ କଲା ଡାକ୍ତରୀ ଟିମ୍

ସଇଁତଲା,୨୭।୬(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ସଦର ମହକୁମାରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଦୁଇଦିନ ତଳେ ସହରର ଗୋପବନ୍ଧୁ ପଡ଼ାର ଜଣେ ଯୁବକ୍କର ମୃତ୍ୟୁ ଘଟିଛି। ଜ୍ୱରରେ ଆକ୍ରାନ୍ତ ହୋଇ ସେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ରକ୍ତ ନମୂନା ପରୀକ୍ଷଣ ପରେ ସେ ଡେଙ୍ଗ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ପରେ ପରିବାର ଲୋକେ ତାଙ୍କୁ ବରଗଡ଼ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଅନ୍ୟ ପକ୍ଷରେ ସଇଁତଲା ସହରରେ ଥିବା ନାଳନର୍ଦ୍ଦମା ଦୀର୍ଘଦିନ ହେଲା ସଫା ହୋଇନାହିଁ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ଅଳିଆ ଆବର୍ଜନା ଜମାହୋଇ ନାଳର ପାଣି ରାସ୍ତାରେ ଭାସି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହି କାରଣରୁ ଡେଙ୍ଗୁ ମଶା କାୟା ବିସ୍ତାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବଲାଙ୍ଗୀର ମେଡ଼ିକାଲ ଟିମ୍ ଓ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନେ ଗୋପବନ୍ଧୁ ପଡ଼ାରେ ପହଞ୍ଚି ପରୀକ୍ଷା ଆରମ୍ଭ କରିଛନ୍ତି। ପଡାର ଅନ୍ୟ କେତେଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ସହରରେ ଥିବା ସମସ୍ତ ନାଳ ନର୍ଦ୍ଦମା ତୁରନ୍ତ ସଫା କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଡ଼େଙ୍ଗୁର ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କେନଝିରିଆପାଲିରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳାମାନେ।

ଅମରପାଲି,୨୭।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ମିଶନ ଶକ୍ତି ଗୃହଠାରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶ କ୍ରମେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ପୂଜାହାରୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ କାର୍ଯ୍ୟାଳୟରେ ଏମ୍‌ବିକେ ଗୀତାଞ୍ଜଳି ଜେନା, ସଂଘର ସଭାନେତ୍ରୀ ଅଞ୍ଜଳି କର୍ଣ୍ଣ, ସମ୍ପାଦିକା କୌଶଲ୍ୟା ଆଡ଼ଜୁଆଳି, ହାଇସ୍କୁଲର କର୍ମଚାରୀ ଚିତ୍ତରଞ୍ଜନ ପଧାନ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରି ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସଂଘର ସମସ୍ତ ସିଆର୍‌ପି ଓ ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ସବୁ ଗ୍ରାମରେ ବୃକ୍ଷ ରୋପଣ କରିବା ପାଇଁ ଆଲୋଚନା କରାଯାଇଥିଲା।

# ୨ ବିଦ୍ୟାଳୟକୁ ମିଳିଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା

ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ୨ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ଦିଆଯାଇଛି । ସେହି ଉଚ୍ଚ ବିଦ୍ୟାଳୟ ଗୁଡିକ ହେଲା ହରଭଙ୍ଗା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ଧଳପୁର ଓ କନ୍ଧମାଳ ବ୍ଲକର ଜନତା ଉଚ୍ଚ ବିଦ୍ୟାଳୟ ଆମ୍ବଗାଁ । ଏହି ୨ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପାଇବା ପରେ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ହେବା ସହ ଗରୀବ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇପାରିବେ। ଉକ୍ତ ବିଦ୍ୟାଳୟ ଗୁଡିରେ ଚଳିତ ବର୍ଷରୁ ଯୁକ୍ତ ୨ କଳା ଶିକ୍ଷାଦାନ ହେବ। ଏନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରକାଶ ଥାଉକି, ପୂର୍ବରୁ ହରଭଙ୍ଗା ବ୍ଲକର ବୀରନରସିଂହପୁର ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଓ ବୌଦ୍ଧ ବ୍ଲକର ବ୍ରାହ୍ମଣପାଲି ଉଚ୍ଚ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପାଇସାରିଛି।

# ମୋ ସ୍କୁଲ କୌଶଳ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ନେଲେ ସିଆର୍‌ସିସି

ଅମରପାଲି,୨୭।୬(ପୀତାମ୍ବର ସାହୁ)

ମୋ ସ୍କୁଲ ଓ ଗଣଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜିଲାରୁ ୨୮ ଜଣ ସିଆର୍‌ସିସି କେରଳର କୋଝିକୋଡ୍ ଆଇଆଇଏମ୍‌ରେ ୫ଦିନ ଧରି ପରିଚାଳନା ବିକାଶ ପ୍ରଶିକ୍ଷଣ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆର୍‌ସିସିମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇ ଥିବାବେଳେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ୍‌ରୁ ଜଣେ ମାତ୍ର ସିଆର୍‌ସିସି ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍‌ର ଉଫୁଲା କ୍ଲଷ୍ଟର ସିଆର୍‌ସିସି ମନୋଜ କୁମାର ଦାସ ଏହି ଶିବିରରେ ଯୋଗଦେଇଥିଲେ। ଭାରତୀୟ ପ୍ରବନ୍ଧ ସଂସ୍ଥାନ ପକ୍ଷରୁ ପ୍ରଫେସର ରୂପେଶ କୁମାର ପତି ଉକ୍ତ ପ୍ରଶିକ୍ଷଣର ଦାୟିତ୍ୱ ନେଇଥିଲେ। ଶିବିରକୁ ପ୍ରବନ୍ଧନ ସଂସ୍ଥାନର ପ୍ରଫେସର ଦୀପା ସେଠୀ, ପ୍ରଫେସର ଶୁଭାଶିଷ ଦେ, ପ୍ରଫେସର ରୂପେଶ ପତି, ପ୍ରଫେସର ରାଜେଶ ଉପାଧ୍ୟାୟ, ପ୍ରଫେସର ପ୍ରଣତିକା ରାୟ, ପ୍ରଫେସର ମନୋଜ ଧଳ ପ୍ରମୁଖ ବିଭିନ୍ନ ବିଷୟରେ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଲିମ ଗ୍ରହଣକାରୀ ସେଠାକାର ବିଦ୍ୟାଳୟ ପରିଦର୍ଶନକରି ସେମାନଙ୍କ ବିଭିନ୍ନ ଯୋଜନା, ଶିକ୍ଷଣ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରବନ୍ଧନ ସଂସ୍ଥାନ ତରଫରୁ ତାଲିମ ଗ୍ରହଣ କରିଥିବା ସିଆର୍‌ସିସିମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ତରଫରୁ ଉପ ନିର୍ଦ୍ଦେଶିକା ନିରୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ସିଆର୍‌ସିସି ମନୋଜ କୁମାର ଦାସ ମାନପତ୍ର ଗ୍ରହଣ କରୁଛନ୍ତି।

# ସମସ୍ୟା ଶୁଣିଲେ, ଦେଲେ ସମାଧାନ ପ୍ରତିଶ୍ରୁତି

## ଦେଓଗାଁ ବ୍ଲକ ୧୨ନଂ ଜୋନକୁ ବିଧାୟକଙ୍କ ଗସ୍ତ

ଦେଓଗାଁ,୨୭।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ନଂ ଜୋନର ବିଭିନ୍ନ ପଞ୍ଚାୟତକୁ ଗୁରୁବାର ଗସ୍ତ କରି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ବିଧାୟକ କଲିକେଶ ନାରାୟଣ ସିଂଦେଓ। ଡୁମେରପିଟା ପଞ୍ଚାୟତର ପିଲାଡିମହୁଲ ପରେ ଡୁମେରପିଟା, ରାମଚନ୍ଦ୍ରପୁର, ଦେଷଣ୍ଡ, ସିଂଗାମୁଣ୍ଡା, ବନ୍ଧପଡା, ବ୍ରାହ୍ମଣୀଯୋର, ଧଣ୍ଡାମାଲ ପଞ୍ଚାୟତର ବିଲାସପୁର, ସାରସମାଲ, ଲଣ୍ଡାପଥର, ବଡବନ୍ଧ, ସିକୁଆଁ ଆଦି ପଞ୍ଚାୟତ ଅନ୍ତର୍ଗତ ଗାଁକୁ ଯାଇ ସେ ଲୋକଙ୍କ ସମସ୍ୟା ଶୁଣିଥିଲେ । ଅନେକ ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଜନସାଧାରଣ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ଦୁଇଦିନ ତଳେ ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ବିଧାୟକ କରିଥିବା ସମୀକ୍ଷା ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗ କର୍ମଚାରୀଙ୍କୁ ତୁରନ୍ତ ଏ ସମ୍ପର୍କିତ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଜଳ ଯୋଗାଣ ବିଭାଗ ଅଧିକାରୀ ଦେଇଥିବା ତଥ୍ୟ ଠିକ ନଥିବା ନିର୍ବାଚିତ ପ୍ରତିନିଧିମାନେ କହିଥିଲେ। ବିଧାୟକ ସିଂଦେଓ ଲୋକଙ୍କଠାରୁ ପାଣି ସମସ୍ୟା ଶୁଣିବା ପରେ ବିଭାଗୀୟ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ନିର୍ବାଚନରେ ଲୋକେ ଦେଇଥିବା ଦାବିଗୁଡିକ ଉପରେ ନିଶ୍ଚିତ ଭାବରେ ପୂରଣ କରାଯିବ ଓ ଜନସାଧାରଣ ଯାହା ଆଦେଶ କରିବେ ମୁଁ ତାହା ନିଶ୍ଚିତ ପାଳନ କରିବି ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ଦୟନିଧି ଖମାରି, ଜିଲା ପରିଷଦ ସଭ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ଶୁଶିଲ ଚାନ୍ଦ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଯୁବନେତା ବୁଦ୍ଧଦେବ ପରୁଆ, ଜନ୍ମେଜୟ ପୋଢ, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଲଣ୍ଡାପଥର ସରପଞ୍ଚ ଦେବାନ୍ତି କ୍ଷେତି, ରାଜପ୍ରତାପ ସିଂଦେଓ, ବିଜେଡି ଛାତ୍ର ସଭାପତି ଦୀପକ ବେହେରା, ଗୌରଗୋଠ ସମିତି ସଭ୍ୟ ଟଙ୍କଧର ବେରିଆ, ଶମ୍ଭୁ ଭୋଇ, ମନୋଜ ପୁଟେଲ, କାର୍ତ୍ତିକ ପଧାନ, ପିଣ୍ଟୁ ଖମାରୀ, ଗୋପିନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।


ବଡବନ୍ଧରେ ବିଧାୟକ କଲିକେଶ ନାରାୟଣ ସିଂଦେଓ ଲୋକଙ୍କ ସମସ୍ୟା ଶୁଣୁଛନ୍ତି ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

ରାଜଗାଙ୍ଗପୁର,୨୭।୬(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ତଥା କାଂଶବାହାଲ ଫାଣ୍ଡି ଅଧୀନ ମାଣ୍ଡିଆକୁଦରଠାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁରର ରଶ୍ମି ରଞ୍ଜନ ସ୍ୱାଇଁ(୨୭) ଏବଂ ରବୀନ୍ଦ୍ର କୁମାର ପଣ୍ଡା (୨୫)। ଏନେଇ କାଂଶବାହାଲ ଫାଣ୍ଡିରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ବୁଧବାର ରାତିରେ ସ୍କୁଟି ଯୋଗେ ରଶ୍ମି ଓ ରବୀନ୍ଦ୍ର ରାଉରକେଲା ପଟୁ ରାଜଗାଙ୍ଗପୁର ଫେରୁଥିବା ବେଳେ ମାଣ୍ଡିଆ କୁଦରଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ଓ ଅନ୍ୟ ପୋଲିସ ତାଙ୍କୁ ଆରଜିଏଚକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମାଗଣା ସହାୟକ ଉପକରଣ ବ୍ୟବସ୍ଥା ପଞ୍ଜୀକରଣ ଶିବିର

ରାଉରକେଲା,୨୭।୬(ସଙ୍ଗୀତା ଜେନା): କେନ୍ଦ୍ର ସରକାରଙ୍କ ଆଲିମକୋ, ସେଲ୍ ଓ ସୁନ୍ଦରଗଡ଼ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ମାଗଣା ସହାୟକ ଉପକରଣ ବଣ୍ଟନ ନିମନ୍ତେ ପଞ୍ଜିକରଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। କୋଏଲନଗର ସ୍ଥିତ କଲ୍ୟାଣ ମଣ୍ଡପରେ ଏହା ଆୟୋଜିତ ହୋଇଥିଲା। ଉକ୍ତ ଶିବିରରେ ବିଦ୍ୟୁତ୍ ଚାଳିତ ଟ୍ରାଇ ସାଇକେଲ, ସୁଇଲ ଚେୟାର, ଆଶାବାଡ଼ି, ଚାଲିବା ବାଡି, ଶ୍ରବଣ ଯନ୍ତ୍ର , ସ୍ମାର୍ଟ ଫୋନ୍, ଆଣ୍ଠୁ ପଟି, କମର ବେଲ୍ଟ, ସିଲିକନ୍ ଫୁଟ୍, କୁଶନ, ବେକ ପଟଇ, ୱାକର ଆଦି ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯିବ। ଏ ନେଇ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନେ ଭିନ୍ନକ୍ଷମ ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ଆଧାର କାର୍ଡ଼ ସହିତ ଶିବିରକୁ ଆସିଥିଲେ। ଏହି ଶିବିରରେ ସେଲ୍‌ର ଡିଜିଏମ୍ ଟିବି ଟପ୍ପୋ, ଆଲେନ୍ ର ଡା. ଗୁରୁଦତ୍ତ ଲେଙ୍କା, ଡା. ଗୌରୀଶଙ୍କର ବେହେରା, ଏସ୍ଏସ୍ଏସ୍ଓ ମିନୁ ତାଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ହିତାଧୀକାରୀ ପଞ୍ଜିକରଣ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଶୁକ୍ରବାର ଛେଣ୍ଡ ସ୍ଥିତ ଆହୁତି ଭବନରେ ଦ୍ୱିତୀୟ ଶିବିର ଅନୁଷ୍ଠିତ ହେବ।

### କୋକସରା ବ୍ଲକ: ପିଇଓଙ୍କ ପଞ୍ଚାୟତସ୍ତରରେ ଅଦଳବଦଳ

କୋକସରା,୨୭।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ) କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ପଞ୍ଚାୟତ ସ୍ତରରେ ଅଦଳବଦଳ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତି (ନଂ.୧୯୫୬/ତା୨୭।୦୬।୨୪ରିଖ) ଅନୁଯାୟୀ ପିଇଓ ବିରଞ୍ଚି ଖର୍ସେଲଙ୍କୁ କୋକସରା ଓ ଲଡୁଗାଁ ପଞ୍ଚାୟତ, ରାଜେନ୍ଦ୍ର ସୋରିଙ୍କୁ ଗୋତମୁଣ୍ଡା ଓ ପୋଡାଗୁଡା, ଜାଫେଦ ନାଗଙ୍କୁ ଆମପାଣି ଓ ବଡ଼ ପୋଡାଗୁଡା, ଦାମୋଦର ବେମାଲଙ୍କୁ ଡାଲଗୁମା ଓ ଖୁଣ୍ଟିଆ, ମାନସ ବେଣୁପାଣିଙ୍କୁ ମୂଷାପାଲି ଓ ମହିମା, ରୋହିତ ଠାକୁରଙ୍କୁ ବରାଡ଼ଙ୍ଗା, ଭବିଷ୍ୟ ପଟେଲଙ୍କୁ ମାଝିଗୁଡା ଓ କାଉଡୋଳା, ପ୍ରଦୀପ ସାହୁଙ୍କୁ କନ୍ଦା ବୁରୁରା, ଗୌତମ ନାଗଙ୍କୁ ଟେମରା, ଦୀପକ କୁମାର ନାଏକଙ୍କୁ ଡ଼ହଗାଁ, ଦିଲେଶ୍ୱର ଚଲାନଙ୍କୁ ଦୁଡୁକାଠେଙ୍ଗା, ମାନସ ରଞ୍ଜନ ବିଶିଙ୍କୁ ମୋଟେର, ଯୁଗେଶ୍ୱର ବେମାଲଙ୍କୁ ରେଙ୍ଗାଲପାଲି, ଚନ୍ଦନ ମେହେରଙ୍କୁ ଗମ୍ଭାରୀଗୁଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ତିନି ଜଣ ପିଇଓ ଓମ୍ ଜଗଦୀଶ ଯାନି, ଦୁଷ୍ମନ୍ତ କୁମାର ସୁନାନୀ ଓ କିଶୋର ଚନ୍ଦ୍ର ନାଏକଙ୍କୁ ବ୍ଲକ ଜିପିଡ଼ିଓ ସେକ୍ସନରେ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି।

### ଶତପ୍ରତିଶତ ଉପସ୍ଥାନ ପାଇଁ ଶିକ୍ଷକଙ୍କ ଅଭିନବ ପ୍ରୟାସ

ନୂଆପଡ଼ା,୨୭।୬ (ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ମେଣ୍ଡାଟାଲ ଗାଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଶତପ୍ରତିଶତ ଉପସ୍ଥାନ ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ମେଣ୍ଡାଟାଲ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଛୁଟି ପରେ ଗାଁ ଗାଁକୁ ଯାଇ ଛାତ୍ରୀଛାତ୍ରଙ୍କୁ ପ୍ରତିଦିନ ବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକଙ୍କ ସହ ଆଲୋଚନା କରୁଛନ୍ତି।

# ଆଇଆଇସି ନିର୍ଦ୍ଦୋଷ, ଏଏସ୍ଆଇଙ୍କୁ ଜେଲଦଣ୍ଡ

### ମାମଲା ରଫାଦଫା ପାଇଁ ଲାଞ୍ଚ

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କେଗାଁ ଥାନାରେ ୨୦୧୭ରେ ଏକ ମାମଲାକୁ ରଫାଦଫା କରିବା ପାଇଁ ଲାଞ୍ଚ ମାମଲାର ଚୂଡାନ୍ତ ରାୟ ଗୁରୁବାର ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶୀତିକଣ୍ଠ ସାମଲ ପ୍ରକାଶ କରିଛନ୍ତି। ଭିଜିଲାନ୍ସ ଜଜ୍ ତାଙ୍କ ରାୟରେ କେଗାଁ ଥାନାର ତତ୍କାଳୀନ ଆଇଆଇସି ସମୀର ରାଉତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ ଅବସରପ୍ରାପ୍ତ ତତ୍କାଳୀନ ଏଏସ୍ଆଇ ଟଙ୍କଧର ବୁଦ୍ଧିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ଅକ୍ଟୋବର ୨୦ରେ କେଗାଁ ଥାନା ଅନ୍ତର୍ଗତ ମକରାଗୁଡା ଗ୍ରାମର ଗଙ୍ଗା ନାଗ ଓ ବେଲାଳ ସାହୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ନେଇ ବେଲାଳ କେଗାଁ ଥାନାରେ ଗଙ୍ଗାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅକ୍ଟୋବର ୩୦ରେ ଏଏସ୍ଆଇ ଟଙ୍କଧର ବୁଦ୍ଧିଆ ଉଭୟ ପକ୍ଷଙ୍କୁ ଥାନାକୁ ଡ଼ାକି ମାମଲାର ଆପୋସ ସମାଧାନ କରିବା ପାଇଁ କହିଥିଲେ। ରାତି ହୋଇଯିବାରୁ ପରଦିନ ଆସି ବୁଝାମଣାପତ୍ର ପ୍ରସ୍ତୁତ କରିବା ପାଇଁ କହିଥିଲେ। ହେଲେ ନଭେମ୍ବର ପହିଲାରେ ବୁଝାମଣାପତ୍ର କରିଦେବା ପାଇଁ ଗଙ୍ଗାଙ୍କୁ ଏଏସ୍ଆଇ ବୁଦ୍ଧିଆ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ନଚେତ ତାଙ୍କ ନାମରେ ମାମଲା ରୁଜୁ କରିବେ ବୋଲି କହିଥିଲେ। ସେତେବେଳେ ଗଙ୍ଗା ପାଖରେ ଥିବା ୧୫ଶହ ଟଙ୍କା ଏଏସ୍ଆଇ ବୁଦ୍ଧିଆଙ୍କୁ ଦେଇଥିଲେ। ଆଇଆଇସିଙ୍କୁ ମଧ୍ୟ ଦେବାକୁ ପଡ଼ିବ, ତେଣୁ ଅବଶିଷ୍ଟ ୧୫ ଶହ ଟଙ୍କା ନ ଦେଲେ ମାମଲା ରୁଜୁ କରିବି ବୋଲି ଧମକ ଦେଇଥିଲେ। ନଭେମ୍ବର ୮ରେ ଅବଶିଷ୍ଟ ଟଙ୍କା ଦେବି ବୋଲି ଗଙ୍ଗା କହିଥିଲେ। ଏ ସମ୍ପର୍କରେ ଗଙ୍ଗା ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରି ଲିଖିତ ଅଭିଯୋଗ କରିଥିଲେ। ପରେ ଯୋଜନା ମୁତାବକ ୮ ତାରିଖରେ ଟଙ୍କା ଦେବା ବେଳେ ଏଏସ୍ଆଇ ବୁଦ୍ଧିଆଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ପରେ ଆଇଆଇସି ସମୀର ରାଉତଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କ୍ଷିରୋଦ ପ୍ରସାଦ ନେଗୀ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପି.କେ. ଦୋରା ପରିଚାଳନା କରୁଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ଜାମକାନୀ ଖଣି ବିସ୍ଥାପିତ



ରାଜସ୍ୱ ମନ୍ତ୍ରୀଙ୍କୁ ସାକ୍ଷାତ କରି ଜାମକାନୀ ଖଣି ବିସ୍ଥାପିତମାନେ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ,୨୭।୬(ଜୟ ନାରାୟଣ ମେଣ୍ଡୁଲି)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଜାମକାନୀ ବିସ୍ଥାପିତମାନେ ଗୁରୁବାର ସୁନ୍ଦରଗଡର ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରେ ସାକ୍ଷାତ କରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀ ସମସ୍ୟା ଗୁଡିକର ଶୀଘ୍ର ସମାଧାନର ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ପଡିଲେ ଧାରଣାସ୍ଥଳକୁ ମଧ୍ୟ ଆସିବେ ବୋଲି କହିଥିଲେ। ଏହା ସହ ପୂର୍ବତନ ବିଧାୟିକା ତଥା ରାଜ୍ୟ ଭାଜପା ଉପସଭାପତି କୁସୁମ ଟେଟେ ହେମଗିରି ଓ ସଦର ବ୍ଲକ ବଡ଼ ବ୍ଲକ ହୋଇଥିବାରୁ ୨ଟି ନୂଆ ବ୍ଲକ ଓ ୨ଟି ନୂଆ ତହସିଲ କରିବାକୁ ଦାବି ଜଣାଇଛନ୍ତି।

# ନାହିଁ ଯାତ୍ରୀ ପ୍ରତୀକ୍ଷାଳୟ, ରାସ୍ତା କଡ଼ରେ ବସୁଛନ୍ତି ଯାତ୍ରୀ



ଯାତ୍ରୀମାନେ ରାସ୍ତା କଡରେ ବସି ବସକୁ ଅପେକ୍ଷା କରିଛନ୍ତି।

ବିଶ୍ରା, ୨୭।୬( ବଟକୃଷ୍ଣ ସ୍ୱାଇଁ)

ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବ୍ଲକରେ ବସ ଷ୍ଟାଣ୍ଡ କି ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ। ଲୋକେ ଖରା ବର୍ଷାରେ ରାସ୍ତା ଉପରେ ବସକୁ ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ଦିନେ ଦୋକାନ ବାରଣ୍ଡା ଉପରେ ନିର୍ଭର କରିବାକୁ ପଡିଥାଏ ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନଙ୍କୁ ପଚାରିବାରୁ, ତଦନ୍ତ ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

# ସଇଁତଳା ଅଞ୍ଚଳରେ ଡେଙ୍ଗୁ ଆତଙ୍କ, ଯୁବକଙ୍କ ମୃତ୍ୟୁ

### ଛାନଭିନ କଲା ଡାକ୍ତରୀ ଟିମ୍

ସଇଁତଳା,୨୭।୬(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ସଦର ମହକୁମାରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଦୁଇଦିନ ତଳେ ସହରର ଗୋପବନ୍ଧୁ ପଡ଼ାର ଜଣେ ଯୁବକ୍କର ମୃତ୍ୟୁ ଘଟିଛି। ଜ୍ୱରରେ ଆକ୍ରାନ୍ତ ହୋଇ ସେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ରକ୍ତ ନମୂନା ପରୀକ୍ଷଣ ପରେ ସେ ଡେଙ୍ଗ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ପରେ ପରିବାର ଲୋକେ ତାଙ୍କୁ ବରଗଡ଼ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଅନ୍ୟ ପକ୍ଷରେ ସଇଁତଳା ସହରରେ ଥିବା ନାଳନର୍ଦ୍ଦମା ଦୀର୍ଘଦିନ ହେଲା ସଫା ହୋଇନାହିଁ। ବର୍ତ୍ତମାନ ବର୍ଷାରତୁ ହୋଇଥିବାରୁ ଅଳିଆ ଆବର୍ଜନା ଜମାହୋଇ ନାଳର ପାଣି ରାସ୍ତାରେ ଭାସି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହି କାରଣରୁ ଡେଙ୍ଗୁ ମଶା କାୟା ବିସ୍ତାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବଲାଙ୍ଗୀର ମେଡ଼ିକାଲ ଟିମ୍ ଓ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନେ ଗୋପବନ୍ଧୁ ପଡ଼ାରେ ପହଞ୍ଚି ପରୀକ୍ଷା ଆରମ୍ଭ କରିଛନ୍ତି। ପଡାର ଅନ୍ୟ କେତେଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ସହରରେ ଥିବା ସମସ୍ତ ନାଳ ନର୍ଦ୍ଦମା ତୁରନ୍ତ ସଫା କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଡ଼େଙ୍ଗୁର ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପ୍ରଧାନମନ୍ତ୍ରୀ ଜନଜାତି ମହାନ୍ୟାୟ ଅଭିଯାନ ବୈଠକ

ଲହୁଣୀପଡା,୨୭।୬(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ଖୁଣ୍ଟାଗାଁ ସ୍ଥିତ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣେଇ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟଦର୍ଶୀ ସାହୁ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ଚିକିତ୍ସା ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ବ୍ଲକ ଆରଏଚ କୋଡିନେଟର ଅଭିଜିତ ମଲ୍ଲ, ବିପିଏମ ସମୀର କେର୍କେଟା, ଡବ୍ଲ୍ୟୁଇଓ ଭାଗବତ ଟୁଡୁ,ସିଡିପିଓ ପୁଷ୍ପଲତା ନାଏକ,ଏଡିଡବ୍ଲ୍ୟୁ ଶୁଭଶ୍ରୀ ମଲ୍ଲିକ, ପିବିଡିଏ ପିଏମ ଶୁସାନ୍ତ ସ୍ୱାଇଁ ଖୁଣ୍ଟାଗାଁ ଓ ଫୁଲଝର ରାଜସ୍ୱ ନିରୀକ୍ଷକ,ରାଜସ୍ୱ ସୁପରଭାଇଜରଙ୍କ ସମେତ ବହୁ ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବସବାସ କରୁଥିବା ପାଉଡି ଭୂୟାଁ ଗ୍ରାମ ଗୁଡିକ ମଧ୍ୟରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନଜାତି ମହାନ୍ୟାୟ ଅଭିଯାନ ଯୋଜନାରେ ୫ ଟି ଆଦର୍ଶ ଗ୍ରାମ କରାଯିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସେଥି ମଧ୍ୟରୁ ଫୁଲଝର ପଞ୍ଚାୟତର ପଟାମୁଣ୍ଡ ଓ ଉପର ଗିନିଆ,କୁଳିପୋଷ ପଞ୍ଚାୟତର କୁଳିପୋଷ କଲୋନୀ,ତାଳବାହାଲି ପଞ୍ଚାୟତର ବୁଢାଭୂଇଁ ଏବଂ ହଳଦୀକୁଦର ପଞ୍ଚାୟତର ସାନଜଳ ଗ୍ରାମକୁ ଆଦର୍ଶ ଗ୍ରାମଭାବେ ଗଢି ତୋଳିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏକ ପ୍ରକାର ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# ବନ୍ଧୁକ ମୁନରେ ୧.୬୬କୋଟିର ବ୍ୟାଙ୍କ ଚେକ ଦସ୍ତଖତ କରି ନେଇଥିବା ଅଭିଯୋଗ

### ବାଲିଘାଟ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ

କୁଆଁରମୁଣ୍ଡା,୨୭।୬(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ନାଗରାଗଡ ଜଙ୍ଗଲ ରାସ୍ତାରେ ବାଲିଘାଟ ବ୍ୟବସାୟୀମାନଙ୍କ ମଧ୍ୟରେ ବିବାଦ ହୋଇଥିଲା। ଶେଷରେ ନିରଞ୍ଜନ ମହାରଣାଙ୍କୁ ବନ୍ଧୁକ ଦେଖାଇ ଅନ୍ୟ ସହଯୋଗୀ ୧.୬୬ କୋଟିର ବ୍ୟାଙ୍କ ଚେକ ଦସ୍ତଖତ କରାଇ ନେଇଯାଇଛନ୍ତି। ଏହି ଘଟଣା ଗତ ୧୭ ତାରିଖ ପୂର୍ବାହ୍ନ ୧୦ଟାରେ ଘଟିଥିଲା। ଏନେଇ ନିରଞ୍ଜନ ସୁନ୍ଦରଗଡ ଏସ୍‌ପିଙ୍କୁ ଜଣାଇଥିଲେ। ଗତ ୨୩ ତାରିଖରେ ବୀରମିତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାରେ ଦଫା ୩୯୫,୨୫,୨୭ ଆର୍ମସ ଆକ୍ଟରେ ଏକ ମାମଲା(୧୯୩/୨୪/) ରୁଜୁ ହୋଇଥିବା ଥାନାଧିକାରୀ ବନ୍ଦନା ପାତ୍ରଙ୍କ ଠାରୁ ଗୁରୁବାର ସୂଚନା ମିଳିଛି। ଅଭିଯୋଗ ହେବାର ୪ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ସନ୍ଦିଗ୍ଧଙ୍କ ନିକଟରେ ପହଞ୍ଚି ପାରିନାହିଁ। ଏହି ଘଟଣାରେ ୭ ଜଣ ସଂଶ୍ଳିଷ୍ଟ ଥିବା ନେଇ ନିରଞ୍ଜନ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତଦନ୍ତରେ ବାଧା ସୃଷ୍ଟି ହେବ କହି ଆଇଆଇସି ବନ୍ଦନା ପାତ୍ର ସେମାନଙ୍କ ନାମ ପ୍ରକାଶ କରିନାହାନ୍ତି।

# ବିଜୁ ଏକ୍ସପ୍ରେସ୍ ୱେରେ ଲାଇଟ ଅଧା ଜଳୁଛି, ଅଧାନାହିଁ



କୁତ୍ରା,୨୭।୬(ଦେବଶିଷ ସାହୁ)

ଗତ କିଛିଦିନ ଧରି ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେ କୁତ୍ରା ବସଷ୍ଟାଣ୍ଡ ଅଞ୍ଚଳ ଅନ୍ଧାର ରହୁଛି। ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ସମୟରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଏଲଏନଟି କମ୍ପାନୀ ତରଫରୁ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ଷ୍ଟିଟ ଲାଇଟ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ତାହା ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ବହୁ ସମୟରେ କେଉଁଠି ଲାଇଟ ଜଳୁଛି ତ କେଉଁଠି ଅନ୍ଧାର ରହୁଛି। ଆଜିକୁ କିଛିଦିନ ହେବ କୁତ୍ରା ବସଷ୍ଟାଣ୍ଡ ଅଞ୍ଚଳର ଷ୍ଟିଟ ଲାଇଟ କିଛି ଜଳୁଥିବା ବେଳେ ଅଧିକାଂଶ ଜଳୁ ନ ଥିବା ଦେଖିବାକୁ ମିଳିଛି। ରାତିରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନ୍ଧାର ରାତି ଚୋରଙ୍କୁ ସୁହାଉଛି। ଗତ କିଛିଦିନ ପୂର୍ବରୁ ବସଷ୍ଟାଣ୍ଡ ନିକଟରେ ଥିବା ଏକ ବ୍ୟାକେରି ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଏହି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଜନସାଧାରଣରେ ଦାବି ହେଉଛି।

# ନିଶା ନିବାରଣ, ବେଆଇନ ଚାଲାଣ ଦିବସ ଉଦ୍‌ଯାପିତ

ରାଉରକେଲା,୨୭।୬(ଦିନେଶ ମିଶ୍ର)

ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ ଚାଲାଣ ଦିବସ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏନ୍ଏସ୍ଏସ୍, ଯୁବ ରେଡକ୍ରସ-ୱାଇଆର୍‌ସି ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ-ଏନ୍‌ସିସି ଶାଖା ପକ୍ଷରୁ ମିଳିତ ଭାବେ ପାଳନ କରାଯାଇଥିଲା। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସ୍ଥାନୀୟ ସଙ୍ଗଠନ ଏଥିରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦର ସଭାପତି ସ୍ୱରୂପ ପାଣିଗ୍ରାହୀ ଯୋଗଦେଇ ନିଷିଦ୍ଧ ଔଷଧ ପ୍ରସାର ଓ ବ୍ୟବହାର ବନ୍ଦ କରିବା ପାଇଁ ଜନସାଧାରଣ ଓ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା କ୍ରାଇମ୍ ବ୍ରାଞ୍ଚର ଅଧିକାରୀ ଉମେଶ ଚନ୍ଦ୍ର ବେହେରା ଯୋଗଦେଇ ନିଶା ଦିବସର ବିଭିନ୍ନ ଆଇନଗତ ଦିଗ ଉପରେ ଅବଗତ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରକାଶ ପାଢୀ ବ୍ରହ୍ମକୁମାରୀ ମଧୁ ନିଶା ନିବାରଣ କିଭଳି ହୋଇପାରିବ ସେନେଇ ବିସ୍ତୃତ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ବିଭିନ୍ନ ବର୍ଗରେ ୩୧୨ ଜଣ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଶୋକ ମିଞ୍ଜ, ଡ. ସ୍ନିଗ୍ଧା ମିଶ୍ର, ଏନସିସିର ଭାରପ୍ରାପ୍ତ ଅଧିକାରୀ କ୍ୟାପଟେନ୍ ମୀନା ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ।

# ମିଶନ ଶକ୍ତି ପକ୍ଷରୁ ଚାରାରୋପଣ

କୁତ୍ରା, ୨୭।୬(ଦେବଶିଷ ସାହୁ)

କୁତ୍ରା ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମନ୍ୱିତ ଶିଶୁ ଓ ମହିଳା ବିଭାଗ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ ବିଶେଷ ଅତିଥି ଭାବେ ଯୋଗଦେଇ ଚାରାରୋପଣ ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ଚାରାରୋପଣ ସହ ପରିବେଶ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।ପରେ ପରେ ମିଶନ ଶକ୍ତି କାର୍ଯ୍ୟାଳୟ, ଆଇସିଡିଏସ କାର୍ଯ୍ୟାଳୟ ନିକଟରେ ଚାରାରୋପଣ କରାଯାଇଥିଲା।ଏଥିରେ ବିଭାଗର ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ, ବିଏଲଏଫ ଲିଡର,ସମସ୍ତ ପଞ୍ଚାୟତର ମିଶନ ଶକ୍ତି ସଭାପତି, ସମ୍ପାଦିକା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ନେତ୍ରୀ ତରୁଣୀଲତା ସନାନୀ,ମନ୍ଦାକିନୀ ପଟେଲ ,ସୁଷମା ମାଲୱା ପ୍ରମୁଖ ପରିଚାଳନା କରିଥିଲେ।



# ଶୃଙ୍ଖଳାରେ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱ

### ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଭବାନୀପାଟଣା,୨୭।୬ (ଉତ୍ତମ କୁମାର ଦାଶ)



ରଥଯାତ୍ରା ପାଇଁ ଜିଲା ପ୍ରଶାସନର ବୈଠକ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଚଳିତ ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଆସନ୍ତା ଜୁଲାଇ ୭ ଓ ବାହୁଡା ଯାତ୍ରା ୧୫ ତାରିଖରେ କିଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲପାଳ ତ୍ରିଲୋଚନ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଡିଗା, ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ପହଣ୍ଡିବିଜେ ଓ ଛେରାପହଁରା ଜୁଲାଇ ୭ ତାରିଖ ଅପରାହ୍ନ ୪ଟାରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଦାରା ସମାପନ ହେବ। ପୋଲିସ ବିଭାଗ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା, ପୋଲିସ ନିୟନ୍ତ୍ରଣ କକ୍ଷ ସ୍ଥାପନ, ମାଉସୀମା' ମନ୍ଦିର ନିକଟରେ ଆବଶ୍ୟକ ସୁରକ୍ଷା କର୍ମୀ ମୁତୟନ, ଯାନବାହନ ଚଳାଚଳ ଓ ଟ୍ରାଫିକ ନିୟନ୍ତ୍ରଣ, ରଥଟଣା ସମୟରେ ରାସ୍ତାକଡ ଦୋକାନୀଙ୍କୁ ସ୍ଥାନାନ୍ତର, ରଥ ତିଆରି, ସେବାୟତ ଓ ପୂଜକଙ୍କୁ ପ୍ରଶାସନ ଦ୍ୱାରା ପରିଚୟ ପତ୍ର ପ୍ରଦାନ, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ରାସ୍ତା କଡ ଓ ହୋଟେଲର ଖାଦ୍ୟ ଯାଞ୍ଚ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯାନ ଓ ଆମ୍ବୁଲାନ୍ସ ସେବା, ଭକ୍ତବୃନ୍ଦଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା, ଆମିଷ ଓ ମଦ ବିକ୍ରି ଉପରେ କଟକଣା, ନାଳନର୍ଦ୍ଦମା ସଫା, ରଥଯାତ୍ରା ଓ ବାହୁଡା ଯାତ୍ରାର ଧାରା ବିବରଣୀ କେନ୍ଦ୍ର, ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା ଇତ୍ୟାଦି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହାସହ ବିଭାଗୀୟ ଅଧିକାରୀଙ୍କୁ ଏହାର ପରିଚାଳନା ଓ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଜଗନ୍ନାଥ ମନ୍ଦିର ପୂଜକ ଓ ସେବାୟତ,ଏମ୍‌ପି ପ୍ରତିନିଧି, ରାଜନୈତିକ ଦଳର କର୍ମିକର୍ମକର୍ତ୍ତା, କଳାହାଣ୍ଡି ଓକିଲ ସଂଘ ସଭାପତି, ମସଜିଦ କମିଟିର ସଭାପତି/କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଓକିଲ,ଗଣମାଧ୍ୟମପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ

ଝାରସୁଗୁଡ଼ା,୨୭।୬(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାରେ ଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ଆସନ୍ତା ଜୁଲାଇ ପହିଲାରୁ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ଆବୋଲୀ ସୁନୀଲ ନରୱଣେ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅନୁରୂପ ଭାବେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଆସନ୍ତା ଜୁଲାଇ ପହିଲାରୁ ଚାରାବୃକ୍ଷ ରୋପଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲାର ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୩୭୨୦ ହଜାର, ଜିଲା ସମାଜ କଲ୍ୟାଣ ଅଧିକାରୀ ଅଙ୍ଗନୱାଡି କେନ୍ଦ୍ର ପରିସରରେ ୫୦୦୦, ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିସରରେ ୪୭୦୦୦ ଓ ଜିଲା ମଙ୍ଗଳ ଅଧିକାରୀ ଆଶ୍ରମ ସ୍କୁଲ ପରିସରରେ ୨୦୦୦ ଚାରାବୃକ୍ଷ ରୋପଣ କରିବେ। ବୈଠକରେ ଝାରସୁଗୁଡା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରାସ୍ତା ଓ କଟାର ଉନ୍ନତୀକରଣ ଦାବିକଲେ ସରପଞ୍ଚ

ପଡିଆବାହାଲ,୨୭।୬(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଯୁଜୁମୁରା ମବ୍ଲକ ବାହାମ ପଞ୍ଚାୟତର ଖସୁପାଲି ରାଜସ୍ୱ ଗ୍ରାମକୁ ସଂଯୋଗୀ ରାସ୍ତା ଦୟନୀୟ ହୋଇ ପଡିଛି। ଗ୍ରାମବାସୀଙ୍କୁ ୨କିଲୋମିଟର ସ୍ଥାନରେ ପାଞ୍ଚ କିଲୋମିଟରରୁ ଅଧିକ ରାସ୍ତା ବୁଲି ସ୍କୁଲ, କଲେଜ ଓ ମେଡିକାଲ ଓ ହାଟ ଯିବାକୁ ପଡୁଛି। ପଡାରୁ ଟିକିରାପଡା ରାସ୍ତା ଅବସ୍ଥା ତଦ୍ରୁପ। ରାସ୍ତା ସମସ୍ୟା ପରେ ବାହାମ ପଞ୍ଚାୟତର ବାହାମ ବଡ଼ କଟା ପୋତି ହେବାକୁ ବସିଲାଣି। କେନାଲ ପାଣି କଟରେ ମାଡି ଚାଷ ଜମିକୁ ଯାଉଥିବାରୁ ପ୍ରାୟ ୧୭ ଏକର ବିଶିଷ୍ଟ କଟା ସଦା ବ୍ୟବହାର ଉପଯୋଗୀ ରହିବା କଥା। ମାତ୍ର କଟା ପାଇଁ ମଞ୍ଜୁର ଅର୍ଥର ସୁବିନିଯୋଗ ହୋଇପାରୁ ନାହିଁ। ଫଳରେ ବିଭିନ୍ନ ପ୍ରକାରର ଦଳ, ଘାସ ଜଳାଶୟ ସାରା ମାଡି ଯାଇଥିବା ବେଳେ ପଙ୍କରେ ପୋତି ହେବାକୁ ବସିଲାଣି। ବାହାମ ସରପଞ୍ଚ ଏ ଦୁଇ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ନିକଟରେ ଦାବି କରିଛନ୍ତି।

### ସିସିଟିଭି କ୍ୟାମେରା ଭାଙ୍ଗିଲେ ଦୁର୍ବୃତ୍ତ

ବ୍ରଜରାଜନଗର,୨୭।୬(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ. ୬ ରାମପୁର କୋଲିଆରୀ କ୍ୱାର୍ଟରରେ ରହୁଥିବା ବିନୟ କୁମାର ପାଣ୍ଡେଙ୍କ ଘର ଉପରେ ଲାଗିଥିବା ସିସିଟିଭି କ୍ୟାମେରା ବୁଧବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ସେ ପାଣ୍ଡେରାମପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ପଣସକୁଦର ଗ୍ରାମରୁ ନିଖୋଜ ନାବାଳିକା ସୁନ୍ଦରଗଡ଼ ଜିଲାରୁ ଉଦ୍ଧାର

ଦେବଗଡ଼,୨୭।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଅନ୍ତର୍ଗତ ପଣସକୁଦର ଗ୍ରାମରୁ ନିଖୋଜ ଜଣେ ୧୬ ବର୍ଷର ନାବାଳିକା ଗୁରୁବାର ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତିଲିଆ ଗ୍ରାମରୁ ଉଦ୍ଧାର ହୋଇଛନ୍ତି। ଗୁରୁବାର ତାଙ୍କୁ ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଥିବା ଜଣାପଡିଛି। ପୋଲିସେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ନାବାଳିକା ଜଣକ ନିଜ ଘରୁ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ମା' ଗତ ୨୬ ତାରିଖରେ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ପୋଲିସ ଦଫା ୩୬୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନିଖୋଜ ନାବାଳିକା ତିଲିଆ ଗ୍ରାମସ୍ଥିତ ତାଙ୍କ ମାମୁଁ ଘରେ ଥିବା ତଦନ୍ତ ବେଳେ ଜଣାପଡିବାରୁ ଦେବଗଡ ଥାନା ଅଧିକାରୀ ସରୋଜ କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଉକ୍ତ ଗାଁରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

## ସୁବର୍ଣ୍ଣପୁର ରଥଯାତ୍ରା ପାଇଁ ଅଡୁଆ

# ସଂକୀର୍ଣ୍ଣ ରାସ୍ତା, ମୁକୁଳା ଡ୍ରେନ୍

ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)

ମନ୍ଦିର ମାଳିନୀ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ସହରରେ ଅନ୍ୟ ପର୍ବପର୍ବାଣି ଭଳି ରଥଯାତ୍ରା ମହାସମାରୋହରେ ପାଳନ କରାଯାଏ। ରାଜାରାଜୁଡା ଅମଳରୁ ଏହା ପାଳିତ ହୋଇଆସୁଛି। ଯାତ୍ରା ସମୟରେ ରଥ ଟାଣିବା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଆସନ୍ତା ଜୁଲାଇ ୭ରେ ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ଆୟୋଜିତ ହେବ। ହେଲେ ସହରରେ ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ମୁକୁଳା ପଡିଥିବା ଡ୍ରେନ୍ ରଥଟଣା ସମୟରେ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ରଥଯାତ୍ରା ଆଉ ମାତ୍ର ୧୦ଦିନ ଥିବାବେଳେ ସହରରେ ରାସ୍ତାଘାଟ ମରାମତି, ଜବରଦଖଲ ଉଚ୍ଛେଦ ଓ ମୁକୁଳା ଡ୍ରେନ୍‌କୁ ଆବଦ୍ଧ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ସହରର ମଝିପଡ଼ାଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ ଜଗନ୍ନାଥ ମନ୍ଦିର ମହାପ୍ରଭୁଙ୍କ ରଥ ଟଣା ହୋଇଥାଏ। ରଥଯାତ୍ରା ସମୟରେ ରାସ୍ତାରେ ଶ୍ରଦ୍ଧାଳୁଙ୍କ ଭିଡ ଜମେ। ମାତ୍ର ଏ ପର୍ଯ୍ୟନ୍ତ ଏହି ରାସ୍ତାର ମରାମତି କରାଯାଇନି। ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଉକ୍ତ ରାସ୍ତାରେ ରଥଚକ କିଭଳି ଗଡିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜବରଦଖଲକାରୀ ସହର ରାସ୍ତାକୁ ମାଡି ଆସିଛନ୍ତି। ରଥଖଳା, ରଥଦାଣ୍ଡ ଓ ମାଉସୀ ମା' ମନ୍ଦିର ଚତୁଃପାର୍ଶ୍ୱ ଏଥିରୁ ବାଦ୍ ପଡିନି। ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ରଥଟାଣିବା ସମୟରେ ଅସୁବିଧା ସୃଷ୍ଟି ହୋଇପାରେ। ସେହିପରି ସହରର ବିଭିନ୍ନ ସ୍ଥାନରେ ମ୍ୟୁନିସିପାଲିଟିର ଡ୍ରେନ୍‌ଗୁଡିକ ମୁକୁଳା ପଡିଛି। ଭିଡ ସମୟରେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେଉନି। ସହରାଞ୍ଚଳରେ କୌଣସି ଡ୍ରେନ୍ ଖୋଲା ନ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଏଠାରେ ଖୋଦ୍ ରଥଦାଣ୍ଡରେ ଡ୍ରେନ୍‌ଗୁଡିକୁ ମୁକୁଳା ଛାଡି ଦିଆଯାଇଛି। ଫଳରେ ରଥ ଟାଣିବା ସମୟରେ ଏହା ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ସହରରେ ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଗଡଭିତର ଜଗନ୍ନାଥଙ୍କ ରଥଯାତ୍ରା ସହ ରାୟଗୁରୁପଡାସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିର ଓ ଘୋଡାଘାଟପଡାସ୍ଥିତ ଦଧିବାମନ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ। ଏଥିପାଇଁ ୫ଟି ରଥ ନିର୍ମାଣ ହୁଏ। ତେଣୁ ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ସହ ମୁକୁଳା ଡ୍ରେନ୍ ଆବଦ୍ଧ କରିବା ପାଇଁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।



**ସଜେଇ ହେଉଛି ଏସ୍ଏମ୍‌ସି ଅଫିସ:** ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଅଶୋକ ସ୍ତମ୍ଭ ଓ ଅଶୋକ ଚକ୍ର ସ୍ଥାନିତ କରାଯାଇଛି।

## ଦିବ୍ୟାଙ୍ଗ ସ୍କୁଲରେ ହେଲେନ୍ କେଲରଙ୍କ ଜୟନ୍ତୀ ପାଳିତ



ଝାରସୁଗୁଡ଼ା,୨୭।୬(ସଞ୍ଜୟ ମାଲି)

ସ୍ଥାନୀୟ ବୁଢ଼ାପଡା ବୁରୋମାଲସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲା ଦିବ୍ୟାଙ୍ଗ ସ୍କୁଲ ପକ୍ଷରୁ ହେଲେନ କେଲରଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭାରତରତ୍ନ ସାହିତ୍ୟିକ ଓ ସଂସ୍କୃତି ପରିଷଦ ସାଧାରଣ ସମ୍ପାଦକ ପଣ୍ଡିତ ନିକୁଞ୍ଜ ବିହାରୀ ମିଶ୍ର ଯୋଗଦେଇ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଜୁଏଲସ ଇଣ୍ଟରନ୍ୟାଶନାଲ ଟ୍ରଷ୍ଟି ହରିଶଙ୍କର ପୁରୋହିତ, ୟଙ୍ଗ ଷ୍ଟାରସ ଚାରିଟେବୁଲ ଟ୍ରଷ୍ଟ ଉପସଭାପତି ବିଜୟ ସହିଗଲ, ରାଷ୍ଟ୍ରୀୟ କରାଟେ ଫାଉଣ୍ଡେଶନ ମୁଖ୍ୟ ସେନସୁଇ ସୁଶାନ୍ତ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଧକ୍ଷା ନମିତା ନାଥ ସ୍ୱାଗତ ଭାଷଣ ଦେଇଥିଲେ। ମୁକ ବଧିର ବିଭାଗ ମୁଖ୍ୟ ପ୍ରଶିକ୍ଷକ ଉପେନ୍ଦ୍ର ଭୈଶା ହେଲେନ କେଲରସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦୃଷ୍ଟି ବାଧିତ ଛାତ୍ରୀ କଳ୍ପନା ଖାଡ଼ିଆ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅତିଥିମାନେ ହେଲେନ କେଲରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦ୍ୱୀପ ପ୍ରଜ୍ୱଳନ କରିବା ସହ ହେଲେନ କେଲରଙ୍କ ଅବଦାନ ଓ ସଙ୍ଘର୍ଷମୟ ଜୀବନୀ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱତନ୍ତ୍ର ଶିକ୍ଷକମାନେ ସହଯୋଗ କରିଥିଲେ। ଶେଷରେ ମାନସିକ ଅନଗ୍ରସର ବିଭାଗ ମୁଖ୍ୟ ପ୍ରଶିକ୍ଷିକା ସୁଲୋଚନା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ନିର୍ବାଚନ



ବ୍ରଜରାଜନଗର,୨୭।୬(ବିଜୟ ବରାଡ଼)

ବ୍ରଜରାଜନଗର ଟ୍ରକ ମାଲିକ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଚଳିତବର୍ଷ ନିର୍ବାଚନରେ ସଭାପତି ଭାବେ ଦେବପ୍ରସାଦ ଦାସ, ଉପ ସଭାପତି ଭାବେ ଅରୁଣ ଯାଦବ, ସାଧାରଣ ସମ୍ପାଦକ ଧନଞ୍ଜୟ ସିଂ, ସହ ସମ୍ପାଦକ ମଧୁସୂଦନ ସିଂହ ଓ କୋଷାଧକ୍ଷ ଭାବେ ରାଜୀବ ସିଂ ନିର୍ବାଚିତ ହୋଇଛନ୍ତି। ମୋଟ ୫ଟି ପଦବୀ ପାଇଁ ୧୭ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚିତ ହୋଇଥିବା ପ୍ରାର୍ଥୀମାନେ ଗତବର୍ଷ ମଧ୍ୟ ନିର୍ବାଚିତ ହୋଇଥିଲେ। ଚଳିତବର୍ଷ ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଥାନା ପ୍ରଭାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନା ପ୍ରଭାରୀ ରୋଜାଲିନ ପଟେଲ, ଏସଆଇ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାୟକ ନିର୍ବାଚନ କମିଶନର ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଟ୍ରକ ମାଲିକମାନଙ୍କ ସୁଖଦୁଃଖରେ ନିଜକୁ ସାମିଲ କରିପାରିଥିବାରୁ ମାଲିକମାନେ ଲଗାତାର ୩ଥର ଭୋଟ ଦେଉଛନ୍ତି ବୋଲି ଦେବ ଦାସ ପ୍ରକାଶ କରିଛନ୍ତି। ଚଳିତବର୍ଷ ମଧ୍ୟ ମାଲିକମାନେ କିପରି ସୁବିଧା ସୁଯୋଗ ପାଇ ପାରିବେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

## ବ୍ୟାକ୍ଟେରିଆ ସଂକ୍ରମଣ ଯୋଗୁ ଦୃଷ୍ଟିଶକ୍ତି ପ୍ରଭାବିତ ଆଶଙ୍କା

### ଅନୁଗୋଳ ଜିଲାରେ ଭୁଲ୍ ଚକ୍ଷୁ ଅସ୍ତ୍ରୋପଚାର ଘଟଣା

ସମ୍ବଲପୁର,୨୭।୬(ଭବାନୀ ଶଙ୍କର ଭୋଇ)

ଅନୁଗୋଳ ଜିଲାର ଏକ ଘରୋଇ ନେତ୍ର ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଇବା ପରେ ଦୃଷ୍ଟି ଶକ୍ତି ହରାଇ ଥିବା ୧୩ ଜଣ ରୋଗୀଙ୍କ ମଧ୍ୟରୁ ଗୁରୁବାର ୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ତେବେ ଭୀମସାରରେ ପୀଡିତଙ୍କ ଆଖି ପରୀକ୍ଷା ପରେ ସିଉଡ୍ରୋମୋନାସ ବ୍ୟାକ୍ଟିରିଆ ସଂକ୍ରମଣ ଯୋଗୁ ଦୃଷ୍ଟୀଶକ୍ତିପ୍ରଭାବିତ ହୋଇଛି। ଅସ୍ତ୍ରୋପଚାର ପୂର୍ବରୁ ସମସ୍ତଙ୍କୁ ଠିକ୍ ଭାବରେ ବିଶୋଧନ କରା ନ ଗଲେ ଏଭଳି ସଂକ୍ରମଣ ହେବାର ଆଶଙ୍କା ରହିଥାଏ ବୋଲି ଭିମସାର ନିର୍ଦ୍ଦେଶକ ଡ ଭାଗୀରଥୀ ରଥ ସୂଚନା ଦେଇଛନ୍ତି। ତେବେ ପ୍ରାଥମିକ ଚିକିତ୍ସା ପରେ ରୋଗୀମାନେ ସୁସ୍ଥ ଅନୁଭବ କରିଥିବା ଭିମସାର ମେଡିକାଲ ପକ୍ଷରୁ ଜଣାପଡିଛି। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭ ଜଣ ଏବଂ ପରେ ଅନ୍ୟ ୪ ଜଣ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ତେବେ ଅନ୍ୟ ଦୁଇଜଣ ରୋଗୀ ସୁରେନ୍ଦ୍ର ନାଥ ଦେବ (୮୦) ଏବଂ ସୁଧାକର ପ୍ରଧାନ (୫୦) ମଧୁମେହ ରୋଗ ଯୋଗୁ ଚକ୍ଷୁ ଚିକିତ୍ସା ସହ ମଧୁମେହ ନିୟନ୍ତ୍ରଣ କରିବା ପାଇଁ ଚିକିତ୍ସିତ ହେଉଛନ୍ତି। ସିଧାସଳଖ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ବିଷୟରେ ଭିମସାର ପକ୍ଷରୁ କୁହାଯାଇ ନ ଥିବା ବେଳେ ଅସ୍ତ୍ରେପଚାର ସମୟରେ ଅବହେଳା ନେଇ ଆଶାଙ୍କା କରାଯାଉଛି। ତେବେ ଦୃଷ୍ଟିଶକ୍ତି ହରାଇବା ଭଳି ସାଂଘାତିକ ଘଟଣାରେ ହୋଇଥିବା ଅବହେଳାର ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୀଡ଼ିତଙ୍କ ପରିବାର ଲୋକେ ଦାବି କରିଛନ୍ତି। ଜୁନ୍ ୨୦ରେ ଅନୁଗୋଳ, ବଅଁରପାଳ ଓ ଆଠମଲ୍ଲିକ ଅଞ୍ଚଳର ୧୩ ଜଣ ଚକ୍ଷୁରୋଗୀ ଅନୁଗୋଳ ସହରର ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଇଥିଲେ। ଅପରେସନ୍ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ସମସ୍ତ ରୋଗୀଙ୍କୁ ନିଜ ନିଜ ଘରକୁ ପଠାଇ ଦେଇଥିଲେ। ଅସ୍ତ୍ରୋପଚାରର ୨୪ ଘଣ୍ଟା ପରେ ଆଖିରେ ଯନ୍ତ୍ରଣା ସହ ଅସହ୍ୟ ମୁଣ୍ଡବିନ୍ଧା ମଧ୍ୟ ହେବାପରେ ପ୍ରଥମେ ସମ୍ପୃକ୍ତ ହସ୍ପିଟାଲ ଏବଂ ପରେ ଡାକ୍ତରଙ୍କ ପରାମର୍ଶରେ ବୁର୍ଲା ଭିମସାରରେ ରୋଗୀ ମାନଙ୍କୁ ଭର୍ତ୍ତି କରାଯାଇଥିଲା।

## କଳ୍ପତରୁ ସେବାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ

ସମ୍ବଲପୁର,୨୭।୬(ପ୍ରମୋଦ ବହିଦାର)

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ତରଫରୁ ପରିଷଦ ପ୍ରତିଷ୍ଠାତା ଡ: ସୁରଜ ପ୍ରକାଶ ଜୀଙ୍କ ଜୟନ୍ତୀ ଉପଲକ୍ଷେ ଅଇଁଠାପାଲିସ୍ଥିତ କଳ୍ପତରୁଶିକ୍ଷା ସେବାଶ୍ରମର ଛାତ୍ରୀଛାତ୍ରଙ୍କୁ ଫଳ, ବିସ୍କୁଟ, ଚକଲେଟ ଆଦି ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଗୁରୁବାର ସକାଳେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାଖା ସଭାପତି ମକରଧ୍ୱଜ ଯୋଶୀ, ସମ୍ପାଦକ ଡ. ନରେନ୍ଦ୍ର ବେହେରା, ପ୍ରାକ୍ତନ ସଭାପତି ବେଣୁମାଧବ ପଣ୍ଡା, ଉପ-ସଭାପତି ପ୍ରଦ୍ୟୋତ୍ କୁମାର ମିଶ୍ର, ପ୍ରାନ୍ତୀୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଅଗ୍ରୱାଲ, କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମସୁନ୍ଦର ଶର୍ମା ପ୍ରମୁଖ ସାମିଲ ହୋଇଥିଲେ।

## ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ, ଅବୈଧ ଚାଲାଣ ବିରୋଧ ଦିବସ

ଝାରସୁଗୁଡ଼ା,୨୭।୬(ସଞ୍ଜୟ ମାଲି)



ଝାରସୁଗୁଡ଼ା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚଲାଣ ବିରୋଧ ଦିବସ-୨୦୨୪ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିବା ବେଳେ ଉପ ଜିଲାପାଳ ସବ୍ୟସାଚି ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଡିଏସ୍‌ଡବ୍ଲୁଓ ପୂନ୍ୟବତୀ ହେଲେନଖେସ, ଅବକାରୀ ବିଭାଗ ଅଧିକାରୀ ସମ୍ମାନିତ ଅତିଥି ରୂପେ ଏବଂ ପି.କେ.ଏସ.ଏସ. ମହାବିଦ୍ୟାଳୟ ଅଧାପିକା ସବିତା ନୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତାଭ ବେହେରା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାରେ କାର୍ଯ୍ୟରତ ଅନୁଷ୍ଠାନ/ ପିପୁଲ୍ସ ଫୋରମରୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସକାଳ ୮ଟାରେ ଜିଲାପାଳ କାର୍ଯ୍ୟାଳୟଠାରୁ ବେହେରାମାଲ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା କରାଯିବା ସହ ଗତ ୨୭ ତାରିଖରେ ସଂସ୍କୃତି ଭବନଠାର ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଜିଲାପାଳ ପୁରସ୍କାର ବିତରଣ କରିଥିଲେ। ଶେଷରେ ଅବକାରୀ ଅଧକାରୀ ପ୍ରତିଭା ବନ୍ଦନା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଶିକୁଳି ନିରାକରଣ ସଚେତନତା କାର୍ଯ୍ୟକ୍ରମ




ଦେବଗଡ଼,୨୭।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବାରକୋଟ ବ୍ଲକ ଗୟଳମରା ଆଶ୍ରମ ସ୍କୁଲରେ ଆନିମିଆ ତଥା ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କିସାନଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜାଗୃତି ନାୟକ ଓ ସମ୍ମାନିତ ଅତିଥି ଭାବେ ବମ୍ପରଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ସାଗରିକା ନାୟକ ଯୋଗଦେଇ ରକ୍ତହୀନତା ନିରାକରଣ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଆନିମିଆ ରୋଗକୁ ହଟାଇବା ପାଇଁ ମିଶନ ଆରମ୍ଭ କରିଥିବା ଓ ସଚେତନତା ମାଧ୍ୟମରେ ଏହାକୁ ରୋକାଯିବା ପାଇଁ ଲକ୍ଷ୍ୟ ରଖିଥିବା ସେ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ସିକିଲ ସେଲ ପରୀକ୍ଷା କରାଯାଇଥିଲା। ଛାତ୍ରୀଛାତ୍ରମାନେ ହାତରେ ସଚେତନତା ମୂଳକ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ସହିତ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଆନିମିଆ ତଥା ରକ୍ତ ଶିକୁଳିର ନିରାକରଣ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଗ୍ରାମବାସୀଙ୍କୁ ପାଲା ମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆନିମିଆ ତଥା ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସମ୍ପର୍କୀତ ବକ୍ତୃତା, ସୃଜନଶୀଳ ଲିଖନ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୀମନ୍ତିନୀ ଗଡନାୟକ, ଶିସ୍ମାଶ୍ରୀ ବେହେରା, ଡଲୀ ପ୍ରଧାନ ଓ ଶିକ୍ଷକ ଚିନ୍ତାମଣି ରଣା ସହଯୋଗ କରିଥିଲେ।

## ସମସ୍ୟା ଶୁଣିଲେ, ଦେଲେ ସମାଧାନ ପ୍ରତିଶ୍ରୁତି

### ଦେଓଗାଁ ବ୍ଲକ୍ ୧୨ନଂ ଜୋନ୍‌କୁ ବିଧାୟକଙ୍କ ଗସ୍ତ

ଦେଓଗାଁ,୨୭।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ନଂ ଜୋନର ବିଭିନ୍ନ ପଞ୍ଚାୟତକୁ ଗୁରୁବାର ଗସ୍ତ କରି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ବିଧାୟକ କଳିକେଶ ନାରାୟଣ ସିଂଦେଓ। ଡୁମେରପିଟା ପଞ୍ଚାୟତର ପିଲାଡିମ୍ବୁଲ ପରେ ଡୁମେରପିଟା, ରାମଚନ୍ଦ୍ରପୁର, ଦେଷଣ୍ଡ, ସିଂଙ୍ଗାମୁଣ୍ଡା, ବନ୍ଧପଡା, ବ୍ରାହ୍ମଣୀଯୋର, ଧଣ୍ଡାମାଲ ପଞ୍ଚାୟତର ବିଲାସପୁର, ସାରସମାଲ, ଲଣ୍ଡାପଥର, ବଡବନ୍ଧ, ସିକୁଆଁ ଆଦି ପଞ୍ଚାୟତ ଅନ୍ତର୍ଗତ ଗାଁକୁ ଯାଇ ସେ ଲୋକଙ୍କ ସମସ୍ୟା ଶୁଣିଥିଲେ । ଅନେକ ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଜନସାଧାରଣ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ଦୁଇଦିନ ତଳେ ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ବିଧାୟକ କରିଥିବା ସମୀକ୍ଷା ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗ କର୍ମଚାରୀଙ୍କୁ ତୁରନ୍ତ ଏ ସମ୍ପର୍କିତ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଜଳ ଯୋଗାଣ ବିଭାଗ ଅଧିକାରୀ ଦେଇଥିବା ତଥ୍ୟ ଠିକ ନଥିବା ନିର୍ବାଚିତ ପ୍ରତିନିଧିମାନେ କହିଥିଲେ। ବିଧାୟକ ସିଂଦେଓ ଲୋକଙ୍କଠାରୁ ପାଣି ସମସ୍ୟା ଶୁଣିବା ପରେ ବିଭାଗୀୟ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ନିର୍ବାଚନରେ ଲୋକେ ଦେଇଥିବା ଦାବିଗୁଡିକ ଉପରେ ନିଶ୍ଚିତ ଭାବରେ ପୂରଣ କରାଯିବ ଓ ଜନସାଧାରଣ ଯାହା ଆଦେଶ କରିବେ ମୁଁ ତାହା ନିଶ୍ଚିତ ପାଳନ କରିବି ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ଦୟନିଧି ଖମାରି, ଜିଲା ପରିଷଦ ସଭ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ଶୁଶିଲ ଚାନ୍ଦ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯାମୀ ଭୋଇ, ଯୁବନେତା ବୁଦ୍ଧଦେବ ପରୁଆ, ଜନ୍ମେଜୟ ପୋଢ, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଲଣ୍ଡାପଥର ସରପଞ୍ଚ ଦେବାନ୍ତି କ୍ଷେତି, ରାଜପ୍ରତାପ ସିଂଦେଓ, ବିଜେଡି ଛାତ୍ର ସଭାପତି ଦୀପକ ବେହେରା, ଗୌରଗୋଠ ସମିତି ସଭ୍ୟ ଟଙ୍କଧର ବେରିଆ, ଶମ୍ଭୁ ଭୋଇ, ମନୋଜ ପୁଟେଲ, କାର୍ତ୍ତିକ ପଧାନ, ପିଣ୍ଟୁ ଖମାରୀ, ଗୋପିନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆରିୟୁଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଷ୍ଟକ୍ ଏକ୍ସଚେଞ୍ଜର ନୂଆ ମାଇଲଖୁଣ୍ଟ

- ୭୯,୦୦୦ ଅଙ୍କ ଉପରେ ସେନ୍‌ସେକ୍ସ
- ୨୪,୦୦୦ ଅଙ୍କ ଟପିଲା ନିଫ୍ଟି



**ନୂଆଦିଲ୍ଲୀ,୨୭।୬ (ଅଭୟ ଦାଶ)**

ପ୍ରଥମ ଥର ପାଇଁ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ ଐତିହାସିକ ସଫଳତା (ସର୍ବୋଚ୍ଚ ସ୍ତରର କାରବାର) ସହ ନୂତନ ରେକର୍ଡ ବା ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଘରୋଇ ଶେୟାର ବଜାର କାରବାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ମଧ୍ୟ ନୂତନ ରେକର୍ଡ ସହ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛନ୍ତି। ବିଶେଷକରି ୩୦ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର ୭୯,୪୦୦ (୭୯,୩୯୬ ଅଙ୍କ) ଅଙ୍କରେ ପହଞ୍ଚିଥିଲାବେଳେ ଏନ୍ଏସ୍ଇ ନିଫ୍ଟି ମଧ୍ୟ ୨୪,୧୦୦(୨୪.୦୮୭ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ବୁଧବାର ଉଭୟ ଏନ୍ଏସ୍ଇ ଓ ବିଏସ୍ଇର କାରବାର ପ୍ରାରମ୍ଭରୁ ଲାଭରେ ଚାଲିଥିଲାବେଳେ ଶେଷ ବେଳକୁ କାରବାର କିଛି ପରିମାଣରେ ହ୍ରାସ ପାଇଥିଲା। ଏପରିକି ଏନ୍ଏସ୍ଇ ନିଫ୍ଟି ୫୦ର କାରବାର ପ୍ରାରମ୍ଭରେ ସର୍ବୋଚ୍ଚ ୨୪,୦୮୭ ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ଏହା ୨୪,୦୪୪.୫୦ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ବିଏସ୍ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନ୍‌ସେକ୍ସ ଅଲ ଟାଇମ ହାଇ ୭୯,୩୯୬ ଅଙ୍କରେ ପହଞ୍ଚିଥିଲାବେଳେ ଏହା ୭୯,୨୪୩.୧୮ ଅଙ୍କରେ କାରବାର ଶେଷ କରିଥିଲା। ସେହିପରି ବିଏସ୍ଇ ସେନ୍‌ସେକ୍ସର କାରବାର ୦.୭୨ % ବୃଦ୍ଧି ଘଟିଥିବାବେଳେ ଏନ୍ଏସ୍ଇ ନିଫ୍ଟି ୫୦ର କାରବାର ମଧ୍ୟ ୦.୭୪ % ବୃଦ୍ଧି ହୋଇଛି। ଏପରିକି ବିଏସ୍ଇ ସ୍ମଲକ୍ୟାପ ଏବଂ ବିଏସ୍ଇ ମିଡକ୍ୟାପ କାରବାର ସାମନ୍ୟ ବୃଦ୍ଧି ପାଇଥିଲା। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୧୭୮.୪୫ ପଏଣ୍ଟ ବା ୦.୩୨% ବୃଦ୍ଧି ପାଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୫୨.୬୦ ପଏଣ୍ଟ ବା ୦.୬୧% ହ୍ରାସ ଘଟିଥିଲା। ସେହିପରି ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ)ର କାରବାର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ କାରବାର ଶେଷ ସୁଦ୍ଧା ୫୯.୨୦ ପଏଣ୍ଟ ବା ୦.୧୧% ହ୍ରାସ ପାଇ ୫୨,୮୧୧.୩୦ ଅଙ୍କରେ କାରବାର ବନ୍ଦ କରିଥିଲା ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୪ର୍ଥଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୬୯ (୫୬୮.୯୩) ପଏଣ୍ଟ ବଢ଼ି ୭୯,୨୪୩(୭୯,୨୪୩.୧୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୭୬ (୧୭୫.୭୦) ପଏଣ୍ଟ ବୃଦ୍ଧି ଘଟି ୨୪,୦୪୪(୨୪,୦୪୪.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଆର୍ଇ ୧୦୦ରେ ନେକ୍ସଟ୍ରା ସାମିଲ

**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତୀ ଏୟାରଟେଲର ସହାୟକ କମ୍ପାନୀ 'ନେକ୍ସଟ୍ରା'କୁ ନିକଟରେ ଆଉ ଏକ ନୂତନ ସ୍ୱୀକୃତି ଓ ମାନ୍ୟତା ଦିଆଯାଇଛି। ଏପରିକି କମ୍ପାନୀ ରିନ୍ୟୁଏବଲ ଏନର୍ଜି ବା ଆର୍ଇ୧୦୦ପଦକ୍ଷେପରେ ସାମିଲ ହୋଇଥିଲାବେଳେ ଭାରତର ଏକମାତ୍ର ଡାଟା ସେଣ୍ଟର କମ୍ପାନୀ ଭାବେ 'ଆରଇ୧୦୦'ରେ ସାମିଲ ହୋଇଛି ଏବଂ ଏହି ମାଇଲଖୁଣ୍ଟ ହାସଲ କରିବାରେ 'ନେକ୍ସଟ୍ରା' ୧୪ତମ ଭାରତୀୟ କମ୍ପାନୀର ମାନ୍ୟତା ପାଇଛି।

ସେହିଭଳି କମ୍ପାନୀ ତା'ର ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରରେ ଯଥେଷ୍ଟ ବୃଦ୍ଧି କରିଛି ଏବଂ ବର୍ତ୍ତମାନ ସୁଦ୍ଧା ୪,୨୨,୦୦୦ମେଗାୱାଟ୍ ଅକ୍ଷୟ ଶକ୍ତି ପାଇଁ ଚୁକ୍ତି କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ନେକ୍ସଟ୍ରା ଶକ୍ତି କ୍ରୟ ଚୁକ୍ତି ପିପିଏ (ପିପିଏ) ଏବଂ କ୍ୟାପ୍ଟିଭ୍ ରୁଫ୍‌ଟପ୍ ପ୍ୟାନେଲ ମାଧ୍ୟମରେ ଅକ୍ଷୟ ଶକ୍ତି ଉତ୍ପାଦନ କରି ୧,୫୬,୫୯୫ ଟିସିଓ୨ର ନିର୍ଗମନ କମ୍ କରିଛି।

ଉଲ୍ଲେଖଯୋଗ୍ୟ, ଭାରତର ଅନ୍ୟତମ ଅଗ୍ରଣୀ ଡାଟା ସେଣ୍ଟର 'ନେକ୍ସଟ୍ରା' ଏୟାରଟେଲ ଦ୍ୱାରା ସିଡିପି ସହ ଭାଗୀଦାରିରେ କ୍ଲାଇମେଟ୍ ଗ୍ରୁପ୍ ନେତୃତ୍ୱରେ ଏକ ପ୍ରମୁଖ ବିଶ୍ୱସ୍ତରୀୟ ପଦକ୍ଷେପ 'ଆର୍ଇ୧୦୦'ରେ ସାମିଲ ହୋଇ ୧୦୦% ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି।

ଏ ସମ୍ପର୍କରେ ଏୟାରଟେଲର ସିଇଓ ଆଶିଷ ଆରୋରା କହିଛନ୍ତି, ଆମେ ପରିବେଶ ପାଇଁ ଏକ ଦାୟିତ୍ୱବାନ ବ୍ରାଣ୍ଡ୍ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପକୁ ଅଧିକରୁ ଅଧିକ ଗ୍ରହଣ କରୁଛୁ। ଏପରିକି ଆମେ ୨୦୩୧ର ଆମର ନେଟ-ଶୂନ୍ୟ ଲକ୍ଷ୍ୟ ହାସଲ ଦିଗ ସହ ଏକ ସଠିକ୍ ମାର୍ଗରେ ଅଗ୍ରସର ହୋଇଛୁ ଏବଂ ୧୦୦% ଅକ୍ଷୟ ବିଜୁଳି ପ୍ରତି ପ୍ରତିବଦ୍ଧତା ସହିତ ଆରଇ ୧୦୦ ପଦକ୍ଷେପର ଅଂଶ ବିଶେଷ ହୋଇ ଖୁସି ଅଛୁ।

ସେହିପରି ସିଷ୍ଟମ ଚେଞ୍ଜ ଇଣ୍ଡିଆର ନିର୍ଦ୍ଦେଶକ ଅତୁଲ ମୁଦଲିୟାର କହିଛନ୍ତି, ଅତ୍ୟଧିକ ଶକ୍ତି ସମ୍ପନ୍ନ ହୋଇଥିଲେ ମଧ୍ୟ ଡାଟା ସେଣ୍ଟରଗୁଡ଼ିକୁ ଏହାର ନିର୍ଗମନ ପାଇଁ ଅଣଦେଖା କରାଯାଏ। ନେକ୍ସଟ୍ରା ସେମାନଙ୍କ ଅଙ୍ଗାରକାମ୍ଳର ମାତ୍ରାକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ପଦ୍ଧତିକୁ ଆପଣାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ଦେଖିବା ପ୍ରେରଣାଦାୟୀ। ସ୍ୱଚ୍ଛ ଭବିଷ୍ୟତ ଯାତ୍ରାକୁ ତ୍ୱରାନ୍ୱିତ କରିବା ପାଇଁ ଡାଟା ସେଣ୍ଟର କମ୍ପାନୀଗୁଡିକର କାର୍ଯ୍ୟ ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ନେକ୍ସଟ୍ରାର ପଦକ୍ଷେପ ଏକ ଉପଯୁକ୍ତ ଉଦାହରଣ ହେବ। ଏୟାରଟେଲର ନେକ୍ସଟ୍ରାକୁ ଆରଇ୧୦୦କୁ ସ୍ୱାଗତକରି ଆମେ ବେଶ୍ ଉତ୍ସାହିତ ଅଛୁ।


## ମନେ ପଡ଼ନ୍ତି

ସ୍ମୃତିରେ ...

ଗାନ୍ଧୀ ମଣିଷ ଦୋଳଗୋବିନ୍ଦ



୯୯ତମ ଜୟନ୍ତୀ
ତା: ୨୮.୦୬.୨୦୨୪
(ଶୁକ୍ରବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

ଧ-୫୯୩


# ବିଶ୍ୱର ସର୍ବବୃହତ୍ ଏଫ୍ଆର୍‌ପି ରିବାର ଉତ୍ପାଦକ ହେବ ଜେଏମ୍



**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ସହାୟକ କମ୍ପାନୀ ଜିନ୍ଦଲ ଆଡ୍‌ଭାନ୍ସଡ୍ ମ୍ୟାଟେରିଆଲ୍ସ (ଜେଏଏମ୍) ର ବହୁ ପ୍ରତୀକ୍ଷିତ ତଥା ମେଗା ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ହାଇ ପରଫର୍ମାନ୍ସ କମ୍ପୋଜିଟ୍ ମ୍ୟାଟେରିଆଲ କ୍ଷେତ୍ରରେ ଅଗ୍ରଣୀ ନିର୍ମାତା ଜେଏଏମ୍ ୨୦୨୫ ଜୁନ୍ ସୁଦ୍ଧା ଫାଇବର ସଶକ୍ତ ପଲିମର ରିବାରର ବିଶ୍ୱର ସର୍ବବୃହତ୍ ଉତ୍ପାଦକ ହେବାକୁ ଯାଉଛି। ଏହି ଉଚ୍ଚାଭିଳାଷୀ ବିସ୍ତାର ଯୋଜନା ଅନୁଯାୟୀ ୨୦୨୫ ଜୁନ୍ ସୁଦ୍ଧା ବାର୍ଷିକ ୧ ଲକ୍ଷ ମେଟ୍ରିକ୍ ଟନ୍ ଫାଇବର ରେନ୍‌ଫୋର୍ସଡ୍ ପଲିମର ଉତ୍ପାଦନ କ୍ଷମତାରେ ୪.୫ଗୁଣା ବୃଦ୍ଧି ହେବ। ଏହି ରଣନୈତିକ ପଦକ୍ଷେପ ସ୍ଥାୟୀ ଏବଂ ଉନ୍ନତ ଏଫ୍ଆର୍‌ପି ସମାଧାନ ସହିତ ନିର୍ମାଣ ଶିଳ୍ପରେ ପରିବର୍ତ୍ତନ ଆଣିବା ପାଇଁ ଜେଏଏମ୍ ପ୍ରତିବଦ୍ଧତାକୁ ସୂଚିତ କରୁଛି। ଏ ସମ୍ପର୍କରେ ଜେଏଏମ୍‌ର ନିର୍ଦ୍ଦେଶକ ସି.ପି. ଅଗ୍ରୱାଲ କହିଛନ୍ତି, କାର୍ବନ ଷ୍ଟିଲ୍ ରିବାରର ବିକଳ୍ପ ଭାବେ ଏଫ୍ଆର୍‌ପି ରିବାର ବ୍ୟବହାର ହୋଇପାରିବ। ଏପରିକି ଭିତ୍ତିଭୂମି ଏବଂ ରେଳ ଭିତ୍ତିଭୂମି କ୍ଷେତ୍ରରେ ବିବିଧ ପ୍ରୟୋଗ ପାଇଁ ଉପଯୁକ୍ତ ଏଫ୍ଆର୍‌ପି ରିବାରଗୁଡିକ ୩୫% ପର୍ଯ୍ୟନ୍ତ ଖର୍ଚ୍ଚ କମାଇବା ସହ ଏଥିରୁ ଉନ୍ନତମାନର ସୁବିଧା ମିଳେ ଏବଂ ଆମର ଏଫ୍ଆର୍‌ପି ରିବାର କେବଳ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରେ ନାହିଁ ବରଂ ଆମକୁ ସଷ୍ଟେନେବଲ୍ ନିର୍ମାଣ ସମାଧାନରେ ଏକ ଅଗ୍ରଣୀ କମ୍ପାନୀ ହେବାରେ ସହାୟକ ହୋଇଥାଏ। ସେହିଭଳି ସଷ୍ଟେନେବଲ୍ ନିର୍ମାଣରେ ଅଗ୍ରଣୀ ଏହି ସମ୍ପ୍ରସାରଣ ଯୋଜନା କ୍ଷୟ ପ୍ରତିରୋଧୀ,ହାଲୁକା ଏଫ୍ଆରପି ରିବାର ଉତ୍ପାଦନରେ ଅଭିନବତା ଏବଂ ଉତ୍କର୍ଷ ପ୍ରତି ଜେଏଏମ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଅଗ୍ରୱାଲ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

# ବଜାରରେ ଜିଟି ଟେକ୍ସା ଇ-ମୋଟରସାଇକେଲ

**ଭୁବନେଶ୍ୱର,୨୭।୬**

ଦେଶର ପ୍ରମୁଖ ଦୁଇଚକିଆ ଇଲେକ୍ଟ୍ରିକ୍ ଭେଇକିଲ(ଇଭି) ନିର୍ମାତା ଜିଟି ଫୋର୍ସର ବହୁ ପ୍ରତୀକ୍ଷିତ ଇ- ମୋଟରସାଇକେଲ (ଇଲେକ୍ଟ୍ରିକ ମୋଟରସାଇକେଲ) 'ଜିଟି ଟେକ୍ସା'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ସହରାଞ୍ଚଳ ଚାଳକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଏହି ଅତ୍ୟାଧୁନିକ ଇଭି ବାଇକ୍‌ରେ ଆଡ୍‌ଭାନ୍ସଡ ଟେକ୍ନୋଲୋଜି, ଅତୁଳନୀୟ କାର୍ଯ୍ୟଦକ୍ଷତା ଓ ପରିବେଶ-ଅନୁକୂଳ ଯାତାୟାତକୁ ଏକତ୍ରିତ କରିଛି। ବିଶେଷକରି ଏହାର ହାଲୁକା ଡିଜାଇନ ଓ ବୈପ୍ଳବିକ ଫିଚରଗୁଡିକ ସହିତ ଜିଟି ଟେକ୍ସାରେ ଏକ ଇନ୍‌ସୁଲେଟେଡ୍ ବିଏଲ୍‌ଡିସି ମୋଟର ରହିଛି, ଯାହା ୮୦କେଏମ୍‌ପିଏଚ୍‌ର ଟପ୍ ସ୍ପିଡ୍ ପ୍ରଦାନ କରୁଛି। ଏହାର ୩.୫ କେଡବ୍ଲ୍ୟୁଏଚ୍ ଲିଥିୟମ-ଆୟନ ବ୍ୟାଟେରୀ ଏକ ସିଙ୍ଗଲ ଚାର୍ଜରେ ୧୨୦-୧୩୦ କି.ମି.ର ରେଞ୍ଜ ଦେଉଛି। ଅଟୋ-କଟ ସହ ମାଇକ୍ରୋ-ଚାର୍ଜର ସହ ସୁସଜ୍ଜିତ ଏହି ମୋଟରସାଇକେଲକୁ କେବଳ ୪ରୁ୫ ଘଣ୍ଟାରେ ସମ୍ପୂର୍ଣ୍ଣ ଚାର୍ଜ କରାଯାଇପାରିବ। ୧୮୦ କି.ଗ୍ରା.ର ଲୋଡ୍ କ୍ଷମତା ଓ ୧୮ଡିଗ୍ରୀର ଗ୍ରେଡ୍ ଆବିଲିଟି ସହ ଜିଟି ଟେକ୍ସାକୁ ସହରୀ ଭୂଭାଗରେ ବିଜୟ ଲାଭ କରିବା ପାଇଁ ଡିଜାଇନ କରାଯାଇଛି। ଅପରପକ୍ଷରେ ଏହାର ବଜାର ମୂଲ୍ୟ (ଏକ୍ସ-ଶୋ'ରୁମ ମୂଲ୍ୟ) ୧,୧୯,୫୫୫ ଟଙ୍କା ରହିଛି।

ଏ ସମ୍ପର୍କରେ ଜିଟି ଫୋର୍ସର ସହ-ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ତନେଜା କହିଛନ୍ତି, ଆମେ ସହରୀ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଟି ଟେକ୍ସାକୁ ଯତ୍ନର ସହ ଡିଜାଇନ ଓ ନିର୍ମାଣ କରିଛୁ, ଯାହା ସେମାନଙ୍କୁ ସୁରକ୍ଷା କିମ୍ବା କାର୍ଯ୍ୟଦକ୍ଷତାରେ ସାଲିସ୍ ବିନା ଉନ୍ନତ ଚାଳନା ଅନୁଭୂତି ଦେବ। ଆମେ ବହୁସଂଖ୍ୟକ ବୁକିଂ ହାସଲ କରିବୁ ବୋଲି ନିଶ୍ଚିତ ରହିଛୁ ଏବଂ ଧାର୍ଯ୍ୟ ସମୟରେ ଚାହିଦାକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ, ଜିଟି ଟେକ୍ସାର ସ୍ୱତନ୍ତ୍ର ବିକ୍ରି ପ୍ରସ୍ତାବ ଏହାର ନିର୍ମାଣ ପ୍ରବୃତିରେ ଅନ୍ତର୍ନିହିତ ରହିଛି,ଯାହା ପାରମ୍ପରିକ ଆଇସିଇ ମୋଟରସାଇକେଲ ତୁଳନାରେ ଉନ୍ନତ ଅଟେ। ସେହିଭଳି ୨ଟି ଆକର୍ଷଣୀୟ ରଙ୍ଗ ବ୍ଲାକ୍ ଓ ରେଡ୍‌ରେ ଏହା ଉପଲବ୍ଧ ହେଉଥିଲାବେଳେ ଏଥିରେ ଟ୍ୟୁବ୍‌ଲେସ ଟାୟାର, ୮୦-୧୦୦/୧୮ର ଫ୍ରଣ୍ଟ ସାଇଜ, ୧୨୦-୮୦/୧୭ର ରିୟର ଟାୟାର ସାଇଜ ରହିଛି, ଯାହା ସୁଗମ ଓ ଆରାମଦାୟକ ଚାଳନାକୁ ନିଶ୍ଚିତ କରୁଛି।


# Classified Everyday 0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର **KEC** ନିକଟ ଗୁଡ଼ିଆପୋଖରି ଛକରୁ **1.5 K.M.** ମଧ୍ୟରେ **1380sqft.** ଘରବାରି, **Boundary, 30' road, Electricpoll** ଥାଇ **North facing plot** ତୁରନ୍ତ ବିକ୍ରି ହେବ। **Direct owner-9078726651.** D-75968

Plot for sale Balasore 40 dismil near Hotel Zaika International, both side road, Owner. 8763066010. D-586

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75753

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-594

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଛାରୁ ବିକ୍ରିହେବ। **9178660666.** D-268

**BDA new planning area at Benupur low cost investment plots available, price starts from @ 799/-. 6371364640.** D-75966

Gharabari plots near Ranga Bazar, Bhubaneswar and Pipili Dandamukundapur(NH). 30ft road, boundary, electri. Gated Society - 8984911275. D-592

**Plot for sale at Puri Konark Marine Drive (850/- per Sqft.). Contact- 6371703010.** D-591

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967




Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I Badal Kumar Bal alias Abinash Bal (19), S/o- Purusottam Bal, Vill/ P.O.-Hengupati, P.S.- Pirahat, Dist.- Bhadrak. My name is mentioned Badal Kumar Bal in my LIC Policy bearing No.- 599060711. But my actual name is Abinash Bal as per my Aadhaar Card. I declare that Badal Kumar Bal and Abinash Bal same and one person. D-595

Before the Notary Public, Bhubaneswar, I, Punam Lakhotia, W/o- Ashok Kumar Lakhotia, resident of 241/16, G.T. Road Dakshninbari, Howrah, West Bengal-711204. Declare by this affidavit No.-84, dated. 26.06.2024, that now onwards I shall be known as Punam Devi Lakhotia for all future purposes. D-589

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn in before the Executive Magistrate, BBSR. I, Prasanta Das, C/o- Purnachandra Das, Sangram Club Lane, Badasankha, Puri hereby state that my daughter's name in Birth Certificate is Arpita Das. But in her Aadhaar Card it is wrongly mentioned as Preeti Pratyusha Das. That I want to change her name from Preeti Pratyusha Das to Arpita Das according to CF No.-90, 26.06.2024. Hence Arpita Das and Preeti Pratyusha Das is one and same person who is my daughter for all purposes. D-590

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

MEMO No.-828/ 25.06.2024

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.)
ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ଓଡ଼ିଶା

ଓ.ଏସ୍.ଏସ୍. କେସ୍ ନଂ.-୭୦୨/୨୦୨୨

ଉର୍ମିଳା ସାହୁ, ବୟସ-୪୨ବର୍ଷ, ସ୍ୱାମୀ- ସଞ୍ଜୀବ କୁମାର ସାହୁ, ସା- ଆଚାର୍ଯ୍ୟ ବିହାର, ପୋ- ଆର୍ ଆର୍ ଏଲ୍, ସହିଦନଗର, ଭୁବନେଶ୍ୱର, ଜି- ଖୋର୍ଦ୍ଧା, ପିନ୍- ୭୫୧୦୧୩। .....ବାଦୀ

ବନାମ

ଶ୍ରୀଯୁକ୍ତ ଯଦୁମଣି ମହାନ୍ତି ଓ ଅନ୍ୟମାନେ ......ପ୍ରତିବାଦୀମାନେ

ନୋଟିସ୍- ଅର୍ଡର ୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.- (୫) ଶ୍ରୀଯୁକ୍ତ ଯଦୁମଣି ମହାନ୍ତି, ପିତା- ମଦନ ମହାନ୍ତି, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ଓଡ଼ିଶା

ଜମିର ବିବରଣୀ

ସାବକ

ଜି- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ସୁନ୍ଦରପୁର ସାବକ ଖାତା ନଂ.-୩୯, ସାବକ ପ୍ଲଟ୍ ନଂ.- ୪୮୫, ରକବା- ଏ୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ତିନି

ହାଲ

ଜି- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ସୁନ୍ଦରପୁର ହାଲ ଖାତା ନଂ.-୮୯୦/୧୭୪୨, ହାଲ୍ ପ୍ଲଟ୍ ନଂ.-୧୯୪୬, ରକବା- ଏ୦.୨୨୦ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ପତିତ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପର ଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୦୯।୦୮।୨୦୨୪ରିଖ ଦିବା ଘ ୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତ କୋର୍ଟ ନଂ.-୪ଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୫୮୧୫

# ବାରବାଟୀକୁ ଫେରିଲା ଅନ୍ତର୍ଜାତୀୟ କ୍ରିକେଟ



ନିର୍ମଳ କୁମାର ମିଶ୍ର

କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର। ଦୀର୍ଘ ୫ବର୍ଷ ପରେ ଫେରିଲା ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଇଂଲଣ୍ଡ ଦଳ ୩ଟି ଏକଦିବସୀୟ ଏବଂ ୫ଟି ଟି-୨୦ ମ୍ୟାଚ ଖେଳିବା ପାଇଁ ଭାରତ ଗସ୍ତରେ ଜାନୁଆରୀ ୨୦୨୫ରେ ଭାରତ ଆସୁଛି। ୩ଟି ଏକଦିବସୀୟ ମ୍ୟାଚ ନାଗପୁର, କଟକ ଓ ଅହମଦାବାଦରେ ଖେଳିବାର କାର୍ଯ୍ୟସୂଚୀ ବିସିସିଆଇ ପ୍ରକାଶ କରିଛି। ଫେବୃଆରୀ ୯ ତାରିଖରେ ଇଂଲଣ୍ଡ ବିପକ୍ଷରେ ଭାରତ ବାରବାଟୀରେ ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଖେଳିବ। ସେଥିପାଇଁ ଏବେଠାରୁ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ପ୍ରାୟ ଅଢେଇ ବର୍ଷ ତଳେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଟି-୨୦ ମ୍ୟାଚ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା। ଏହି ମ୍ୟାଚରେ ଭାରତ ପରାସ୍ତ ହୋଇଥିଲା। ସେବେଠାରୁ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ ଖେଳା ଯାଇନାହିଁ। ଏପରିକି ଆଇପିଏଲ୍ ମ୍ୟାଚ ମଧ୍ୟ ଖେଳାଯାଇ ନ ଥିବାରୁ କ୍ରିକେଟକୁ ଭଲ ପାଉଥିବା ଓଡ଼ିଶାର କ୍ରିକେଟପ୍ରେମୀ ବେଶ୍ ନିରାଶ ହୋଇଥିଲେ। ମାତ୍ର ଓଡ଼ିଶା କ୍ରିକେଟ ଆସୋସିଏଶନର ବର୍ତ୍ତମାନର ସମ୍ପାଦକ ସଞ୍ଜୟ ବେହେରାଙ୍କ ଅନୁରୋଧ କ୍ରମେ ବିସିସିଆଇ ଏହି ମ୍ୟାଚ ବାରବାଟୀରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିବା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ ବେଶ୍ ଖୁସି ଅଛି। ବାରବାଟୀ ଷ୍ଟାଡିୟମକୁ ମ୍ୟାଚ ବିଳମ୍ବରେ ଫେରିଥିଲେ ମଧ୍ୟ ଏହାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓସିଏ ଦୃଢ଼ ପରିକର। ପ୍ରାୟ ୪୫ହଜାର ଦର୍ଶକ ବସିବାର ଓ ମ୍ୟାଚ ଉପଭୋଗ କରିବାର ସମସ୍ତ ସୁବିଧା ସୁଯୋଗ ଏହି ଷ୍ଟାଡିୟମରେ ରହିଛି। ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଅତି ସଫଳତାର ସହ ଆୟୋଜନ କରିଛି ଓସିଏ। ୨୨ଟି ଏକଦିବସୀୟ, ୨ଟି ଟେଷ୍ଟ ଓ ୩ଟି ଟି-୨୦ ଆୟୋଜନ କରିବାର ଅଭିଜ୍ଞତା ରହିଛି ବାରବାଟୀର। ଏଥି ସହିତ ୭ଟି ଆଇପିଏଲ୍ ମ୍ୟାଚ ମଧ୍ୟ ସଫଳତାର ସହିତ ଆୟୋଜନ କରିଛି। କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗସ, ପୁନେ ୱାରିୟର୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ପଞ୍ଜାବ କିଙ୍ଗସ୍ ଏହି ପୁରାତନ ଷ୍ଟାଡିୟମରେ ଖେଳିଥିବାବେଳେ ଦର୍ଶକଙ୍କ ସମର୍ଥନ ଆଶ୍ଚର୍ଯ୍ୟ କରିଛି। ଅନ୍ତର୍ଜାତୀୟ ମ୍ୟାଚ ହେଉ କିମ୍ବା ଆଇପିଏଲ୍ ବାରବାଟୀରେ ପୂର୍ଣ୍ଣ କ୍ଷମତାଠାରୁ ଅଧିକ ଦର୍ଶକ ମ୍ୟାଚ ଉପଭୋଗ କରିଛନ୍ତି। ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ, ଜିମ୍ବାୱେ, କେନିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ପରି ଦଳ ବିଭିନ୍ନ ସମୟରେ ଏଠାରେ ଖେଳିଛନ୍ତି। ଇଂଲଣ୍ଡ ଦଳ ୫ଥର ପୂର୍ବରୁ ଏହି ଗ୍ରାଉଣ୍ଡରେ ମ୍ୟାଚ ଖେଳିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଏକଦିବସୀୟ ମ୍ୟାଚ ୧୯୮୨ ଜାନୁଆରୀ ୨୭ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ଭାରତ ୫ ଉଇକେଟରେ ବିଜୟୀ ହୋଇଥିଲା। ୧୭ଟି ଏକଦିବସୀୟ ମ୍ୟାଚ ଭାରତ ଖେଳିଥିବା ବେଳେ ୧୩ଟି ମ୍ୟାଚରେ ବିଜୟୀ ହୋଇଛି। ନିଶ୍ଚିତ ରୂପେ କୁହାଯାଇପାରେ ଏହି ଗ୍ରାଉଣ୍ଡରେ ଭାରତର ରେକର୍ଡ ବେଶ୍ ଭଲ ରହିଛି। ଇଂଲଣ୍ଡ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଏହି ଗ୍ରାଉଣ୍ଡରେ ବିଶ୍ୱକପ ମ୍ୟାଚ ଖେଳିବାର ସୁଯୋଗ ପାଇଛନ୍ତି। ଏହି ଗ୍ରାଉଣ୍ଡରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାଠାରୁ ଏକଦିବସୀୟ ମ୍ୟାଚ ହାରିଛି ଭାରତ। ଇଂଲଣ୍ଡଠାରୁ ୧୯୮୪ରେ ମାତ୍ର ୧ରନ୍‌ରେ ହାରିଥିବା ବେଳେ ୨୦୦୨ରେ ମାତ୍ର ୧୬ ରନ୍‌ରେ ହାରିଥିଲା। ଏଠାରେ ୩ଟି ଟି-୨୦ ମ୍ୟାଚ ଖେଳି ୨ଟିରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଥିବା ବେଳେ ଶ୍ରୀଲଙ୍କା ବିପକ୍ଷ ଟି-୨୦ ମ୍ୟାଚ ୯୩ ରନ୍‌ରେ ଜିତିଛି ଭାରତ। ଏଠାରେ ଭାରତୀୟ ଦଳ ୨ଟି ଟେଷ୍ଟ ଖେଳିଥିବା ବେଳେ ଶ୍ରୀଲଙ୍କା ବିପକ୍ଷରେ ବିଜୟୀ ଓ ନ୍ୟୁଜିଲାଣ୍ଡ ସହ ଡ୍ର ରହିଥିଲା।



**ଫେବୃଆରୀ ୯ ତାରିଖରେ ଇଂଲଣ୍ଡ ବିପକ୍ଷରେ ଭାରତ ବାରବାଟୀରେ ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଖେଳିବ। ସେଥିପାଇଁ ଏବେଠାରୁ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ପ୍ରାୟ ଅଢେଇ ବର୍ଷ ତଳେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଟି୨୦ ମ୍ୟାଚ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା...**

ପୂର୍ବ ଭାରତର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ ହେଉଛି ବାରବାଟୀ। ଭାରତର ଅନ୍ୟତମ ଶ୍ରେଷ୍ଠ ଓ ପୁରାତନ ଷ୍ଟାଡିୟମ କୋଲକାତାର ଇଡେନ୍ ଗାର୍ଡେନ ପରେ ଏହି ଷ୍ଟାଡିୟମର ଗୁରୁତ୍ୱ ରହିଛି। ମାତ୍ର ଅନ୍ୟ ଷ୍ଟାଡିୟମଗୁଡିକ ପ୍ରତିବର୍ଷ ମ୍ୟାଚ ଅନୁଷ୍ଠିତ କରିବାର ସୁଯୋଗ ପାଉଥିବା ବେଳେ ବାରବାଟୀ ଏହି ସୁଯୋଗରୁ ବଞ୍ଚିତ ହେଉଛି। ପୂର୍ବ ଭାରତର ୨ୟ ବଡ଼ ଷ୍ଟାଡିୟମ ହୋଇଥିବା ବେଳେ ମ୍ୟାଚ ନ ମିଳିବା ଦୁର୍ଭାଗ୍ୟର କଥା। ଏଥିମଧ୍ୟରେ ଓସିଏର ପୂର୍ବତନ ସେକ୍ରେଟାରୀ ଆଶୀର୍ବାଦ ବେହେରାଙ୍କ ସମୟରେ ଏହି ଷ୍ଟାଡିୟମର ବ୍ୟାପକ ପରିବର୍ତ୍ତନ ହୋଇଥିଲା। ଫ୍ଲଡ ଲାଇଟ୍, କର୍ପୋରେଟ ବକ୍ସ, ଅତ୍ୟାଧୁନିକ ଡ୍ରେସିଂରୁମ୍, ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍, ଗ୍ୟାଲେରୀର ନବୀକରଣ, ଦର୍ଶକ କ୍ଷମତା ବୃଦ୍ଧି, ଅନ୍ତର୍ଜାତୀୟ ସ୍ତରର ଡ୍ରେନେଜ ସିଷ୍ଟମ, ଓସିଏ କ୍ଲବ ହାଉସ, କ୍ରିକେଟ ଏକାଡେମୀ ଆଦି ପ୍ରତିଷ୍ଠା କରିବା ସହିତ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚ ପାଇଁ ସୁପର ସକରର ବ୍ୟବସ୍ଥା ଯୋଗୁ ଅନେକ ବାତିଲ ମ୍ୟାଚ ମଧ୍ୟ ଠିକ୍ ସମୟରେ ଅନୁଷ୍ଠିତ ହୋଇଥିଲା।

ଖୁସିର କଥା ବର୍ତ୍ତମାନର ସେକ୍ରେଟାରୀ ସଞ୍ଜୟ ବେହେରା ଓ ଅନ୍ୟାନ୍ୟ ପଦପଦବୀରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀମାନେ ପଙ୍କଜ ଲୋଚନ ମହାନ୍ତି ଓ ସଭାପତି ପ୍ରଣବ ପ୍ରକାଶ ଦାସ, ପ୍ରଭାତ କୁମାର ଭୋଳ ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ସିଇଓ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଆହୁରି ଅଧିକ ଉନ୍ନତିମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ମ୍ୟାଚ ଅନୁଷ୍ଠିତ ହେବାକୁ ଓସିଏ ପାଖରେ ପାଖାପାଖି ୭ ମାସ ସମୟ ରହିଛି। ଏଥି ମଧ୍ୟରେ କେତେଗୁଡିଏ ରେଡ୍ ସଏଲ ଉଇକେଟ ମଧ୍ୟ ନିର୍ମାଣ କରାଯିବା ସହିତ ଆଉଟ ଫିଲ୍ଡରେ ବାଲି ଓ ଘାସର ପରିମାଣ ବୃଦ୍ଧି କରାଯାଇଛି। ହାଇ ସ୍କୋରିଂ ମ୍ୟାଚ ହେବା ପାଇଁ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଗତ କିଛି ମ୍ୟାଚରେ ବଡ ସ୍କୋର ହେବାର ଦେଖାଯାଇଛି। ଏପରିକି ପିଚ୍‌ଗୁଡିକୁ ଆହୁରି ଉନ୍ନତ କରାଯିବା ସହିତ ବ୍ଲାକ ସଏଲ, ରେଡ ସଏଲର ପିଚ ପ୍ରସ୍ତୁତ କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ୟାଟିଂ ଓ ବୋଲିଂକୁ ସୁହାଇବା ପରି ପିଚ୍ ପ୍ରସ୍ତୁତ କରିବା ପାଇଁ ପାଖାପାଖି ୨ମାସ ସମୟ ଲାଗିବ। ଏହି ବର୍ଷାଦିନ ସମୟରେ ପିଚ୍‌ର ଯଥେଷ୍ଟ ଯତ୍ନ ନେବା ସହିତ ଅନେକ ଅଭ୍ୟାସ ମ୍ୟାଚ ଖେଳିଲେ ପିଚ୍‌ଗୁଡିକ କିପରି ବ୍ୟବହାର କରିବ ତାହା ଜଣାପଡିବ। ଏଥିସହିତ ଆମ ପାଖରେ ଦକ୍ଷ କ୍ୟୁରେଟରମାନେ ରହିଥିବା ବେଳେ ବିସିସିଆଇର ସାହାଯ୍ୟ ନେବା ଆବଶ୍ୟକ। ଖୁସିର କଥା ଏହି ପୁରାତନ ଷ୍ଟାଡିୟମର ନବକଳେବର ପାଇଁ ଗତ ଜାନୁଆରୀ ୨୭ରେ ଶୁଭ ଦିଆଯାଇଥିଲା। ଅନ୍ତର୍ଜାତୀୟ ମ୍ୟାଚ ପରେ ଏହି କାର୍ଯ୍ୟ ଆରମ୍ଭ ହେବ। ୬୦୦ କୋଟି ବିନିଯୋଗରେ ବିସିସିଆଇ ଓ ରାଜ୍ୟ ସରକାର ମିଳିତ ଭାବରେ ୩ ବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖିଛନ୍ତି। ଷ୍ଟାଡିୟମର ସିଟ୍ ସଂଖ୍ୟା ୬୦ ହଜାରକୁ ବୃଦ୍ଧି କରାଯିବ।

ଆଗନ୍ତୁକ ଟିମ୍‌ମାନଙ୍କ ପାଇଁ ଓଡ଼ିଶାର ଆତିଥେୟତା ସବୁବେଳେ ଭଲ ଥାଏ। ଏବେଠାରୁ ପ୍ରଚେଷ୍ଟା ଆରମ୍ଭ କରିଛି। ଓଡ଼ିଶାର କ୍ରିକେଟ ପ୍ରେମୀମାନେ ଏହି ମ୍ୟାଚକୁ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଓସିଏ ଦୀର୍ଘ ଦିନ ପରେ ପାଇଥିବା ଏହି ସୁଯୋଗକୁ ଭଲ ଭାବରେ ସମ୍ପାଦନ କରି ବିସିସିଆଇର ପ୍ରିୟପାତ୍ର ହେବାକୁ ନିଶ୍ଚିତ ପ୍ରୟାସ କରିବ।

# କଳିଙ୍ଗ ରଗ୍‌ବୀ କ୍ଲବ

**ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭୁବନେଶ୍ୱରରେ ନିଜର ଉପସ୍ଥିତି ଜାହିର କରିଛି କଳିଙ୍ଗ ରଗ୍‌ବୀ କ୍ଲବ। ନିଜସ୍ୱ ଗ୍ରାଉଣ୍ଡର ଅଭାବ ଚିନ୍ତାର କାରଣ ପାଲଟିଛି।**





କଳିଙ୍ଗ ରଗ୍‌ବୀ କ୍ଲବ ଓଡ଼ିଶାର ଅନ୍ୟତମ ପୁରୁଣା କ୍ଲବ। ଏହି କ୍ଲବ୍‌ର କିଛି ଖେଳାଳି ଓଡ଼ିଶା ତଥା ଭାରତୀୟ ରଗ୍‌ବୀ ଦଳରେ ସ୍ଥାନ ପାଇସାରିଛନ୍ତି। ୭ ବର୍ଷ ଧରି ବନ୍ଦ ରହିବା ପରେ ବର୍ତ୍ତମାନ ଏକ ନୂତନ ରୂପରେ କ୍ଲବ ପୁନର୍ବାର ନିଜର ସ୍ଥିତି ଜାହିର କରିବାକୁ ଯାଉଛି। କ୍ଲବ୍‌ର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ମହାନ୍ତି ପେସାରେ ଜଣେ ଶିକ୍ଷାବିତ୍ ଓ ପାରା ମେଡିକ୍ ତେବେ ନିଶା ତାଙ୍କର ରଗ୍‌ବୀ। ଏହି କ୍ଲବ୍‌ର ସ୍ଥାପନକୁ ୧୮ ବର୍ଷ ବିତିସାରିଥିବା ବେଳେ ୨୦୧୦ରେ ସର୍ବଭାରତୀୟ ସେଭେନ୍ ଏ ସାଇଡ୍ ରଗ୍‌ବୀରେ କ୍ଲବ ରନରଅପ୍ ରହିଥିଲା। କ୍ଲବରେ ବର୍ତ୍ତମାନ ଅଭ୍ୟାସ କରୁଥିବା ଅଧିକାଂଶ ଖେଳାଳି ଆର୍ଥିକ ଅନଗ୍ରସର ପରିବାରରୁ ଆସୁଥିବା ବେଳେ ସେମାନଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। କ୍ଲବରେ ଏଭଳି କିଛି ଖେଳାଳି ରହିଛନ୍ତି ଯେଉଁମାନେ ନିଜର ସାଧାରଣ ଜୀବନ ପାଇଁ ସଂଘର୍ଷ ଜାରିରଖିଛନ୍ତି। କିଛି ଖେଳାଳି ନିଜର ଓ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ପେପର ବିକିବା, ଟ୍ୟୁସନ୍ କରିବା ଓ ସେଲ୍ସମ୍ୟାନ ଭାବରେ କାର୍ଯ୍ୟ କରୁଛନ୍ତି। କ୍ଲବ ନିକଟରେ ନିଜସ୍ୱ ଗ୍ରାଉଣ୍ଡ ନ ଥିବା ବେଳେ ଭୁବନେଶ୍ୱରର ଦେବରାୟ କଲେଜ ଖେଳପଡିଆରେ ଖେଳାଳିମାନେ ନିୟମିତ ଅଭ୍ୟାସ କରୁଛନ୍ତି। ଖେଳିବା ପାଇଁ ଆବଶ୍ୟକ ଭିତ୍ତିଭୂମି ସହିତ ଉପକରଣର ଅଭାବ ରହିଥିଲେ ମଧ୍ୟ ସମସ୍ତ ଆଥଲେଟଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ସପ୍ତାହରେ କିଛିଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ଯାଇ ଏହି ଖେଳାଳିମାନେ ଅଭ୍ୟାସ କରିଥାନ୍ତି। ଏହି ଖେଳାଳିଙ୍କ ମଧ୍ୟରୁ କେତେଜଣ ଖେଳାଳି ବର୍ତ୍ତମାନ ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସ ମଧ୍ୟ ଖେଳି ସାରିଲେଣି। କୋଚ୍ ରବୀନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ପ୍ରସ୍ତୁତି କରୁଛନ୍ତି। ରବୀନ୍ଦ୍ର ପୂର୍ବରୁ ଏହି କ୍ଲବର ଖେଳାଳି ମଧ୍ୟ ରହି ସାରିଛନ୍ତି। ୨୦୦୬-୦୭ରେ କ୍ଲବ ଆରମ୍ଭ ହେବା ଦିନରୁ ରବୀନ୍ଦ୍ର ଏହା ସହ ଜଡିତ ଅଛନ୍ତି। ଏହି କ୍ଲବ୍‌ର ପୂର୍ବତନ ଅଧିନାୟକ ଦ୍ୱାରିକାନାଥ ସୁବୁଦ୍ଧି ଓଡ଼ିଶା ରଗ୍‌ବୀ ଦଳର ସଦସ୍ୟ ଥିଲେ। ସେ ୨୦୦୯(ରାଞ୍ଚି) ଓ ୨୦୧୧(ଗୁଆହାଟୀ)ରେ ଅନୁଷ୍ଠିତ ଜାତୀୟ ରଗ୍‌ବୀ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ରାଞ୍ଚିରେ ଓଡ଼ିଶା ୪ର୍ଥ ଓ ଗୁଆହାଟୀରେ ପଞ୍ଚମ ସ୍ଥାନ ହାସଲ କରିଥିଲା। କ୍ଲବର ଆଉ ଜଣେ ସଦସ୍ୟ ଅକ୍ଷୟ ବେହେରା ମଧ୍ୟ ୨୦୧୧ରେ ଓଡ଼ିଶା ଦଳର ସଦସ୍ୟ ଥିଲେ। କ୍ଲବର ଅନ୍ୟ ଜଣେ ସଦସ୍ୟ ହେଉଛନ୍ତି ଦେବେନ୍ଦ୍ର ଜେନା। ଏହି ସମସ୍ତ ଖେଳାଳି ବର୍ତ୍ତମାନ ଯୁବ ଖେଳାଳିଙ୍କୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଧୀରେଧୀରେ ଭିତ୍ତିଭୂମି ଅଭାବ କାରଣରୁ କିଛି ବର୍ଷ କ୍ଲବ ବନ୍ଦ ରହିଥିଲା। ଏହା ମଧ୍ୟରେ କ୍ଲବ୍ ପକ୍ଷରୁ ଏକ ମହିଳା ଦଳ ଆରମ୍ଭ କରାଯାଇଛି। ଆବଶ୍ୟକ ସଂଖ୍ୟାରେ ମହିଳା ଦଳରେ ନ ଥିଲେ ମଧ୍ୟ ମାତ୍ର ୭-୮ ଜଣ ମହିଳା ଖେଳାଳିଙ୍କୁ ନେଇ ଦଳ ଆରମ୍ଭ କରାଯାଇଛି। ଏହି ଖେଳାଳିଙ୍କ ମଧ୍ୟରୁ ଜଣେ ୟୁନିଭର୍ସିଟି ଗେମ୍ସ ମଧ୍ୟ ଖେଳି ସାରିଛନ୍ତି। ମାତ୍ର କିଛି ମାସର ପ୍ରସ୍ତୁତିରେ ଆନ୍ତଃ ଜିଲା ଟୁର୍ନାମେଣ୍ଟରେ କ୍ଲବ ଷଷ୍ଠ ସ୍ଥାନରେ ରହିଛି। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଷ୍ଟାଡିୟମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମିଳିଲେ କ୍ଲବ ଆହୁରି ଆଗେଇ ପାରିବ।

## ଖେଳାଳିଙ୍କ ପ୍ରତିକ୍ରିୟା

▶▶ପିତାଙ୍କ ଦେହାନ୍ତ ପରେ ମା' ଟେଲର ଭାବରେ ଘର ଚଳାଉଥିଲେ। ନିଜର ଜଣେ ବନ୍ଧୁ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗ ନେବା ପରେ ରଗ୍‌ବୀ ପ୍ରତି ଆଗ୍ରହ ବଢିଥିଲା। ଏପରି ସ୍ଥିତିରେ ପାଠପଢା ଓ ରଗ୍‌ବୀ ଅଭ୍ୟାସ ପରେ ମା'ଙ୍କୁ ସାହାଯ୍ୟ କରିବା ପାଇଁ ଏକ ମଲ୍‌ରେ ସେଲ୍ସ ମ୍ୟାନ୍ ଭାବରେ କାର୍ଯ୍ୟ କରିବାକୁ ପଡୁଛି। ତେବେ ଆଗାମୀ ଦିନରେ ଓଡ଼ିଶା ଓ ଭାରତ ପାଇଁ ଖେଳିବାର ଲକ୍ଷ୍ୟ ରହିଛି।

*-ସନ୍ତୋଷ କୁମାର ସାହୁ*

▶▶ସ୍କୁଲ ସମୟରେ ରଗ୍‌ବୀ ଖେଳୁଥିଲେ ମଧ୍ୟ ଧୀରେ ଧୀରେ ଖେଳଠାରୁ ଦୂରେଇ ଯାଇଥିଲି। ପରେ ଦେବରାୟ କଲେଜରେ ଆଡମିଶନ ପରେ ଏହି କ୍ଲବ ସମ୍ପର୍କରେ ଜାଣିଲି। ମାଗଣାରେ ପ୍ରଶିକ୍ଷଣ ଓ ରହିବା ବ୍ୟବସ୍ଥା ଥିବା କାରଣରୁ ନିୟମିତ ଏଠାକୁ ଖେଳିବାକୁ ଆସିଥାଏ। ଘରର ଗୁଜୁରାଣ ମେଣ୍ଟାଇବା ପାଇଁ ପେପର ବୟ ଭାବରେ କାମ କରିଥାଏ। ସକାଳୁ ପେପର ବାଣ୍ଟି ସାରିବା ପରେ ନିୟମିତ ଅଭ୍ୟାସ କରିବାକୁ ଆସିଥାଏ। *-ଅମିତ କେର୍‌କେଟା*

▶▶ଆରମ୍ଭରୁ ଆଥ୍‌ଲେଟିକ୍ସ ସହ ଜଡିତ ଥିଲି। ପରେ ରବୀନ୍ଦ୍ର ପଣ୍ଡା ସାର୍‌ଙ୍କ ପରାମର୍ଶ କ୍ରମେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ବର୍ତ୍ତମାନ ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସ ଖେଳି ସାରିଥିବା ବେଳେ କଳିଙ୍ଗ କ୍ଲବ ପକ୍ଷରୁ ଖେଳିବାକୁ ସୁଯୋଗ ମିଳିଥିଲା। ଏଠାରେ ନୂତନ କରି ଏକ ମହିଳା ଦଳ ଗଠନ କରାଯାଇଥିବା ବେଳେ ଖେଳିବାକୁ ସୁଯୋଗ ମିଳିଥିଲା। *-ରେଜିଆ ସୁଲତାନ*

▶▶ମୟୂରଭଞ୍ଜରେ ରହୁଥିବା ବେଳେ ରବୀନ୍ଦ୍ର ସାର୍‌ଙ୍କ ସଂସ୍ପର୍ଶରେ ଆସି ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ଏଠାରେ ନିଜର ଖର୍ଚ୍ଚ ଚଳାଇବା ପାଇଁ ପିଲାଙ୍କୁ ଟ୍ୟୁସନ୍ କରିଥାଏ। ମାଗଣାରେ ରହିବା ଖାଇବା ସହ ଅଭ୍ୟାସ ପାଇଁ ସୁଯୋଗ ମିଳୁଥିବାରୁ ଆଗାମୀ ଦିନରେ ସଫଳତା ପାଇଁ ଆଶା ରହିଛି।

*-ପ୍ରଦୀପ ବେହେରା*

## ଓଡ଼ିଆ

**ପ୍ୟା**ରିସ୍ ଅଲିମ୍ପିକ୍ସ ଚବିଶ ପାଇଁ ଟିମ୍
ଇଣ୍ଡିଆର ହକି ଦଳ
ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ୍ ସିଂ
କ୍ୟାପଟେନ୍ ଗୋଟାଏ ବଳ
ଷୋହଳ ଜଣିଆ ମେଳ
ସେ ମେଳରେ ଓନ୍‌ଲି
ଅମିତ ରୋହିଦାସ
ରଖିବ ଓଡ଼ିଆ କୁଳ।

ଉଗାଣ୍ଡାରେ ଚାଲେ
ଏଫ୍‌ଆଏଇଏସ୍ୟୁ
ୱାର୍ଲ୍ଡ ୟୁନିଭରସିଟି
ଚେସ୍ ଚାମ୍ପିୟନଶିପ
ମ୍ୟାଚ୍‌ରେ ସାମିଲ
ଦି ଜଣ ଓଡ଼ିଆ ବେଟୀ
ସଲୋନିକା, ଜୁନୁ ଖଟି
ରେକର୍ଡ ରଚିଲେ ଧନ୍ୟ ହେବ ଆମ
ଓଡ଼ିଶା ରାଇଜ ମାଟି।




ଭାରତୀୟ ହକିର ପ୍ରାୟୋଜକ ହେବ
ଆମରି ଓଡ଼ିଶା ପୁଣି
ନବୀନଙ୍କ ପରି ମୋହନ ସର୍କାର
ସମର୍ଥନ ଦେବେ ମଣି
ଗୋଟି ଗୋଟି ଯାଆ ଗଣି
ଦେଶ ବିଦେଶରେ ସବୁଠି ମହକେ
ଓଡ଼ିଆ, ଓଡ଼ିଶା ପାଣି।

**-ସୁବାସ ଚନ୍ଦ୍ର ପ୍ରଧାନ**




# ପ୍ରଥମଥର ବିଶ୍ୱକପ୍ ଫାଇନାଲରେ ଦ.ଆଫ୍ରିକା

**ଟରୌବା (ତ୍ରିନିଦାଦ), ୨୭।୬**

ଆଇସିସି କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପରାଜୟ ଧାରା ଭାଙ୍ଗିଛି ଦକ୍ଷିଣ ଆଫ୍ରିକା। ଘାତକ ବୋଲିଂ କରି ଏହି ଦଳ ଗୁରୁବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ଆଫଗାନିସ୍ତାନକୁ ୯ ଉଇକେଟରେ ପରାସ୍ତ କରିଛି। ଚମତ୍କାର ପ୍ରଦର୍ଶନ କରି ପ୍ରଥମଥର ପାଇଁ କୌଣସି ଆଇସିସି ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି ଏହି ଆଫ୍ରିକୀୟ ଦଳ। ପୂର୍ବରୁ ୭ ଥର ବିଭିନ୍ନ ବିଶ୍ୱକପ୍‌ର ସେମିଫାଇନାଲ ଖେଳିବା ସତ୍ତ୍ୱେ ନିରାଶ ହୋଇଥିବା ଦକ୍ଷିଣ ଆଫ୍ରିକା ଏଥର ୮ମ ଉଦ୍ୟମରେ ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଏହି ଦଳ ୬ ଥର ସେମିଫାଇନାଲରେ ସିଧାସଳଖ ପରାଜିତ ହୋଇଥିଲା। ୧୯୯୯ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ସେମିଫାଇନାଲ ଟାଇ ହୋଇଥିଲେ ହେଁ ସୁପର-୬ର ଉନ୍ନତ ଦଳଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା। ଏଥର କିନ୍ତୁ ଏହି ଧାରାରେ ପରିବର୍ତ୍ତନ ଆଣିଛି ଏଡେନ ମାରକ୍ରମଙ୍କ ଦଳ। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ଆଫଗାନିସ୍ତାନ ୧୧.୫ ଓଭରରେ ୫୬ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଦକ୍ଷିଣ ଆଫ୍ରିକା ୮.୫ ଓଭରରେ ୧ ଉଇକେଟ ହରାଇ ୬୦ ରନ ସଂଗ୍ରହ କରି ନେଇଥିଲା। ୩ଟି ଉଇକେଟ ନେଇ ଆଫଗାନିସ୍ତାନର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିବା ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ବିଶ୍ୱକପ୍ ସେମିଫାଇନାଲରେ ସର୍ବନିମ୍ନ

ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଆଶ୍ଚର୍ଯ୍ୟଜନକଭାବେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ଘାତକ ବୋଲିଂର ସାମ୍ନା କରି ନ ପାରି ମାତ୍ର ୫୬ ରନକରି ଅଲ୍‌ଆଉଟ ହୋଇଥିଲା। କୌଣସି ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ଏହା ହେଉଛି ସର୍ବନିମ୍ନ ସ୍କୋର। ଅତିରିକ୍ତ ଭାବେ ଦକ୍ଷିଣ ଆଫ୍ରିକା ବୋଲରମାନେ ସର୍ବାଧିକ ୧୩ ରନ ବ୍ୟୟ କରିଥିବାବେଳେ ଆଫଗାନିସ୍ତାନ ବ୍ୟାଟରଙ୍କ ମଧ୍ୟରେ କେବଳ ଅମାନତୁଲ୍ଲା ଓମାରଜାଇ (୧୦) ଦୁଇଅଙ୍କ ସ୍ପର୍ଶ କରିଥିଲେ। ଅନ୍ୟ ୧୦ ବ୍ୟାଟର ଏକଅଙ୍କରେ ରହି ଯାଇଥିଲେ। ପାୱାରପ୍ଲେ ୬ ଓଭରରେ ୨୮ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ଆଫଗାନିସ୍ତାନ ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଓ ଟାବ୍ରାଇଜ୍ ଶାମ୍‌ସି ୩ଟି ଲେଖାଏ ଓ କାଗିଶୋ ରାବାଡ଼ା ଓ ଏନରିଚ୍ ନର୍ଜେ ୨ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ। ୫୭ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୫ ରନରେ କ୍ୱିଣ୍ଟନ ଡିକକ୍‌ଙ୍କ ଉଇକେଟ ହରାଇଥିଲେ ହେଁ ରିଜା ହେଣ୍ଡ୍ରିକ୍ସ (୨୯*) ଓ ମାରକ୍ରମ (୨୩*)ଙ୍କ ଅପରାଜିତ ଇନିଂସ ବଳରେ ୮.୫ ଓଭରରେ ୬୦ ରନ ସଂଗ୍ରହ କରି ନେଇଥିଲା। ଆଫଗାନିସ୍ତାନର ଫଜଲକ୍ ଫାରୁକି ଗୋଟିଏ ଉଇକେଟ ନେଇଥିଲେ। ଆଫଗାନିସ୍ତାନର ୫୬ ରନ ଓଭରଅଲ୍ ଟି୨୦ ବିଶ୍ୱକପ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ୨୦୨୧ ବିଶ୍ୱକପ୍‌ରେ ଦୁବାଇଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫୫ ରନକରି ଇଂଲଣ୍ଡ ଅଲୋଡ଼ା ସର୍ବନିମ୍ନ ସ୍କୋର ରେକର୍ଡର ଅଧିକାରୀ ଅଛି।


ମ୍ୟାଚ ଫିନିଶ୍‌କରି ଫେରୁଥିବା ଅଧିନାୟକ ଏଡେନ ମାରକ୍ରମଙ୍କୁ ଟାବ୍ରାଇଜ୍ ଶାମ୍‌ସି ଅଭିନନ୍ଦନ ଜଣାଉଛନ୍ତି।

### ଟି୨୦ ବିଶ୍ୱକପ୍‌ରେ ସର୍ବନିମ୍ନ ସ୍କୋର

୫୫: ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ, ଦୁବାଇ, ୨୦୨୧
୫୬: ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା, ଟରୌବା, ୨୦୨୪
୬୦: ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା, ଚଟ୍ଟୋଗ୍ରାମ, ୨୦୧୪
୭୦: ବାଂଲାଦେଶ ବନାମ ନ୍ୟୁଜିଲାଣ୍ଡ, କୋଲକାତା, ୨୦୧୬
**(ଆଫଗାନିସ୍ତାନର ୫୬ ରନ ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ସର୍ବନିମ୍ନ ସ୍କୋର)।**

## କ୍ରମାଗତ ବିଜୟ

ଟି୨୦ ବିଶ୍ୱକପ୍‌ରେ କ୍ରମାଗତ ୮ ବିଜୟ ହାସଲ କରି ଦକ୍ଷିଣ ଆଫ୍ରିକା ଲଗାତର ସର୍ବାଧିକ ମ୍ୟାଚ ଜିତିବାରେ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଛି। ଇଂଲଣ୍ଡ ଓ ଭାରତ କ୍ରମାଗତ ୭ଟି ଲେଖାଏ ବିଜୟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୧୧.୫ ଓଭରରେ ୫୬/ଅଲ୍‌ଆଉଟ (ଅମାନତୁଲ୍ଲା ଓମାରଜାଇ-୧୦, ମାର୍କୋ ଜାନସେନ-୩/୧୬, ଟାବ୍ରାଇଜ୍ ଶାମ୍‌ସି-୩/୬, କାଗିସୋ ରାବାଡ଼ା-୨/୧୪, ଏନରିଚ୍ ନର୍ଜେ-୨/୭)। ଦକ୍ଷିଣ ଆଫ୍ରିକା ୮.୫ ଓଭରରେ ୬୦/୧ (ରିଜା ହେଣ୍ଡ୍ରିକ୍ସ-୨୯*, ଏଡେନ ମାରକ୍ରମ-୨୩*, ଫଜଲକ୍ ଫାରୁକି-୧/୧୧)।

# ଭାରତ-ଇଂଲଣ୍ଡ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ

**ଗାଏନା, ୨୭।୬**

ବର୍ଷାଜନିତ ଆଉଟଫିଲ୍ଡ ଓଦା ଯୋଗୁ ଭାରତ-ଇଂଲଣ୍ଡ ଟି୨୦ କ୍ରିକେଟ ବିଶ୍ୱକପ ସେମିଫାଇନାଲ ମ୍ୟାଚ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଛି। ଟସ୍‌ଜିତି ଇଂଲଣ୍ଡ ଅଧିନାୟକ ଜୋଶ୍ ବଟଲର ଫିଲ୍ଡିଂ ନିଷ୍ପତ୍ତି ନେଇଛନ୍ତି। ଦୁଇ ଦଳ ସୁପର-୮ ପର୍ଯ୍ୟାୟର ୱିନିଂ କମ୍ବିନେଶନକୁ ଅପରିବର୍ତ୍ତିତ ରଖିଛନ୍ତି। ଭାରତ ପାୱାରପ୍ଲେ ୬ ଓଭରରେ ୨ ଉଇକେଟ ହରାଇ ୪୬ ରନ ସଂଗ୍ରହ କରିଛି। ବିରାଟ କୋହଲି ୯ ଓ ରିଷଭ ପନ୍ତ ୪ ରନକରି ଆଉଟ ହୋଇଛନ୍ତି। ରିଶି ଟପ୍‌ଲେଙ୍କ ଦ୍ୱିତୀୟ ଏବଂ ଇନିଂସର ତୃତୀୟ ଓଭରର ଦ୍ୱିତୀୟ ବଲ୍‌କୁ ଛକାରେ ପରିଣତ କରିଥିବା ବିରାଟ ୪ର୍ଥ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ପୂର୍ବରୁ ୨୦୧୪ ବିଶ୍ୱକପର ସେମିଫାଇନାଲରେ ୭୨*, ୨୦୧୬ରେ ୮୯* ଓ ୨୦୨୨ରେ ୫୦ ରନ କରିଥିବା ବିରାଟ ଏଥର ୯ ରନରେ ପ୍ୟାଭିଲିୟନ ଫେରିଛନ୍ତି। ଫଳରେ ଚଳିତ ବିଶ୍ୱକପରେ ତାଙ୍କର ଖରାପ ଫର୍ମ ଜାରି ରହିଛି। ସେହିପରି ୬ଷ୍ଠ ଓଭର ବୋଲିଂ କରିଥିବା ସାମ୍ କୁରାନଙ୍କ ଦ୍ୱିତୀୟ ବଲ୍‌କୁ ମିଡ୍ ଉଇକେଟ ଉପରେ ଖେଳିବାକୁ ଯାଇ ପନ୍ତ ଫିଲ୍ଡର ଜନି ବେୟାରଷ୍ଟୋଙ୍କ ହାତରେ ଧରା ପଡ଼ିଛନ୍ତି। ୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପନ୍ତ ମାତ୍ର ୪ ରନକରିବାକୁ ସକ୍ଷମ ହୋଇଛନ୍ତି। ପୁନର୍ବାର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ଭାରତ ୮ ଓଭରରେ ୨ ଉଇକେଟ ହରାଇ ୬୫ ରନ କରିଛି। ଅଧିନାୟକ ରୋହିତ ଶର୍ମା ୩୭ ଓ ସୂର୍ଯ୍ୟକୁମାର ଯାଦବ ୧୩ ରନ କରିଛନ୍ତି। ଇଂଲଣ୍ଡ ପକ୍ଷରୁ ରିଶି ଟୋପ୍‌ଲେ ଓ ସାମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ଲିସେଷ୍ଟରଶାୟାରରେ ଯୋଗଦେଲେ ରାହାନେ

**ଲିସେଷ୍ଟର, ୨୭।୬ (ପି.ଟି.)**

ଭାରତର ପୂର୍ବତନ ଅଧିନାୟକ ଅଜିଙ୍କ୍ୟ ରାହାନେ ଇଂଲିଶ କାଉଣ୍ଟି କ୍ଲବ ସହିତ ଚୁକ୍ତି କରିଛନ୍ତି। ତେବେ କ୍ଲବ ତରଫରୁ ସେ ଚଳିତ ସିଜନର ଦ୍ୱିତୀୟାର୍ଦ୍ଧରେ ଖେଳିବେ। ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁସାରେ ଏହି ଭାରତୀୟ ଖେଳାଳି ୱାନ୍ ଡେ' କପ୍ ବ୍ୟତୀତ ଚଳିତ କାଉଣ୍ଟି ଚାମ୍ପିୟନଶିପ୍‌ର ୫ଟି ଗେମ୍ ଖେଳିବେ। ୩୬ ବର୍ଷୀୟ ରାହାନେ ୱିଆନ ମୁଲଡରଙ୍କ ସ୍ଥାନରେ ଲିସେଷ୍ଟରଶାୟାରରେ ଯୋଗ ଦେଇଛନ୍ତି। ଅଗଷ୍ଟରେ ସେ ୱେଷ୍ଟଇଣ୍ଡିଜ ସହ ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯିବେ। ସୂଚନାଯୋଗ୍ୟ, ରାହାନେ ଇତିମଧ୍ୟରେ ଖେଳର ସମସ୍ତ ଫର୍ମାଟ (ପ୍ରଥମ ଶ୍ରେଣୀ, ଲିଷ୍ଟ-ଏ ଓ ଟି୨୦)ରେ ମୋଟ ୨୬,୦୦୦ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଟପ୍ ସ୍କୋର ୨୬୫ ନଟ୍‌ଆଉଟ ସହ ୫୧ଟି ଶତକ ରହିଛି। ଭାରତ ତରଫରୁ ଖେଳି ସେ ୧୫ଟି ଶତକ ସହ ୮,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ ଲଗାଇଛନ୍ତି। ୨୦୧୬ରେ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ତାଙ୍କ ଶ୍ରେଷ୍ଠ ବ୍ୟାଟିଂ କରି ୧୮୮ ରନ ସଂଗ୍ରହ କରିଥିଲେ।

# କିରଣ ପହଲଙ୍କୁ ଅଲିମ୍ପିକ ଯୋଗ୍ୟତା

**ପଞ୍ଚକୁଲା, ୨୭।୬ (ପି.ଟି.):** ହରିୟାଣାର କିରଣ ପହଲ ଗୁରୁବାର ମହିଳା ୪୦୦ ମିଟରରେ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ମହିଳା ୪୦୦ ମିଟର ପାଇଁ କ୍ୱାଲିଫାଇଂ ଟାଇମିଂ ୫୦.୯୫ ସେକେଣ୍ଡ ଟାଇମିଂ ରଖାଯାଇଥିବା ବେଳେ ସେ ଏଠାରେ ଚାଲିଥିବା ଜାତୀୟ ଆନ୍ତଃ-ରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ସେମିଫାଇନାଲରେ ସେ ୫୦.୯୨ ସେକେଣ୍ଡରେ ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ୫୧ ମିନିଟ୍‌ରୁ କମ୍ ସମୟରେ ରେସ୍ ଶେଷ କରିବାରେ ସେ ଦ୍ୱିତୀୟ ଭାରତୀୟ ମହିଳା। ରେସ୍‌ରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ, ଗୁଜରାଟର ଡେଭି ଆନିବା ଜାଲା (୫୩.୪୪) ଓ କେରଳର ସ୍ନେହ କେ (୫୩.୫୧)।

# ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ରେ ୩୦ରୁ ଊର୍ଦ୍ଧ୍ୱ ଡିସିଓ

**ପଞ୍ଚକୁଲା, ୨୭।୬ (ପି.ଟି.)**

ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍ ବେଳେ ଇଭେଣ୍ଟରେ ଭାଗ ନେଉଥିବା ଆଥ୍‌ଲେଟମାନଙ୍କଠାରୁ ଡୋପ୍ ଟେଷ୍ଟ ପାଇଁ ସାମ୍ପଲ ସଂଗ୍ରହ ଲାଗି ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି(ନାଡା) ୩୦ରୁ ଅଧିକ ଡୋପ୍ କଣ୍ଟ୍ରୋଲ ଅଫିସର(ଡିସିଓ)ଙ୍କୁ ପଞ୍ଚକୁଲା ପଠାଇଛି। ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍ ହେଉଛି ଫାଇନାଲ ଅଲିମ୍ପିକ୍ସ କ୍ୱାଲିଫାଇଙ୍ଗ ଇଭେଣ୍ଟ । ଖବର ଅନୁସାରେ ଡିସିଓମାନଙ୍କୁ ଡୋପ୍ ଟେଷ୍ଟ ପାଇଁ ଏକ ଟାର୍ଗେଟ ଦିଆଯାଇଛି। ସାଧାରଣତଃ ନ୍ୟାଶନାଲ ଚାମ୍ପିୟନଶିପ୍ ଭଳି ବଡ଼ ବଡ଼ ଇଭେଣ୍ଟ ପଦକ ବିଜେତାଙ୍କଠାରୁ ଡୋପ୍ ସାମ୍ପଲ ନିଆଯାଇଥାଏ। ତାଉ ଦେବୀଲାଲ୍ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଡିସିଓ ଉପସ୍ଥିତ ଥିବାରୁ ସେହି ଅନୁପାତରେ ସାମ୍ପଲ ସଂଗ୍ରହ ବଢ଼ିବ ବୋଲି ଆଶା କରାଯାଉଛି। ଅଧିକାଂଶ ଡିସିଓ ନୂଆଦିଲ୍ଲୀରୁ ଆସିଛନ୍ତି, ଯେଉଁଠାରେ କି ନାଡାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଏପରିକି ଗୁରୁବାର ସକାଳେ ପ୍ରଥମ ଦିବସରେ ହିଟ୍ ରେସ୍‌ରେ ତୃତୀୟ କିମ୍ବା ତା'ଠାରୁ ନିମ୍ନ ସ୍ଥାନ ଅଧିକାର କରିଥିବା ଆଥ୍‌ଲେଟମାନଙ୍କୁ ଏକ ନୋଟିଫିକେଶନ ଫର୍ମରେ ସ୍ୱାକ୍ଷର କରିବା ସହ ଡୋପ୍ ଟେଷ୍ଟ ପାଇଁ ଏ ଚୁକ୍ତିନାମାରେ ଦସ୍ତଖତ କରିବା ଲାଗି ଡିସିଓମାନେ କହିଥିଲେ। ନାଡାର ଏହି ଟିମ୍ ଚାମ୍ପିୟନଶିପ୍‌ର ଦିନକ ପୂର୍ବରୁ ଅର୍ଥାତ୍ ବୁଧବାରଠାରୁ ଆସି ଏଠାରେ ଡେରା ପକାଇଛନ୍ତି।

**ଏସିଆନ ୱାର୍ଲ୍ଡ କପ୍ କ୍ୱାଲିଫାଇଂ ରାଉଣ୍ଡ-୩**

# ଜାପାନ, ଅଷ୍ଟ୍ରେଲିଆ ଓ ସାଉଦି ଆରବ ଗୋଟିଏ ଗ୍ରୁପ୍‌ରେ

**କୁଆଲାଲମ୍ପୁର, ୨୭।୬ (ପି.ଟି.)**

ଏସିଆନ ୱାର୍ଲ୍ଡ କପ୍ ଫୁଟବଲ କ୍ୱାଲିଫିକେଶନ ପାଇଁ ଗୁରୁବାର ଏଠାରେ ଡ୍ର' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାପାନ, ଅଷ୍ଟ୍ରେଲିଆ ଓ ସାଉଦି ଆରବ ପରସ୍ପରକୁ ଭେଟିବେ। ଏହି ୩ ପାୱାର ହାଉସ୍ ମିଳିତ ଭାବେ ୧୯ ଥର ବିଶ୍ୱକପ୍ ଖେଳିଛନ୍ତି। ସେମାନେ ବାହାରିନ, ଚାଇନା ଓ ଇଣ୍ଡୋନେସିଆ ସହ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛନ୍ତି। ବିଶ୍ୱକପ୍ ୨୦୨୨ରେ ଏସିଆ ମହାଦେଶ ପାଇଁ ୪ଟି ସ୍ଥାନ ରହିଥିଲା। ୨୦୨୬ରେ ଏହି ସଂଖ୍ୟା ୮କୁ ବୃଦ୍ଧି ପାଇଛି। ତିନୋଟି ଗ୍ରୁପ୍‌ରୁ ଦୁଇଟି ଲେଖାଏ ମୋଟ ୬ଟି ଦଳ ବିଶ୍ୱକପ୍ ପାଇଁ କ୍ୱାଲିଫାୟ କରିବେ। ଯେଉଁ ୬ଟି ଦଳ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିବେ ସେମାନେ ଚତୁର୍ଥ ରାଉଣ୍ଡ କ୍ୱାଲିଫିକେଶନକୁ ଉନ୍ନୀତ ହେବେ। ଏଥିରୁ ଏସିଆର ଅବଶିଷ୍ଟ ଦୁଇଟି ସ୍ଥାନ ପୂରଣ ହେବ। ଗ୍ରୁପ୍ 'ଏ'ରେ ଇରାନ, କାତାର, ଉଜବେକିସ୍ତାନ, କିରଗିଜସ୍ତାନ, ୟୁଏଇ ଓ ଉତ୍ତର କୋରିଆ। ତନ୍ମଧ୍ୟରୁ ଇରାନ ଗତ ୩ ବିଶ୍ୱକପ୍‌ରେ ଖେଳିଛି। ଏସିଆନ ଚାମ୍ପିୟନ କାତାର ତଥା ୨୦୨୨ ସଂସ୍କରଣର ଆୟୋଜକ ପ୍ରଥମ ଥର ଯୋଗ୍ୟତା ହାସଲ କରିବା ଲାଗି ପ୍ରୟାସ ଚଳାଇଛି। ଉଜ୍‌ବେକିସ୍ତାନ ଏବଂ ଏହାର ସେଣ୍ଟ୍ରାଲ ଏସିଆ ପଡ଼ୋଶୀ କିରଗିଜସ୍ତାନ ପ୍ରଥମଥର ବିଶ୍ୱକପ୍ ଯୋଗ୍ୟତା ହାସଲ କରିବା ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ବେଳେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ୧୯୯୦ରେ ଥରେ ବିଶ୍ୱକପ୍ ଖେଳିସାରିଛି। ଉତ୍ତର କୋରିଆ ୧୯୬୬ ଓ ୨୦୧୦ରେ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଥିଲା। ଦକ୍ଷିଣ କୋରିଆ ଯଦି ଗ୍ରୁପ୍ ସି'ର ଶ୍ରେଷ୍ଠ-୨ ମଧ୍ୟରେ ରୁହେ, ତେବେ କ୍ରମାଗତ ୧୧ଥର ବିଶ୍ୱକପ୍ ଖେଳି ଏକ ରେକର୍ଡର ଅଧିକାରୀ ହେବ।

# ପ୍ରଥମ ଦିବସର ଓଡ଼ିଶା ସ୍ପ୍ରିଣ୍ଟରଙ୍କ ଆଧିପତ୍ୟ

**ଭୁବନେଶ୍ୱର, ୨୭।୬ (ତପନ ସ୍ୱାଇଁ)**

**ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ**

## ଶ୍ରାବଣୀ, ଅନିମେଶ, ଜୟରାମ, ଲାଲୁ ପ୍ରସାଦ, ଦଣ୍ଡସେନା ଫାଇନାଲରେ

ହରିୟାଣାର ପଞ୍ଚକୁଲାଠାରେ ଗୁରୁବାର ଆରମ୍ଭ ହୋଇଛି ୬୩ତମ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍। ପ୍ରଥମ ଦିବସରେ ଆଧିପତ୍ୟ ବିସ୍ତାର କରି ଓଡ଼ିଶାର ୫ ସ୍ପ୍ରିଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ୧୦୦ ମିଟରର ଫାଇନାଲରେ ପହଞ୍ଚିଛନ୍ତି ତାରକା ଆଥଲେଟ୍ ଶ୍ରାବଣୀ ନନ୍ଦ। ସେ ସେମିଫାଇନାଲରେ ୧୧.୯୪ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଆଥଲେଟ୍ ପ୍ରଜ୍ଞା ପ୍ରଶାନ୍ତ ସାହୁ ୧୨.୦୬ ସେକେଣ୍ଡ ନେଇ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଅନିମେଶ କୁଜୁର, ଦଣ୍ଡପତି ମୃତ୍ୟୁମ ଜୟରାମ ଓ ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଅନିମେଶ ୧୦.୫୪, ଜୟରାମ ୧୦.୬୮ ଓ ଲାଲୁ ପ୍ରସାଦ ୧୦.୬୮ ସେକେଣ୍ଡ ସମୟ ନେଇଥିଲେ। ସେହିପରି ୧୫୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଶୋକ ଦଣ୍ଡସେନା। ମହିଳା ଓ ପୁରୁଷ ୧୦୦ ମିଟର ଏବଂ ପୁରୁଷ ୧୫୦୦ ମିଟର ରେସ୍‌ର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।


ଶ୍ରାବଣୀ ନନ୍ଦ


ଅନିମେଶ କୁଜୁର

# ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଟେଷ୍ଟ




ଗୁରୁବାର ଅଭ୍ୟାସ ଅବସରରେ ପ୍ରିୟା ପୁନିଆ ଓ ସ୍ମୃତି ମନ୍ଧାନା।

**ମହିଳା କ୍ରିକେଟ**

**ଚେନ୍ନାଇ, ୨୭।୬ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହେବ। ଦୀର୍ଘ ଏକ ଦଶନ୍ଧି ପରେ ଉଭୟ ଦଳ ମଧ୍ୟରେ ୫ ଦିନିଆ ମ୍ୟାଚ ହେଉଥିବାରୁ ଯୁବ ପ୍ରତିଭାଙ୍କ ଉପରେ ନଜର ରହିବ। ମହିଳା କ୍ରିକେଟରେ ଟେଷ୍ଟ ମ୍ୟାଚ ରେଗୁଲାର କାର୍ଯ୍ୟସୂଚୀରେ ସାମିଲ ହୋଇନାହିଁ। ତେଣୁ କ୍ରିକେଟର ଏହି ବଡ଼ ଫର୍ମାଟରେ ଏଥର ଅତିକମ୍‌ରେ ୫ ଖେଳାଳି ଡେବ୍ୟୁ କରିବେ। ସୀମିତ ଓଭର କ୍ରିକେଟରେ ନିଜର ଦକ୍ଷତାକୁ ପ୍ରମାଣିତ କରିଥିବା ଯୁବ ଖେଳାଳିଙ୍କୁ ଟେଷ୍ଟ ଦଳରେ ସାମିଲ କରାଯିବ। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଦିନିକିଆ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ମୋମେଣ୍ଟମ ଯଦିଓ ଭାରତୀୟ ଦଳ ସପକ୍ଷରେ ରହିଛି ତେବେ ଭିନ୍ନ ଫର୍ମାଟର ଗେମ୍ ହୋଇଥିବାରୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ।

ଉମା ଚେତ୍ରି, ପ୍ରିୟା ପୁନିଆ, ସାଇକା ଇଶାକ, ଅରୁନ୍ଧତୀ ରେଡ୍ଡୀ ଓ ଶବନମ ଶକିଲ ଟେଷ୍ଟ ଡେବ୍ୟୁ କରିବାକୁ ପ୍ରସ୍ତୁତ। ଶେଷଥରପାଇଁ ଭାରତୀୟ ମହିଳା କ୍ରିକେଟ ଦଳ ୨୦୨୩ ଡିସେମ୍ବରରେ ଏକ ରେଡ୍-ବଲ୍ ମ୍ୟାଚ ଖେଳିଥିଲା। ଘରୋଇ ପରିବେଶରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ଟେଷ୍ଟ ଖେଳି ଭାରତୀୟ ଦଳ ସଫଳତା ପାଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷଥରପାଇଁ ଭାରତ ୨୦୧୪ରେ ମହୀଶୂରଠାରେ ଟେଷ୍ଟମ୍ୟାଚ ଖେଳିଥିଲା। ସେତେବେଳେ ଏହାକୁ ୩୪ ରନ ବ୍ୟବଧାନରେ ଜିତିଥିଲା। ମହିଳା କ୍ରିକେଟରେ ଏପର୍ଯ୍ୟନ୍ତ ସୀମିତ ଓଭର କ୍ରିକେଟ ଉପରେ ଗୁରୁତ୍ୱ ଦିଆଯାଇ ଆସୁଛି। ମାତ୍ର ଆଗକୁ ଟେଷ୍ଟ ସଂଖ୍ୟା ବଢ଼ିବା ସମ୍ଭାବନା ଅଛି ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ଅମୋଲ ମଜୁମଦାର ପ୍ରକାଶ କରିଛନ୍ତି। ହରମନପ୍ରୀତ କୌର ୫ ଟେଷ୍ଟରେ ଭାରତର ନେତୃତ୍ୱ ନେବାର ଅଭିଜ୍ଞତା ରଖିଛନ୍ତି। ଉପ-ଅଧିନାୟିକା ସ୍ମୃତି ମନ୍ଧାନା ତାଙ୍କଠାରୁ ଗୋଟିଏ ଟେଷ୍ଟ ଅଧିକ ଖେଳିଛନ୍ତି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ମନ୍ଧାନା ଓ ଜେମିମା ରୋଡ୍ରିଗ୍ସେଜ ଭଲ ଫର୍ମରେ ଥିଲେ। ତାଙ୍କ ସହ ଶେଫାଳି ବର୍ମା ଓ ଦୀପ୍ତି ଶର୍ମା ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି। ଦକ୍ଷିଣ ଆଫ୍ରିକା ମହିଳାମାନେ ୨ ବର୍ଷ ମଧ୍ୟରେ ମାତ୍ର ଗୋଟିଏ ଟେଷ୍ଟ ଖେଳିଛନ୍ତି। ଗତ ଫେବୃଆରୀରେ ପର୍ଥଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ପରାଜିତ ହୋଇଥିଲେ। ଦକ୍ଷିଣ ଆଫ୍ରିକା ଦଳରେ ମଧ୍ୟ ଅତିକମ୍‌ରେ ୫ ଖେଳାଳି ଟେଷ୍ଟ ଡେବ୍ୟୁ କରିବେ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୮/୨୦୨୪ Bhubaneswar, Friday, June 28/ 2024

# ବିପର୍ଯ୍ୟୟ ସୃଷ୍ଟି କଲା ଜର୍ଜିଆ

**କଲୋନ୍,୨୭।୬(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟ୍‌ବଲର ଲିଗ୍ ପର୍ଯ୍ୟାୟ ସମାପ୍ତ ହୋଇଛି। ବୁଧବାର ୩ ମ୍ୟାଚ୍ ଖେଳା ଯାଇଥିବା ବେଳେ ରାଉଣ୍ଡ ଅଫ୍ ୧୬ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ତୁର୍କୀ ୨-୧ ଗୋଲରେ ବିଜୟୀ ହୋଇଥିବା ବେଳେ ସ୍ଲୋଭାକିଆ-ରୋମାନିଆ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ସେହିପରି ୟୁକ୍ରେନ୍ ଓ ବେଲଜିୟମ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ଡ୍ରରେ ଶେଷ ହୋଇଥିଲା। ୟୁରୋ କପ୍‌ରେ ପ୍ରଥମ ଥର ପଦାର୍ପଣ କରିଥିବା ଜର୍ଜିଆ ଶକ୍ତିଶାଳୀ ପର୍ତ୍ତୁଗାଲକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା

## ୟୁରୋ କପ୍

### ପର୍ତ୍ତୁଗାଲକୁ ୨-୦ରେ ହରାଇଲା
### ରାଉଣ୍ଡ ଅଫ୍ ୧୬ ଚୂଡ଼ାନ୍ତ

ସହ ତୁର୍କୀ, ରୋମାନିଆ, ସ୍ଲୋଭାକିଆ ଓ ବେଲଜିୟମ ରାଉଣ୍ଡ ଅଫ ୧୬ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ସୁଇଜରଲାଣ୍ଡ-ଇଟାଲୀ, ଜର୍ମାନୀ-ଡେନ୍‌ମାର୍କ, ଇଂଲଣ୍ଡ-ସ୍ଲୋଭାକିଆ, ସ୍ପେନ୍-ଜର୍ଜିଆ, ଫ୍ରାନ୍ସ-ବେଲଜିୟମ, ପର୍ତ୍ତୁଗାଲ-ସ୍ଲୋଭେନିଆ, ରୋମାନିଆ-ନେଦରଲାଣ୍ଡ୍ସ ଓ ଅଷ୍ଟ୍ରିଆ-ତୁର୍କୀ ରାଉଣ୍ଡ ଅଫ୍-୧୬ରେ ପରସ୍ପର ବିପକ୍ଷରେ ଅବତୀର୍ଣ୍ଣ ହେବେ।

ପର୍ତ୍ତୁଗାଲ ବିପକ୍ଷ ମ୍ୟାଚ୍‌ରେ ଜର୍ଜିଆ ପକ୍ଷରୁ ଖ୍ୱିଚା କାଭ୍ରାଟସ୍କେଲିଆ(୨) ଓ ଜର୍ଜେସ୍ ମିକାଉଟାଜ(୫୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପର୍ତ୍ତୁଗାଲ ମ୍ୟାଚ୍‌ରେ ୭୩ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ଦ୍ୱିତୀୟ ମିନିଟରେ ଖ୍ୱିଚା ଏକ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୭ ମିନିଟରେ ଜର୍ଜିଆକୁ ଏକ ପେନାଲ୍ଟି ମିଳିଥିଲା। ଜର୍ଜେସ୍ ମିକାଉଟାଡ୍‌ଜେ ଏଥିରୁ ଗୋଲ ଦେବା ସହ ଦଳକୁ ୟୁରୋ କପ୍‌ରେ ପ୍ରଥମ ବିଜୟ ପ୍ରଦାନ କରିଥିଲେ।

ବୁଧବାର ତୁର୍କୀ ୨-୧ ଗୋଲରେ ଚେକ୍ ରିପବ୍ଲିକ୍‌କୁ ପରାସ୍ତ କରିଥିଲା। ତୁର୍କୀ ପକ୍ଷରୁ ହକାନ୍ ଚାଲୋନଗୋଲୁ(୫୧ ମିନିଟ) ଓ ସେଙ୍କ ଟୋସୁନ୍ (୯୦+୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚେକ୍ ରିପବ୍ଲିକ ପକ୍ଷରୁ ଟୋମାସ ସୌସେକ୍(୬୬) ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଚେକ୍ ରିପବ୍ଲିକ୍ ପକ୍ଷରୁ ଆଣ୍ଟୋନିନ୍ ବାରାକ ମ୍ୟାଚ୍‌ର ୨୦ ତମ ମିନିଟରେ ଓ ୯୦+୮ ମିନିଟରେ ଟୋମାସ ଚୋରିଙ୍କୁ ରେଡ୍ କାର୍ଡ ମିଳିଥିଲ। ଫାଉଲ କାରଣରୁ ୨୦ ତମ ମିନିଟରେ ଆଣ୍ଟୋନିନ୍ ବାରାକଙ୍କୁ ରେଡ୍ କାର୍ଡ ମିଳିବା ପରେ ମ୍ୟାଚ୍‌ର ଅବଶିଷ୍ଟ ସମୟ ଦଳ ୧୦ ଜଣ ଖେଳାଳିରେ ଖେଳିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ତୁର୍କୀ ପକ୍ଷରୁ ହକାନ୍ ଚାଲୋନଗୋଲ ୫୧ ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଏହାର ୧୫ ମିନିଟ ମଧ୍ୟରେ ଟୋମାସ ସୌସେକ ଏହି ଗୋଲ ପରିଶୋଧ କରିଥିଲେ। ମ୍ୟାଚ୍ ଷ୍ଟପେଜ୍ ଟାଇମକୁ ଯାଇଥିବା ବେଳେ ସେଙ୍କ ଟୋସୁନ୍ ନିର୍ଣ୍ଣାୟକ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଅନ୍ତିମ ସେକେଣ୍ଡରେ ଚେକ୍ ରିପବ୍ଲିକ୍‌ର ଟୋମାସ ଚୋରିଙ୍କୁ ମ୍ୟାଚ୍‌ର ଦ୍ୱିତୀୟ ରେଡ୍‌କାର୍ଡ ମିଳିଥିଲା। ଗ୍ରୁପ୍ ଏଫ୍‌ରେ ପ୍ରଥମ ସ୍ଥାନରେ ରହିଥିବା ତୁର୍କୀ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି।

ଦ୍ୱିତୀୟ ମ୍ୟାଚ୍‌ରେ ରୋମାନିଆ ଓ ସ୍ଲୋଭାକିଆ ମଧ୍ୟରେ ଡ୍ରରେ ଶେଷ ହୋଇଥିଲା। ରୋମାନିଆ ପକ୍ଷରୁ ରାଭଜାନ ମାରିନ୍(୩୭) ଓ ସ୍ଲୋଭାକିଆ ପକ୍ଷରୁ ଓନ୍ଦ୍ରେଜ ଡୁଡା(୨୪) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଭୟ ଦଳ ସମାନ ୪ ପଏଣ୍ଟ ଲେଖାଏ ପାଇଥିବା ବେଳେ ପ୍ରଥମ ଓ ତୃତୀୟ ସ୍ଥାନରେ ରହି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ଏହି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ଥିବା ବେଲଜିୟମ ମଧ୍ୟ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି।



ପର୍ତ୍ତୁଗାଲ ବିପକ୍ଷରେ ଗୋଲ ଦେବା ପରେ ଉଲ୍ଲସିତ ଜର୍ଜିଆର ଜର୍ଜେସ ମିକାଉଟାଜ୍।

# ଭେନେଜୁଏଲା, ଇକ୍ୱେଡର ବିଜୟୀ



ମ୍ୟାଚ ଜିତିବା ପରେ ଭେନେଜୁଏଲା ଖେଳାଳିଙ୍କ ଆନନ୍ଦ ଉଲ୍ଲାସ।

**ଲାସଭେଗାସ,୨୭।୬(ପି.ଟି.)**

## କୋପା ଆମେରିକା

ଆମେରିକାରେ ଅନୁଷ୍ଠିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଭେନେଜୁଏଲା ଓ ଇକ୍ୱେଡର ବିଜୟୀ ହୋଇଛନ୍ତି। ଭେନେଜୁଏଲା ୧-୦ ଗୋଲରେ ମେକ୍ସିକୋକୁ ପରାସ୍ତ କରିଥିବା ବେଳେ ଇକ୍ୱେଡର ୩-୧ ଗୋଲରେ ଜାମାଇକାକୁ ହରାଇଛି। ଦୁଇଟି ବିଜୟ ସହ ଭେନେଜୁଏଲା ୬ ପଏଣ୍ଟ ପାଇ ଆଗୁଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ମେକ୍ସିକୋ ଓ ଭେନେଜୁଏଲା ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ରେ ମେକ୍ସିକୋ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ତେବେ ସାଲୋମନ ରୋଣ୍ଡୋନଙ୍କ ୫୭ ମିନିଟ ଗୋଲ ବଳରେ ଭେନେଜୁଏଲା ବିଜୟୀ ହୋଇଥିଲା। ୬୨ ପ୍ରତିଶତ ସମୟ ମେକ୍ସିକୋ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ୫ଟି ଶଟ୍ ଟାର୍ଗେଟରେ ରହିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ୫୭ ମିନିଟରେ ଭେନେଜୁଏଲାକୁ ଏକ ପେନାଲ୍ଟି ମିଳିଥିଲା। ସାଲୋମନ ରୋଣ୍ଡୋନ ଏଥିରୁ ସ୍କୋର କରି ଦଳକୁ ବିଜୟୀ କରିଥିଲେ।

ଅନ୍ୟ ଏକ ମ୍ୟାଚ୍‌ରେ ଇକ୍ୱେଡର ୩-୧ ଗୋଲରେ ଜାମାଇକାକୁ ପରାସ୍ତ କରିଛି। ଇକ୍ୱେଡର ପକ୍ଷରୁ କେଣ୍ଡ୍ରି ପେଜ୍ (୪୫+୪) ଓ ଆଲାନ ମିଣ୍ଡା(୯୦+୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜାମାଇକା ପକ୍ଷରୁ ମିଚେଲ୍ ଆଣ୍ଟୋନିଓ(୫୪) ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ କେସି ପାଲ୍‌ମର ୧୩ ତମ ମିନିଟରେ ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ପାଲ୍‌ମରଙ୍କ ଆତ୍ମଘାତୀ ଗୋଲ ବଳରେ ଇକ୍ୱେଡର ୧-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧର ଖେଳ ଶେଷ ହେବାର ଠିକ୍ ପୂର୍ବରୁ କେଣ୍ଡ୍ରି ପେଜ୍ ଦଳକୁ ୨-୦ରେ ଆଗୁଆ କରିଥିଲେ। ମ୍ୟାଚ୍‌ର ୫୪ ତମ ମିନିଟରେ ଜାମାଇକା ପକ୍ଷରୁ ମିଚେଲ୍ ଆଣ୍ଟୋନିଓ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ତେବେ ୯୦+୧ ମିନିଟରେ ଆଲାନ ମିଣ୍ଡା ଇକ୍ୱେଡର ପକ୍ଷରୁ ଅନ୍ତିମ ଗୋଲ ସ୍କୋର କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ